

ସମାବର୍ତ୍ତନ ଉତ୍ସବରେ ଯୋଗଦେଲେ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲେ ବିଶାଳ ଦଦଲାନି | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୧୭ Vol. 21 No-317 15 FEBRUARY 2025 SATURDAY BHUBANESWAR ଶନିବାର, ୧୫ ଫେବୃଆରୀ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ଆରମ୍ଭରୁ ଅଚଳ

# ହଙ୍ଗାମା ପରେ ଗୃହ ମୁଲତବୀ



ଭୁବନେଶ୍ୱର, ୧୪।୨ (ଭାସ୍କର ନ୍ୟୁଜ): ଶୁକ୍ରବାର ଥିଲା ବିଧାନସଭା ବଜେଟ୍ ଅଧିବେଶନର ଦ୍ୱିତୀୟ ଦିବସ। ପୂର୍ବାହ୍ନ ସାଢେ ୧୦ଟାରେ ଆରମ୍ଭ ହୋଇଥିଲା ଗୃହକାର୍ଯ୍ୟ। ତେବେ ପ୍ରଶ୍ନକାଳ ଆରମ୍ଭରୁ ଏକାଧିକ ପ୍ରସଙ୍ଗକୁ ନେଇ ପ୍ରବଳ ହଙ୍ଗାମା କରିଥିଲେ ବିରୋଧୀ ବିଜେଡି ଓ କଂଗ୍ରେସର ବିଧାୟକମାନେ। ଏହାପରେ ଗୃହ ଚଳାଇବା ଅସମ୍ଭବ ହେବାରୁ ବାଚସ୍ପତି ସୁରମା ପାଢୀ ଗୃହକୁ ମଧ୍ୟାହ୍ନ ୧୨ଟା ଯାଏ ମୁଲତବୀ ରଖିଥିଲେ। ରାଜ୍ୟରେ ଆଇନଶୃଙ୍ଖଳା ପ୍ରସଙ୍ଗକୁ ନେଇ ବିରୋଧୀଦଳର ସଦସ୍ୟମାନେ ବାଚସ୍ପତିଙ୍କ ପୋଡିୟମ ତଳେ ପ୍ରତିବାଦ କରିଥିଲେ। ବିଜେଡି ସଦସ୍ୟମାନେ ସରକାରଙ୍କ ଚାଷୀମାରଣ ନୀତିକୁ ନେଇ ନାରାବାଜି କରିଥିଲେ। ଏହି ହୋହଲ୍ଲା ଭିତରେ ବାଚସ୍ପତି ଶ୍ରୀମତୀ ପାଢୀ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟଙ୍କୁ ନିଜ ନିଜ ଆସନକୁ ଯିବାପାଇଁ ଅନୁରୋଧ କରିଥିଲେ। ହେଲେ ବିରୋଧୀ ସଦସ୍ୟମାନେ ଏଥିପ୍ରତି କର୍ଣ୍ଣପାତ କରିନଥିଲେ। ପୁନର୍ବାର ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ସମାନ ପରିସ୍ଥିତି ସୃଷ୍ଟି ହୋଇଥିଲା। ଗୃହକାର୍ଯ୍ୟରେ ବାଧାସୃଷ୍ଟି ହେବାରୁ ବାଚସ୍ପତି ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ସୂଚନାଯୋଗ୍ୟ ଯେ ଗତ ୧୩ ତାରିଖଠାରୁ ବିଧାନସଭାର ବଜେଟ୍ ଅଧିବେଶନ ଆରମ୍ଭ ହୋଇଛି। ଏଥିରେ ମୋଟ ୨୮ଟି କାର୍ଯ୍ୟ ଦିବସ ରହିଛି। ଏହି ଅଧିବେଶନ ଦୁଇଟି ପର୍ଯ୍ୟାୟରେ ଚାଲୁ ରହିବ। • ପୃଷ୍ଠା ୫ ଦେଖନ୍ତୁ

## ବିଧାନସଭାରେ ମନ୍ତ୍ରୀଙ୍କ ଚାଞ୍ଚଲ୍ୟକର ତଥ୍ୟ

# ଅଷ୍ଟମ ପିଲା ଜାଣିନାହାନ୍ତି ମିଶାଣ, ଫେଡ଼ାଣ



ଭୁବନେଶ୍ୱର, ୧୪।୨ (ଭାସ୍କର ନ୍ୟୁଜ): ଅଷ୍ଟମ ଶ୍ରେଣୀ ପିଲା ଜାଣିନାହାନ୍ତି ମିଶାଣ, ଫେଡାଣ। ଏପରି ଏକ ଚାଞ୍ଚଲ୍ୟକର ତଥ୍ୟ ଶୁକ୍ରବାର ବିଧାନସଭାରେ ରଖିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ବିଧାୟକ ଚକ୍ରମଣି କହଁରଙ୍କ ପ୍ରଶ୍ନର ଲିଖିତ ଉତ୍ତରରେ ଏଭଳି ସାଂଘାତିକ ତଥ୍ୟ ଦେଇଛନ୍ତି ମନ୍ତ୍ରୀ ଶ୍ରୀ ଗଣ୍ଡ। ସେ କହିଛନ୍ତି, ୬୮.୫ ପ୍ରତିଶତ ପିଲା ଫେଡାଣ ଜାଣିନଥିବାବେଳେ ୪୫.୮ ପ୍ରତିଶତ ପିଲା ହରଣ ଜାଣିନାହାନ୍ତି। ଏହି ସଂଖ୍ୟା ପ୍ରତିବର୍ଷ ବଢି ବଢି ଚାଲିଛି। ୨୦୧୪ରେ ୬୩.୪ ପ୍ରତିଶତ ପିଲା ଫେଡ଼ାଣ ଜାଣିନଥିବାବେଳେ ୨୦୨୪ରେ ଏହା ବୃଦ୍ଧି ପାଇ ୬୯.୫ ପ୍ରତିଶତରେ ପହଞ୍ଚିଛି। ସେହିପରି ୨୦୧୪ରେ ୩୭.୯ ପ୍ରତିଶତ ପିଲା ହରଣ ଜାଣିନଥିବାବେଳେ ୨୦୨୪ରେ ତାହା ବଢି ୪୫.୮ ପ୍ରତିଶତରେ ପହଞ୍ଚିଛି। ବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ଫେଡ଼ାଣ, ହରଣରେ ଦୁର୍ବଳ ରହିଥିବାବେଳେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସ୍ଥାୟୀ ଅଧ୍ୟାପକଙ୍କ ଅଭାବ। ଅତିଥି ଅଧ୍ୟାପକଙ୍କ ଭରସାରେ ଚାଲିଛି ବିଶ୍ୱବିଦ୍ୟାଳୟ। ୧୭ଟି ବିଶ୍ୱବିଦ୍ୟାଳୟରେ ପାଠ ପଢାଉଛନ୍ତି ୯୬୩ଜଣ ଗେଷ୍ଟ ଫାକଲିଟି। ସେଥିମଧ୍ୟରୁ ଉତ୍କଳ ବିଶ୍ୱବିଦ୍ୟାଳୟରେ ୫୯ଜଣ ଥିବାବେଳେ ରେଭେନ୍ସାରେ ୮୯, ସମ୍ବଲପୁରରେ ୬୪, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ୧୧୩, ବିକ୍ରମଦେବରେ ୭୮, ଗଙ୍ଗାଧର ମେହେରରେ ୬୧, ଖଲ୍ଲିକୋଟରେ ୬୩, ରମାଦେବୀରେ ୮୧ଜଣ ଶିକ୍ଷାଦାନ କରୁଛନ୍ତି। ସେହିଭଳି ୧୭ଟି ବିଶ୍ୱବିଦ୍ୟାଳୟରେ ୧୩୦୭ ପ୍ରଫେସର ପଦବୀ ଖାଲି ପଡ଼ିଛି। ସେହିପରି ଇଞ୍ଜିନିୟରିଂ ପାଠ ପଢିବା • ପୃଷ୍ଠା ୫ ଦେଖନ୍ତୁ

## ମିଳିତ ସାମ୍ବାଦିକ ସମ୍ମିଳନୀରେ ମୋଦୀ, ଟ୍ରମ୍ପ

# ଭାରତ-ଆମେରିକା ସଂପର୍କ ଅତୁଟ

- ମୋଦୀଙ୍କୁ ଗ୍ରେଟ୍ ଲିଡର କହିଲେ ଟ୍ରମ୍ପ
- ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଦ୍ୱିପାକ୍ଷିକ ଆଲୋଚନା
- ସାରା ବିଶ୍ୱରେ ଶାନ୍ତି କାମନା କରେ ଭାରତ
- ଯୁଦ୍ଧ ସମାପ୍ତ ପାଇଁ ଆଗକୁ ବଢୁଛୁ



ନୂଆଦିଲ୍ଲୀ, ୧୪।୨: ଦୁଇଦିନିଆ ଆମେରିକା ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ସାକ୍ଷାତ କରିବା ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଥିବା ସୂଚନା ମିଳିଛି। ମୋଦୀଙ୍କୁ ଦେଖିବା ପରେ ଟ୍ରମ୍ପ କୁଣ୍ଢାଇ ପକାଇଥିଲେ ଏବଂ ତାଙ୍କୁ ଗ୍ରେଟ୍ ଲିଡର ବୋଲି ସମ୍ବୋଧନ ମଧ୍ୟ କରିଥିଲେ। ଉଭୟ ନେତାଙ୍କ ମଧ୍ୟରେ ବେଶ୍ କିଛି ସମୟ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଭାରତ-ଆମେରିକା ଦ୍ୱିପାକ୍ଷିକ ସଂପର୍କ ଏକବିଂଶ ଶତାବ୍ଦୀର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭାଗିଦାରୀ ବୋଲି ଉଭୟ ନେତା ବର୍ଣ୍ଣନା କରିଥିଲେ। ଭାରତ-ଆମେରିକା ସଂପର୍କରେ ଏକ ନୂତନ ଯୁଗର ଆରମ୍ଭ ହୋଇଛି ବୋଲି ସେ ମଧ୍ୟ କହିଥିଲେ। ଆଲୋଚନା ସମୟରେ ଉଭୟପକ୍ଷ ବାଣିଜ୍ୟ, ପ୍ରତିରକ୍ଷା ଓ ଶକ୍ତି କ୍ଷେତ୍ରରେ ବଡ଼ ଧରଣର ଚୁକ୍ତି ସ୍ୱାକ୍ଷରିତ ହେବା ନେଇ ସହମତ ହୋଇଛନ୍ତି। ବୈଠକ ପୂର୍ବରୁ ଭାରତ ଆମେରିକାଠାରୁ ଅଧିକ ପ୍ରତିରକ୍ଷା ଉପକରଣ କିଣିବା, ଆମେରିକୀୟ ଜ୍ଞାନକୌଶଳକୁ ପ୍ରାଥମିକତା ଦେବା, ଅଧିକ ଶକ୍ତି ଉତ୍ପାଦ ଆମଦାନି କରିବା ଏବଂ ୨୦୨୫ ଶେଷ ସୁଦ୍ଧା ଏକ ନିରପେକ୍ଷ ବାଣିଜ୍ୟ ଚୁକ୍ତିଆଡ଼କୁ ଯିବାପାଇଁ ଇଚ୍ଛା ପ୍ରକାଶ କରିଛି। ଟ୍ରମ୍ପଙ୍କୁ ଭେଟିବା ପୂର୍ବରୁ ମୋଦୀ ଆମେରିକାର ଜାତୀୟ ଗୁଇନ୍ଦା ନିର୍ଦ୍ଦେଶକଭାବେ ଶପଥ ନେଇଥିବା ତୁଳସୀ ଗବାର୍ଡଙ୍କୁ ଭେଟିଥିଲେ। ଏହାପରେ ଆମେରିକାର ଜାତୀୟ ସୁରକ୍ଷା ଉପଦେଷ୍ଟା ମାଇକେଲ ୱାଲେଜଙ୍କ ସହ ମୋଦୀ ବୈଠକରେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ ଯେ ଟ୍ରମ୍ପ ଦ୍ୱିତୀୟ ଥର ଆମେରିକା ରାଷ୍ଟ୍ରପତି ହେବା ପରେ ମୋଦୀଙ୍କ ସହ ଫୋନ୍ ଯୋଗେ କଥା ହୋଇଥିଲେ। ଏପରିକି ଆମେରିକା ଯିବାପାଇଁ ନିମନ୍ତ୍ରଣ କରିଥିଲେ। ମୋଦୀ ବି କଥା ରଖି ଟ୍ରମ୍ପ ଶପଥ ନେବାର ୩ ସପ୍ତାହ ମଧ୍ୟରେ ଆମେରିକା ଗସ୍ତରେ ଯାଇଥିଲେ। ବାଣିଜ୍ୟ, ପ୍ରତିରକ୍ଷା, ଆତଙ୍କବାଦ, ଚୀନ୍‌ର ବଢ଼ଭାଇ ପଣିଆ, ଋଷିଆ-ୟୁକ୍ରେନ ଯୁଦ୍ଧ ସଂପର୍କରେ ଉଭୟପକ୍ଷ ମଧ୍ୟରେ ଆଲୋଚନା ହୋଇଥିଲା।

## ସଂକ୍ଷେପରେ...

### ଭାଙ୍ଗିଲା ଶ୍ରୀମନ୍ଦିର ଅକ୍ଷୟ ଦଣ୍ଡ

ପୁରୀ, ୧୪।୨ (ଭାସ୍କର ନ୍ୟୁଜ): ଭାଙ୍ଗିଲା ଶ୍ରୀମନ୍ଦିର ନୀଳଚକ୍ର ବାନାକୁ ଧାରଣ କରୁଥିବା ଅକ୍ଷୟ ଦଣ୍ଡ। ଶ୍ରୀମନ୍ଦିର ଚୂଡ଼ାରେ ଶୁକ୍ରବାର ଏଭଳି ଅଘଟଣ ଘଟିଛି। ଶ୍ରୀମନ୍ଦିର ନୀଳଚକ୍ରରେ ମୁଖ୍ୟ ବାନାକୁ ଧରି ରଖୁଥିବା ବାଉଁଶରେ ପ୍ରସ୍ତୁତ ଅକ୍ଷୟ ଦଣ୍ଡଟି ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଥିଲା। ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ପ୍ରତିଦିନ ଅପରାହ୍ନରେ ବାନା ପରିବର୍ତ୍ତନ କରାଯାଇଥାଏ।

### ଅଜୟ ଲଲୁ ରାଜ୍ୟ କଂଗ୍ରେସ ପ୍ରଭାରୀ

ଭୁବନେଶ୍ୱର, ୧୪।୨ (ଭାସ୍କର ନ୍ୟୁଜ): ବରିଷ୍ଠ କଂଗ୍ରେସ ନେତା ଅଜୟ ଲଲୁଙ୍କୁ ଓଡ଼ିଶା କଂଗ୍ରେସର ପ୍ରଭାରୀ ଭାବେ ନିଯୁକ୍ତି ଦିଆଯାଇଛି। ଏ ନେଇ ଏଆଇସିସି ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଅନ୍ୟପକ୍ଷରେ କୋରାପୁଟ ସାଂସଦ ସପ୍ତଗିରି ଉଲାକାଙ୍କୁ ୪ଟି ରାଜ୍ୟ ମଣିପୁର, ତ୍ରିପୁରା, ସିକିମ୍ ଓ ନାଗାଲାଣ୍ଡର ଦାୟିତ୍ୱ ଦିଆଯାଇଥିବା ଏଆଇସିସି ପକ୍ଷରୁ କୁହାଯାଇଛି।

### ଡବଲ ମର୍ଡର ଘଟଣାର ଅଭିଯୁକ୍ତ ଗିରଫ

କଟକ, ୧୪।୨ (ଭାସ୍କର ନ୍ୟୁଜ): ୨୦୧୯ ଡିସେମ୍ବରରେ କଟକ ପୋତାପୋଖରୀ ବେଲେଶ୍ୱରରେ ଦମ୍ପତିଙ୍କୁ ହତ୍ୟା ଘଟଣାର ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏ ନେଇ କଟକ ଡିସିପି ଦେବଦତ୍ତ ସିଂ ସୂଚନା ଦେଇଛନ୍ତି। ଏହି ଦମ୍ପତି ହେଲେ ଶ୍ରୀନାଥ ସାମଲ ଏବଂ ତାଙ୍କ ପତ୍ନୀ ବିଦ୍ୟୁଲତା ସାମଲ। ସେମାନଙ୍କୁ ତାଙ୍କ ଘରେ ରହୁଥିବା ଚାକର ଓ ଚାକରାଣୀ ହତ୍ୟା କରିଥିବା ଅଭିଯୋଗ ହୋଇଥିବାବେଳେ ପୋଲିସ ଉଭୟଙ୍କୁ ଗିରଫ କରିଛି। ତେବେ ଉଭୟ ହତ୍ୟା କରିଥିବା ସ୍ୱୀକାର କରିଛନ୍ତି ।

ସେନ୍ସେକ୍ସ: ୭୫,୯୩୯.୨୧
ସର୍ବାଧିକ: ୩୨.୮ ଡିଗ୍ରୀ
ସର୍ବନିମ୍ନ: ୧୮.୨ ଡିଗ୍ରୀ

**୧୪।୨।୨୦୨୫ ର ମତାମତ**

ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଉଚିତ୍ ନୁହେଁ କି ?




**ଆଜିର ପ୍ରସଙ୍ଗ**

ଶିକ୍ଷାର ଅଧୋପତନ ପାଇଁ ଅଭିଭାବକ, ଶିକ୍ଷକଙ୍କୁ ଦାୟୀ କରାଯିବା ଠିକ୍ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ମୁଖ୍ୟମନ୍ତ୍ରୀଙ୍କ ବଡ଼ ଘୋଷଣା

# ବକେୟା ପାଇବେ କମ୍ୟୁନିଟି ସପୋର୍ଟ ଷ୍ଟାଫ୍



ଭୁବନେଶ୍ୱର, ୧୪।୨ (ଭାସ୍କର ନ୍ୟୁଜ): କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ପାଇଁ ବଡ଼ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ୧୦ ମାସର ବକେୟା ପାରିଶ୍ରମିକ ପାଇବେ କମ୍ୟୁନିଟି ସପୋର୍ଟ ଷ୍ଟାଫ୍। ସିଆରପି, ବ୍ୟାଙ୍କ ମିତ୍ର, ଏମବିକେ ଓ ପ୍ରାଣୀମିତ୍ର ଏହି ବକେୟା ଦରମା ପାଇବେ ବୋଲି ଘୋଷଣା କରାଯାଇଛି। ଗତବର୍ଷ ଏପ୍ରିଲରୁ ୧୦ମାସର ବକେୟା ପାରିଶ୍ରମିକ ଦେବେ ମୋହନ ସରକାର। ଏହାଫଳରେ ରାଜ୍ୟର ୬୨ ହଜାରରୁ ଊର୍ଦ୍ଧ୍ୱ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଉପକୃତ ହେବେ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ରାଜ୍ୟର ପ୍ରାୟ ୬୨ହଜାରରୁ ଊର୍ଦ୍ଧ୍ୱ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ କାର୍ଯ୍ୟରତ ଅଛନ୍ତି। ତେବେ ଓଡ଼ିଶାରେ ୨୦୨୪ ଏପ୍ରିଲ ମାସରେ ସାଧାରଣ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସେବେଠାରୁ କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ପାରିଶ୍ରମିକ ଅଟକି ଯାଇଥିଲା। ନୂଆ ସରକାର ଆସିବା ପରେ ଏହି କର୍ମଚାରୀମାନେ ସଙ୍କଟରେ ପଡ଼ି ଯାଇଥିଲେ। ଏପରିକି କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ବିଭିନ୍ନ ସମୟରେ ଭୁବନେଶ୍ୱରର ଲୋୟର ପିଏମ୍‌ଜିରେ ଧାରଣା ଦେଇଥିଲେ। ରାଜ୍ୟ ସରକାର ସେମାନଙ୍କ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ସେହି ପ୍ରତିଶ୍ରୁତି ଅନୁଯାୟୀ ସେମାନଙ୍କ ସମସ୍ୟାର ସମାଧାନ କରାଯାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ଏହି କମ୍ୟୁନିଟି ସପୋର୍ଟ ଷ୍ଟାଫମାନେ ସମାଜର ବିଭିନ୍ନ କ୍ଷେତ୍ରରେ ସେବା ଯୋଗାଉଛନ୍ତି। ସରକାର ବଦଳିବା ପରେ ସେମାନେ କିଭଳି ପାରିଶ୍ରମିକ ପାଇବେ ଏ ନେଇ ଚିନ୍ତାରେ ମଧ୍ୟ ପଡ଼ିଥିଲେ। ସେ ନେଇ ଲକ୍ଷପତି ଦିଦି ସହାୟିକା ଯୋଜନା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ। ଏହାଫଳରେ ମହିଳାମାନେ ଅଧିକ ସଶକ୍ତ ହେବେ ବୋଲି ଆଶା କରାଯାଉଛି।

## ଡିଜିପିଙ୍କ ଅଧ୍ୟକ୍ଷତାରେ ରଥଯାତ୍ରା ପ୍ରସ୍ତୁତି ବୈଠକ

# ଶୃଙ୍ଖଳିତ, ବ୍ୟବସ୍ଥିତ କରିବାକୁ ପରାମର୍ଶ



ଭୁବନେଶ୍ୱର, ୧୪।୨ (ଭାସ୍କର ନ୍ୟୁଜ): ଚଳିତ ବର୍ଷ ଜୁନ ମାସ ୨୭ ତାରିଖରେ ପୁରୀରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି ଓ ଏହି ରଥଯାତ୍ରାକୁ ଶୃଙ୍ଖଳିତ ଏବଂ ବ୍ୟବସ୍ଥିତ ଭାବେ ଆୟୋଜନ କରିବା ନିମନ୍ତେ ଆଜି ଭୁବନେଶ୍ୱରସ୍ଥିତ ଡିଜିପିଙ୍କ କ୍ୟାମ୍ପ କାର୍ଯ୍ୟାଳୟଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ଆସନ୍ତା ରଥଯାତ୍ରାରେ ସମ୍ଭାବ୍ୟ ଭିଡ଼ ନିୟନ୍ତ୍ରଣ ଏବଂ ଗତ ବର୍ଷ ସମ୍ମୁଖୀନ ହୋଇଥିବା ବିଭିନ୍ନ ସମସ୍ୟାକୁ ଦୃଷ୍ଟିରେ ରଖି ଏବେ ଠାରୁ ବ୍ୟାପକ ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ କରିବା ନିମନ୍ତେ ଡିଜିପି ଶ୍ରୀ ଖୁରାନିଆ ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଓ ଶ୍ରୀ ଜଗନ୍ନାଥ ମନ୍ଦିର ପରମ୍ପରା ଅନୁଯାୟୀ ଶ୍ରୀଜୀଉଙ୍କ ରୀତିନୀତି ବିଭିନ୍ନ ତାରିଖରେ ପାଳନ କରାଯିବ ଓ ଏହି ଉପଲକ୍ଷେ ଦେଶ ବିଦେଶରୁ ଲକ୍ଷାଧିକ ଭକ୍ତ ପୁରୀରେ ସମାଗମ ହେବେ ଓ ଏହାସହ ବହୁ ଗୁରୁତ୍ୱପୂର୍ଣ୍ଣ • ପୃଷ୍ଠା ୫ ଦେଖନ୍ତୁ

## ପାଣିପାଗ ବିଭାଗର ସୂଚନା

# ୯ ଜିଲ୍ଲାରେ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୪।୨ (ଭାସ୍କର ନ୍ୟୁଜ): ସମୟ ପୂର୍ବରୁ ଶୀତ ଉଭାନ୍। ଖରାର ପ୍ରାଦୁର୍ଭାବ । ଏପରିକି ତାପମାତ୍ରା ୩୭ ଡିଗ୍ରୀ ଉପରେ ରହୁଥିବା ରେକର୍ଡ କରାଯାଇଛି। ଏସବୁ ଭିତରେ ଆଗକୁ କିଛି ଜିଲ୍ଲାରେ ବର୍ଷା ହୋଇପାରେ ବୋଲି ପୂର୍ବାନୁମାନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର। କେନ୍ଦ୍ର ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ୧୫ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ୧୯ ତାରିଖ ସକାଳ ସାଢେ ୮ଟାରୁ ୨୧ ତାରିଖ ସକାଳ ସାଢେ ୮ଟା ପର୍ଯ୍ୟନ୍ତ କେତେକ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷାର ସମ୍ଭାବନା ଥିବା କୁହାଯାଇଛି। କଟକ, ଯାଜପୁର, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ବର୍ଷା ହେବାକୁ ଥିବାବେଳେ ୨୦ ତାରିଖ ସକାଳ ସାଢେ ୮ଟାରୁ ୨୧ ତାରିଖ ସକାଳ ସାଢେ ୮ଟା ପର୍ଯ୍ୟନ୍ତ କଟକ, ଢେଙ୍କାନାଳ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ, କେନ୍ଦୁଝର, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବର୍ଷାର ସମ୍ଭାବନା ରହିଛି। ସେହିପରି ଉତ୍ତର ଉପକୂଳ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ଗୋଟିଏ ଦୁଇଟି ଲେଖାଏଁ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର କୁହୁଡ଼ି ପଡ଼ିବାର ସମ୍ଭାବନା ରହିଛି। ପାଣିପାଗ ବିଭାଗ ଏ ନେଇ ସୂଚନା ଦେବା ସହ ସତର୍କ ରହିବାକୁ କହିଛି। ସେହିପରି ଆଗାମୀ ୩ ଦିନ ମଧ୍ୟରେ ରାଜ୍ୟରେ ସର୍ବନିମ୍ନ ତାପମାତ୍ରାରେ ୨ରୁ ୩ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇବାର ସମ୍ଭାବନା ରହିଥିବା ବିଭାଗ ପକ୍ଷରୁ କୁହାଯାଇଛି। ତେବେ ତା ପରବର୍ତ୍ତୀ ଦୁଇଦିନ ମଧ୍ୟ ସର୍ବନିମ୍ନ ତାପମାତ୍ରାରେ କୌଣସି ବଡ଼ ଧରଣର ପରିବର୍ତ୍ତନ ହେବ ନାହିଁ ବୋଲି ସୂଚନା ଦିଆଯାଇଛି।

## ବିଜେପି କୋର୍ କମିଟି ବୈଠକ

# ଚଳିତମାସ ଶେଷ ସୁଦ୍ଧା ସରିବ ନିଗମ, ବୋର୍ଡ ନିଯୁକ୍ତି ପ୍ରକ୍ରିୟା



ଭୁବନେଶ୍ୱର, ୧୪।୨ (ଭାସ୍କର ନ୍ୟୁଜ): ଶୁକ୍ରବାର ବିଜେପିର କୋର୍ କମିଟି ବୈଠକ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ପ୍ରଭାରୀ ବିଜୟପାଲ ସିଂ ତୋମାର, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ସମେତ ବହୁ ବିଶିଷ୍ଟ ନେତା ଯୋଗ ଦେଇଥିଲେ। ବୈଠକରେ ଆଗାମୀ ଦିନର ରଣନୀତି, ସାଙ୍ଗଠନିକ ନିର୍ବାଚନ, ରାଜ୍ୟ ସଭାପତି ନିର୍ବାଚନ ଉପରେ ମଧ୍ୟ ଆଲୋଚନା ହୋଇଥିଲେ। ବୈଠକ ପରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ଯେ ଚଳିତମାସ ଶେଷସୁଦ୍ଧା ନିଗମ, ବୋର୍ଡ ଓ କମିଶନ ନିଯୁକ୍ତି ପ୍ରକ୍ରିୟା ଶେଷ କରାଯିବ। କୋର୍ କମିଟି ବୈଠକରେ ଏ ନେଇ ଆଲୋଚନା ହୋଇଥିଲା। ଏହାସହିତ ସାଙ୍ଗଠନିକ ନିର୍ବାଚନ ଏବଂ ରାଜ୍ୟ ସଭାପତି ମନୋନୟନ, ୮ ମାସରେ ସରକାରଙ୍କ ଗତିବିଧି ଏବଂ କାର୍ଯ୍ୟ, ସରକାର ଏବଂ ସଂଗଠନ ଭିତରେ ସମନ୍ୱୟ ନେଇ ମଧ୍ୟ ବିଶଦ ଆଲୋଚନା କରାଯାଇଥିଲା। ଅନ୍ୟପକ୍ଷରେ ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀ କହିଛନ୍ତି ଯେ ଦିଲ୍ଲୀ ନିର୍ବାଚନ ପାଇଁ ରାଜ୍ୟ ବିଜେପି ସଭାପତି ମନୋନୟନ ବିଳମ୍ବ ହୋଇଛି। ଦିନେ ଦୁଇଦିନ ମଧ୍ୟରେ ରାଜ୍ୟ ସଭାପତିଙ୍କ ନାମ ଘୋଷଣା କରାଯିବ। ନୂଆ ଚେହେରାଙ୍କୁ ଦାୟିତ୍ୱ ଦିଆଯିବ କି ମନମୋହନ ସାମଲଙ୍କୁ ପୁଣିଥରେ ମନୋନୀତ କରାଯିବ ତାହା ଦଳ ନିଷ୍ପତ୍ତି ନେବ ବୋଲି ଶ୍ରୀ ଷଡ଼ଙ୍ଗୀ କହିଥିଲେ। ତେବେ ରାଜ୍ୟ ବିଜେପି ସଭାପତି କାହାକୁ କରାଯିବ ତାହା ଏବେ ବି ସସ୍‌ପେନ୍ସ ଭିତରେ ରହିଛି।

## ନୂଆ ମୁଖ୍ୟ ନିର୍ବାଚନ କମିଶନର ଚୟନ ପାଇଁ ୧୭ରେ ବୈଠକ

# ମନୋନୀତ କରିବେ ମୋଦୀ, ରାହୁଲ




ନୂଆଦିଲ୍ଲୀ, ୧୪।୨: ଖୁବ୍‌ଶୀଘ୍ର ଦେଶକୁ ମିଳିବ ନୂଆ ନିର୍ବାଚନ କମିଶନ। ଏ ନେଇ ଆଇନ ମନ୍ତ୍ରଣାଳୟ ପକ୍ଷରୁ ଆସନ୍ତା ୧୭ ତାରିଖରେ ଏକ ବୈଠକ ଡକାଯାଇଛି। ନିର୍ବାଚନ କମିଶନଙ୍କୁ ଚୟନ ପାଇଁ ଗଠିତ କମିଟିରେ ୩ଜଣ ସଦସ୍ୟ ରହିଛନ୍ତି। ଶାସକ ଦଳରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ମେଘୱାଲ ସଦସ୍ୟ ରହିଥିବାବେଳେ ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ଚୟନ କମିଟିର ସଦସ୍ୟ ରହିଛନ୍ତି। ବର୍ତ୍ତମାନର ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ଆସନ୍ତା ୧୮ ତାରିଖରେ ଅବସର ଗ୍ରହଣ କରିବେ । ମୁଖ୍ୟ ନିର୍ବାଚନ କମିଶନ ଏବଂ ନିର୍ବାଚନ ସମ୍ବନ୍ଧିତ ଅନ୍ୟ କର୍ମଚାରୀଙ୍କ ଚୟନ ନେଇ ୨୦୨୩ରେ ଏକ ନୂଆ ଆଇନ ପାରିତ ହୋଇଥିଲା। ଏହି ଆଇନ ଏବେ ପ୍ରଥମ ଥରପାଇଁ କାର୍ଯ୍ୟକାରୀ ହେବାକୁ ଯାଉଛି। ରାଜୀବ କୁମାରଙ୍କୁ ୨୦୨୨ ମଇ ମାସରେ ନିର୍ବାଚନ କମିଶନର ଭାବେ ନିଯୁକ୍ତି ଦିଆଯାଇଥିଲା। ତାଙ୍କ ନେତୃତ୍ୱରେ ୨୦୨୪ ଲୋକସଭା ନିର୍ବାଚନ ସହ କାଶ୍ମୀରରେ ଗୋଟିଏ ଦଶକ ଧରି ବନ୍ଦ ରହିଥିବା ବିଧାନସଭା ନିର୍ବାଚନ ମଧ୍ୟ ସଫଳତାର ସହ ଆୟୋଜନ କରାଯାଇଥିଲା। ଏଥିସହ ମହାରାଷ୍ଟ୍ର, ହରିଆଣା, ଝାଡ଼ଖଣ୍ଡ • ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

**ଅର୍ଚ୍ଚିତ ଅନିର୍ବାଣ**



ଯୋଜନା ଉପରେ ଯୋଜନା ଚାଲିଛି
ନୂଆ ସରକାର ଦେଉନି ଦମ୍
କାର୍ଯ୍ୟକାରୀ ଅବା ହେଉ ବା ନ ହେଉ
ଖୁସିର ମାହୋଲ ହେଉନି କମ୍
ବିରୋଧୀଙ୍କ ମୁଣ୍ଡ ହେଉଛି ଜାମ୍
ନବୀନ ବନାମ ମୋହନ ଭିତରେ କାହା
ଯୋଜନାଟା ନେବ ଇନାମ...।



ଶୁଳିଆପଦ (ଭାସ୍କର ନ୍ୟୁଜ): ଶୁଳିଆପଦାସ୍ଥିତ ନାରାୟଣ ବିଦ୍ୟାପୀଠ, କଣ୍ଟିଠାରେ ବ୍ଲକ୍ ସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ପାନମଣୀ ମାରାଣ୍ଡି ସମ୍ମାନିତ ଅତିଥି ଭାବେ, ବ୍ଲକ୍ ଉପାଧ୍ୟକ୍ଷ ଜ୍ୟୋତିଲାଲ୍ ବାରିକ୍, ଜିଲ୍ଲା ପରିଷଦ ସଦସ୍ୟ ନଗେନ୍ଦ୍ର ନାଥ କିସ୍କୁ, ସ୍ଥାନୀୟ କଣ୍ଟିସାହି ସରପଞ୍ଚ ରାଇମାତ୍ ମୁର୍ମୁ ଯୋଗ ଦେଇଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ମାଳତୀ ଟୁଡୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ବିଆରସିସି ସରୋଜ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଉପରେ ଆଧାରୀତ ଏହି କାର୍ଯ୍ୟକ୍ରମରେ ପିଲାମାନେ କିପରି ଟିଏଲଏମ୍ ମାଧ୍ୟମରେ ସହଜ ସାବଲୀଳ ଭାବେ ଶିକ୍ଷା ଗ୍ରହଣ କରିପାରିବେ ସେ ବିଷୟରେ ବକ୍ତବ୍ୟ ରଖିଥିଲେ। ବ୍ଲକର ପ୍ରତ୍ୟେକ କ୍ଲଷ୍ଟରରୁ ପ୍ରାୟ ୩ ଶହ ପିଲାଙ୍କ ସମେତ ୨ ଶହରୁ ଉର୍ଦ୍ଧ୍ୱ ଅଭିଭାବକ, ଅଭିଭାବିକା,ସମସ୍ତ ସିଆରସିସି, ଶିକ୍ଷକ ଶିକ୍ଷିକା ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନିପୁଣ ଓଡ଼ିଶା ପାଇଁ ଏକ ଶପଥ ପାଠ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ୨ ଶିକ୍ଷୟିତ୍ରୀ ଯେଉଁମାନେ କି ଶିକ୍ଷା ପରିଭ୍ରମଣରେ ଯାଇଥିଲେ ସୁଷମା ଦାସ ଓ ମନୋରମା ଦାସଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ବିଆରଟି ପ୍ରଦୀପ କୁମାର ଦଳାଇ ସ୍ୱାଗତ ଭାଷଣ ଦେଇଥିବାବେଳେ ସିଆରସିସି ଅମୂଲ୍ୟ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ କ୍ଲଷ୍ଟରରୁ ପ୍ରସ୍ତୁତ ହୋଇଥିବା ବିଭିନ୍ନ ଟିଏଲଏମ୍ କୁ ଏହି ମେଳାରେ ପ୍ରଦର୍ଶନ କରାଯାଇଥିଲା।



# ରାସନ ଚାଉଳ ଲୁଟୁଛନ୍ତି ଭୂତ ହିତାଧିକାରୀ

## ୪ହଜାର ୫ଶହ ହିତାଧିକାରୀ କରିନାହାନ୍ତି ଇ-କେୱାଇସି

କଣ୍ଟାପଡା (ଭାସ୍କର ନ୍ୟୁଜ): ଖାଦ୍ୟ ସୁରକ୍ଷା ଯୋଜନାରେ ଗରିବ ହିତାଧିକାରୀଙ୍କୁ ସରକାର ମୁଣ୍ଡ ପିଛା ୫ କେଜି ଲେଖା ଚାଉଳ ଯୋଗାଇ ଦେଉଛନ୍ତି। ରାଜ୍ୟରେ ପ୍ରକୃତ ହିତାଧିକାରୀଙ୍କ ବଦଳରେ ଭୂତ ହିତାଧିକାରୀ ରାସନ ସାମଗ୍ରୀ ଲୁଟି ନେଉଥିବାର ଅଭିଯୋଗ ପରେ ସରକାରଙ୍କ ରାସନ କାର୍ଡ ଇକେୱାଇସି ପ୍ରକ୍ରିୟା ୫ ମାସ ତଳୁ ଆରମ୍ଭ ହୋଇଛି। ଡିସେମ୍ବର ୩୧ ଇକେୱାଇସିର ଶେଷ ଦିନ ଥିବା ବେଳେ ପରବର୍ତ୍ତୀ ଅବସ୍ଥାରେ ତିନି ଥରରେ ଏହାକୁ ଫେବୃଆରୀ ୧୫ ତାରିଖ ଯାଏ ଏହାକୁ ବୃଦ୍ଧି କରାଯାଇଛି। କଣ୍ଟ ପୂରିବାକୁ ଆଉ ମାତ୍ର ଦିନଟିଏ ବାକି ଅଛି। ଏପଟେ କଣ୍ଟାପଡା ବ୍ଲକ ରେ ୪ହଜାର ୪ଶହ ୯୬ ଜଣ . ହିତାଧିକାରୀ ଇକେୱାଇସି ପ୍ରକ୍ରିୟାରେ ଆଜି ସୁଦ୍ଧା ସାମିଲ ହୋଇନାହାନ୍ତି। ଯେଉଁମାନେ ଇକେୱାଇସି କରିନାହାନ୍ତି ଏବେ ସେମାନଙ୍କ ପାଇଁ ଦ୍ୱନ୍ଦ୍ୱ ଉପୁଜିଛି। ଇକେୱାଇସି କରିନଥିବା ଲୋକଙ୍କ ପାଇଁ ଚର୍ଚ୍ଚା ଆରମ୍ଭ ହୋଇଛି। ଏମାନେ ପ୍ରବାସୀ ଶ୍ରମିକ ନା ଭୂତ ହିତାଧିକାରୀ




ଅଛନ୍ତି। ମାତ୍ର ଏହି ଇକେୱାଇସି ପ୍ରକ୍ରିୟା ଶେଷ ହେବା ପରେ କେତେ ଭୂତ ହିତାଧିକାରୀ ରାସନ ସାମଗ୍ରୀ ଲୁଟୁଥିଲେ ତାହା ସ୍ପଷ୍ଟ ହେବ ବୋଲି ଯୋଗାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। କଟକ ଜିଲ୍ଲା କଣ୍ଟାପଡା ବ୍ଲକରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୧୬ହଜାର ୨ଶହ ୧୩ ଜଣ କାର୍ଡ ରେ ୬୦ ହଜାର ୫ ଶହ ହିତାଧିକାରୀ ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ୧ ହଜାର ୮ ଶହ ୨୯କାର୍ଡରେ ୫ହଜାର ୮ ଶହ ୪୪ହିତାଧିକାରୀ ଓ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ୧୪୨କାର୍ଡ ରେ ୫୧୦ଜଣ ହିତାଧିକାରୀଙ୍କୁ ମାସିକ ୫ କେ ଜି ଲେଖାଏଁ ଚାଉଳ ବଣ୍ଟନ କରାଯାଉଛି। କଣ୍ଟାପଡା ବ୍ଲକ ରେ ୩୪ ଜଣ ରିଟେଲର ଏକ ଲକ୍ଷ ୬୬ହଜାର ୮ ଶହ ୭୩ ହିତାଧିକାରୀଙ୍କୁ ଏହି ରାସନ ବଣ୍ଟନ କରିଥାନ୍ତି। ଇୱାଇ ସି ପ୍ରକ୍ରିୟା ଶେଷ ହେବାକୁ ଆଉ ଦୁଇ ଦିନ ବାକି ଥିବାବେଳେ ନିଆଳି ବ୍ଲକରେ ଆଜି ସୁଦ୍ଧା ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୫୬୯୬ ହିତାଧିକାରୀ ଇକେୱାଇସି କରି ନାହାନ୍ତି। ଏହି ପ୍ରକ୍ରିୟା ଆଉ ମାତ୍ର ଦୁଇ ଦିନ ବାକି ଥିବାରୁ

### କଣ୍ଟ ପୁରିବାକୁ ଆଉ ଦିନଟିଏ

ସମୟ ସୀମା ମଧ୍ୟରେ ସମସ୍ତଙ୍କର ଇ କେୱାଇସି ସରିବା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।ଆଉ ସମୟ ଅବଧି ବଢିବ ନାହିଁ। ଯେଉଁମାନେ ଇକେୱାଇ ସି କରିନାହାନ୍ତି ସେମାନେ କରି ଦିଅନ୍ତୁ। ଆଉ ଯେଉଁମାନେ ନକରିବେ ତାଙ୍କୁ ସରେଣ୍ଡର କରିନେଲେ ବୋଲି ଧରି ନିଆଯିବ। ସେହି ଜାଗାରେ ନୂଆ ଲୋକଙ୍କୁ ଦିଆଯିବ। ଆଉ ଇକେୱାଇ ସି ସମୟ ସୀମା ବୃଦ୍ଧି କରାଯିବ ନାହିଁ ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କହିଛନ୍ତି। କଣ୍ଟାପଡା ବ୍ଲକରେ ଆଜି ସୁଦ୍ଧା ୬୨ ହଜାର ୩ ଶହ ୭୭ଜଣ ହିତାଧିକାରୀ ଇକେୱାଇସି କରିଥିବାବେଳେ ୫୯୯୬ ଜଣ ଇକେୱାଇସି କରି ନାହାନ୍ତି।୯୨.୧୩% ହିତାଧିକାରୀ ଇ କେ ୱାଇ ସି କରିଥିବା ବେଳେ ୭.୭% ହିତାଧିକାରୀ ଇ କେ ୱାଇ ସି କରିନାହାନ୍ତି। ଏତେ ସଂଖ୍ୟା ରେ ହିତାଧିକାରୀ ଇକେୱାଇସି ପ୍ରକ୍ରିୟା ରେ ସାମିଲ ନହେବା ଆଶ୍ଚର୍ଯ୍ୟ କରିଛି। ଏ ନେଇ କଣ୍ଟାପଡା ଯୋଗାଣ ବିଭାଗ ଅଧିକାରୀ ମୋଚିରାମ ଦାଶଙ୍କୁ ପଚାରିବାରୁ ଯେଉଁମାନେ ବାଦ ପଡିଛନ୍ତି ୪ ହଜାର୪୯୬ ରୁ ଉର୍ଦ୍ଧ୍ୱ ବାହାରେ ରହୁଛନ୍ତି। ବାସ୍ତବରେ ଦେଖିବାକୁ ଗଲେ ଏତେ ସଂଖ୍ୟାର ଲୋକ ବାହାରେ ରହୁନାହାନ୍ତି। ଏମାନଙ୍କ ମଧ୍ୟରେ ହଜାର ହଜାର ଭୂତ ହିତାଧିକାରୀ ଥିବା ଅଭିଯୋଗ ହେଉଛି। ଏହି ପ୍ରକ୍ରିୟା ଶେଷ ହେବା ପରେ କେତେ ଭୂତ ହିତାଧିକାରୀ ଦୀର୍ଘ ବର୍ଷ ଧରି ସରକାରଙ୍କ ରାସନ ସାମଗ୍ରୀ ଲୁଟୁଥିଲେ ତାହା ସ୍ପଷ୍ଟ ହେବ।

# 'ବିକଶିତ ଗାଁ ବିକଶିତ ଓଡିଶା' କାର୍ଯ୍ୟକ୍ରମ

ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଭେଜାଗୁଡା ଗ୍ରାମ ପଞ୍ଚାୟତ ଠାରେ ଏକ ସ୍ୱତନ୍ତ୍ର 'ବିକଶିତ ଗାଁ ବିକଶିତ ଓଡିଶା' ର ପଲ୍ଲୀସଭା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟ ଅତିଥି ଭାବରେ ମାଥିଲି ବ୍ଲକ ଅଧ୍ୟକ୍ଷ ମହେଶ କୁମାର ବାକା, ମାଥିଲି ବ୍ଲକ ସହକାରୀ ଯନ୍ତ୍ରୀ ହୃଦୟ ରଞ୍ଜନ ବାଘ, ମାଥିଲି ବ୍ଲକ ଦୁଇ ନମ୍ବର ଜିଲ୍ଲାପରିଷଦ ସଭ୍ୟ ହିରଣ୍ୟ ମୁଦୁଲି, ଭେଜାଗୁଡା ଗ୍ରାମ ପଞ୍ଚାୟତ ସରପଞ୍ଚ ଭୀମସେନ ନାୟକ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ଶାନ୍ତିଲତା ମାଝୀ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କୁମାରୀ ତପସ୍ୱିନୀ ଜେନାଙ୍କ ନେତୃତ୍ୱ ରେ ୧୩ ଗୋଟି ୱାଡ ମେମ୍ବରଙ୍କ ସହ ଭେଜାଗୁଡା ଗ୍ରାମପଞ୍ଚାୟତ



ଜନସାଧାରଣଙ୍କ ଉପସ୍ଥିତିରେ ସରକାରଙ୍କ କାର୍ଯ୍ୟକୁ ନେଇ ଲୋକ ଆଗକୁ ୫ବର୍ଷ ପର୍ଯ୍ୟନ୍ତ ଯୋଜନା ହେବାକୁ କାର୍ଯ୍ୟକାରୀକୁ ନେଇ ଉପସ୍ଥାପନ କରିଥିଲେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରିଣୀ କୁମାରୀ ତପସ୍ୱିନୀ ଜେନା। ତେବେ ଲୋକେ ଗାଁ ର ଅନେକ ସମସ୍ୟାକୁ ନେଇ ଏହି ବୈଠକରେ ପିଇବା ପାଣି, ରାସ୍ତା ଗ୍ରାମରେ ସୋଲାର ଷ୍ଟିଟ ଲାଇଟ, କଲ୍ୟାଣ ମଣ୍ଡପ, ଯୁବକମାନଙ୍କ ପାଇଁ କ୍ଲବ ଘର,ଡ୍ରେନ ଓ ଅନେକ ସମସ୍ୟା କୁ ନେଇ ଆଲୋଚନା ମାଧ୍ୟମରେ ୱାର୍ଡ ମେମ୍ବର ଏବଂ ବୈଠକରେ ଉପସ୍ଥିତ ଗ୍ରାମବାସୀଙ୍କ ସହମତି ମାଧ୍ୟମରେ କାଯ୍ୟକାରୀ କରିବାକୁ ଲିଖିତ ଭାବେ ଗାଁ ର ସମସ୍ୟାକୁ ନେଇ ଜଣାଇଥିଲେ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ରାୟଗଡା(ଭାସ୍କର ନ୍ୟୁଜ୍): ବ୍ଲକ ର ବିଭିନ୍ନ ଗ୍ରାମର ୪୫୨ ଜଣ ଭିନ୍ନକ୍ଷମ ଭୀମଭୋଇ ସାମର୍ଥ୍ୟ ଶିବିରରେ ନାମ ପଞ୍ଜିକରଣ କରିଥିଲେ। ରାୟଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଆସିଥିବା ବିଶେଷଜ୍ଞ ଡାକ୍ତର ଦଳ ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏଥିରେ ୧୬ ଜଣ ଦୃଷ୍ଟିଶକ୍ତି ବାଧିତ,୨୮ ଜଣ କର୍ଣ୍ଣ, ନାସା ଓ ଗଳା। ଶକ୍ତି ବାଧିତ, ୬୬ ଜଣ ଶାରୀରିକ ବାଧିତ, ୨୧ ଜଣ ମାନସିକ ଭିନ୍ନକ୍ଷମ, ୧୬ ଜଣ ସିପି, ଓ ୧୨ ଜଣ ରକ୍ତହୀନତା ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି ଅବସରରେ ୪ ଜଣଙ୍କୁ ଚକଲଗା ଚଉକି, ୨ ଜଣଙ୍କୁ ସିପି ଚଉକି, ୧ ଜଣଙ୍କୁ ଆଶାବାଡି, ୧୦ ଜଣଙ୍କୁ ତିନି ଚକିଆ ସାଇକେଲ ଓ ୫ ଜଣଙ୍କୁ ଧଳାବାଡି ପ୍ରଦାନ କରାଗଲା। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କାଳୁଚରଣ ନାୟକଙ୍କ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିବା ବେଳେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଶ୍ରୀ ଟୁନି ହୁଇକା, ଉପାଧ୍ୟକ୍ଷ ହରପ୍ରସାଦ ହେପୃକା, ଜିଲ୍ଲା ପରିଷଦ ସଦସ୍ୟା ସନ୍ଧ୍ୟା ପୁଲାକା, ସମସ୍ତ ସରପଞ୍ଚ, ସମିତି ସଭ୍ୟ ସଭ୍ୟାବୃନ୍ଦ, ଭାରପ୍ରାପ୍ତ ଉପଜିଲ୍ଲାପାଳ ରାୟଗଡ଼ ସୁଶ୍ରୀ ପ୍ରଜ୍ଞା ପାରମିତା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପୁଷ୍ପଲତା ଦୀକ୍ଷିତ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ କୁମାର ପାଣିଗ୍ରାହି, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତା ବେହେରା, ପି ଏ ଶ୍ରୀକାନ୍ତ ପେଦିନା, କନିଷ୍ଠ ସହାୟକ ସମୀର ପଦକା, ଅମରେନ୍ଦ୍ର ନାଥ ସମ୍ପାଦକ, ରାୟଗଡ଼ା ଭିନ୍ନକ୍ଷମ ମହାସଂଘ, ଜଳନ୍ଧର ବାଟେଲୀ ସମ୍ପାଦକ ଓଡ଼ିଶା ବିକଳାଙ୍ଗ ମଞ୍ଚ, ରାୟଗଡ଼ ଏବଂ ଅନ୍ୟାନ୍ୟ ବ୍ଲକ ଓ ଗ୍ରାମ ପଞ୍ଚାୟତ କର୍ମଚାରୀମାନେ ସହଯୋଗ କରିଥିଲେ।

# ଅଗ୍ନିସେବା ବିଭାଗକୁ ଭଗବାନ ଭରସା।

ନିଆଳି (ଭାସ୍କର ନ୍ୟୁଜ): ନିଆଳି ବ୍ଲକ ୨୩ ଗୋଟି ପଂଚାୟତ ପାଇଁ ଜଳାରପୁର ଠାରେ ରାଜ୍ୟ ସରକାର ଅଗ୍ନିଶମ ସେବା କେନ୍ଦ୍ର ଖୋଲିଛନ୍ତି। ଏଠାରେ ୧୫ ଜଣ କର୍ମଚାରୀ ଅଗ୍ନିଶମ ସେବା ନିମନ୍ତେ ୨ ଟି ଗାଡି ଯୋଗାଇ ଦିଆଯାଇଛି। ୨୪ ଘଣ୍ଟିଆ ସହାୟତା ପାଇଁ ଅଗ୍ନିଶମ ବାହିନୀ ଦାୟିତ୍ୱରେ ଥିବାବେଳେ ଏଠାରେ କିନ୍ତୁ ଅଫିସର ନାହାନ୍ତି। ଜଣେ ଅଫିସର କେନ୍ଦ୍ରାଧିକାରୀ ଅଜିତ ସ୍ୱାଇଁ ନିଯୁକ୍ତି ହୋଇଥିବା ବେଳେ ସେ ଏଠାରେ ଡିଉଟି ନକରି ଅନ୍ୟ ଜାଗାରେ ଡିଉଟି କରୁଛନ୍ତି। ଦୁଇଜଣ ହାବିଲଦାରଙ୍କ ପାଇଁ ନିଯୁକ୍ତି ଥିବା ବେଳେ ପ୍ରକାଶ କୁମାର ପରିଡା ଡେପୁଟିସନରେ ବାହାରେ କାର୍ଯ୍ୟ କରୁଛନ୍ତି। ଅନ୍ୟଜଣେ ହାବିଲଦାର ହରେକୃଷ୍ଣ ମହାପାତ୍ର ଟ୍ରେନିଂ ପାଇଁ ଆସି




ଏଠାରେ ନିଯୁକ୍ତି ହୋଇଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ୨୩ ଗୋଟି ପଂଚାୟତ ୧ ଲକ୍ଷ ୬୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ବିନା ଅଫିସରରେ ଅଗ୍ନିଶମ ସେବା କିଭଳି ଯୋଗାଯାଉଛି। ଦୁଇ ଦୁଇଟି ଗାଡି ଦିଆଯାଇଥିବାବେଳେ କର୍ମଚାରୀ ଅଭାବରୁ ଏବେ ଭଗବାନ ଭରସା ବୋଲି ଆଲୋଚନା ହେଉଛି। ନିଆଳି ଭଳି ସମ୍ବେଦନଶୀଳ ଜାଗାରେ ସ୍କୁଲ କଲେଜ, ବ୍ୟାଙ୍କ, ଥାନା, ବ୍ଲକ,ତହସିଲ କାର୍ଯ୍ୟାଳୟ, ସ୍ୱାସ୍ଥ୍ୟ କେନ୍ଦ୍ର, ଘରୋଇ ସ୍ୱାସ୍ଥ୍ୟ କେନ୍ଦ୍ର, ଦୁଇ ତିନି ମହଲା ବିଶିଷ୍ଟ ମହଲରେ ଅଘଟଣ ଘଟିଲେ ସେଠାରେ ଏବେ ଅଗ୍ନିଶମ ବିଭାଗ କିପରି କାମ କରିବ ତାହା ଏବେ ସାଧାରଣ ରେ ଚର୍ଚ୍ଚା ହେଉଛି। ନିଆଳି ଅଞ୍ଚଳରେ ବଡ଼ ବଡ଼ ଯାନିଯାତ୍ରା ଠାରୁ ଆରମ୍ଭ କରି ମହୋତ୍ସବ ଓ ଅନ୍ୟାନ୍ୟ କାର୍ଯ୍ୟପାଇଁ ଅଗ୍ନି ନିରାପତ୍ତା ବାହିନୀର ଅନୁମତି ନଥିବାରୁ ବାଧା ଉପୁଜୁଛି। ଏ ନେଇ ଅବସରପ୍ରାପ୍ତ ଅଗ୍ନିସେବା ଅଧିକାରୀ କାଶୀନାଥ ମହାନ୍ତିଙ୍କ ମତ ସରକାର ଗାଡି ଓ କ୍ୱାର୍ଟର ଯୋଗାଇ ଦେଲେ କିଛି ଲାଭ ହେବ ନାହିଁ। କର୍ମଚାରୀ ନିଯୁକ୍ତି ଦେବା ନିହାତି ଆବଶ୍ୟକ।

# ରେଢୁଆକୁ ନୂତନ ବ୍ଲକ୍ ଗଠନ ନେଇ ଦାବିପତ୍ର



ରଘୁନାଥପୁର(ଭାସ୍କର ନ୍ୟୁଜ୍): ବର୍ଦ୍ଧିତ ଜନସଂଖ୍ୟା ଅନୁଯାୟୀ ଜନସାଧାରଣଙ୍କ ବିକାଶ ପ୍ରକ୍ରିୟା ଏବଂ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ସମୟାନ୍ତରରେ ଜିଲ୍ଲା/ବ୍ଲକ୍ / ପଞ୍ଚାୟତର ପୁନର୍ଗଠନର ଅତ୍ୟନ୍ତ ଆବଶ୍ୟକତା ରହିଛି।ନିକଟ ଅତୀତରେ ଓଡ଼ିଶାର ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ନୂଆ ପଞ୍ଚାୟତ, ନୂଆ ବ୍ଲକ୍ ଗଠନ ନିମନ୍ତେ ଆବଶ୍ୟକୀୟ ଦସ୍ତାବିଜ୍ ସଂଗ୍ରହ କାର୍ଯ୍ୟ ଆରମ୍ଭ ହେବାର ସୂଚନା ପ୍ରଦାନ କରିଛନ୍ତି। ଏହି କ୍ରମରେ ଜଗତସିଂହପୁର ଜିଲ୍ଲା ଅଧିନସ୍ଥ ରଘୁନାଥପୁର ବ୍ଲକ ଅନ୍ତର୍ଗତ ରେଢୁଆ ପଞ୍ଚାୟତକୁ ନୂତନ ବ୍ଲକ ଗଠନ କରିବା ଦାବି ନେଇ ଆଞ୍ଚଳିକ ବିକାଶ ପରିଷଦ, ରେଢୁଆ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଗୁରୁବାର ଜିଲ୍ଲାପାଳ ଜଗତସିଂହପୁରଙ୍କୁ ପ୍ରଦାନ କରାଯାଇଛି। ସମାଜସେବୀ ସ୍ନେହାଂଶୁ ଜେନା, ନବ ନିର୍ମାଣ କୃଷକ ସଂଗଠନର ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଦେବୀପ୍ରସାଦ ମହାରଣାଙ୍କ ନେତୃତ୍ୱରେ ଅଞ୍ଚଳର ଲୋକପ୍ରତିନିଧି ମାନେ ଦଳମତ ନିର୍ବିଶେଷରେ ଅଞ୍ଚଳ କଲ୍ୟାଣ ନିମନ୍ତେ ରେଢୁଆରେ ନୂତନ ବ୍ଲକ୍ ଦାବିପତ୍ରରେ ଦସ୍ତଖତ ପ୍ରଦାନ ପୂର୍ବକ ସରକାରଙ୍କ ଠାରେ ରେଢୁଆ ବ୍ଲକ୍ ଗଠନ ନିମନ୍ତେ ଦୃଢ଼ ଦାବି ଜଣାଇଛନ୍ତି।

# ବସପୁର ବାଲି ଖାଦାନ ଉପରେ ଚଢଉ

## ଜଣଙ୍କୁ ଧରି ଛାଡିଦେଲା ପୋଲିସ

କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ବସପୁର ବାଲି ଖାଦାନ ଉପରେ ପୋଲିସ ଚଢଉ କରିଛି। କେନ୍ଦ୍ରାପଡା ସଦର ଓ ଟାଉନ ଥାନାର ପୋଲିସ ଅଧିକାରୀମାନେ ଏହି ବାଲି ଖାଦାନ ଉପରେ ଚଢାଉ କରିଥିଲେ। ବସପୁର ବାଲି ଖାଦାନକୁ ଲିଜଧାରୀ ଯୋଗେନ୍ଦ୍ର ବେହେରାଙ୍କ ଠାରୁ ସବ୍‌ଲିଜ ନେଇଥିବା ସତ୍ୟପ୍ରିୟ ଜେନାଙ୍କୁ ପୋଲିସ ଉଠାଇ ଆଣି ପରେ ଛାଡି ଦେଇଥିବା ଜଣାପଡିଛି। ପୋଲିସ ସୂଚନା ଅନୁଯାୟୀ ବସପୁର ବାଲି ଖାଦାନରେ କେହି ଜଣେ ବେଆଇନ ଭାବେ ବାଲି ଉଠାଇବାକୁ ଉଦ୍ୟମ କରୁଥିବାର ଖବର ପାଇ ସେଠାରେ ପୋଲିସ ଫୋର୍ସଙ୍କ ସହ ସେଠାରେ ପହଞ୍ଚି ସତ୍ୟପ୍ରିୟଙ୍କୁ ଉଠାଇ ଆଣିଥିଲେ। ସେତେବେଳେ ସତ୍ୟପ୍ରିୟ ବାଲି ଉଠାଇବା ପାଇଁ ପୂଜା କରୁଥିଲେ। କାରଣ ପୂର୍ବରୁ ସେହି ବାଲି ଖାଦାନରେ ବାଲି ଉଠାଣକୁ ନେଇ ବିବାଦ ଲାଗି ରହିଥିଲା। ତେଣୁ ସେଠାରେ ଶାନ୍ତି ଭଙ୍ଗ ହେବାର ଆଶଙ୍କା ରହିଥିବାରୁ ପୋଲିସ ତାଙ୍କୁ ଉଠାଇ ଆଣିଥିଲା। କିନ୍ତୁ ପରେ ସତ୍ୟପ୍ରିୟଙ୍କ ପାଖରୁ ଆବଶ୍ୟକ କାଗଜପତ୍ର ଦେଖିବା ପରେ ପୋଲିସ ତାକୁ ଛାଡିଦେଇଥିବା ଜଣାପଡିଛି।

# ସିଲାକୋଟା ଜଙ୍ଗଲରୁ ମାଓ ସାମଗ୍ରୀ ଜବତ

ମାଲକାନଗିରି(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ପଡିଆ ଥାନା ଅନ୍ତର୍ଗତ ସିଲାକୋଟା ଜଙ୍ଗଲରୁ ବିଏସ୍ଏଫ୍ ଜବାନଙ୍କ ଦ୍ୱାରା ମାଓ ସାମଗ୍ରୀ ଜବତ ହୋଇଛି । ତଥ୍ୟ ଅନୁଯାୟୀ ବିଶେଷ ସୂତ୍ରରୁ ଖବର ପାଇ ଜିଲ୍ଲା ପୋଲିସ ଓ ବିଏସ୍ଏଫ୍ ଦ୍ୱିତୀୟ ବାଟାଲିୟନ ଜବାନମାନେ ସିଲାକୋଟା ଜଙ୍ଗଲ ଅଭିମୁଖେ ସର୍ଚ୍ଚ ଅପରେସନରେ ବାହାରିଥିଲେ । ସିଲାକୋଟା ଜଙ୍ଗଲର ଚାରୋଟି ସ୍ଥାନରେ ଏହି ମାଓ ସାମଗ୍ରୀ ଥିବା ଠାବ କରିଥିଲେ । ଉକ୍ତ ଚାରୋଟି ସ୍ଥାନ ମଧ୍ୟରୁ ତିନୋଟି ସ୍ଥାନରେ ପଥର ଗୁମ୍ଫା ମଧ୍ୟରୁ ଜବତ କରାଯାଇଥିବାବେଳେ ଉକ୍ତ ଗୁମ୍ଫା ଠାରୁ ୫୦ ମିଟର ଦୂର ଦୁଇଟି ଗଛ ମଧ୍ୟରେ ଥିବା ଖାଲି ସ୍ଥଳ ମାଟି ତଳେ ସାମଗ୍ରୀ ଜବତ କରାଯାଇଥିଲା।




ଜବତ ହୋଇଥିବା ସାମଗ୍ରୀରେ ଗୋଟିଏ ପ୍ରେସର କୁକର ବୋମା, ତିନୋଟି ଟିଫିନ ଆଇଡି, ତିନୋଟି ଇଲେକ୍ଟ୍ରିକ୍ ଡିଟୋନେଟର, ୧୧ ମିଟର ବିଦ୍ୟୁତ୍ ତାର, ଗୋଟିଏ ମୋବାଇଲ ଫୋନ୍, ଗୋଟିଏ ପାବାର ବ୍ୟାଙ୍କ, ତିନୋଟି ଏସ୍‌ବିଏମ୍ଏଲ୍ ବନ୍ଧୁକ ରହିଛି । ତେବେ ଏକଦା ମାଓବାଦୀଙ୍କ ଗଡ ଭାବେ ପରିଚିତ ଥିବା ପଡିଆ ଥାନା ଅନ୍ତର୍ଗତ ସିଲାକୋଟା ଅଞ୍ଚଳରୁ ଏହି ସମସ୍ତ ସାମଗ୍ରୀ ଜବତ ହୋଇଥିବା ବେଳେ ସେହି ସମୟରେ ମାଓବାଦୀ ମାନେ ପୋଲିସକୁ ଟାର୍ଗେଟ କରି ଏଠାରେ ଲୁଚାଇ ରଖିଥିବା ଜଣାପଡିଛି ବୋଲି ମାଲକାନଗିରି ଏସ୍‌ପି. ବିନୋଦ ପାଟିଲ ହେଚ୍ ସୂଚନା ଦେଇଛନ୍ତି ।

# ବିଶ୍ୱ ରେଡ଼ିଓ ଦିବସ ପାଳିତ

ବ୍ରହ୍ମପୁର, (ଭାସ୍କର ନ୍ୟୁଜ) : ଦକ୍ଷିଣ ଓଡ଼ିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବହୁମୁଖୀ ସମାଜ ମଙ୍ଗଳ ଓ ସାଂସ୍କୃତିକ କେନ୍ଦ୍ର ତରଫରୁବ୍ରହ୍ମପୁର ଆକାଶବାଣୀ କେନ୍ଦ୍ର ପରିସରରେ ବିଶ୍ୱ ରେଡ଼ିଓ ଦିବସ ପାଳନ କରାଯାଇଥଲା ।। ଏହି ଅବସରରେ ଆୟୋଜିତ ଆଲୋଚନାଚକ୍ରରେ ସ୍ୱାଗତ ଅଭିଭାଷଣରେ ସଭାପତି ଡାକ୍ତର ଶଙ୍କର୍ଷଣ ପାତ୍ର ପ୍ରାକୃତିକ ଦୁର୍ଦ୍ଦିନରେ ଯେତେବେଳେ ଅନ୍ୟ ସବୁ ସରବରାହ ସଂସ୍ଥା ନିଷ୍କ୍ରିୟ, କେବଳ ରେଡ଼ିଓ ହିଁ ସୂଚନା ପ୍ରଦାନର ଏକ ମାତ୍ର ଓ ପ୍ରଧାନ ଉତ୍ସ ହୋଇଥାଏ ଓ ସବୁ ଶ୍ରେଣୀର ଲୋକଙ୍କ ପାଖରେ ଖବର, ସୂଚନା, ମନୋରଞ୍ଜନର ସୁଲଭ ମାଧ୍ୟମ ରେଡ଼ିଓର ଅବଦାନ




ସମ୍ପର୍କରେ ଆଲୋକପାତ କରି ଏହି ବର୍ଷର ବାର୍ତ୍ତା 'ରେଡ଼ିଓ ଓ ଜଳବାୟୁ ପରିବର୍ତ୍ତନ' ସମ୍ପର୍କରେ ମଧ୍ୟ ନିଜର ମତ ରଖିଥିଲେ । ସମ୍ପାଦକ ମହମଦ ଆସଲାମ ରେଡ଼ିଓର ଜନ୍ମ ଓ ଅର୍ଦ୍ଧ ଶତାବ୍ଦୀ ପୂର୍ବ ରେଡ଼ିଓର ଆକର୍ଷଣ, ପ୍ରତିଭା ସର୍ଜନା ଓ ଇତିହାସ ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ ଓ ବ୍ରହ୍ମପୁର କେନ୍ଦ୍ରକୁ ଚବିଶ ଘଣ୍ଟା କାର୍ଯ୍ୟକ୍ଷମ କରିବାକୁ ପ୍ରସ୍ତାବ ରଖିଥିଲେ ।। ଅନ୍ୟ ମାନଙ୍କ ମଧ୍ୟରେ ଭାରପ୍ରାପ୍ତ କେନ୍ଦ୍ର ନିର୍ଦ୍ଦେଶକଙ୍କ ସମେତ ସର୍ବଶ୍ରୀ ଅଜିତ କୁମାର ଦାସ,ପି. ରାମ ବାବୁ ପ୍ରସନ୍ନ କୁମାର ଦାସ,ମନୋଜ କୁମାର ସାମଲ, ଲକ୍ଷ୍ମୀ ନାରାୟଣ ଦାସ,ସୁରେଶ ଚନ୍ଦ୍ର ତ୍ରିପାଠୀ,ସଞ୍ଜୟ କୁମାର ବିଶ୍ୱାଳ, ଶ୍ୟାମ ସୁନ୍ଦର ଖାଡ଼ଙ୍ଗା,କୈଳାସ ଚନ୍ଦ୍ର ତ୍ରିପାଠୀ, ସୁରଥ କୁମାର ପଟ୍ଟନାୟକ, ତୋଫାନ ଗୌଡ଼, ଇଟିଭି ଭାରତର ବରିଷ୍ଠ ସାମ୍ବାଦିକ ସମୀର କୁମାର ଆଚାର୍ଯ୍ୟ,ମାନବେନ୍ଦୁ କେଶରୀ ଜେନା, ବାଳମୁକୁନ୍ଦ ମହାପାତ୍ର, ପଦ୍ମଜା ପାଣିଗ୍ରାହୀ, ରଶ୍ମିତା କୁମାରୀ ଦଳାଇ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଆକାଶବାଣୀର କର୍ମକର୍ତ୍ତାଙ୍କୁ ପୁଷ୍ପ ଗୁଚ୍ଛ ଉପହାର ଦିଆଯାଇ ସମ୍ବର୍ଦ୍ଧନା କରିବା ସହ ମିଷ୍ଟାନ୍ନ ବିତରଣ କରାଯାଇଥିଲା ।

# ଶ୍ରୀଜଗନ୍ନାଥ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ 'ଭୋକିଲା ପେଟକୁ ଦାନା' କାର୍ଯ୍ୟକ୍ରମ




ରାଜନଗର(ଭାସ୍କର ନ୍ୟୁଜ): ସାରା ଓଡିଶାରେ ପ୍ରତ୍ୟେକ ସରକାରୀ ବିଦ୍ୟାଳୟ ରେ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଛି। ଏହା କୁନି କୁନି ପିଲାମାନଙ୍କୁ ଶିକ୍ଷା ପ୍ରତି ଆଗ୍ରହ ପାଇଁ ସୁନ୍ଦର ବ୍ୟବସ୍ଥା। ଛୋଟ ଛୋଟ ପିଲାମାନେ ଖାଦ୍ୟ ଖାଇବା ପରେ ବଳକା ଖାଦ୍ୟକୁ ଏଣେ ତେଣେ ଫିଙ୍ଗି ଦେଇଥାନ୍ତି। ଏହି ବଳକା ଖାଦ୍ୟକୁ ଏକତ୍ର କରାଇବା ଓ ପରିବେଶକୁ ସଫା ରଖିବା ପାଇଁ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ନୂତନ କାର୍ଯ୍ୟକ୍ରମ 'ଭୋକିଲା ପେଟ କୁ ଦାନା'। ଏହି କାର୍ଯ୍ୟକ୍ରମ ଆଜି କେନ୍ଦ୍ରାପଡା ଜିଲ୍ଲାର ଚକଡ଼ା ପଞ୍ଚାୟତ ର ମାଗୁରଗଣ୍ଡ ପାଟଣା ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏକ ସିମେଣ୍ଟ କୁଣ୍ଡ ତିଆରି କରି ତା ମଧ୍ୟ ରେ ବଳକା ଖାଦ୍ୟ ପକାଇବାକୁ ପିଲାମାନଙ୍କୁ ଶିକ୍ଷା ଦିଆଯାଇଥିଲା। ଏହି ବଳକା ଖାଦ୍ୟକୁ ପକ୍ଷୀ, ପଶୁ, ପୋକ, ମାଛି ପରି ଅନେକ ଜୀବ ଖାଦ୍ୟ ଅଭାବରୁ ବଞ୍ଚିପାରିବେ। ଏହାଦ୍ୱାରା କୁନି କୁନି ପିଲା ମାନେ କିଛି ସଂସ୍କାର ଶିଖିବା ଶହ ପରିବେଶର ହିତ ସାଧନରେ ଆସିବେ ବୋଲି ପ୍ରଧାନ ଶିକ୍ଷକ ଭିକାରୀ ଚରଣ ଦାସ ମତ ଦେଇଛନ୍ତି। ଏହି କାର୍ଯ୍ୟକ୍ରମର ପରିକଳ୍ପନା ଶ୍ରୀଜଗନ୍ନାଥ ଚାରିଟେବଲ ଟ୍ରଷ୍ଟର ବରିଷ୍ଠ ସଦସ୍ୟ ଗଛ ସାରେ ଅନ୍ତର୍ଯ୍ୟାମୀ ସାହୁ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଭାପତି ଦମନ ମହାନ୍ତି, ତପନ କୁମାର ନାଥ, ଭାବଗ୍ରାହୀ ସାହୁ, ନିଗମ ସାହୁ, ବିକ୍ରମ ସାହୁ, ଶୈଳବାଳା ସାମଲ, ଦୁର୍ଗା ମାଧବ ସେଠୀ , ଚିତ୍ରଶିଳ୍ପୀ ଦିନେଶ କୁମାର ବାରିକ୍ ଏବଂ ବିଦ୍ୟାଳୟର କୁନି କୁନି ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ।

### ।।। ସ୍ତ୍ରୀକୁ ହତ୍ୟା କରିବା ଘଟଣା ।।।

# କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରି ପୁଣି ବନ୍ଧା ହେଲେ ଅକ୍ଷୟ

କୋରୁକୋଣ୍ଡା(ଭାସ୍କର ନ୍ୟୁଜ୍): ମାନ୍ୟବର ଅଦାଲତଙ୍କ ନିର୍ଦ୍ଦେଶ କ୍ରମେ ଓର୍କେଲ ପୋଲିସ ଆଜି ଜଣେ ବ୍ୟକ୍ତିକୁ ଗିରଫ଼ର କରି କୋର୍ଟ ଚାଲାଣ କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ଗିରଫ ହୋଇଥିବା ଯୁବକ ଜଣକ ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅଧିନସ୍ତ ପୋଟ୍ରେଲ ଗ୍ରାମର ଅକ୍ଷୟ ବେହେରା ବୋଲି ଜଣା ପଡିଛି। ଗତ ୨୦୨୧ ମସିହା ଜୁଲାଇ ମାସରେ ତାଙ୍କ ସ୍ତ୍ରୀଙ୍କ ମୃତ ଦେହ ଗ୍ରାମ ନିକଟସ୍ଥ ଜଙ୍ଗଲରେ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିଲା ମୃତ ମହିଳାଙ୍କ ପରିବାର ଲୋକେ ଓର୍କେଲ ଥାନାରେ ଗତ -୫-୭-୨୦୨୧ ତାଙ୍କୁ ହତ୍ୟା କରାଯାଇଥିବା ଅକ୍ଷୟଙ୍କ ବିରୁଦ୍ଧରେ ଲିଖିତ ଏତଲା ପ୍ରଦାନ କରିଥିଲେ ଏନେଇ ପୋଲିସ ଥାନାରେ ୧୧୯/୨୧ରେ ଏକ ମାମଲା ରୁଜୁ କରିବା ସହ ଅକ୍ଷୟକୁ ଏହି ଘଟଣାରେ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଏହା ପରେ ସେ



୧୭ ମାସ ଜେଲରେ ରହିବା ପରେ ଜମାନତରେ ଘରକୁ ଆସିଥିଲେ। ବର୍ତ୍ତମାନ ଏହି ମାମଲା କୋର୍ଟରେ ବିଚାରାଧୀନ ରହିଛି। ଧାର୍ଯ୍ୟ ତାରିଖରେ କୋର୍ଟରେ ହାଜର ହେବା ପାଇଁ ମାନ୍ୟବର ଅଦାଲତ ଅକ୍ଷୟଙ୍କ ନିକଟକୁ ନୋଟିସ ପଠାଉଥିଲେ ମଧ୍ୟ ଅକ୍ଷୟ କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରିଥିଲେ ।ଶେଷରେ ମାନ୍ୟବର ଅଦାଲତ ଅକ୍ଷୟଙ୍କ ବିରୁଦ୍ଧରେ ଜାମିନ ବିହୀନ ପରୱାନା ଜାରୀ କରିଥିଲେ। ତେବେ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ଆଜି ଅକ୍ଷୟକୁ ତାଙ୍କ ଗ୍ରାମରୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଓର୍କେଲ ଥାନା ଅଧିକାରୀ ଧିରେନ ପଟ୍ଟନାୟକ ସୂଚନା ଦେଇଛନ୍ତି।

### ୧୧ କେନ୍ଦ୍ରରେ ମାଟ୍ରିକ୍ ପରୀକ୍ଷା ଦେବେ ୨୧୬୧ ପରୀକ୍ଷାର୍ଥୀ

ଗୋପ (ଭାସ୍କର ନ୍ୟୁଜ): ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ମାଟ୍ରିକ ପରୀକ୍ଷା ଚଳିତ ମାସ ୨୧ରୁ ଆରମ୍ଭ ହୋଇ ମାର୍ଚ୍ଚ ୬ରେ ସରିବ। ପରୀକ୍ଷାକୁ ଶାନ୍ତି ଶୃଙ୍ଖଳାର ସହ ପରିଚାଳନା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ନୋଡାଲ କେନ୍ଦ୍ର ଓ ଏଥିରେ ସାମିଲ କେନ୍ଦ୍ର ଗୁଡ଼ିକର ତାଲିକା ପ୍ରସ୍ତୁତ କରାଯାଇଛି । ଚଳିତ ବର୍ଷ ପୁରୀ ଜିଲ୍ଲା ଗୋପ ବ୍ଲକର ୧୧ ଗୋଟି ପରୀକ୍ଷା କେନ୍ଦ୍ରରେ ୨୧୬୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ । ଗୋପ ନିଗମାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟକୁ ନୋଡାଲ ସ୍କୁଲ ଭାବେ ନିଆଯାଇଥିବା ବେଳେ ଉକ୍ତ ସ୍କୁଲ ଅଧିନରେ କାକଟପୁର ବ୍ଲକର ବଟେଶ୍ୱର ହାଇସ୍କୁଲ, ବାଲିଦୋକାନ ପରୀକ୍ଷାକେନ୍ଦ୍ରକୁ ମିଶାଇ ୯ ଟି ପରୀକ୍ଷା କେନ୍ଦ୍ରକୁ ୧୬୫୮ ପରୀକ୍ଷାର୍ଥୀଙ୍କ ପାଇଁ ପ୍ରଶ୍ନପତ୍ର ଯିବାକୁ ଥିବାବେଳେ କାକଟପୁର ନୋଡାଲ ହାଇସ୍କୁଲରୁ ଗୋପ ବ୍ଲକ ନୟାହାଟ ହାଇସ୍କୁଲରେ ଦେବାକୁ ଥିବା ୨୫୦ ଜଣ ପରୀକ୍ଷାର୍ଥୀଙ୍କ ପାଇଁ ପ୍ରଶ୍ନପତ୍ର ଆସିବାର ବ୍ୟବସ୍ଥା କରାଯାଇଛି । ସେହିପରି ପୁରୀ ନୋଡାଲ ସ୍କୁଲ ହୋଇଥିବା ପୁରୀ ଜିଲ୍ଲା ସ୍କୁଲରୁ ଗୋପ ବ୍ଲକର ବନ୍ତଳିଗ୍ରାମ ପଂଚାୟତ ହାଇସ୍କୁଲରେ ଦେବାକୁ ଥିବା ୧୯୬ ଜଣ ପରୀକ୍ଷାର୍ଥୀ ଏବଂ ହରିଶ୍ଚନ୍ଦ୍ର ମେମୋରିଆଲ ହାଇସ୍କୁଲ, ଛଇଡନାରେ ପରୀକ୍ଷା ଦେବାକୁ ଥିବା ୨୦୩ ଜଣ ପରୀକ୍ଷାର୍ଥୀଙ୍କ ପାଇଁ ପ୍ରଶ୍ନପତ୍ର ଆସିବାର ବ୍ୟବସ୍ଥା କରାଯାଇଛି । ସେହିପରି ଗୋପ ନିଗମାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟକୁ ନୋଡାଲ ସ୍କୁଲ କରାଯାଇଥିବା ବେଳେ ଏହ ବିଦ୍ୟାଳୟରେ ୧୯୮ ଜଣ, ଗଣେଶ୍ୱରପୁର ନୋଡାଲ ସ୍କୁଲରେ ୨୦୪ ଜଣ, ନାଗପୁର ନୋଡାଲ ହାଇସ୍କୁଲରେ ୧୫୪ ଜଣ, ଦାମୋଦରପୁର ବାଳିକା ଉଚ୍ଚ ବିଦ୍ୟାଳୟ, କୋଣାର୍କରେ ୧୬୨ ଜଣ, କୋଣାର୍କ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୩୧ ଜଣ, ସରକାରୀ ଏସ୍ଏସ୍‌ଡି ହାଇସ୍କୁଲ, କୋଣାର୍କରେ ୨୧୪ ଜଣ, ଏକେ ବିଦ୍ୟାପୀଠ କୋଣାର୍କରେ ୧୯୬ ଜଣ ଏବଂ ଏରବଙ୍ଗ ହାଇସ୍କୁଲରେ ୨୫୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଏହିପରି ମୋଟ ୧୬୯୮ ଜଣ ପରୀକ୍ଷାର୍ଥୀଙ୍କ ପାଇଁ ଗୋପ ନିଗମାନନ୍ଦ ନୋଡାଲ ସ୍କୁଲରୁ ପ୍ରଶ୍ନପତ୍ର ଯିବାର ବ୍ୟବସ୍ଥା କରାଯାଇଛି ।

ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର



କଟକ(ଭାସ୍କର ନ୍ୟୁଜ୍): ବିଞ୍ଝାରପୁର ବିଧାୟିକା ତଥା ବିଜୁ ଜନତାଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ୍ ଓଡିଶା ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି । ତେବେ କେଉଁ କାରଣରୁ ପ୍ରମିଳା ମଲ୍ଲିକ୍ ଗିରଫଦାରୀ ଏଡାଇବାକୁ ଯାଇ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି ତାହା ସ୍ପଷ୍ଟ ହୋଇନାହିଁ । ନିକଟରେ ପ୍ରମିଳାଙ୍କ ଭାଇ କ୍ଷୀରୋଦ ଚନ୍ଦ୍ର ମଲ୍ଲିକ୍‌ଙ୍କ ଘରେ ପ୍ରବର୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ଚଢଉ କରାଯାଇଥିଲା । କ୍ଷୀରୋଦ ମଲ୍ଲିକ୍ ସ୍ୱେଚ୍ଛାସେବୀ ସଂଗଠନ ବିଶ୍ୱର ଅଧ୍ୟକ୍ଷ ଅଛନ୍ତି । ଅର୍ଥ ହେରଫେର ମାମଲାରେ ତାଙ୍କ ନାମରେ ଏକାଧିକ ଅଭିଯୋଗ ରହିଥିବା ବେଳେ ପ୍ରବର୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ତାଙ୍କ ଘରେ ଚଢଉ କରାଯାଇଥିଲା । ସେହିପରି ନିମତାରାଣୀ ପାଢୀ ନାମକ ଜଣେ କଲ୍ ସେଣ୍ଟର କର୍ମଚାରୀଙ୍କ ଉପରେ ଏସିଡ୍ ଆକ୍ରମଣ କରିବା ଅଭିଯୋଗ ଘଟଣାରେ ମଞ୍ଚେଶ୍ୱର ଥାନାରେ ମଧ୍ୟ ତାଙ୍କ ନାମରେ ଅଭିଯୋଗ ହୋଇଥିଲା । ଏହି ଘଟଣାରେ ମଧ୍ୟ ଶ୍ରୀ ମଲ୍ଲିକ୍ ଆଗୁଆ ଜାମିନ ଆବେଦନ କରିଥିଲେ ।



## ପବ୍ଲିକ ସେକ୍ଟର ଅଣ୍ଡରଟେକିଂଗୁଡ଼ିକ ସ୍ୱଚ୍ଛତା ବଜାୟ ରଖନ୍ତୁ: ରାଜ୍ୟପାଳ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପବ୍ଲିକ ସେକ୍ଟର ଅଣ୍ଡରଟେକିଂ (ପିଏସ୍‌ୟୁ)ଗୁଡ଼ିକ ସ୍ୱଚ୍ଛତା ବଜାୟ ରଖିବା ସହ ଜନସାଧାରଣଙ୍କ ସମ୍ମୁଖରେ ନିଜର ବିଶ୍ୱସନୀୟତା ବୃଦ୍ଧି କରନ୍ତୁ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି କହିଛନ୍ତି । ଶୁକ୍ରବାର ରାଜଭବନର ନ୍ୟୁ ଅଭିଷେକ ହଲ୍‌ରେ ରାଜ୍ୟର ସମସ୍ତ ପିଏସ୍‌ୟୁ /କମ୍ପାନୀଙ୍କର କାର୍ଯ୍ୟଧାରା ସମୀକ୍ଷା କରିବା ଅବସରରେ ରାଜ୍ୟପାଳ କହିଥିଲେ ଯେ, ପିଏସ୍‌ୟୁଗୁଡ଼ିକ ରାଜ୍ୟ ଅର୍ଥନୀତିର ମେରୁଦଣ୍ଡ। ପିଏସ୍‌ୟୁ/ କମ୍ପାନୀଗୁଡ଼ିକର ପ୍ରାଥମିକ କର୍ତ୍ତବ୍ୟ ହେଉଛି ସାଧାରଣ ସମ୍ବଳ ପରିଚାଳନାରେ ସ୍ୱଚ୍ଛତା, ଦକ୍ଷତା ଏବଂ ଆର୍ଥିକ ଶୃଙ୍ଖଳା ବଜାୟ ରଖିବା। ସଠିକ୍ ଭାବରେ କାର୍ଯ୍ୟକ୍ଷମ ପିଏସ୍‌ୟୁଗୁଡ଼ିକ କେବଳ କମ୍ପାନୀର ମୂଲ୍ୟ ବୃଦ୍ଧି କରନ୍ତି ନାହିଁ ବରଂ ରାଜ୍ୟର ସମ୍ପତ୍ତି ମଧ ବୃଦ୍ଧି କରନ୍ତି। ନିର୍ଦ୍ଧାରିତ ସମୟରେ ଅଡିଟ୍ କରାଇବା, ଅଡିଟ୍ ରିପୋର୍ଟ ଦାଖଲ କରି ଜନସାଧାରଣଙ୍କୁ ସେମାନଙ୍କର ଉତ୍ତରଦାୟିତ୍ୱ ଦେଖାଇବା, ଜନସାଧାରଣଙ୍କ ଆଗରେ ସେମାନଙ୍କ ସମ୍ମାନ ଏବଂ ବିଶ୍ୱସନୀୟତା ବୃଦ୍ଧି କରିବା ସେମାନଙ୍କ କର୍ତ୍ତବ୍ୟ ବୋଲି ରାଜ୍ୟପାଳ ଡ.କମ୍ଭମ୍‌ପାଟି କହିଛନ୍ତି। ଅନେକ ରାଜ୍ୟ ସରକାର ଅଧିନସ୍ଥ ପିଏସ୍‌ୟୁ/କମ୍ପାନୀ ବାର୍ଷିକ ସାଧାରଣ ବୈଠକ କରୁନାହାନ୍ତି କିମ୍ବା ବାର୍ଷିକ ହିସାବ ଚୂଡ଼ାନ୍ତ କରୁନାହାନ୍ତି। ଏ ପ୍ରସଂଗରେ ରାଜ୍ୟପାଳ ଗଭୀର ଉଦ୍‌ବେଗ ପ୍ରକାଶ କରି ଏହାକୁ କର୍ପୋରେଟ୍ ଶାସନ ନୀତିର ଉଲ୍ଲଂଘନ ବୋଲି କହିଥିଲେ ଏବଂ ପିଏସ୍‌ୟୁ / କମ୍ପାନୀମାନେ ବାର୍ଷିକ ସାଧାରଣ ବୈଠକ କରିବା ସହିତ ପରବର୍ତ୍ତୀ ଆର୍ଥିକ ବର୍ଷର ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ବାର୍ଷିକ ରିପୋର୍ଟ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ନିରନ୍ତର କ୍ଷତି ସହୁଥିବା ଏବଂ ଅଚଳ ହୋଇପଡ଼ିଥିବା ପିଏସ୍‌ୟୁ/ କମ୍ପାନୀଗୁଡ଼ିକର ସ୍ଥିତି ସମୀକ୍ଷା କରି ପୁନଃ କାର୍ଯ୍ୟକ୍ଷମ କରିବା କିମ୍ବା ବନ୍ଦ କରିବା ଉପରେ ସୁଚିନ୍ତିତ ପଦକ୍ଷେପ ନେବା ଉପରେ ଗୁରୁତ୍ୱାରୋପ କରିଥିଲେ। ପିଏସ୍‌ୟୁ /କମ୍ପାନୀଗୁଡ଼ିକର ଅଡ଼ିଟ୍ ଏବଂ ଅଡ଼ିଟ୍ ରିପୋର୍ଟ ଦାଖଲର ସମୟସୀମା ଅନୁପାଳନ ଉପରେ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ପ୍ରମୁଖ ଆକାଉଣ୍ଟାଣ୍ଟ ଜେନେରାଲଙ୍କୁ ପରାମର୍ଶ ଦେଇଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ପିଏସ୍‌ୟୁ /କମ୍ପାନୀଙ୍କର ଉଦ୍ୟୋଗଗୁଡ଼ିକୁ ପୁନରୁଦ୍ଧାର କରିବା, ଉତ୍କର୍ଷତାର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଏବଂ ଓଡ଼ିଶାର ଆର୍ଥିକ ବିକାଶରେ ଏକ ଦୃଢ଼ସ୍ତମ୍ଭ ଭାବରେ ଉଭା କରାଇବା ଦିଗରେ ଏକ ପଦକ୍ଷେପ ହେବ ବୋଲି ରାଜ୍ୟପାଳ କହିଥିଲେ। ଏହି ଅବସରରେ ରାଜ୍ୟପାଳ କହିଥିଲେ ଯେ କେତେକ ପିଏସ୍‌ୟୁକୁ ମନୋନୀତ କରାଯାଇ ଷ୍ଟକ ମାର୍କେଟରେ ପଂଜୀକୃତ କରିବାକୁ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ଏହା ଦ୍ୱାରା ପିଏସ୍‌ୟୁଙ୍କର ଉତ୍ତରଦାୟିତ୍ୱ ଓ କାର୍ଯ୍ୟଦକ୍ଷତା ବଢ଼ିବା ସହ ଆର୍ଥିକ ସ୍ଥିତି ସୁଦୃଢ଼ ହୋଇପାରିବ। ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରିନସ୍‌ପାଲ ଆକାଉଣ୍ଟାଣ୍ଟ ଜେନେରାଲ ଡି. ସାହୁଙ୍କ ସମେତ ବରିଷ୍ଠ ଅଧିକାରୀ, ରାଜ୍ୟ ପିଏସ୍‌ୟୁଗୁଡ଼ିକର ମୁଖ୍ୟ ଏବଂ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ବୈଠକରେ ଯୋଗ ଦେଇଥିଲେ। ସାଧାରଣ ଉଦ୍ୟୋଗ ବିଭାଗ ଅଧିନସ୍ଥ ପିଏସ୍‌ୟୁ ସମେତ ବିଭିନ୍ନ ବିଭାଗ ଅଧିନସ୍ଥ ନନ୍ ପିଏସ୍‌ୟୁ ଏବଂ ଅଣ କାର୍ଯ୍ୟକ୍ଷମ ପିଏସ୍‌ୟୁର କର୍ମକର୍ତ୍ତା ଏହି ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ।

## ଏମ୍ସରେ ଭାରତର ପ୍ରଥମ ଏଚ୍‌ପିବି ରେଡିଓଲୋଜି ପାଠ୍ୟକ୍ରମ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତର ପ୍ରଥମ ହେପାଟୋ-ପାନକ୍ରିଏଟୋ-ବିଲିଆରି (ଏଚପିବି) ରେଡିଓଲୋଜି ପାଠ୍ୟକ୍ରମକୁ ସଫଳତାର ସହିତ ଆୟୋଜନ କରି ଏମ୍ସ ଭୁବନେଶ୍ୱର ଚିକିତ୍ସା ବିଜ୍ଞାନ, ଶିକ୍ଷା ଏବଂ ତାଲିମ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ସର୍ଜିକାଲ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଏବଂ ରେଡିଓ-ଡାଇଗ୍ନୋସିସ୍ ବିଭାଗ ଦ୍ୱାରା ପରିଚାଳିତ, ଏହି ପାଠ୍ୟକ୍ରମ ଆନ୍ତର୍ଜାତୀୟ ହେପାଟୋ-ପାନକ୍ରିଏଟୋ-ବିଲିଆରି ଆସୋସିଏସନ୍ (ଆଇଏଚପିବିଏ)-ଭାରତୀୟ ଶାଖା ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ଜଟିଳ ଏଚପିବି ସର୍ଜିକାଲ୍ ଆନାଟୋମିର ବୁଝାମଣାକୁ ବୃଦ୍ଧି କରିବା ପାଇଁ ଡିଜାଇନ୍ କରାଯାଇଥିବା ଏହି ପାଠ୍ୟକ୍ରମ ଏଚପିବି ରୋଗରେ ଅଲ୍ଟ୍ରାସୋନୋଗ୍ରାଫି, ସିଟି ସ୍କାନ୍, ଏମଆରଆଇ, ଏବଂ ପେଟ୍ ସିଟି ସ୍କାନ୍ ପ୍ରୟୋଗ ସମ୍ବନ୍ଧରେ ଗଭୀର ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲା। ଯେକୌଣସି ଜଟିଳ ରୋଗର ସଠିକ୍ ନିରୂପଣ, ଅସ୍ତ୍ରୋପଚାର ନିମନ୍ତେ ସଫଳ ଯୋଜନା ଏବଂ ଅସ୍ତ୍ରୋପଚାର ପରବର୍ତ୍ତୀ ଅବସ୍ଥାରେ ଉତ୍ସାହଜନକ ଫଳାଫଳ ମିଳିବା ଏହି ପାଠ୍ୟକ୍ରମର ମୂଳ ଲକ୍ଷ୍ୟ ଭାବେ ବିବେଚନା କରାଯାଇଥାଏ। ଏଚପିବି ରୋଗରେ ରେଡିଓଲୋଜିକାଲ୍ ବ୍ୟାଖ୍ୟାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦୃଷ୍ଟିରେ ରଖି, ଏହି ବ୍ୟାପକ ପାଠ୍ୟକ୍ରମ ସାରା ଦେଶରୁ ଆସିଥିବା ଏଚପିବି ଶଲ୍ୟଚିକିତ୍ସା ପ୍ରଶିକ୍ଷାର୍ଥୀ ଏବଂ ଅଧ୍ୟାପକ ଅଧ୍ୟାପିକାମାନଙ୍କୁ ବିସ୍ତୃତ ତାଲିମ ପ୍ରଦାନ କରିଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଏଚପିବି ରେଡିଓଲୋଜିର ମୌଳିକ ତତ୍ତ୍ୱଗୁଡ଼ିକୁ ତିନୋଟି ଅନଲାଇନ୍ ଅଧିବେଶନରେ ତାଲିମ ପ୍ରଦାନ ସହିତ ଦୁଇ ଦିନିଆ ପ୍ରାକ୍ଟିକାଲ ତାଲିମ ଅନୁଷ୍ଠିତ ହୋଇଥିଲା। ଏହି ମର୍ଯ୍ୟାଦାଜନକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଯୋଗ ଦେଇଥିଲେ। ଉପସ୍ଥିତ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ ଆଇଏଚପିବିଏ-ଇଣ୍ଡିଆର ସମ୍ପାଦକ ଡ. ବିଜୁ ପୋଟ୍ଟାକଟ୍, ଆଇଏଚପିବିଏ-ଇଣ୍ଡିଆର ପୂର୍ବତନ ସଭାପତି ଡ. ସଞ୍ଜୟ ଗୋଭିଲ୍, ଡ. ନୈମିଶ ମେହତା, ଏମ୍ସ ଭୁବନେଶ୍ୱର ରେଡିଓଡାଇଗ୍ନୋସିସ୍ ବିଭାଗ ମୁଖ୍ୟ ଡ. ସୁପ୍ରଭା ନାୟକ, ଡ. ଅଶୋକ କୁମାର ଜେନା, ଡିଡିଏ ଅଭିଜିତ ସରକାର ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜକ କମିଟି ଅଧ୍ୟକ୍ଷ ଡ. ବ୍ରହ୍ମଦତ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ ସଂଗଠନ ସମ୍ପାଦକ ଡ. ରଞ୍ଜନ କୁମାର ପଟେଲ, ଡ. ତାରାପ୍ରସାଦ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମ ସଫଳ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ।

## ବିଏମ୍‌ସି ମୁଖ୍ୟାଳୟ ହେବ ଜିରୋ ୱେଷ୍ଟ ଅଡିଟ୍ ଅଫିସ୍




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱର ମହାନଗର ନିଗମ ହେବ ଜିରୋ ୱେଷ୍ଟ ଅଫିସ୍ । ପରିବେଶ ସନ୍ତୁଳନ ପାଇଁ ଜିରୋ ୱେଷ୍ଟ ଅଭ୍ୟାସ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏଥିପାଇଁ ଆରମ୍ଭ ହୋଇଛି ପ୍ରକ୍ରିୟା । ବିଏମ୍ସି ମୁଖ୍ୟାଳୟକୁ ବର୍ଜ୍ୟମୁକ୍ତ କରିବା ପାଇଁ ପ୍ରଥମେ ପଦକ୍ଷେପ ନିଆଯିବ । ମୁଖ୍ୟତଃ ୫ଟି ଅଭ୍ୟାସ କରିବା ପାଇଁ ସମସ୍ତଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଅଫିସ ଭିତରେ କେହି ପାନ କିମ୍ବା ଗୁଟ୍‌ଖା ଖାଇ ବର୍ଜ୍ୟ ସୃଷ୍ଟି କରିବେ ନାହିଁ, କେହି ପ୍ଲାଷ୍ଟିକ କ୍ୟାରି ବ୍ୟାଗ୍ ବ୍ୟବହାର କରିବେ ନାହିଁ, କପଡା ବ୍ୟାଗ୍ ବ୍ୟବହାର କରିବେ, କେହି ଖାଦ୍ୟ ନଷ୍ଟ କରିବେ ନାହିଁ, ପାଣି ପିଇବା ପାଇଁ ପ୍ଲାଷ୍ଟିକ ବୋତଲ ବଦଳରେ ସମସ୍ତେ କାଚ କିମ୍ବା ଷ୍ଟିଲ ବୋତଲ ବ୍ୟବହାର କରିବେ ଏବଂ ଯଥା ସମ୍ଭବ କମ୍ କାଗଜ ବ୍ୟବହାର କରିବେ । ବିଏମ୍ସି କାର୍ଯ୍ୟାଳୟର କୌଣସି ଉପବିଭାଗରେ ଯେପରି ପେପର କିମ୍ବା ଅନ୍ୟାନ୍ୟ ଅଦରକାରୀ ଜିନିଷ ନ ପଡେ ସେଥିପ୍ରତି ଦୃଷ୍ଟି ଦିଆଯିବ । ଏଥିପାଇଁ ଜିରୋ ୱେଷ୍ଟ ଅଡିଟ କରାଯିବ । ନିୟମିତ ବ୍ୟବଧାନରେ ଗୋଟିଏ ଗୋଟିଏ ଉପବିଭାଗର ୩ଜଣିଆ ଟିମ୍ ହୋଇ ସମସ୍ତ ଉପବିଭାଗ ବୁଲି ଅନୁଧ୍ୟାନ କରିବେ । କୌଣସି କର୍ମଚାରୀ ଘରେ, ବାହାରେ କିମ୍ବା ଅଫିସରେ ନିଷିଦ୍ଧ ପ୍ଲାଷ୍ଟିକ ବ୍ୟବହାର ନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଯେଉଁମାନେ ଖାଦ୍ୟ ଆଣୁଛନ୍ତି, ସେମାନେ ବଳକା ଖାଦ୍ୟ ଫୋପାଡିବେ ନାହିଁ । ଅଫିସରେ ବ୍ୟବହାର ହେଉଥିବା ବିଭିନ୍ନ ପ୍ରକାର କାଗଜ କପ୍, ପ୍ଲେଟ ଆଦି ଏଣେତେଣେ ନ ରଖି ନିର୍ଦ୍ଦିଷ୍ଟ ସ୍ଥାନରେ ରଖିବା ପାଇଁ କୁହାଯାଇଛି । ପରିବେଶ ଅନୁଗାମୀ ହୋଇ ଜିରୋ ୱେଷ୍ଟ ଅଭ୍ୟାସକୁ ଆପଣେଇ ପାରିଲେ ବ୍ୟକ୍ତିଗତ, ପାରିବାରିକ ଏବଂ ସାମାଜିକ ସୁସ୍ଥତା ଆସିବ ବୋଲି କହିଛନ୍ତି କମିଶନର ରାଜେଶ ପ୍ରଭାକର ପାଟିଲ । ଏହି ୫ଟି ଅଭ୍ୟାସକୁ ପ୍ରଥମେ ଆମେ କାର୍ଯ୍ୟକାରୀ କରିବା ପରେ ଅନ୍ୟାନ୍ୟ କାର୍ଯ୍ୟାଳୟରେ ମଧ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଉଦ୍ୟମ କରାଯିବ ବୋଲି କହିଛନ୍ତି ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ । କାର୍ଯ୍ୟକ୍ରମରେ ବିଏମ୍ସି କମିଶନରଙ୍କ ସମେତ ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ରତ୍ନାକର ସାହୁ, ସସ୍ମିତା ସାହୁ, ମୁଖ୍ୟ ବିତ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ନାୟକ, ଜୋନାଲ କମିଶନର କୈଳାସ ଚନ୍ଦ୍ର ଦାସ, ସହକାରୀ କମିଶନର ଏନ୍. ଗଣେଶ ବାବୁ ପ୍ରମୁଖ ମଞ୍ଚାସୀନ ଥିଲେ ।

## ମହିଳାଙ୍କ ବେକ କାଟି ବୀଭତ୍ସ ହତ୍ୟା

କଟକ(ଭାସ୍କର ନ୍ୟୁଜ୍): କଟକ ପୋତାପୋଖରୀ ଅଞ୍ଚଳର ଗାନ୍ଧୀପଲ୍ଲୀ ନିକଟରେ ଥିବା ଏକ ବସ୍ତିରେ ପ୍ରିୟମତା ଦଲେଇ ନାମକ ଜଣେ ମହିଳାଙ୍କୁ ଅତି ବିଭତ୍ସ ଭାବରେ ହତ୍ୟା କରାଯାଇଛି । ମହିଳାଙ୍କ ବେକକୁ କାଟି ଅତି ନିର୍ମମ ଭାବରେ ତାଙ୍କ ପଡୋଶୀ ତଥା ଘଟଣାର ଅଭିଯୁକ୍ତ ସନ୍ତୋଷ ସିହ୍ନା ହତ୍ୟା କରିଛି ବୋଲି ଅଭିଯୋଗ ହୋଇଛି । ଉଭୟଙ୍କ ମଧ୍ୟରେ ବଚସା କାରଣରୁ ସନ୍ତୋଷ ଏଥିରେ ଉତ୍କ୍ଷିପ୍ତ ହୋଇ ମହିଳାଙ୍କୁ ଏକ ଧାରୁଆ ପନିକିରେ ହତ୍ୟା କରିଛି । ଶୁକ୍ରବାର ଦିନ ପ୍ରାୟ ସାଢେ ୧୧ଟାର ସନ୍ତୋଷର ପ୍ରିୟତମାଙ୍କ ମଧ୍ୟରେ କୌଣସି କାରଣରୁ ପାଟିତୁଣ୍ଡ ହୋଇଥିଲା । ଏହି ଘଟଣାରେ ସନ୍ତୋଷ ମହିଳାଙ୍କ ଉପରେ ରାଗିଯାଇ ପାଖରେ ଥିବା ଏକ ଧାରୁଆ ପନିକିରେ ଚୋଟ ମାରଥିଲା । ଘଟଣାରେ ଗୁରୁତର ଆହତ ହୋଇ ସାହାଯ୍ୟ ନିମନ୍ତେ ମହିଳା ଜଣକ ଚିତ୍କାର କରୁଥିବା ବେଳେ ଅଭିଯୁକ୍ତ ସନ୍ତୋଷର ମାଆ ଘଟଣା ସ୍ଥଳରେ ସନ୍ତୋଷକୁ ଅଟକାଇଥିଲେ । ହେଲେ ସେତେବେଳକୁ ସନ୍ତୋଷ ଉକ୍ତ ମହିଳାଙ୍କୁ ଚୋଟ ପରେ ଚୋଟ ମାରି ଲହୁଲୁହାଣ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ଖବର ପାଇ ସିଆର୍‌ଆର୍‌ଆଇ ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚିଥିଲା ଏବଂ ଅଭିଯୁକ୍ତ ଫେରାର ହେଉଥିବା ବେଳେ ପୋଲିସ୍ ତାକୁ ଧରିବାରେ ସଫଳ ହୋଇଛି ।

## ଡାଟାଏଣ୍ଟ୍ରି ଅପରେଟର ଗିରଫ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆକାଉଣ୍ଟାଣ୍ଟ କମ୍ ଡାଟା ଏଣ୍ଟ୍ରି ଅପରେଟର ପାର୍ଥସାରଥୀ ବିଷୋଇଙ୍କୁ ଗିରଫ କରିଛି ଭିଜିଲାନ୍ସ । ଆୟ ବହିର୍ଭୁତ ସଂପତି ଠୁଳ କରିବା ଅଭିଯୋଗରେ କୋରାପୁଟ ଜିଲ୍ଲା କୋଟପାଡ ବ୍ଲକ ବାଟସଣା ଗ୍ରାମପଞ୍ଚାୟତର ଡାଟା ଅପରେଟର ପାର୍ଥସାରଥୀ ବିଷୋଇଙ୍କୁ ଗିରଫ କରାଯାଇଛି । ତାଙ୍କ ନିକଟରୁ ୩ଟି ବିଲ୍ଡିଂ, ୧୬ଟି ପ୍ଲଟ, ଗୋଟିଏ କାଜୁ ପ୍ରୋସେସିଂ ୟୁନିଟ, ସୁନା ଅଳଙ୍କାର, ନଗଦ ୨.୪୫ ଲକ୍ଷ ଟଙ୍କା, ୩ଟି ଟ୍ରାକ୍ଟର, ଗୋଟିଏ ବୋଲେରୋ ଠାବ ହୋଇଛି, ଯାହାର ସିଏ ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ । ଏହାପରେ ଭିଜିଲାନ୍ସ ତାଙ୍କୁ ଗିରଫ କରିଛି ।

## ବେଲେଶ୍ୱର ଡବଲ ମର୍ଡର ମାମଲା, ୫ ବର୍ଷ ପରେ ଅଭିଯୁକ୍ତ ଗିରଫ

କଟକ(ଭାସ୍କର ନ୍ୟୁଜ୍): ୨୦୧୯ ମସିହାରେ ହୋଇଥିବା ବହୁ ଚର୍ଚ୍ଚିତ ବେଲେଶ୍ୱର ଡବଲ ମର୍ଡର ଘଟଣାରେ କମିଶନରେଟ୍ ପୋଲିସ୍ ମୁଖ୍ୟ ଅଭିଯୁକ୍ତ ସନ୍ତୋଷ ଓରଫ ଏମନ ସାମଦ ଏବଂ ବାସନ୍ତୀ ସାମଦକୁ ଗିରଫ କରିଛି । ସନ୍ତୋଷ ଘଟଣାର ମୁଖ୍ୟ ଅଭିଯୁକ୍ତ ହୋଇଥିବା ବେଳେ ବାସନ୍ତୀ ହତ୍ୟାକାଣ୍ଡ ରଚନା କରିବାରେ ସମସ୍ତ ସହଯୋଗ କରିଥିଲା । ଗିରଫ ପରେ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଥିବା କମିଶନରେଟ୍ ପୋଲିସ୍ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ସୂଚନାଥାଉ କି ଗତ ୨୦୧୯ ମସିହା ଡିସେମ୍ବର ୧୨ରେ କଟକର ମଧୁପାଟଣା ଥାନା ଅଧିନସ୍ଥ ବଲେଶ୍ୱରର ଶ୍ରୀନାଥ ସାମଲ ଓ ତାଙ୍କ ପତ୍ନୀ ବିଦ୍ୟୁଲତା ସାମଲଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା।

## ପୁଣି ମୋ ବସ୍ ନେଲା ମହିଳାଙ୍କ ଜୀବନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଦୁର୍ଘଟଣା ମୋ ବସ୍ ପିଛା ଛାଡୁନି । ଗୋଟିଏ ପରେ ଗୋଟିଏ ଅଘଟଣ ଘଟିଚାଲିଛି । ଶୁକ୍ରବାର ସନ୍ଧ୍ୟାରେ ଭୁବନେଶ୍ୱର ତମାଣ୍ଡୋ ଓଭରବ୍ରିଜ୍ ତଳେ ମୋ ବସ୍ ଜଣେ ମହିଳାଙ୍କ ଜୀବନ ନେଇଛି । ବସ୍‌ଟି ମହିଳାଙ୍କୁ ପ୍ରାୟ ୧୦୦ ମିଟର ପର୍ଯ୍ୟନ୍ତ ଘୋଷାଡି ନେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଏହାକୁ ନେଇ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇପଡ଼ିବା ସହ ବସ୍‌କୁ ଭଙ୍ଗାରୁଜା କରିଥିବା ସୂଚନା ମିଳିଛି । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଛି । ସୂଚନାଯୋଗ୍ୟ ଯେ, ନିକଟ ଅତୀତରେ ମୋ ବସ୍ ଦୁର୍ଘଟଣାରେ ଆଉ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଯୁବତୀ ଗୁରୁତର ହୋଇଥିଲେ ।




ଓଡ଼ିଶା ଭାସ୍କର
ସମ୍ପାଦକୀୟ



ଏ ଦୁନିଆ ପାନ୍ଥଶାଳେ ନିତି କେତେ ପାନ୍ଥ
ଆସୁଛନ୍ତି ଭିକ୍ଷୁପରି, ଶୂନ୍ୟ କରି ହାତ।
ଯିବ ପୁଣି ଏକା ଶୂନ୍ୟେ ଫେରି ନିଜ ପଥେ,
ମିଳନର ଆଡ଼ମ୍ବର ଲିଭିଯିବ ସତେ।

-ସଚ୍ଚିଦାନନ୍ଦ ରାଉତରାୟ



ଈର୍ଷା ଏବଂ ଘୃଣାର ନିଆଁରେ ଜଳୁଥିବା ଏଇ ଦୁନିଆରେ ହସ ଓ ଖୁସି କେବେବି ସ୍ଥାୟୀ ହୋଇପାରିବ ନାହିଁ।

-ଗୌତମ ବୁଦ୍ଧ



# ରୁଷ-ୟୁକ୍ରେନ୍ ଯୁଦ୍ଧ ବନ୍ଦ ପାଇଁ ପ୍ରୟାସ

## ଟ୍ରମ୍ପଙ୍କ ବଳିଷ୍ଠ ପଦକ୍ଷେପ

ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବା ପରେ ତାଙ୍କ ନିଜ ସ୍ୱାର୍ଥକୁ ଅଗ୍ରାଧିକାର ଦେବା ସହିତ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଦିଗରେ ପ୍ରୟାସ ଜାରି ରଖିଥିବାର ଲକ୍ଷ୍ୟ କରାଯାଉଛି। ଆମେରିକାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ତଥା ଶତ୍ରୁ ଦେଶ ରୂପେ ପରିଚିତ ରୁଷ ସହ ସୁସମ୍ପର୍କ ପ୍ରତିଷ୍ଠା ନିମନ୍ତେ ଟ୍ରମ୍ପଙ୍କ ଆଗ୍ରହ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଛି। ରାଷ୍ଟ୍ରପତି ନିର୍ବାଚନରେ ବିଜୟ ହାସଲ କରିବା ପରେ ଦେଢ଼ବର୍ଷ ଧରି ଚାଲିଥିବା ହମାସ୍-ଇସ୍ରାଏଲ୍ ଯୁଦ୍ଧର ପରିସମାପ୍ତି ଘଟାଇବାରେ ସେ ଉଦ୍ୟମ ଆରମ୍ଭ କରିଥିଲେ, ଯାହାର ଫଳସ୍ୱରୂପ ସେଠାରେ ଅସ୍ତ୍ର ବିରତି ରାଜିନାମା ସ୍ୱାକ୍ଷରିତ ହୋଇଥିଲା। ଏବେ ଦୀର୍ଘ ତିନିବର୍ଷ ଧରି ଚାଲିଥିବା ରୁଷ-ୟୁକ୍ରେନ୍ ଯୁଦ୍ଧକୁ ବନ୍ଦ କରିବା ଲାଗି ସେ ଆନ୍ତରିକ ପ୍ରୟାସ ଆରମ୍ଭ କରିଛନ୍ତି। ବୁଧବାର ଦିନ ରାଷ୍ଟ୍ରପତି ଟ୍ରମ୍ପ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଓ ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନସ୍କିଙ୍କ ସହ ଏଥିନେଇ ଦୀର୍ଘ ସମୟ ଫୋନ୍‌ରେ ଆଲୋଚନା କରିଥିଲେ। ପୁଟିନ୍ ଓ ତାଙ୍କ ସହକର୍ମୀଙ୍କ ସହ ଆଲୋଚନା ବେଶ୍ ସକାରାତ୍ମକ ହୋଇଥିବା ଏବଂ ଦୁଇ ରାଷ୍ଟ୍ରନାୟକ ପରସ୍ପରକୁ ନିଜ ନିଜ ଦେଶକୁ ଆମନ୍ତ୍ରଣ କରିବା ବିଶ୍ୱରେ ଉତ୍ତେଜନା ହ୍ରାସ କ୍ଷେତ୍ରରେ ଏକ ପଦକ୍ଷେପ କହିଲେ ଅତ୍ୟୁକ୍ତି ହେବନାହିଁ। ଆମେରିକା ଓ ରୁଷ ମଧ୍ୟରେ ଦୂରତ୍ୱ ହ୍ରାସ କରିବାକୁ ଟ୍ରମ୍ପଙ୍କ ଆଗ୍ରହ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବାକୁ ଯାଉଛି। ପୂର୍ବରୁ ଜୋ ବାଇଡେନ୍ ରାଷ୍ଟ୍ରପତି ଥିବା ସମୟରେ ଆମେରିକା ରୁଷ ବିରୋଧରେ କଠୋର ଅଭିମୁଖ୍ୟ ଗ୍ରହଣ କରି ୟୁକ୍ରେନ୍‌କୁ ଯୁଦ୍ଧରେ ସବୁପ୍ରକାର ସାହାଯ୍ୟ ସହଯୋଗ କରିଥିଲେ। ଆମେରିକାର ଆର୍ଥିକ ଓ ସାମରିକ ସହାୟତା ପାଇ ୟୁକ୍ରେନ୍ ବଳଶାଳୀ ହେବା ସଙ୍ଗେ ସଙ୍ଗେ ଯୁଦ୍ଧକୁ ଏତେଦିନ କାଳ ଚଳାଇ ରଖିବାକୁ ସକ୍ଷମ ହୋଇଛି। କେବଳ ସେତିକି ନୁହେଁ, ୟୁକ୍ରେନ୍ ଯେପରି ଆମେରିକା ନେତୃତ୍ୱାଧୀନ 'ନାଟୋ' ଗୋଷ୍ଠୀର ସଦସ୍ୟ ହେବ, ସେ ଦିଗରେ ପୂର୍ବ ରାଷ୍ଟ୍ରପତି ବାଇଡେନ୍ ଆଗ୍ରହୀ ଥିଲେ ଓ ଉଦ୍ୟମ ଆରମ୍ଭ କରିଥିଲେ। ମାତ୍ର ଟ୍ରମ୍ପ ଭିନ୍ନ ଆଭିମୁଖ୍ୟ ନେଇ ୟୁକ୍ରେନ୍‌ର 'ନାଟୋ' ସଦସ୍ୟତା ଚାହୁଁନଥିବା ଜଣାପଡ଼ିଛି। ତାଙ୍କର ଏହି ପଦକ୍ଷେପ 'ନାଟୋ' ବିରୋଧୀ ରୁଷ୍‌କୁ ଅନେକାଂଶରେ ସନ୍ତୁଷ୍ଟ କରିବ ବୋଲି ଆଶା କରାଯାଉଛି। ୟୁକ୍ରେନ୍ ବଦଳରେ ଆମେରିକା ରୁଷ ଆଡ଼କୁ ଅଧିକ ଢଳିବା ଭାରତ ପାଇଁ ଏହା ଏକ ଉତ୍ସାହଜନକ ଖବର, ଏଥିରେ ସନ୍ଦେହ ନାହିଁ। କାରଣ ରୁଷ ରାଷ୍ଟ୍ରପତି ପୁଟିନ୍‌ଙ୍କ ସହ ଭାରତର ଘନିଷ୍ଠ ବନ୍ଧୁତ୍ୱ ରହିଥିବା ବେଳେ ଉଭୟ ଦେଶ ଭିତରେ ଯଥେଷ୍ଟ ବାଣିଜ୍ୟିକ ସମ୍ପର୍କ ରହିଛି। କେବଳ ଆମେରିକା ଭୟରେ ଭାରତ ଏ କ୍ଷେତ୍ରରେ ବିଶେଷ ଆଗେଇ ପାରୁନଥିଲା। ମାତ୍ର ବର୍ତ୍ତମାନର ଟ୍ରମ୍ପ ପ୍ରଶାସନ ରୁଷର ନିକଟବର୍ତ୍ତୀ ହେଲେ ଭବିଷ୍ୟତରେ ରୁଷ ସହ କୌଣସି ରାଜିନାମା କରିବାକୁ ଭାରତର ଚିନ୍ତା ରହିବ ନାହିଁ। ଟ୍ରମ୍ପଙ୍କ ପୂର୍ବରୁ ଆମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ରୁଷ-ୟୁକ୍ରେନ୍ ଯୁଦ୍ଧର ଅନ୍ତ ଘଟାଇବାକୁ ନିଷ୍ଠାର ସହ ପ୍ରୟାସ କରିଥିଲେ। ଏଥି ନିମନ୍ତେ ସେ ରୁଷ ଓ ୟୁକ୍ରେନ୍ ରାଷ୍ଟ୍ରପତିଙ୍କ ସହ ପୃଥକ୍ ଭାବେ ଆଲୋଚନା କରିଥିଲେ। ମାତ୍ର ଏହି ଉଦ୍ୟମ ବିଶେଷ ଫଳପ୍ରଦ ହୋଇନଥିଲା। ଏବେ ଏ କ୍ଷେତ୍ରରେ ଟ୍ରମ୍ପଙ୍କ ସାମ୍ପ୍ରତିକ ଉଦ୍ୟମ ସମାଧାନର ଲକ୍ଷ୍ୟ ବାଟ ଫିଟାଇବ ବୋଲି ଆଶା କରାଯାଉଛି। ବିଶେଷ କରି ଆମେରିକା ୟୁକ୍ରେନ୍‌କୁ ପୂର୍ବଭଳି ବଡ଼ଧରଣର ଆର୍ଥିକ ଓ ସାମରିକ ସହାୟତା ନଦେବା ଲାଗି ନିଷ୍ପତ୍ତି ନେବା ଫଳରେ ୟୁକ୍ରେନ୍ ଜିଦ୍‌ଖୋର ମନୋଭାବ ପରିହାର କରି ଆଲୋଚନା ଟେବୁଲ୍‌କୁ ଆସିବା ପାଇଁ ବାଧ୍ୟ ହେବ। ରୁଷ-ୟୁକ୍ରେନ୍ ଯୁଦ୍ଧର ଯେତେଶୀଘ୍ର ଅନ୍ତ ଘଟିବ ବିଶ୍ୱଶାନ୍ତି ଓ ମାନବଜାତିର କଲ୍ୟାଣ ନିମନ୍ତେ ତାହା ସେତିକି ସହାୟକ ହୋଇପାରିବ।

# ଜୟ ନିରତ ନିରନ୍ତର କର୍ମ, ଜୟ ଜୀବନର ଧର୍ମ



ପ୍ରଦୋଷ କୁମାର ଦାସ
ନାଚୁଣୀ, ଖୋର୍ଦ୍ଧା
ମୋ: ୬୩୭୦୪୯୫୯୪୪

ଶ୍ରୀମଦ ଭଗବତ୍ ଗୀତାର ତୃତୀୟ ଅଧ୍ୟାୟ ଅନ୍ତର୍ଗତ ଶ୍ଳୋକ-୮ରେ ଭଗବାନ ଶ୍ରୀକୃଷ୍ଣ ନିଜର ପ୍ରିୟ ସଖା ଅର୍ଜୁନଙ୍କୁ ବୁଝାଇ କହିଛନ୍ତି-

"ନିୟତଂ କୁରୁ କର୍ମତ୍ୱଂ, କର୍ମଜ୍ୟାୟୋ ହ୍ୟକର୍ମଣହ
ଶରୀରଯାତ୍ରାପି ତ ତେ, ନ ପ୍ରସିଦ୍ଧେଦକର୍ମଣହ"

ଅର୍ଥାତ୍ : ହେ ସଖା, ତୁମେ କର୍ମ ଯୋଗରେ ମନ ଦିଅ। କାରଣ କର୍ମ ଯୋଗ ହେତୁ ଏ ଶରୀର ତିଷ୍ଠି ରହିଅଛି।

ଦୁଃଖ ଓ ପରିତାପର ବିଷୟ, ଏବେ ମଣିଷ ଶ୍ରମ କୁଣ୍ଠ ଓ କର୍ମ କୁଣ୍ଠ ହୋଇ ସୁବିଧାବାଦୀ ଜୀବନ ବିତାଇବାକୁ ଭାରି ବ୍ୟଗ୍ର। ପରଜୀବୀ ସମାନ ମୋଫତରେ କାର୍ଯ୍ୟ ହାସଲ କରିବାର ରୁଚି ରଖି ଏକ ପ୍ରକାର ଶ୍ରମ ରହିତ ଅପାଂକ୍ତେୟ ଜୀବନକୁ ଉପଭୋଗ କରିବାକୁ ଗଭୀର ଆଶାବାଦୀ। ଆପଣା କର୍ତ୍ତବ୍ୟ କର୍ମ ଉପରେ ଆଧାରିତ ଉପାର୍ଜନ କରିବାକୁ ଶଠ ମଣିଷଟି ଆଜିକାଲି ବହୁ ସଂଖ୍ୟାରେ ବିଶେଷ ଅମନଯୋଗୀ। ପରଶ୍ରୀକାତର ମଣିଷଟି ନିଜର ଦକ୍ଷତା ହାସଲ କରି ଉପାର୍ଜନ କରିବାରେ ଏବେ ଭାରି ଉଦାସୀନ ମନୋଭାବ ପୋଷଣ କରୁଥିବା ଦେଖାଯାଏ। କ୍ରମଶଃ ଶ୍ରମ ଉଦାସୀନ ମଣିଷଟି ଦୈନନ୍ଦିନ ଜୀବନରେ ନିଜର କର୍ତ୍ତବ୍ୟ କର୍ମକୁ କାର୍ଯ୍ୟରେ ରୂପାୟନ କରିବାରେ ନିଷ୍କ୍ରିୟ ହୋଇଯାଉଛି। ସେ ଜାଣିପାରୁନି, ଏହାର ପ୍ରଭାବରେ ଯେତିକି ଅନ୍ୟ ନିର୍ଭରଶୀଳ ହିତାଧିକାରୀଗଣ ପ୍ରଭାବିତ ହୋଇଥାନ୍ତି, ତତୋଧିକ ସ୍ୱୟଂ ନିଜେ ମଧ୍ୟ ପରୋକ୍ଷରେ ଏହା ବୁମେରାଂ ଭଳି ଗଭୀର ଭାବରେ ପ୍ରଭାବିତ। ଶ୍ରମରେ ଆବଶ୍ୟକ ରୁଚି ରଖିପାରୁନଥିବା ହତଭାଗ୍ୟ ମଣିଷଟି ଜାଣିବ ବା କାହୁଁ,

'ଆପଣା ହସ୍ତେ ଜିହ୍ୱା ଛେଦି,
କେ କରିପାରିବ ତାର ପ୍ରତିବାଦୀ।'

କାମ ନକରିଲେ କଦାଚିତ ଏହି ଶରୀର ତିଷ୍ଠିବା ମଧ୍ୟ ଅସମ୍ଭବ ଅଟେ। ଶରୀର ଚାଳନା କରି ନପାରିଲେ ମଣିଷ ହେବ ମୃତ ସମାନ। ସମୟୋପଯୋଗୀ କାମ କରିନପାରିଲେ ଶରୀର ଅବିଳମ୍ବେ ରୋଗ ବ୍ୟାଧି ଜରାଗ୍ରସ୍ତ କବଳିତ ହୋଇଯିବ। ହେଲେ ଅଜ୍ଞାନୀ ମଣିଷଟି ନିଜର କର୍ମମୟ ଜୀବନକୁ ଚଳଚଞ୍ଚଳ ରଖିପାରିଲେ ସିନା ଜୀବନଟି ସରସ ସୁନ୍ଦର ହୋଇପାରିବ! କିନ୍ତୁ, ଅଳସୁଆ, ଠକ ଓ ଶଠ ମଣିଷର ଶ୍ରମ କୁଣ୍ଠତାରୁ ସକଳ ସୁସ୍ଥତା ଓ ସୁଖ ସମୃଦ୍ଧିର ଜୀବନ ନିହିତ ଅଟେ ବୋଲି ତା'ର ତର୍ଜମା ନାହିଁ କହିଲେ ଚଳେ।

କାହିଁକି କେଜାଣି, ସମୟକ୍ରମେ ମଣିଷଟି ଆପଣା କର୍ତ୍ତବ୍ୟ କର୍ମ ସମ୍ପାଦନରେ ବେଶ ନିରୁତ୍ସାହିତ ?

ଏବେ କଠିନ କାମ କରିବାକୁ ମଜୁରିଆ ମିଳୁନାହାନ୍ତି। ଯଦି କୌଣସି ବିଲବାଡ଼ି, ଗୃହ ନିର୍ମାଣ କାର୍ଯ୍ୟର ମୂଳ ମଜୁରିଆ, ଅନ୍ୟାନ୍ୟ କୁଶଳୀ ଅଣକୁଶଳୀ ଶ୍ରମିକଙ୍କର ଖୋଜା/ ଲୋଡ଼ା ପଡ଼ିଥାଏ, ତେବେ ମୂଳ ମଜୁରିଆ, ଶ୍ରମିକଙ୍କର ପ୍ରଥମ ପ୍ରଶ୍ନରେ, କେଉଁ କାମ ? କଠିନ କାମ ଶୁଣିଲେ ମୁହଁ ଫେରେଇ ନିଅନ୍ତି। କଠିନ କାମ ହୋଇଥିଲେ ଶ୍ରମିକଟି ଆଳ ଦେଖାଇ ମଜୁରି ଖଟିବାକୁ ଅମଙ୍ଗ ହୋଇଥାଏ। ଶେଷରେ ମଜୁଆଟିକୁ ଗୋଡହାତ ଧରି ଲୋଭ ଦେଖାଇ କାମରେ ଲଗାଇବାକୁ ପଡ଼ିଥାଏ। ଆଜିକାଲି ମୂଳ ମଜୁରିଆଙ୍କର ମଜୁରି ଖଟିବାର ଅଜବ ଓକିଲାତି ଶୁଣିଲେ ମଧ୍ୟ ଅସହାୟ ଲାଗେ। ଶ୍ରମିକ ଅନ୍ୱେଷଣକାରୀ ମାଲିକଟି ଚଢ଼ା ମଜୁରି ସହିତ ଅତିଥି ସତ୍କାର କରି ମଧ୍ୟ ଅନେକ କ୍ଷେତ୍ରରେ ନିଜର ଆବଶ୍ୟକ କର୍ମ ସଂପାଦନରେ ଅସମର୍ଥ ହୋଇପଡ଼େ। ମାଲିକଟିକୁ ଉଭୟ ଅର୍ଥ ଓ ସମୟ ଶ୍ରାନ୍ତ କରି କାମଟିକୁ କିପରି ସାରିବା ନ୍ୟାୟରେ ଦିନେ ଦୁଇ ଦିନର କାମକୁ ପାଞ୍ଚ ଦିନରେ ସଂପାଦନ କରାଇବାକୁ ବାଧ୍ୟ ହୋଇଥାଏ। ଅନ୍ୟପକ୍ଷରେ ମଧ୍ୟ କେତେକ ମୁଷ୍ଟିମେୟ ନ୍ୟସ୍ତ ସ୍ୱାର୍ଥ ହାସଲକାରୀ ମାଲିକ ମଧ୍ୟ କେତେକ କ୍ଷେତ୍ରରେ ଉପାର୍ଜନ ଆଶାୟୀ ଅସହାୟ ଶ୍ରମିକଟିର ଅସହାୟତାର ଫାଇଦା ଉଠାଇ ତାକୁ ଫନ୍ଦି ଫିକରେ ଉଚିତ କର୍ମକୁ ଉଚିତ୍ ମଜୁରୀ ଦେବାରେ ଟାଳଟୁଳ କରି ଶ୍ରମ ଶୋଷଣର ଉଦାହରଣ ପାଲଟିଥାଏ। ଉଭୟ କ୍ଷେତ୍ରରେ ଶ୍ରମିକ ଓ ଶ୍ରମ ବିନିଯୋଗ କାରୀଙ୍କ ମଧ୍ୟରେ ପାରସ୍ପରିକ ସହଯୋଗ ଓ ବିଶ୍ୱାସ ଭାଜନର ଅଭାବରୁ ବିସଙ୍ଗତି ପରିଲକ୍ଷିତ ହୁଏ।

ଆପଣ ନିଜକୁ ତଥା ନିଜ ନିଜ ଜ୍ଞାତି ପରିବାର ପରିଜନଙ୍କର ଶ୍ରମ କୁଣ୍ଠ ଜୀବନକୁ ଟିକିଏ ନିରିଖେଇ ଦେଖନ୍ତୁ ତ ! ଘରେ ଘରେ ଅନେକ ଏପରି ସୁବିଧାବାଦୀ ସଦସ୍ୟ ରହିଥିବେ, ଆପଣା ଘରୋଇ କର୍ମ ସଂପାଦନରେ ଆବଶ୍ୟକ ଶ୍ରମ ବିନିଯୋଗ କରି ଶ୍ରମ ଝାଳ କାଢ଼ିବାକୁ ଆଗ୍ରହର ଅଭାବ ରଖୁଥିବା ବିଶେଷ ଅନୁଭବନୀୟ। ଘରେ ଅବା ସାଂଗଠନିକ କ୍ଷେତ୍ରରେ ଯିଏ ଖଟୁଥିବ ତ ଖଟୁଥିବ। ସୁବିଧାବାଦୀ କିଛି ବ୍ୟକ୍ତି ସହଯୋଗର ମାନସିକତା ମଧ୍ୟ ରଖୁନଥିବେ। ଶୀତ ଖରା ବର୍ଷାରେ ଘରେ ବର୍ଷ ତମାମ ମହିଳାଟିଏ ସାରା ପରିବାର ପାଇଁ ଅବିରତ ରନ୍ଧନ କାର୍ଯ୍ୟ ସଂପାଦନ କରି ସମସ୍ତଙ୍କର ମନ ଜାଣି ଖାଦ୍ୟ ପରିବେଷଣ କରିଥାଏ। ଏଥିସହିତ ସମସ୍ତଙ୍କର ବାସନ ମାଜିବା ମାଜିବା ପରେ ମଧ୍ୟ ତାଙ୍କ କଥା କେହି ବୁଝୁନଥିବେ। ଏପରିକି ତାଙ୍କର ସାରା ଘର ପାଇଁ ଶ୍ରମର ଚାପ ସମ୍ଭାଳିବାକୁ ଅନେକ ହେୟ ଜ୍ଞାନ କରିବା ପରିଲକ୍ଷିତ ହୋଇଥାଏ। ଘରେ ସକ୍ଷମ ସଦସ୍ୟଟିଏ ଯଦି ଘରର ଦୈନନ୍ଦିନ କର୍ମମୟ ଜୀବନରେ ଆବଶ୍ୟକ ବିଭିନ୍ନ କର୍ତ୍ତବ୍ୟ କର୍ମ ସମ୍ପାଦନରେ ସହଯୋଗ କରିବାକୁ ଆଗ୍ରହ ରଖିପାରନ୍ତେ, ତେବେ ଆବଶ୍ୟକ ଯେକୌଣସି ଶ୍ରମଟି ଅବିଳମ୍ବେ ସମୁଚିତ ଓ ସୁଲଭ ଉପାୟରେ ସମ୍ପାଦନ କରିବାରେ କାହାରିକୁ କେବେ ବୋଝ ଲାଗନ୍ତା ନାହିଁ। ଏଥିରେ ପାରସ୍ପରିକ ଉତ୍ତମ ବୁଝାମଣାର ବାତାବରଣ ସୃଷ୍ଟି ହୋଇପାରନ୍ତା। ଶ୍ରମକୁଣ୍ଠ ଲୋକଙ୍କ ପାଖରେ ସେହି ମାନସିକତା ଆସିବ ବା କାହୁଁ ?

ଅନେକ ସରକାରୀ/ ବେସରକାରୀ ଅନୁଷ୍ଠାନ, ବ୍ୟାଙ୍କ ଆଦି ବିଭିନ୍ନ ସେବା ପ୍ରଦାନକାରୀ ସଂସ୍ଥା/ ପ୍ରତିଷ୍ଠାନରେ ନିୟୋଜିତ ବିଭିନ୍ନ କର୍ମଜୀବୀ କର୍ମଚାରୀ ଦରମା ପାଇ ମଧ୍ୟ ନିଜର ସାମର୍ଥ୍ୟ ତଥା ଦାୟିତ୍ୱ ଅନୁସାରେ ସମୟ ଉପଯୋଗୀ ସେବା ପ୍ରଦାନ କରିବାରେ ବେପରୁଆ ମନୋଭାବ ପୋଷଣ କରିଥାନ୍ତି। ସେବା ଉପଲବ୍ଧ ଥାଇ ମଧ୍ୟ ଦୂରଦୂରାନ୍ତର ହିତାଧିକାରୀଟିଏକୁ ମଧ୍ୟ ଦିନକର କାମଟିଏ ପାଇଁ ଏକାଧିକବାର ଅଫିସରୁ ଅଫିସ ଦୌଡିବାକୁ ପଡୁଛି। କେତେକ ସେବା ପ୍ରଦାନକାରୀ ସଂସ୍ଥାରେ ଆପଣା ହକ୍‌ର/ନ୍ୟାୟର ସେବାପ୍ରାପ୍ତି ପାଇଁ ଘଣ୍ଟା ଘଣ୍ଟା ଧରି ଲମ୍ବା ଧାଡ଼ିରେ ସମୟ କାଟୁଥିବା ଦେଖିବାକୁ ମିଳେ।

ସମସ୍ତେ କଥା କଥାରେ କୁହନ୍ତି, ଓଡ଼ିଶା, କ'ଣ ପ୍ରତି ରାଜ୍ୟ ତଥା ଆମର ସାରା ଦେଶରେ ଗରିବୀ ରହିଛି। ଅଭାବ ଅନଟନ ରହିଛି। ହେଲେ ସକ୍ଷମତା ଥାଇ ଶ୍ରମ କୁଣ୍ଠ, କର୍ମ ଉଦାସୀନ ବ୍ୟକ୍ତି ବିଶେଷଙ୍କ ପାଇଁ ଏହି ଆର୍ଥିକ ଅଭାବବୋଧତା ପାଇଁ ଆଜି ସାରା ଦେଶ ହୁଏତ ଅନେକାଂଶରେ ପ୍ରଭାବିତ। ଏହା ଆପଣା ଶ୍ରମ ଓ ଜ୍ଞାନର ଉପଯୋଗ କରି ଆଶାୟୀ ଯେକେହି ଆପଣାର ରୋଜଗାରକୁ ପାଥେୟ କରି ସ୍ୱ ଅର୍ଜିତ ଅର୍ଥ ଅପାର୍ଜନକାରୀଟିଏ ଯଦି ନିଜର ଶ୍ରମ ବିନିଯୋଗିତାରେ ସ୍ୱାଭିମାନ ରଖିପାରନ୍ତା, ତେବେ ଦେଶର ଆର୍ଥିକ ପ୍ରଗତିରେ ନିଶ୍ଚୟ ସୁଧାର ଆସିବା ସହିତ ସମୃଦ୍ଧି ଲାଭ କରିପାରନ୍ତା। ତେବେ ସବୁଠାରୁ ଚିନ୍ତାର ବିଷୟ, ଅନେକ କ୍ଷେତ୍ରରେ ଶ୍ରମର ହରିଲୁଟ ହେଉଛି। ଏହି କାରଣରୁ ଅନେକ କ୍ଷେତ୍ରରେ ତଦନୁରୂପ ଶ୍ରମ କୁଣ୍ଠାର ମଧ୍ୟ ପରିଲକ୍ଷିତ ହେଉଛି। ଶ୍ରମ ସଂପାଦନ ଓ ଏହାର ସୁବିନିଯୋଗ ସହିତ ଶ୍ରମିକୁ ଉଚିତ ପ୍ରାପ୍ୟ ପ୍ରଦାନ ପାଇଁ ପାରସ୍ପରିକ ବୁଝାମଣା ଓ ନ୍ୟାୟ ନରହିପାରିଲେ ସାଧାରଣତଃ ଦାରିଦ୍ର୍ୟତା ଦେଖାଯିବା ନିଃସନ୍ଦେହ। ଅପରପକ୍ଷରେ ସକ୍ଷମ ମଣିଷଟିଏ ଯଦି ଇଚ୍ଛାଶକ୍ତିର ଅଭାବ ବୋଧତା ରଖିବ, ତା'ର ଯଦି ସୁବିଧାବାଦୀ ମାନସିକତା ରହିବ, ତତ୍କାଳ ଉପାର୍ଜନ ପାଇଁ ବ୍ୟାକୁଳତା ରହିବ, ଶ୍ରମ ନକରି ଅନ୍ୟ ଉପରେ ଅଯଥାରେ ନିର୍ଭରଶୀଳ ହୋଇଯିବ, ତେବେ ତାହା କାହାର ପ୍ରଗତିର କାରଣ ହେବନାହିଁ। ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାର ଫାଇଦା ଉଠାଇ ରାଜନୈତିକ ଛତ୍ରଛାୟା ତଳେ ରହି ସୁବିଧା ହାସଲକାରୀ ଅଯୋଗ୍ୟ ହିତାଧିକାରୀ ଏବେ ଆଗ ଧାଡିରେ କର୍ମ କୁଣ୍ଠ ଓ ଶ୍ରମ କୁଣ୍ଠ ବ୍ୟକ୍ତି ବିଶେଷ। ଏବେ ସେହି ମାଗଣା ମାନସିକଧାରୀଙ୍କ ଲଜ୍ଜାହୀନତା କାରଣରୁ ଆଜି ସବୁଠାରେ ଶ୍ରମଜୀବୀଙ୍କ କୃତ୍ରିମ ଅଭାବକୁ ସମସ୍ତେ ମର୍ମେ ମର୍ମେ ଅନୁଭବ କରୁଥିବେ। ହିତାଧିକାରୀ ଅସହାୟ ମଣିଷଟି ପାଇଁ ସରକାରୀ ସ୍ତରରେ ଉଦ୍ଦିଷ୍ଟ ଜନକଲ୍ୟାଣ ଯୋଜନାଟି ଉପଲବ୍ଧ କରାଇ ଏହାର ସଠିକ ରୂପାୟନରେ କେତେଜଣ ନିଜର ସକ୍ଷମତା ପ୍ରତିପାଦନ କରିଛନ୍ତି, ତାହା ହୁଏତ ଆଦର୍ଶସ୍ଥାନୀୟ ବ୍ୟକ୍ତି ବିଶେଷଙ୍କ ସଂଖ୍ୟା ହାତଗଣତି ହୋଇପାରେ। କାହିଁକି ଆମେମାନେ ଏତେ ଅସହାୟ ଓ ଅଯଥାରେ ପରଶ୍ରୀକାତର, ସୁବିଧାବାଦୀ ଅଯଥାରେ ଅଭାବବୋଧତାରେ ଅହରହ ସନ୍ତୁଳିତ ତାହା କ'ଣ ଆପଣା ବିବେକକୁ ଦହନ କରୁନାହିଁ କି ! ଏହା ନିଶ୍ଚିତ ଭାବରେ ଗୋଟିଏ ରାଷ୍ଟ୍ରର ପ୍ରଗତିରେ ବାଧକ ସୃଷ୍ଟି କରିବା ନିଃସନ୍ଦେହ। ଆଳସ୍ୟବର୍ଜିତ ହୋଇ ନିରନ୍ତର ଶ୍ରମ ପ୍ରକ୍ରିୟା ଜାରି ରଖି ଆପଣା ସକ୍ଷମାନୁସାରେ ଶ୍ରମଶକ୍ତିର ବିନିଯୋଗ ଓ ସ୍ୱାଭିମାନ ରକ୍ଷା ପାଇଁ ସ୍ୱ ଅର୍ଜିତ ଉପାର୍ଜନ ଦିଗରେ ମନୋନିବେଶ କରିପାରିଲେ ଏହା ହୁଏତ ଆପଣା ସୁସ୍ଥ ସୁଖି ସମୃଦ୍ଧ ଜୀବନ ରକ୍ଷାର ଅଧିକାରୀ ହୋଇପାରିବ। ଦେଶର ଅର୍ଥନୈତିକ କଲ୍ୟାଣ ଓ ହିତ ପାଇଁ ସମସ୍ତେ ସଂଗଠିତ ଉପାୟରେ ଆମ ସମସ୍ତଙ୍କୁ ଏ ଦିଗରେ ଆବଶ୍ୟକ ସଚେତନତା ସୃଷ୍ଟି କରିବା ପାଇଁ ଉଦ୍ୟମ କରିବାକୁ ହେବ। ଏଣୁ ଭାଗବତବାଣୀ ଅନୁସାରେ କର୍ମ ଯୋଗୀ ହୋଇ କର୍ମରେ ବିଶ୍ୱାସ ରଖି ଆମେ ସମସ୍ତେ ପଲ୍ଲୀ ଠାରୁ ଦିଲ୍ଲୀ, ଗ୍ରାମାଞ୍ଚଳରୁ ସହରାଞ୍ଚଳ କର୍ମ ତତ୍ପର ହେବାକୁ ପଡିବ। ଏହାକୁ ଆହ୍ୱାନ ଭାବେ ଗ୍ରହଣ କରି କର୍ମ ଓ ଶ୍ରମ କୁଣ୍ଠ ନହୋଇ କର୍ମଯୋଗରେ ନିଜକୁ ନିରତ ନିୟୋଜିତ କରାଇ ଆବଶ୍ୟକ ଶ୍ରମର ଦକ୍ଷତା ମୁତାବକ ଏହାର ଜୟ ବିନିଯୋଗ କରି ଉପାର୍ଜନ କରିବାକୁ ହେବ। ନିଜର କର୍ତ୍ତବ୍ୟ କର୍ମ ଆଧାରିତ ଦାୟିତ୍ୱ ବୋଧତା ଉପରେ ବିଶ୍ୱାସ ଆଣିବାକୁ ହେବ।

ଜୟ ନିରତ ନିରନ୍ତର କର୍ମ ॥ ଜୟ ଜୀବନର ଧର୍ମ ॥

# 'ପରୀକ୍ଷା ପେ ଚର୍ଚ୍ଚା'ର ଭିତ୍ତି ଓ ଭୂମିକା



ଡକ୍ଟର ରମେଶ ପାଣି

ପ୍ରତ୍ୟେକ ରାଷ୍ଟ୍ରର ମାନବ ସମ୍ବଳ ବିକାଶର ମୂଳ ଭିତ୍ତି ହେଲା ଶିକ୍ଷା। ଗୋଟିଏ ଜାତିର ସାମାଜିକ ଓ ସାଂସ୍କୃତିକ ବିକାଶ ସହିତ ମାନବର ସମସ୍ତ ପ୍ରଗତିର ଭିତ୍ତିଭୂମି ଶିକ୍ଷାକୁ ନେଇ ସୁଦୃଢ଼ ହୋଇଥାଏ । ଶିକ୍ଷା ଉନ୍ନତି ପାଇଁ ଏକ ଶିଡି ସଦୃଶ । ତେଣୁ ମାନବ ସମ୍ବଳ ବିକାଶରେ ଶିକ୍ଷାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସ୍ୱାଧୀନତା ପ୍ରାପ୍ତି ପରେ ଶିକ୍ଷା ଜାତୀୟ ଉନ୍ନୟନ ଯୋଜନାର ଏକ ପ୍ରମୁଖ ଅଙ୍ଗ ରୂପେ ପ୍ରାଧାନ୍ୟ ଲାଭ କରିଛି ଏବଂ ଆବଶ୍ୟକତା ଓ ସମୟର ଆହ୍ୱାନ ନେଇ ବିଭିନ୍ନ ସମୟରେ ପ୍ରବର୍ତ୍ତିତ ଶିକ୍ଷାନୀତି ଗୁଡିକର ପରିବର୍ତ୍ତନ କରାଯାଇଛି । କାରଣ ଭାରତର ଭବିଷ୍ୟତ ବଂଶଧରମାନଙ୍କ ପାଇଁ ଶିକ୍ଷାର ଆବଶ୍ୟକତା ସମ୍ପର୍କରେ କୋଠାରୀ କମିଶନ ତାଙ୍କ ଉପକ୍ରମଣିକାରେ କହିଛନ୍ତି।

ଶ୍ରେଣୀ ଗୃହରେ ହିଁ ଭାରତର ଭାଗ୍ୟ ନିର୍ଣ୍ଣୟ ହେଉଅଛି । ଆଜି ଏହା ଆମ ଲୋକପ୍ରିୟ ପ୍ରଧାନମନ୍ତ୍ରୀ ଆଜି ଭାରତର ଭାଗ୍ୟ ନିର୍ଣ୍ଣୟ କରୁଥିବା ବିଦ୍ୟାର୍ଥୀ, ଛାତ୍ରଛାତ୍ରୀ ମାନଙ୍କୁ ଏକ ବୃହତ୍ତର ଜୀବନବୋଧର ଉପଲବ୍ଧି ସହିତ ନିଜର ପ୍ରତିଭା, ସାମର୍ଥ୍ୟକୁ ଆଖିରେ ରଖି ଏକ ଚାପମୁକ୍ତ ପରୀକ୍ଷା ସମ୍ପର୍କରେ ଯେଉଁ କ୍ରମାଗତ ବାର୍ତ୍ତାଳାପର ଧାରା ଜାରି ରଖିଛନ୍ତି ସମାଜର ସବୁ ବର୍ଗର ମୁକ୍ତଚିନ୍ତନ ଆଉ କେବଳ ମାର୍ଗଟିଏ ଉନ୍ମୋଚିତ କରୁନାହିଁ ବରଂ ଏକ ଜୀବନ ସଂଗ୍ରାମରେ ସଫଳତା ପାଇଁ ମଣିଷକୁ ବିଭିନ୍ନ କ୍ଷେତ୍ରରେ ଯେଉଁ ବାରମ୍ବାର ପରୀକ୍ଷା ଦେବାକୁ ହୋଇଥାଏ, ପର ରହସ୍ୟକୁ ଉନ୍ମୋଚନ କରାଇଛନ୍ତି ଜୀବନର ପରୀକ୍ଷା ଏକ ସ୍ୱାଭାବିକ ଧର୍ମ । ସେହିପରି ଶିକ୍ଷା କ୍ଷେତ୍ରରେ ପରୀକ୍ଷା ସ୍ୱାଭାବିକ କର୍ମ । ତେଣୁ ପରୀକ୍ଷାକୁ ଯଥା ସମ୍ଭବ ଉତ୍ସବମୟ ଭାବେ ବିବେଚିତ କରିବାକୁ ସେ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି।

ପରୀକ୍ଷାର ମୂଳ ଉଦ୍ଦେଶ୍ୟ ଛାତ୍ରଛାତ୍ରୀଙ୍କର ମେଧାଶକ୍ତି ମୂଲ୍ୟାୟନ କରି ପରବର୍ତ୍ତୀ ଅଧ୍ୟୟନ ପାଇଁ ସେ ତାର ଯୋଗ୍ୟତା ପ୍ରତିପାଦନ କରିଥାଏ । କିନ୍ତୁ ଏହି ପରୀକ୍ଷାର କଠୋର ନିୟମ ଭିତରେ ତାର ଇଚ୍ଛାଶକ୍ତି ତାର ପ୍ରବୃତ୍ତିଗତ ପ୍ରତିଭା ତଥା ବିକଳ୍ପ ଚୟନ ପାଇଁ ଯେଉଁ ମୁକ୍ତ ବାତାବରଣ ଅଥବା ବ୍ୟବସ୍ଥା ପାଇଁ ତା ପାଇଁ ସୁଯୋଗ ନଥାଏ ତେଣୁ ସେ ଗଭୀର ମାନସିକ ଚାପରେ ପରୀକ୍ଷାକୁ ଗ୍ରହଣ କରିଥାଏ । ଏକ ଚାପଗ୍ରସ୍ତ ଭାବରେ ସେ ଯନ୍ତ୍ରବତ ପରୀକ୍ଷା ଦେଉଥିବାବେଳେ ଯେଉଁ ଅସୁରକ୍ଷିତ ସଫଳତା ପାଇଁ ଆତଙ୍କିତ ଥାଏ । ପରୀକ୍ଷା ସମ୍ପର୍କିତ ଏହିପରି ଅନେକ ଉଦାହରଣ ନେଇ ପରୀକ୍ଷାର ଗତାନୁଗତିକ ଢାଞ୍ଚା ତଥା ପ୍ରଣାଳୀର ପରିବର୍ତ୍ତନ ଆଣିବାକୁ ଆହ୍ୱାନ ଜଣାଇଛନ୍ତି । ଯେଉଁଠି ବିଦ୍ୟାର୍ଥୀଟିଏ ଅସୁରକ୍ଷିତ ବିକଳ୍ପହୀନ, ଶଙ୍କାଗ୍ରସ୍ତ ଭାବେ ପରୀକ୍ଷାକୁ ଶିକ୍ଷାର ସଂକଟ ଭାବେ ନ ଦେଖୁ ପରନ୍ତୁ ତା ଜ୍ଞାନର ପରିଧିର ବ୍ୟାପକତାରେ ତାର ସୃଜନଶୀଳତା, ଚିନ୍ତନଶକ୍ତିର ପରିଚୟ ନେଇ ପରୀକ୍ଷାକୁ ସାମ୍ନା କରୁ । ଗୋଟିଏ ଉତ୍ସବ ଭଳି ପରୀକ୍ଷାକୁ ସ୍ୱାଗତ କରୁ । ଅପେକ୍ଷା କରୁ ବାରମ୍ବାର ପରୀକ୍ଷାର ଆଗମନକୁ । ଅସାଧୁ ଉପାୟ ନୁହେଁ କିମ୍ବା ଭାଗ୍ୟବାଦୀ ଭାବେ ନୁହେଁ, କର୍ମବାଦୀ ଭାବେ ନିଜର କଠିନ ପରିଶ୍ରମର ପରାକାଷ୍ଠାକୁ ଉଦଭାଷିତ କରିବାକୁ ସଂକଳ୍ପ ନେଇ ନିଜକୁ ପ୍ରସ୍ତୁତ କରୁ ପ୍ରତିଟି ପରୀକ୍ଷାକୁ ଏକ ନୂତନ ସମ୍ଭାବନାମୟ ଦିଗବଳୟରୁ ଅନ୍ୟ ଏକ ଦିଗବଳୟର ଆବିଷ୍କାର ମନସ୍ଥ ହୋଇ ।

ଏଥିପାଇଁ ଶ୍ରେଣୀ ଗୃହ କେବଳ ନୁହେଁ କିମ୍ବା ଗୋଟିଏ ବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ବି ନିର୍ଦ୍ଦିଷ୍ଟ ନୁହେଁ । ଶିକ୍ଷା ଯେପରି ସର୍ବଗ୍ରାହ୍ୟ ପରୀକ୍ଷା ସେହିପରି ମୁକ୍ତ, ଅବାଧ ଏବଂ ଛାତ୍ରଛାତ୍ରୀଙ୍କ ପରିବେଶ ଓ ପରିସ୍ଥିତି ଅଭିମୁଖୀ ହେବା ବାଞ୍ଛନୀୟ । ତେଣୁ ଗୋଟିଏ ଶିକ୍ଷାନୀତି ଭିତରେ ଛାତ୍ରଛାତ୍ରୀ ସହିତ ଅଭିଭାବକ, ଶିକ୍ଷକ, ଶିକ୍ଷାନୁଷ୍ଠାନ ଏବଂ ବ୍ୟବସ୍ଥାଗତ ପରିଚାଳକ ମାନଙ୍କ ମାନସିକ ପରବର୍ତ୍ତନ ସହିତ ଏକ ଆଚରଣସିଦ୍ଧ ବିଶ୍ୱଦୃଷ୍ଟି ଆବଶ୍ୟକ । ପରୀକ୍ଷାର୍ଥୀର ମୌଳିକ ଜ୍ଞାନ, ପାଣ୍ଡିତ୍ୟ ଅପେକ୍ଷା ତାର ଜୀବନଦର୍ଶନର ମୌଳିକ ଉତ୍ସ ଗୁଡିକୁ ଉଦଘାଟନ କରି ତାକୁ ପରୀକ୍ଷାୟିତ କରାଗଲେ ପରୀକ୍ଷା ଆତଙ୍କର କାରଣ ନହୋଇ ଉତ୍ସବର ଉପାଦାନ ଭାବେ ଗୃହୀତ ହେବ ।

ପ୍ରାଚୀନ ଭାରତରେ ସା ବିଦ୍ୟା ଯା ବିମୁକ୍ତୟେ ଆଦର୍ଶରେ ଶିକ୍ଷାନୀତି ପ୍ରଚଳିତ ଥିଲା । ମୁକ୍ତ ପରିବେଶ, ତପୋବନ, ଆଶ୍ରମ ଥିଲା ବିଦ୍ୟା ପ୍ରଶିକ୍ଷଣ କେନ୍ଦ୍ର, ଥିଲା ଆଚାର୍ଯ୍ୟମାନଙ୍କ ଦ୍ୱାରା ବିଦ୍ୟାର୍ଥୀମାନଙ୍କ ପ୍ରତ୍ୟକ୍ଷ ଜୀବନ ପ୍ରତ୍ୟୟର ଆତ୍ମବିଶ୍ଳେଷଣର ପ୍ରଶିକ୍ଷଣ ସିଦ୍ଧ ପ୍ରଦର୍ଶନ ଥିଲା ପରୀକ୍ଷା । ପ୍ରତ୍ୟେକ ବିଦ୍ୟାର୍ଥୀ ଗୁରୁଙ୍କ ଏ ପରୀକ୍ଷା ପାଇଁ ଏକ ଆତୁର ଅପେକ୍ଷା ଥିଲା । ସଂପ୍ରତି ଆମ ଦେଶର ସେହି ଅତୀତ ଭାବକେନ୍ଦ୍ରର ନବୀକରଣର ସମୟ ଆସିଛି । ପ୍ରିୟ ପ୍ରଧାନମନ୍ତ୍ରୀଙ୍କ ପରୀକ୍ଷା ପେ ଚର୍ଚ୍ଚାର ଭିତ୍ତି ଓ ଭୂମିକାକୁ ଅନୁଭବ କରିବାକୁ ଏ ହୁଏତ ଏକ ଛୋଟ ପ୍ରୟାସଟିଏ ବୋଲି ଧରାଯାଇପାରେ । କ୍ରମଶଃ

# ପୋଷ୍ଟକାର୍ଡରେ ଭାଷା ବିପ୍ଳବ



ସତ୍ୟବାଦୀ ବଳିଆରସିଂହ
ସଭାପତି
ଭାଷା ସୁରକ୍ଷା ସମ୍ମିଳନୀ, ଖୋର୍ଦ୍ଧା
ମୋ: ୯୨୩୭୦୮୯୫୦୯

ଓଡ଼ିଆ ଜାତି, ଭାଷା ଓ ସାଧାରଣ ଜନତାଙ୍କ ସମସ୍ୟା ଓ ତା'ର ଉତ୍‌ଥାନ ପାଇଁ ନିରନ୍ତର ସ୍ୱର ଉତ୍ତୋଳନ କରି ଆସୁଥିଲେ, ଯିଏ ଉତ୍କଳ ଗୌରବ ମଧୁସୂଦନ ଓ ଋଷିପ୍ରାଣ ନବକୃଷ୍ଣ ଚୌଧୁରୀଙ୍କୁ ନିଜ ଜୀବନର ଆଦର୍ଶ ଭାବେ ମାନ୍ୟତା ଦେଇ ଆସୁଥିଲେ ସିଏ ଥିଲେ ଭାଷା ସୁରକ୍ଷା ସମ୍ମିଳନୀର ପ୍ରତିଷ୍ଠାତା ସଭାପତି ବୈଷ୍ଣବ ଚରଣ ପରିଡ଼ା। ସିଏ କହି ଆସୁଥିଲେ- "ଭାଷା ଭିତ୍ତିରେ ରାଜ୍ୟ ଗଠନରେ ଭାରତରେ ଓଡ଼ିଶା ପ୍ରଥମ ଏବଂ ନିଜ ପ୍ରାଦେଶିକ ଭାଷାକୁ ପ୍ରଶାସନିକ ଭାଷା କରାଇ ନଦେବାରେ ମଧ୍ୟ ପ୍ରଥମ।" ସ୍ୱାଧୀନତା ପରେ ୧୯୫୪ ମସିହାରୁ ଭାଷା ଆଇନ ପ୍ରଣୟନ ହୋଇଥିଲେ ମଧ୍ୟ କାର୍ଯ୍ୟକାରୀ ନହେବାରୁ ଓଡ଼ିଆ ଭାଷାର ସ୍ଥିତି କ୍ରମଶଃ ଦୁର୍ବଳ ହେବାକୁ ଲାଗିଲା। ଭାଷାର ଅବକ୍ଷୟ ସ୍ଥିତିରେ ଉଦ୍‌ବେଗ ହୋଇ ବୈଷ୍ଣବ ଚରଣ ପରିଡ଼ା ଗଢ଼ିଲେ 'ଭାଷା ସୁରକ୍ଷା ସମ୍ମିଳନୀ'। ସେ କହୁଥିଲେ- "ମାତୃଭାଷା ଓ ମାତୃଭୂମି କୌଣସି ଦଳୀୟ ପ୍ରସଙ୍ଗ ନୁହେଁ, ଏହା ଓଡ଼ିଆମାନଙ୍କର ସ୍ଥିତି ଓ ଅସ୍ମିତାର ପ୍ରଶ୍ନ।"

ବୈଷ୍ଣବ ଚରଣ ପରିଡ଼ାଙ୍କ ଆହ୍ୱାନରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଭାଷା ସୁରକ୍ଷା ସମ୍ମିଳନୀର ଜିଲ୍ଲା ଶାଖା ଓ ବ୍ଲକ୍‌ମାନଙ୍କରେ ବ୍ଲକ୍ ଶାଖାମାନ ଗଠିତ ହେଲା। ସେ ୨୦୧୦ରୁ ୨୦୧୬ ପର୍ଯ୍ୟନ୍ତ ବି.ଜ.ଦ.ର ରାଜ୍ୟସଭା ସାଂସଦ ଥିଲେ । ମାତ୍ର ଦଳୀୟ ସାଂସଦ ଥାଇ ମଧ୍ୟ ନବୀନ ସରକାର ବିରୋଧରେ ଭାଷା ଆନ୍ଦୋଳନର କର୍ଣ୍ଣଧାର ଭାବରେ ସାରା ରାଜ୍ୟ ପରିକ୍ରମା କରି ଭାଷା ସୁରକ୍ଷା ସଂଗ୍ରାମରେ ଯୋଗଦେବା ପାଇଁ ସେ ଯେଭଳି ଭୂମିକା ଗ୍ରହଣ କଲେ ଏବଂ ନବୀନ ପଟ୍ଟନାୟକଙ୍କ ଭାଷା ଶିକ୍ଷାରେ ଉଦାସୀନତାକୁ ନେଇ ସମାଲୋଚନା କଲେ, ସେଥିରୁ ତାଙ୍କ ନିର୍ଭୀକତା ଏବଂ ଭାଷା ପ୍ରତି ପ୍ରୀତି ଓ ପ୍ରତିବଦ୍ଧତାର ପରିଚୟ ମିଳେ। ତାଙ୍କ ସହ ମୋର ବ୍ୟକ୍ତିଗତ ସମ୍ପର୍କ ଥିଲା। ୨୦୧୩ ମସିହା ଫେବୃଆରୀ ମାସ ୧୮ ତାରିଖରେ ଆମ ଗାଁ ରଣପୁର ବ୍ଲକ୍ ଅନ୍ତର୍ଗତ ଗଡ଼ବାଣୀକିଲ ଗାଁରେ ଶହୀଦ ରଘୁ-ଦିବାକର ଡିଗ୍ରୀ ମହାବିଦ୍ୟାଳୟରେ ମୁଖ୍ୟଅତିଥି ରୂପେ ଯୋଗଦେଇ ଯେଉଁ ଦାମ୍ଭିକତାପୂର୍ଣ୍ଣ ଭାଷଣ ଦେଇଥିଲେ ତାହା ସର୍ବଦା ସ୍ମରଣୀୟ ହୋଇ ରହିବ। ସେ ଓଡ଼ିଆ ଭାଷା ଆୟୋଗ ଗଠନ ପାଇଁ ଦାବି କରି ଆସୁଥିଲେ। ନିଶାମୁକ୍ତ ଓଡ଼ିଶା ପାଇଁ ମଧ୍ୟ ଦାବି କରି ଆସୁଥିଲେ। ୨୦୦୯ ଡିସେମ୍ବର ମାସରେ ଲୋହିଆ ଏକାଡେମୀର ଏକ ସଭାରେ ସେ 'ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା' ଦାବି କରି ଏକ ଦୀର୍ଘ ଭାଷଣ ଦେଇଥିଲେ ।



ଅଦମ୍ୟ ଓଡ଼ିଆ ଭାଷାପ୍ରେମୀ ବୈଷ୍ଣବ ଚରଣ ୧୯୪୧ ମସିହା ଫେବୃଆରୀ ୧୫ ତାରିଖରେ ଯାଜପୁର ଜିଲ୍ଲା ମଙ୍ଗଳପୁର ଶ୍ରୀରାମପୁରରେ ଜନ୍ମଗ୍ରହଣ କରିଥିଲେ। ସେ ୨୦୧୮ ନଭେମ୍ବର ୨୨ରେ ଇହଲୀଳା ସମ୍ବରଣ କରିଥିଲେ। ତାଙ୍କ କୀର୍ତ୍ତିରାଜି ମନେ ପକାଇବା ପାଇଁ ଭାଷା ସୁରକ୍ଷା ସମ୍ମିଳନୀର ପ୍ରତ୍ୟେକ ଜିଲ୍ଲା ଓ ବ୍ଲକ୍ ଶାଖାରେ ଉକ୍ତଦିନ ସ୍ମୃତିଚାରଣ ସଭାମାନ କରାଯାଉଛି।

ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ପ୍ରତି ତାଙ୍କର ଜୀବନବ୍ୟାପୀ ସଂଗ୍ରାମକୁ ଓଡ଼ିଆ ଜାତି କେବେ ଭୁଲିପାରିବ ନାହିଁ । ଓଡ଼ିଆ ଭାଷାକୁ ସରକାରୀ ଭାଷା କରିବା ପାଇଁ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ସେ ପୋଷ୍ଟ କାର୍ଡ଼ରେ ଯେଉଁ ବିପ୍ଳବ ସୃଷ୍ଟି କଲେ ତାହା ଆଗାମୀ ଯୁବପୀଢ଼ିଙ୍କୁ ନିଶ୍ଚିତ ବାଟ ଦେଖାଇବ। ସେ ବୁଝିଥିଲେ ଓଡ଼ିଆ ଭାଷା ଜୀବନ ଓ ଜୀବିକାର ଭାଷା ହୋଇପାରି ନଥିବାରୁ ସଙ୍କଟଗ୍ରସ୍ତ ହେଲାଣି। ଏଥିପାଇଁ ସେ ବୁଲି ବୁଲି ଲୋକମାନଙ୍କୁ ସଂଗଠିତ କରିଥିଲେ। ତାଙ୍କର ଭାଷା ପ୍ରୀତି ଦେଖି ବାଙ୍ଗାଲୋର ଠାରେ କର୍ଣ୍ଣାଟକ ଭାଷା ଆୟୋଗ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲା। କର୍ଣ୍ଣାଟକ ଭାଷା ଆୟୋଗ ଢାଞ୍ଚାରେ ଓଡ଼ିଆ ଭାଷା ଆୟୋଗ ଗଠନ କରାଯାଇ ମୁଖ୍ୟ ଶାସନ ସଚିବତୁଲ୍ୟ ଜଣେ ବ୍ୟକ୍ତି ଆୟୋଗ ମୁଖ୍ୟ ହେବା ପାଇଁ ସେ ଦାବି କରି ଆସୁଥିଲେ।

ବୈଷ୍ଣବ ଚରଣ କେବଳ ଜଣେ ଭାଷାପ୍ରେମୀ ନୁହଁନ୍ତି ବରଂ ଜଣେ ବିଶିଷ୍ଟ ସାହିତ୍ୟିକ ଥିଲେ । ସେ ଋଷରେ ୧୫ ବର୍ଷ ରହିବା ଭିତରେ କାର୍ଲମାର୍କ୍ସଙ୍କ କ୍ୟାପିଟାଲ୍, ଗର୍କିଙ୍କ ମା' ତଥା ପ୍ରଥମ ଶିକ୍ଷକ, ଇସ୍ପାତ, ଅପରାଜିତ, ବିଦାୟ ଗୁଲସାରୀ ଆଦି ୮୭ଖଣ୍ଡ ପୁସ୍ତକ ଓଡ଼ିଆରେ ଅନୁବାଦ କରିଛନ୍ତି ଏବଂ କାଳନ୍ଦୀ ଚରଣ ପାଣିଗ୍ରାହୀଙ୍କ 'ମାଟିର ମଣିଷ' ପୁସ୍ତକକୁ ଓଡ଼ିଆରୁ ଋଷୀୟ ଭାଷାରେ ଅନୁବାଦ କରିଛନ୍ତି। ଜଣେ ସାରସ୍ୱତ ସାଧକ ଭାବରେ ଓଡ଼ିଶା ସାହିତ୍ୟ ଏକାଡେମୀ ତାଙ୍କୁ ଜଣେ 'ସୃଜନ ସାହିତ୍ୟ ସ୍ରଷ୍ଟା' ଭାବରେ ସମ୍ମାନିତ କରିଛି।

ସୋଭିଏତ୍ ରୁଷରୁ ଫେରି ଓଡ଼ିଶାକୁ ଆସିବା ପରେ କିଛି ଚିନ୍ତାଶୀଳ ବୁଦ୍ଧିଜୀବୀମାନଙ୍କୁ ନେଇ 'ନ୍ୟୁ ଥିଙ୍କିଙ୍ଗ୍ ଫୋରମ୍' ଗଠନ କରିଥିଲେ। ସଂଗଠିତ ବାଟରେ, ଗଣତାନ୍ତ୍ରିକ ଧାରାରେ ଚିନ୍ତାବ୍ୟକ୍ତ କରିବା ଓ ସେସବୁକୁ କାର୍ଯ୍ୟକାରୀ କରିବା ପାଇଁ ଅଙ୍ଗୀକାରବଦ୍ଧତା ତାଙ୍କ ଠାରେ ଥିଲା। ସେ ଜଣେ ରାଜନେତା, ଚିନ୍ତାଶୀଳ ବୁଦ୍ଧିଜୀବୀ, ସ୍ତମ୍ଭକାର ଓ ଜଣେ ସୁବକ୍ତା ଭାବରେ ବେଶ୍ ପରିଚିତ ଥିଲେ। ସେ ଥିଲେ ଉତ୍କଳ ମାତାର ଜଣେ ଯୋଗ୍ୟତମ ସନ୍ତାନ। ଭାଷା ନେଇ ଜାତୀୟ ଶିଥିଳତାକୁ ଜାଗ୍ରତ କରିବାରେ ମଧୁବାବୁଙ୍କ ପରେ ତାଙ୍କ ସ୍ଥାନ ଚିରସ୍ମରଣୀୟ ହୋଇ ରହିବ।

# ମହାକୁମ୍ଭର ମହତ୍ତ୍ୱ

ରେଣୁବାଳା ମହାପାତ୍ର
ଅନୁଗୋଳ
ମୋ : ୯୪୩୭୨୫୬୪୧୪

କୁମ୍ଭମେଳା ଏକ ପର୍ବ ନୁହେଁ, ଏକ ଧାର୍ମିକ ମହୋତ୍ସବ। ଭାରତୀୟ ସଂସ୍କୃତି, ପରମ୍ପରା ଓ ଇତିହାସକୁ ଦର୍ଶାଉଥିବା ଏକ ଜୀବନ୍ତ ପ୍ରତୀକ। ଏହା ସମସ୍ତଙ୍କୁ ଏକ ଆସ୍ଥା ଓ ବିଶ୍ୱାସର ଡୋରୀରେ ବାନ୍ଧି ରଖେ। ଉତ୍ତରପ୍ରଦେଶର ପ୍ରୟାଗରାଜରେ ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀର ସଙ୍ଗମ ସ୍ଥଳରେ ଏହି ମେଳା ଫେବୃଆରୀ ୨୬ତାରିଖ ପର୍ଯ୍ୟନ୍ତ ଚାଲିବ। ସନାତନ ସଂସ୍କୃତିର ପ୍ରତୀକ ମହାକୁମ୍ଭରେ କୋଟି କୋଟି ଶ୍ରଦ୍ଧାଳୁ, ସାଧୁ, ସନ୍ଥ ଓ ବୈରାଗୀଙ୍କର ମହାମିଳନ ହୋଇଥାଏ।

ହଜାର ହଜାର ବର୍ଷ ତଳେ ଯେତେବେଳେ ସନାତନ ଧର୍ମ ସଂକଟରେ ଥିଲା ଜଗତଗୁରୁ ଶଙ୍କରାଚାର୍ଯ୍ୟ ଅବକ୍ଷୟମୁଖୀ ସନାତନ ଧର୍ମର ପୁନର୍ଜୀବନ ପାଇଁ ଭାରତର ଉତ୍ତର, ଦକ୍ଷିଣ, ପୂର୍ବ, ପଶ୍ଚିମରେ ଚାରୋଟି ମଠ ସ୍ଥାପନା କରିଥିଲେ। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ସନାତନ ଧର୍ମର ପ୍ରଚାର, ପ୍ରସାର ଓ ଧର୍ମ ରକ୍ଷା ପାଇଁ ମଠ, ମନ୍ଦିର ପ୍ରତିଷ୍ଠା କରିବା। କୁମ୍ଭମେଳାର ଇତିହାସ ସମୁଦ୍ର ମନ୍ଥନ ସହିତ ଜଡ଼ିତ। ଦେବତା ଓ ଅସୁରଙ୍କ ମଧ୍ୟରେ ସମୁଦ୍ର ମନ୍ଥନ ଦ୍ୱାରା ଅମୃତ କଳସ ପ୍ରାପ୍ତ ହୋଇଥିଲା ଏବଂ ଏହି ଅମୃତର ଚାରି ବୁନ୍ଦା ପ୍ରୟାଗରାଜ୍, ହରିଦ୍ୱାର, ନାସିକ ଓ ଉଜ୍ଜୈନରେ ପଡ଼ିଥିଲା ବୋଲି ପୌରାଣିକ ମତ ଅନୁସାରେ ଏହି ପବିତ୍ର ସ୍ଥାନର ତଟ ଦେଶରେ କୁମ୍ଭ ମେଳାର ଆୟୋଜନ କରାଯାଏ।

ଗ୍ରହ, ନକ୍ଷତ୍ର ଓ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଏହା ନିର୍ଦ୍ଧାରଣ କରାଯାଇଥାଏ ଯେ, କୁମ୍ଭମେଳା ୪ଟି ସ୍ଥାନ ମଧ୍ୟରୁ କେଉଁଠାରେ ଅନୁଷ୍ଠିତ ହେବ। ୧୨ ବର୍ଷରେ ଥରେ କୁମ୍ଭମେଳାର ଆୟୋଜନ କରାଯାଏ, ଏହା ବୃହସ୍ପତିଙ୍କର ଗତି ଉପରେ ନିର୍ଭର କରେ। ବୃହସ୍ପତିଙ୍କୁ ସୂର୍ଯ୍ୟଙ୍କର କକ୍ଷପଥ ଅତିକ୍ରମ କରିବାକୁ ୧୨ବର୍ଷ ସମୟ ଲାଗିଯାଏ। ଯେତେବେଳେ ସୂର୍ଯ୍ୟ ମକର ରାଶିରେ ଏବଂ ବୃହସ୍ପତି ବୃଷ ରାଶିରେ ପ୍ରବେଶ କରନ୍ତି, ପ୍ରୟାଗରାଜରେ କୁମ୍ଭମେଳା ହୁଏ। ଯେତେବେଳେ ସୂର୍ଯ୍ୟ ମେଷ ରାଶିରେ ଓ ବୃହସ୍ପତି କୁମ୍ଭ ରାଶିରେ ପ୍ରବେଶ କରନ୍ତି, ହରିଦ୍ୱାରରେ କୁମ୍ଭମେଳା ହୋଇଥାଏ। ଆଉ ଯେତେବେଳେ ବୃହସ୍ପତି ସିଂହ ରାଶିରେ ପ୍ରବେଶ କରନ୍ତି, ନାସିକ ଓ ଉଜ୍ଜୈନ୍‌ରେ କୁମ୍ଭ ମେଳାର ଆୟୋଜନ କରାଯାଏ। ଯେତେବେଳେ ବ୍ରହ୍ମାଣ୍ଡର ଗ୍ରହ, ନକ୍ଷତ୍ରଙ୍କର ଏହିଭଳି ସ୍ଥିତି ଆସେ, ସେତେବେଳ ସେ ପରିବେଶ ଆଧାତ୍ମିକ ଓ ଅଲୌକିକ ଶକ୍ତିରେ ପରିପୂର୍ଣ୍ଣ ହୋଇଯାଏ। ହର ହର ମହାଦେବ, ଘଣ୍ଟ, ଶଙ୍ଖ ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇଉଠେ। ଜନ୍ମ ଜନ୍ମାନ୍ତରର ପାପରୁ ମୁକ୍ତି ପାଇବା ପାଇଁ ଲକ୍ଷ ଲକ୍ଷ ଭକ୍ତ ଅମୃତ ସ୍ନାନ କରିଥାନ୍ତି। ପ୍ରଥମେ ମହାନିର୍ବଣୀ, ତା'ପରେ ଅଟଳ ଆଖଡ଼ା, ତା'ପରେ ନିରଞ୍ଜନୀ ଓ ଆନନ୍ଦ ଆଖଡ଼ାର ସାଧୁସନ୍ଥ ମାନେ ବୁଡ଼ ପକାଇଲା ପରେ ଅନ୍ୟ ଆଖଡ଼ା ଓ ସାଧୁ ସନ୍ଥଙ୍କୁ ମିଳିଥାଏ ମହାସ୍ନାନର ଅନୁମତି। କୁହାଯାଏ ଯେ, ଏହି ସମୟରେ ପ୍ରୟାଗର ଜଳ ଅମୃତ ସମାନ ହୋଇଯାଏ। ସେଇଥିପାଇଁ ଶ୍ରଦ୍ଧାଳୁଙ୍କର ମଧ୍ୟ ଭିଡ଼ ହୋଇଥାଏ। ପ୍ରତି ୬ବର୍ଷରେ ଥରେ ଅର୍ଦ୍ଧ କୁମ୍ଭମେଳାର ଆୟୋଜନ କରଯାଇଥାଏ, ଯାହା ହରିଦ୍ୱାର ଓ ପ୍ରୟାଗରାଜରେ ଅନୁଷ୍ଠିତ ହୋଇଥାଏ। ୨୦୧୯ରେ ପ୍ରୟାଗରାଜରେ ଅର୍ଦ୍ଧ କୁମ୍ଭମେଳାର ଅୟୋଜନ ହୋଇଥିଲା। କୁମ୍ଭମେଳାରେ ଅମୃତ ସ୍ନାନ, ଗଙ୍ଗା ଆଳତୀ, ହୋମ ଯଜ୍ଞ ଓ ତା'ସହିତ ପିତୃପୁରୁଷଙ୍କୁ ପିଣ୍ଡଦାନ କରାଯାଏ। ହିମାଳୟର ପାହାଡ଼, ପର୍ବତ ଓ ଘଞ୍ଚ ଅରଣ୍ୟ ମଧ୍ୟରୁ ବହୁ ସାଧୁସନ୍ଥ, ଆଘୋରୀ ସମାଧି ମଧ୍ୟରୁ ବାହାରି ଆସନ୍ତି କେବଳ ସୂର୍ଯ୍ୟ ଓ ବୃହସ୍ପତିଙ୍କର ନିମନ୍ତ୍ରଣରେ। ଅର୍ଥନୈତିକ ଦୃଷ୍ଟିକୋଣରୁ ଦେଖିଲେ ବହୁ ବେରୋଜଗରୀଙ୍କୁ ରୋଜଗାରର ସୁଯୋଗ ମିଳିଥାଏ। ବେପାରୀମାନେ ମଧ୍ୟ ବହୁ ଲାଭବାନ୍ ହୋଇଥାନ୍ତି, ଯାହାକି ଭାରତର ଅର୍ଥନୀତିକୁ ସୁଦୃଢ଼ କରିଥାଏ। ରିପୋର୍ଟ ଅନୁସାରେ, ୨୦୧୯ କୁମ୍ଭମେଳାରେ ସରକାର ୪୨୦୦ କୋଟି ଟଙ୍କା ଖର୍ଚ୍ଚ କରିଥଲେ, କିନ୍ତୁ ଆୟ ହେଲା ୧ ଲକ୍ଷ ୨୦,୦୦୦କୋଟି । ଚଳିତ ବର୍ଷର କୁମ୍ଭ ମେଳା ସ୍ୱତନ୍ତ୍ର ଏବଂ ବିରଳ। ଏହା ମହାକୁମ୍ଭ। ତେଣୁ ୧୪୪ ବର୍ଷରେ ଗୋଟିଏ ଥର ହୋଇଥାଏ। କୁହାଯାଉଛି ଯେ, ସୂର୍ଯ୍ୟ, ଚନ୍ଦ୍ର, ଶନି ଓ ବୃହସ୍ପତିଙ୍କର ଅବସ୍ଥିତି ସମୁଦ୍ର ମନ୍ଥନ ସମୟରେ ଯାହା ଥିଲା, ୨୦୨୫ ମହାକୁମ୍ଭରେ ମଧ୍ୟ ସମାନ ଅବସ୍ଥିତି ଅଛି। ତେଣୁ ଏହା ଅତ୍ୟନ୍ତ ଶୁଭକର। ସଂସ୍କୃତରେ ସନାତନ ଧର୍ମର ଅର୍ଥ ହେଲା ଶାଶ୍ୱତ ବା ଚିରନ୍ତନ। ସତ୍ୟ ସନାତନ, ଯାହାର ଆଦି ନାହିଁ କି ଅନ୍ତ ମଧ୍ୟ ନାହିଁ। ଯାହା କୌଣସି ପରିସ୍ଥିତିରେ କେବେ ପରିବର୍ତ୍ତନ ହେବନାହିଁ। ଯେଉଁ ଈଶ୍ୱରୀୟ ଶକ୍ତିକୁ ଆମେ ଜୀବ ଜଗତ ତଥା ସ୍ଥାବର, ଜଙ୍ଗମ, ଜଡ, କୀଟ, ତରୁଲତାରେ ଉପଲବ୍ଧି କରୁ, ତାହା ହିଁ ସନାତନ। ଈଶ୍ୱରୀୟ ସତ୍ତା ବିନା ଏସବୁ ଅସମ୍ଭବ। ଏ ସାରା ବିଶ୍ୱବ୍ରହ୍ମଣ୍ଡର ପରିକଳ୍ପନା କରିଥିବା ସେ ଅଦୃଶ୍ୟ ଶକ୍ତିର କ୍ଷୁଦ୍ର କ୍ଷୁଦ୍ର ଅଂଶ, ଯାହା ଆମେ କୁମ୍ଭମେଳାରେ ଦେଖନ୍ତି। ବାଣିଜ୍ୟ ଉଦ୍ଦେଶ୍ୟରେ ହେଉ ବା ବୁଲିବା ଉଦ୍ଦେଶ୍ୟରେ, ଧନ ଉପାର୍ଜନ କରିବା ଉଦ୍ଦେଶ୍ୟରେ ହେଉ ବା ଜ୍ଞାନ ଅର୍ଜନ କରିବା ଉଦ୍ଦେଶ୍ୟରେ, ବିଭିନ୍ନ ଉଦ୍ଦେଶ୍ୟ ନେଇ ଆସିଥିବା ବିଶାଳ ଜନ ସମୁଦାୟକୁ ଏହି ମହାକୁମ୍ଭରେ ଆମ୍ଭେମାନେ ଦେଖିବାକୁ ପାଉ।

ହଜାର ହଜାର ବର୍ଷ ଧରି ମୁନି ଋଷି ଗଣ ତପସ୍ୟା କରନ୍ତି,ଏ ଭୂମିରେ ଜନ୍ମ ହେବା ପାଇଁ, ସେଭଳି ଏକ ପୁଣ୍ୟଭୂମି ଆମ ଜନ୍ମଭୂମି ଭାରତବର୍ଷ। କେତେ ତପସ୍ୟାର ପୂର୍ଣ୍ୟ ଫଳରେ ଆମେ ଏ ଭୂମିରେ ଜନ୍ମ ପାଇଛେ। ଯେଉଁଠି ଗଙ୍ଗା, ଯମୁନା, ସରସ୍ୱତୀ ଏହା କେବଳ ତିନିଟି ନଦୀର ସଙ୍ଗମ ସ୍ଥଳ ବା ତୀର୍ଥସ୍ଥଳ ଭାବରେ ପରିଚିତ ନୁହେଁ, ଏଠାରେ ମହାକୁମ୍ଭ ସାରା ବିଶ୍ୱକୁ ଆକର୍ଷିତ କରୁଥିବା ବିଶାଳ ଜନ ସମାବେଶ, ଯେଉଁଠି ସବୁ ବର୍ଗର, ସବୁ ଧର୍ମର ବିଶାଳ ଜନ ସମାଜକୁ ଆକର୍ଷିତ କରି ଏ ବିଶାଳ ମହାକୁମ୍ଭକୁ ଏକ ତୀର୍ଥସ୍ଥଳରେ ପରିଗଣିତ କରୁଛି, ଯେ ମୋ ଭାରତ। ଏସବୁ ସମ୍ଭବ ଯେତେବେଳେ ଆମେ ନିଜେ ନିଜର ଧର୍ମ, ସଂସ୍କୃତି, ଐତିହ୍ୟ, ପରମ୍ପରା, ସଭ୍ୟତା, ଇତିହାସ, ଉତ୍ପତ୍ତି ଓ ଉଦ୍ଦେଶ୍ୟ, ଗତି ଏବଂ ଗୋତ୍ରକୁ ହୃଦୟଙ୍ଗମ କରିବା। ଜାତି, ଧର୍ମ, ବର୍ଣ୍ଣ ଏସବୁ ଭେଦଭାବକୁ ଭୁଲି ଯେତେବେଳେ ଲକ୍ଷ ଲକ୍ଷ ଭକ୍ତ ଗୋଟିଏ ସ୍ଥାନରେ ଏକଜୁଟ ହୋଇଯାଆନ୍ତି, ସେତେବେଳେ ସମଗ୍ର ବିଶ୍ୱକୁ ଏହା ସନାତନ ଧର୍ମର ସମାନତାର ବାର୍ତ୍ତା ଦିଏ। କୁମ୍ଭମେଳା କେବଳ ଭାରତ ପାଇଁ ନୁହଁ, ସମଗ୍ର ବିଶ୍ୱ ପାଇଁ ଏକ ଉଦାହରଣ। ବ୍ରହ୍ମ ମୁହୂର୍ତ୍ତରେ ରାଜକୀୟ ସ୍ନାନ, ଢୋଲ ବାଜା, ଶଙ୍ଖ ନାଦରେ ଚତୁର୍ଦ୍ଦିଗ ପ୍ରକମ୍ପିତ। ଏହା ସାମାନ୍ୟ ନୁହେଁ - ଅଦ୍ଭୁତ, ଅଦ୍ୱିତୀୟ, ଅବିସ୍ମରଣୀୟ, ଅଲୌକିକ ଓ ଚୁମ୍ବକୀୟ ଶକ୍ତିର ଆକର୍ଷଣ। ଆଜି ସାରା ବିଶ୍ୱ ଦେଖୁଛି, ଆସ୍ଥା, ବିଶ୍ୱାସ ଓ ସନାତନ ଧର୍ମର ଶକ୍ତି। ଜଗତ କଲ୍ୟାଣ ପାଇଁ ସୌରଜଗତର ଅବଦାନ। ଈଶ୍ୱରୀୟ ଶକ୍ତି ଓ ବୈଜ୍ଞାନିକ ଶକ୍ତିର ମହାମିଳନ। ତେଣୁ ଆସନ୍ତୁ, ଆମେ ସମସ୍ତେ ଭାରତୀୟ ଚିନ୍ତା, ଚେତନାକୁ ଜାଗ୍ରତ କରିବା ପାଇଁ ଏକତ୍ରିତ ହୋଇ ସାରା ବିଶ୍ୱକୁ ସନାତନ ଧର୍ମର ମହାକୁମ୍ଭରେ ଥରଟିଏ ଶ୍ରଦ୍ଧାର ସହିତ ବୁଡ଼ ଲଗେଇବା ପାଇଁ ଆହ୍ୱାନ କରିବା। ଏଠାରେ ପାପ କ୍ଷୟ ହେଉ ବା ନହେଉ, ପୁଣ୍ୟ ଅର୍ଜନ ହେଉ ବା ନହେଉ, କିନ୍ତୁ ଏକ ବିଶ୍ୱ ଭାତୃତ୍ୱ, ସାମାଜିକ ସମରସତାର ଦୃଶ୍ୟ ଜାଗ୍ରତ ହେବ, ସେଥିରେ ତିଳେ ମାତ୍ର ଆଶଙ୍କା ନାହିଁ।



ପାରାଦୀପ(ଭାସ୍କର ନ୍ୟୁଜ): କର୍କଟ ରୋଗ ବା କ୍ୟାନ୍ସର ଏବଂ ଏହାର ନିରାକରଣ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ପାରାଦୀପ ବନ୍ଦର ପ୍ରାଧିକରଣ ଚିକିତ୍ସାଳୟର ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୁରୁଷ ଓ ମହିଳା ମାନଙ୍କ ସାଧାରଣ କର୍କଟ ରୋଗ, ପ୍ରତିଷେଧକ ଟୀକା ଗ୍ରହଣ ଇତ୍ୟାଦି ସମ୍ପର୍କରେ ସଚେତନ କରାଯାଇଥିଲା । କଟକର ଏଚସିଜି ପଣ୍ଡା କ୍ୟାନ୍ସର ହସ୍ପିଟାଲ ଓ ପାରାଦୀପ ବନ୍ଦର ଚିକିତ୍ସାଳୟ ମିଳିତ ସହଯୋଗରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ସ୍ଥାନୀୟ ମହିଳାମାନଙ୍କୁ ସ୍ତନ ଓ ଗର୍ଭାଶୟ କର୍କଟ ରୋଗର କାରଣ ଏବଂ ଏହାର ଯଥାଶୀଘ୍ର ଚିହ୍ନଟ ଏବଂ ଚିକିତ୍ସା ଉପରେ ପ୍ରାଧାନ୍ୟ ଦିଆଯାଇଥିଲା । କାର୍ଯ୍ୟକ୍ରମରେ ବନ୍ଦର ଚିକିତ୍ସାଳୟର ମୁଖ୍ୟ ଚିକିତ୍ସାଧିକାରୀ ଡା. ବି.ବି.ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଏପରି ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମକୁ ସାଧାରଣରେ ପ୍ରଶଂସା କରାଯାଇଛି ।

# ତାତିଲେ ଡ଼ିଏଲ୍ଆର୍ କର୍ମଚାରୀ: ଦାବି ପୂରଣ ପାଇଁ ବନ୍ଦର ପ୍ରଶାସନକୁ ଦାବିପତ୍ର




ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ବନ୍ଦରରେ ସ୍ଥାୟୀ କର୍ମଚାରୀଙ୍କ ହ୍ରାସ ପରେ ସେହି ସ୍ଥାନରେ ଠିକା ଡ଼ିଏଲଆର କର୍ମଚାରୀ ମାନେ ବନ୍ଦରର ବିଭିନ୍ନ ବିଭାଗରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଆସୁଛନ୍ତି । ହେଲେ ଏମାନେ ସ୍ଥାୟୀ କର୍ମଚାରୀ ମାନଙ୍କ ପରି ସମାନ କାମ ପାଇଁ ସମାନ ଦରମା ଓ ଅନ୍ୟ ପ୍ରାୟ ସମସ୍ତ ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି । ଏହି ଡ଼ିଏଲଆରମାନେ ନିଜ ସ୍ୱାର୍ଥ ହାସଲ ପାଇଁ ଡିଏଲଆର ଆଣ୍ଡ କଣ୍ଟ୍ରାକ୍ଟର ୱାର୍କମେନ ଆସୋସିଏସନ ଗଢ଼ିଥିବା ବେଳେ ପୂର୍ବରୁ ଏହାର ସଭାପତିମାନେ ନିଜ ସ୍ୱାର୍ଥ ହାସଲ ପାଇଁ ମୌଳିକ ସମସ୍ୟା ସମାଧାନର କୌଣସି ପ୍ରଚେଷ୍ଟା ନକରି ଡିଏଲଆରଙ୍କୁ ପ୍ରତାରିତ କରିଥିବା ନେଇ ଅଭିଯୋଗ ହୁଏ । ଏନେଇ ଡିଏଲଆରଙ୍କ ମଧ୍ୟରେ ହତାଶା, ଅସନ୍ତୋଷ ଓ ଉତ୍ତେଜନା ପୁଞ୍ଜିଭୂତ ହୋଇଥିଲା । ତେବେ ଶେଷରେ ସ୍ଥାନୀୟ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ଡିଏଲଆର ସଙ୍ଘର ନୂତନ ସଭାପତି ଭାବେ ଅଧିଷ୍ଠିତ ହେବା ପରେ ଡିଏଲଆରଙ୍କ ମଧ୍ୟରେ ସେମାନଙ୍କ ସ୍ୱାର୍ଥ ପୂରଣ ନିମନ୍ତେ ଆଶାର ସଂଚାର ସୃଷ୍ଟି ହୋଇଛି । ପାରାଦୀପ ବନ୍ଦରର ସ୍ଥାୟୀ କର୍ମଚାରୀଙ୍କ ପରି ଡ଼ିଏଲଆର କର୍ମଚାରୀଙ୍କୁ ଭିଡ଼ିଏ, ବୋନସ, ମେଡ଼ିକାଲ ସୁବିଧା ଏବଂ ଫିମେଲ କ୍ଲିନିଂ ଗ୍ୟାଙ୍ଗ ସ୍କିମରେ ଅନ୍ତର୍ଭୁକ୍ତ କରିବା ସହ ଅନ୍ୟାନ୍ୟ ସୁବିଧା ଉପଲବ୍ଧ କରାଇବା ନେଇ ଶୁକ୍ରବାର ସଙ୍ଘ ପକ୍ଷରୁ ଏକ ଦାବିପତ୍ର ବନ୍ଦର ଉପାଧ୍ୟକ୍ଷ ନୀଲାଭ୍ର ଦାସଗୁପ୍ତାଙ୍କୁ ପ୍ରଦାନ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ପାରାଦୀପ ପୋର୍ଟ ଡ଼ିଏଲଆର ଆଣ୍ଡ କଣ୍ଟ୍ରାକ୍ଟର ୱାର୍କମେନ ଆସୋସିଏସନ ସଭାପତି ପ୍ରକାଶ ତ୍ରିପାଠୀଙ୍କ ନେତୃତ୍ୱରେ ଶତାଧିକ ଡ଼ିଏଲଆର କର୍ମଚାରୀ ଶୋଭାଯାତ୍ରାରେ ବନ୍ଦର ପ୍ରଶାସନିକ ପ୍ରବେଶ ଫାଟକ ନିକଟରେ ପହଞ୍ଚିଥିଲେ । ସେଠାରେ ଆୟୋଜିତ ଏକ ସଭାରେ ସଭାପତି ଶ୍ରୀ ତ୍ରିପାଠୀଙ୍କ ସମେତ ସଂଘର ସାଧାରଣ ସମ୍ପାଦକ ଅଭିମନ୍ୟୁ ବେହେରା, କାର୍ଯ୍ୟକାରୀ ସଭାପତି ପରେଶ ମୁର୍ମୁ, ଉପସଭାପତି ସୁବ୍ରତ ପ୍ରଧାନ ଓ ରତ୍ନାକର ଜେନା, ଉପଦେଷ୍ଟା ସର୍ବେଶ୍ୱର ବଳିୟାରସିଂହ ଓ ଶିଶିର କୁମାର ନାୟକ, ସଂଘର ବରିଷ୍ଠ ସଦସ୍ୟ ପ୍ରକାଶ ଚନ୍ଦ୍ର ସ୍ୱାଇଁ, ନରହରି ସ୍ୱାଇଁ, ଧନେଶ୍ୱର ସାହୁ, ସୁମନ୍ତ କୁମାର ସ୍ୱାଇଁ ପ୍ରମୁଖ ଡ଼ିଏଲଆରଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରି ଦାବି ପୂରଣ ନହେଲେ ତୀବ୍ର ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରାଯିବା ଚେତାବନୀ ଦେଇଥିଲେ । ପରେ ସମସ୍ତ ନେତୃମଣ୍ଡଳୀ ବନ୍ଦର ପ୍ରଶାସନ ଭବନରେ ଦାବିପତ୍ର ପ୍ରଦାନ ପୂର୍ବକ ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ ପାଇଁ ଅନୁରୋଧ କରିଥିଲେ ।

# ନିମାପଡାରେ ବ୍ୟାପକ ମାତ୍ରାରେ ଲଘୁ ଖଣିଜ ଦ୍ରବ୍ୟ ଲୁଟ୍




ନିମାପଡା (ଭାସ୍କର ନ୍ୟୁଜ): ନିମାପଡାରେ ବ୍ୟାପକ ମାତ୍ରାରେ ଲଘୁ ଖଣିଜ ଦ୍ରବ୍ୟ ଲୁଣ୍ଠନ ହେଉଥିବା ବେଳେ ଖଣିବିଭାଗ ନମାକୁ ମାତ୍ର ନିର୍ଦ୍ଦିଷ୍ଟ ହାଇୱାକୁ ଧରି ଥିବା ବଳେ ଖଣି ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ସନ୍ଦେହ ପ୍ରକଟ ହୋଇଛି । ବ୍ୟାପକ ମାତ୍ରାରେ ନିମାପଡା ସହର ଭିତରକୁ ବାଲି ଗାଡି ପଶିଥିବା ବେଳେ ଗତ କିଛି ଦିନ ତଳେ ଏହାକୁ ଦୃଷ୍ଟିରେ ରଖି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଖଣି ବିଭାଗ ଓ ପୋଲିସ୍‌କୁ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ମାତ୍ର ବର୍ତ୍ତମାନ ବ୍ୟାପକ ମାତ୍ରାରେ ବାଲି ମାଟି ଚୋରାଚାଲାଣ ହେଉଥିବା ବେଳେ ଖଣି ବିଭାଗ କେତେକ ଗାଡିକୁ ଧରି ଜୋରିମାନା ନିର୍ଦ୍ଦେଶ ଦେଇଥିବା ବେଳେ ଗାଡିମାଲିକମାନେ ଖଣି ବିଭାଗ ନିର୍ଦ୍ଦେଶକୁ ଅବମାନନା କରିବାରୁ ଖଣି ବିଭାଗ ପକ୍ଷରୁ ଏ ସଂପର୍କରେ ଥାନାରେ ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡାକୁ ପ୍ରତ୍ୟେକ ଦିନ ବେଆଇନ ଭାବେ ଗାଡିର କାଗଜପତ୍ର ନଥାଇ କେତେକ ପଥର, ଗୋଡି ଓ ବାଲି ହାଇୱା ପଶିଆସୁଥିବା ବେଳେ ୩ ବାଲି ହାଇୱାକୁ ଖଣି ବିଭାଗ ଜବତ କରିଥିଲା । ଖଣି ବିଭାଗ ପକ୍ଷରୁ ୪ଲକ୍ଷ ୫ହଜାର ୧ଶହ ୯୬ଟଙ୍କା ଜୋରିମାନା ଆଦେଶ ହୋଇଥିବା ବେଳେ ହାଇୱା ମାଲିକମାନେ ଜୋରିମାନା ନଦେଇ ସରକାରଙ୍କ ନିର୍ଦ୍ଦେଶକୁ ଅବମାନନା କରିବାରୁ ଏ ସଂପର୍କରେ ପୁରୀ ଜିଲ୍ଲା ଖଣି ଅଧିକାରୀ ନିମାପଡା ଥାନାରେ ଅଭିଯୋଗ ଦେବା ସହ ତୁରନ୍ତ ହାଇୱା ମାଲିକଙ୍କୁ ମାମଲା ରୁଜୁ କରିବା ପାଇଁ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ୍ ଏହି ଘଟଣାକୁ ଗୁରୁତର ସହ ନେଇ ୩ ହାଇୱା ବିରୁଦ୍ଧରେ ମାମଲା ରୁଜୁ କରିଛି । ସେହିପରି ପ୍ରତ୍ୟେକ ଦିନ ନିମାପଡା ଭିତରକୁ ଶହ ଶହ ବାଲି ଗୋଡି ପଥର ଟ୍ରକ ପଶିଆସୁଛନ୍ତି । ସକାଳ ୬ରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ପୋଲିସ୍ ପକ୍ଷରୁ କଟକଣା ଲାଗିଥିବା ବେଳେ ରାତ୍ରସାରା ନିମାପଡାରେ ହାଇୱା ଓ ଟ୍ରକ ଲୋଡ ନେଇ ଦ୍ରୁତ ଗତିରେ ଯାତାୟାତ କରିଥିବାରୁ ଜନସାଧାରଣଙ୍କ ଜୀବନ ପ୍ରତି ବିପଦ ଦେଖାଦେଇଛି । ଏହି ଘଟଣା ପ୍ରତି ଖଣି ବିଭାଗ ଦୃଷ୍ଟି ଦେଇ କୁଶଭଦ୍ରା ନଦୀରୁ ଖନନ ହୋଇଥିବା ବାଲି ମାଟି ଚୋର ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି ।

## ଶୌଚାଳୟରେ ଝୁଲୁଛି ତାଲା, ଲୋକେ ହିନସ୍ତା

ନିମାପଡା(ଭାସ୍କର ନ୍ୟୁଜ): ନିମାପଡା ସହର ଭିତରେ ଶୌଚାଳୟକୁ ନେଇ ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଶୌଚାଳୟରେ ତାଲା ପଡିଥିବା ବେଳେ ନିମାପଡା ଦେଇ କୋଣାର୍କ-କାକଟପୁର ଓ ପୁରୀ ଅଞ୍ଚଳକୁ ଯାଉଥିବା ପର୍ଯ୍ୟଟକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇ ଖୋଲାପଡିଆରେ ଶୌଚ ହେଉଛନ୍ତି । ଏହି ଘଟଣା ପ୍ରତି ବିଜ୍ଞାପିତ ଅଞ୍ଚଳ ପରିଷଦ ଦୃଷ୍ଟି ନଦେବା ଏକ ପରିତାପର ବିଷୟ ବୋଲି ସାଧାରଣରେ ମତପ୍ରକାଶ ପାଇଛି । ନିମାପଡା ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପରିଷଦ ପକ୍ଷରୁ ଏକ ଶୌଚାଳୟ ନିର୍ମାଣ କରାଯାଇ ପରିଚାଳନା ଦାୟିତ୍ୱ ମହିଳା ସଂଗଠନକୁ ଦିଆଯାଇଛି । ମାତ୍ର ଶୌଚାଳୟ ପାଖରେ ଥିବା ଆମ୍ବ ଗଛରେ ଭୂତ ବାହାରିବା ଘଟଣା ନେଇ ଅପରାହ୍ନରୁ ରାତ୍ର ପର୍ଯ୍ୟନ୍ତ ମହିଳା ଗୋଷ୍ଠୀ ଶୌଚାଳୟକୁ ତାଲା ପକାଇ ଦେଉଥିବାରୁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରୋଗୀ ସଂପର୍କୀୟଙ୍କ ପାଇଁ ଶୌଚାଳୟର ବ୍ୟବସ୍ଥା ନଥିବା ବେଳେ ଲୋକେ ବାଧ୍ୟ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୌଚ ହେଉଛନ୍ତି । ପୁରୀ ଜିଲ୍ଲା ନିମାପଡା ବିଜ୍ଞାପିତ ଅଞ୍ଚଳ ପରିଷଦ ପୁରୁଣା ବସଷ୍ଟାଣ୍ଡ ନିକଟରେ ଏକ ସୁଲଭ ଶୌଚାଳୟ ଥିଲା । କାର୍ଯ୍ୟରେ ବ୍ୟତିକ୍ରମ କରିବାରୁ ପରିଷଦ ଶୌଚାଳୟକୁ ତାଲା ପକାଇଛି । ଯାହାଦ୍ୱାରା ଏହି ରାସ୍ତା ଦେଇ ଯାଉଥିବା ପର୍ଯ୍ୟଟକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହିପରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପରିଷଦ ପକ୍ଷରୁ ଏକ ଶୌଚାଳୟ ନିର୍ମାଣ କରାଯାଇଥିଲେ ମଧ୍ୟ ଅନେକ ସମୟରେ ତାଲା ଝୁଲୁଥିବାରୁ ରୋଗୀ ସଂପର୍କୀୟ ଶୌଚ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଘଟଣା ପ୍ରତି ରାଜ୍ୟ ସରକାର ଲୋକଙ୍କ ସମସ୍ୟା ଦୂର କରିବା ପାଇଁ ନିମାପଡା ଅଞ୍ଚଳର ସଚେତନ ନାଗରିକ ଦାବି କରିଛନ୍ତି ।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଯୁବକର ମୃତ୍ୟୁ

ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ପୀରହାଟ ଥାନା ଗୋବିନ୍ଦପୁର ପଞ୍ଚାୟତ ଅଧୀନ କଉଜୁଡ଼ି ଗ୍ରାମର ନୀଳମଣି ମାଝୀଙ୍କ ପୁଅ ମଙ୍ଗରାଜ ମାଝୀ (୩୨) ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି । ପୁଲିସ ଏ ସମ୍ପର୍କରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି । ପ୍ରକାଶ ଯେ, ଶୁକ୍ରବାର ମଧ୍ୟାହ୍ନ ସମୟରେ ଘରୁ ବାହାରି ମଙ୍ଗରାଜ ବାହାରକୁ ଯାଉଥିଲେ । ଏହି ସମୟରେ ଘର ନିକଟରେ ଝୁଲି ପଡ଼ିଥିବା ୧୧ କେ.ଭି. ତାର ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ତିହିଡ଼ି ଡାକ୍ତରଖାନା ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ । ବିଦ୍ୟୁତ୍ ବିଭାଗ ପକ୍ଷରୁ ତୁରନ୍ତ ମୃତକଙ୍କ ପରିବାରକୁ ସହାୟତା ଯୋଗାଇ ଦେବା ପାଇଁ ଦାବି କରାଯାଇଛି ।

### ହିସାବ ରକ୍ଷକଙ୍କ ଆନ୍ଦୋଳନ ୧୫ ଦିନରେ

# ଅସ୍ତରଙ୍ଗ ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟ ଅଚଳ




ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ଶିକ୍ଷା ବିଭାଗର କାର୍ଯ୍ୟ କରୁଥିବା ହିସାବ ରକ୍ଷକ ଓ ଏମ୍ଆଇଏମ୍ ମିଳିତ ସଙ୍ଘ, ସମଗ୍ର ଶିକ୍ଷା, ଓସେପାର ଆହ୍ୱାନ କ୍ରମେ ଗତ ୨୯/୦୧/୨୫ରୁ ସାରା ଓଡିଶାରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କେନ୍ଦ୍ର ଓ ରାଜ୍ୟର ମିଳିତ ସମଗ୍ର ଶିକ୍ଷା ଯୋଜନାରେ କାର୍ଯ୍ୟରତ ହିସାବ ରକ୍ଷକ ଓ ଏମଆଇଏସ ସଂଯୋଜକ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି । ଓସେପା ରାଜ୍ୟ ପ୍ରକଳ୍ପ ଅଧିକାରୀଙ୍କ ପତ୍ର ସଂଖ୍ୟା ୧୦୩୩ ତା ୩୧/୦୧/୨୫ରେ କାମ ନାହିଁ ତ ଦରମା ନାହିଁ ଠିକ୍ ସ୍ୱଳ୍ପ ବେତନ ପାଉଥିବା କର୍ମଚାରୀ ଖାତିରି ନ କରି ନ୍ୟାର୍ଯ୍ୟ ଦାବି ପୂରଣ ନିମନ୍ତେ ଅଦ୍ୟାବଧି କାର୍ଯ୍ୟ ବନ୍ଦ ଆନ୍ଦୋଳନ ଚାଲୁରଖିଛନ୍ତି । ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରେ ହିସାବ ରକ୍ଷକ ଧରଣୀଧର ବରାଳ ଆନ୍ଦୋଳନରେ ଥିବାରୁ ଶିକ୍ଷା ବିଭାଗର କାମ ଏକ ପ୍ରକାର ଅଚଳ ହୋଇପଡିଛି । ମାର୍କରେ କନିଷ୍ଠ କିରାଣୀ ଓ କିଛି ଜାଗାରେ ଆଉଟସୋର୍ସିଂ ଡାଟାଏଣ୍ଟ୍ରି ଅପରେଟର ନାମ ରେଜିଷ୍ଟ୍ରେସନ ହୋଇଥିବା ସତ୍ତ୍ୱେ ସେମାନଙ୍କ ପଦବୀ ସେଇ ହିସାବ ରକ୍ଷକ ନାଁ ଆକାଉଣ୍ଟାଣ୍ଟ ହିଁ ଉଲ୍ଲେଖ ରହିଛି । ଯାହାକି ନିୟମର ବିରୁଦ୍ଧାଚରଣ । କାରଣ ସଫ୍ଟୱାର ସମ୍ପୂର୍ଣ୍ଣ ଆର୍ଥିକ କାରବାର ସହ ଜଡିତ ଅଟେ । ଯଦି ସେଥିରେ କିଛି ଭୁଲ ଭଟକା ହୁଏ ତା ପାଇଁ କିଏ ଦାୟୀ ରହିବେ । ଦାବି ପୂରଣ ନ ହେଲେ କାର୍ଯ୍ୟରେ ଯୋଗଦେବେ ନାହିଁ ବୋଲି କହିଛନ୍ତି ।

# ପ୍ରତୀକ୍ଷିତ ଜରାଶ୍ରମ ପାଇଁ ବ୍ୟାସ୍ ଫାଉଣ୍ଡେସନ୍‌କୁ ଜମି ଦାନ



ପାରାଦୀପ(ଭାସ୍କର ନ୍ୟୁଜ): ରାଜ୍ୟ ତଥା ଜଗତସିଂହପୁର ଜିଲ୍ଲାର ଏକ ଅଗ୍ରଣି ଆଧ୍ୟାତ୍ମିକ ସାରସ୍ୱତ ଓ ସମାଜସେବୀ ଅନୁଷ୍ଠାନ ବ୍ୟାସ ଫାଉଣ୍ଡେସନ ତରଫରୁ ଜଗତସିଂହପୁର ଜିଲ୍ଲାରେ ଏକ ଜରାଶ୍ରମ ପତିଷ୍ଠା କରିବା ନିମନ୍ତେ ଦୀର୍ଘ ଦଶନ୍ଧିଧରି ପରିକଳ୍ପନା କରାଯାଉଥିଲା ବେଳେ ଶୁକ୍ରବାର ଦିନ ଗରେଇ ପଞ୍ଚାୟତ ଅନ୍ତର୍ଗତ ନାଳିଆପାଳ ଗ୍ରାମର ବିଶିଷ୍ଟ ସମାଜସେବୀ ବିଷ୍ଣୁ ଚରଣ ସ୍ୱାଇଁ ନିଜସ୍ୱ ସମ୍ପତ୍ତିରୁ ୪୦ ଡିସିମିଲ ଜମି ମଣିଜଙ୍ଗା ସବରେଜିଷ୍ଟ୍ରର ଅଫିସରେ ଫାଉଣ୍ଡେସନ ନାମରେ କବଲା କରିଛନ୍ତି । ଖୁବଶୀଘ୍ର ଶ୍ରୀ ସ୍ୱାଇଁଙ୍କ ଦ୍ୱାରା ଦାନଜମିରେ ବ୍ୟାସ ବିଷ୍ଣୁ ସ୍ନେହାଳୟ ଜରାଶ୍ରମ ପ୍ରତିଷ୍ଠା କରାଯିବ ବୋଲି ଫାଉଣ୍ଡେସନର ସଭାପତି ଡଃ.ସିଦ୍ଧେଶ୍ୱର ପଣ୍ଡା, ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟ, କର୍ମକର୍ତ୍ତା ବିବେକାନନ୍ଦ ହୋତା ଓ ଉପସଭାନେତ୍ରୀ ରଶ୍ମିତା ନାୟକ ପ୍ରମୁଖ ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଛନ୍ତି । ଏହି ଅବସରରେ ଭୂମିଦାତା ବିଷ୍ଣୁ ଚରଣ ସ୍ୱାଇଁଙ୍କୁ ଅନୁଷ୍ଠାନର ଉପଦେଷ୍ଟା ରମାକାନ୍ତ ରାଉଳ, ମା' ସାରଳାଙ୍କ ଉତ୍ତରୀୟ ଚନ୍ଦନ ସିନ୍ଦୁର ପ୍ରଦାନ କରି ସମ୍ମାନିତ ଓ ସମ୍ବର୍ଦ୍ଧିତ କରିଥଲେ । ବିଶେଷ କରି କାର୍ଯ୍ୟକ୍ରମରେ ଦେବେନ୍ଦ୍ର କୁମାର ମଲ୍ଲିକ୍, ଗରେଇ ଗ୍ରାମପଞ୍ଚାୟତର ପୂର୍ବତନ ସରପଂଚ ତଥା ସମାଜସେବୀ ସଂଗ୍ରାମ ମନ୍ତ୍ରୀ, ପୋତାନଇ ପଞ୍ଚାୟତର ଯୁବ ସମାଜସେବୀ ଅମର କୁମାର ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷକ ଅଭୟ କୁମାର ଲେଙ୍କା, ଫାଉଣ୍ଡେସନର ଉପଦେଷ୍ଟା ଅକ୍ଷୟ କୁମାର ସାହୁ, ରଞ୍ଜନ କୁମାର ପ୍ରଧାନ, ସୂର୍ଯ୍ୟନାରାୟଣ ବେହେରା, ପଣ୍ଡିତ ଶରତ କୁମାର ଦାଶ, ଆଇନ ପରାମର୍ଶଦାତା ହୃଷିକେଶ ନନ୍ଦ, ବିପିନ ମାଝି, ସାମ୍ବାଦିକ ଶ୍ରୀକାନ୍ତ ଦାଶ, ସାମ୍ବାଦିକ ରଞ୍ଜନ କୁମାର ମଲ୍ଲିକ୍, ଦାମୋଦର ବସନ୍ତିଆ, ଅକ୍ଷୟ କୁମାର ସାହୁ, ତାପସ ସେଠୀ ପ୍ରମୁଖ ବହୁ କର୍ମକର୍ତ୍ତା, ସଦସ୍ୟ ଓ ଶୁଭେଚ୍ଛୁମାନେ ସକ୍ରିୟ ଅଂଶଗ୍ରହଣ କରି ବ୍ୟାସ ଫାଉଣ୍ଡେସନର ଏହି ଜନମଙ୍ଗଳ କାର୍ଯ୍ୟକ୍ରମ ପରିଚାଳନା କରିବା କ୍ଷେତ୍ରରେ ସକ୍ରିୟ ସହଯୋଗ କରିଛନ୍ତି ।

# ବିଭିନ୍ନ ସମସ୍ୟା ନେଇ ପୂର୍ବତନ ସାଂସଦଙ୍କ ଆନ୍ଦୋଳନ ଚେତାବନୀ



ତାଳଚେର/ଅନୁଗୁଳ(ଭାସ୍କର ନ୍ୟୁଜ): ତାଳଚେର ଶିଳ୍ପାଞ୍ଚଳରେ ଦେଖାଦେଇଛି ଅନେକ ସମସ୍ୟା । ଏହା ଏବେ ଉଗ୍ରରୂପ ଧାରଣ କରିବାକୁ ବସିଲାଣି । ସାଧାରଣତଃ ଭାବେ ଲୋକଙ୍କ ପାଇଁ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ସହିତ ଅସଜଡ଼ା ରାସ୍ତାଘାଟ, ପାନୀୟ ଜଳଯୋଗାଣ ଇତ୍ୟାଦି ଯୋଗାଇ ଦେବାରେ ଏଠାରେ କାର୍ଯ୍ୟରତ କମ୍ପାନୀ ଗୁଡିକ ବିଫଳ ହୋଇଛନ୍ତି । ଏଥିସହିତ କମ୍ପାନୀ କର୍ତ୍ତୃପକ୍ଷଙ୍କ ସ୍ଥାନୀୟ ଲୋକଙ୍କ ନିଯୁକ୍ତି, ପରିବେଶ ପ୍ରଦୂଷଣ ପ୍ରତି ଆଖି ବନ୍ଦ କରିଦେଇଛନ୍ତି । ଲୋକଙ୍କ ଅଭିଯୋଗ କଲେ ମଧ୍ୟ ସେମାନଙ୍କ ମନମାନି କରୁଥିବା ସାଂଘାତିକ ଅଭିଯୋଗ ହେଉଛି । ଏହା ସଧାରଣ ଲୋକଙ୍କ ସ୍ୱାର୍ଥ ବିରୋଧୀ କାର୍ଯ୍ୟ କରୁଥିବା ସାଧାରଣରେ ଚର୍ଚ୍ଚା ହେଉଛି । ଏହାକୁ ହୃଦୟଙ୍ଗମ କରି ଢେଙ୍କାନାଳର ପୂର୍ବତନ ସାଂସଦ ମହେଶ ସାହୁ ଏହି ମର୍ମରେ ଏକ ଦାବିପତ୍ର ଅନୁଗୁଳ ଜିଲ୍ଲାପାଳ, ତାଳଚେର ଉପଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ତୁରନ୍ତ ଅନୁଗୁଳ ଜିଲ୍ଲା ଓ ତାଳଚେରରେ କାର୍ଯ୍ୟରତ ଶିଳ୍ପ ସଂସ୍ଥା ପକ୍ଷରୁ ଏହାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ୨୨ତାରିଖ ପରେ ଯେ କୌଣସି ମୁହୂର୍ତ୍ତରେ ତାଳଚେର ଉପଜିଲ୍ଲାପାଳଙ୍କ ପରିସରରେ ଥିବା ସହିଦ ସ୍ମୃତି ସ୍ତମ୍ଭ ନିକଟରୁ ପ୍ରତୀକ ଭାବେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଆରମ୍ଭ କରାଯିବ ବୋଲି ପୂର୍ବତନ ସାଂସଦ ଶ୍ରୀ ସାହୁ ଚେତାବନୀ ଦେଇଛନ୍ତି ।

# ଭୁବନ ଏନ୍ଏସି ପକ୍ଷରୁ ସ୍ୱଚ୍ଛ ସର୍ବେକ୍ଷଣ-୨୦୨୪




ଭୁବନ(ଭାସ୍କର ନ୍ୟୁଜ): ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ସ୍ୱଚ୍ଛ ସର୍ବେକ୍ଷଣ ୨୦୨୪ ଅନୁଷ୍ଠିତ ହୋଇଯାଇଛି । ଭୁବନର ଆରାଧ୍ୟ ଦେବତା ବାବା ବୁଦ୍ଧେଶ୍ୱର ମନ୍ଦିର ପରିସରରେ ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କ ନେତୃତ୍ୱରେ ସାମୁହିକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସ୍ୱଚ୍ଛ ଭୁବନ, ସୁସ୍ଥ ଭୁବନ, ସୁନ୍ଦର ଭୁବନ ଗଢ଼ି ତୋଳିବା ଏକମାତ୍ର ଲକ୍ଷ୍ୟ ବୋଲି ନଗରପାଳ ଶ୍ରୀ ସାହୁ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ କାଉନସିଲର ଗିରିଧାରୀ ସାହୁ, ପପୁ କୁମାର ସାହୁ, ମନମୋହନ ସାହୁ,ନିର୍ବାହୀ ଅଧିକାରୀ ଲୋକନାଥ ବେଜ, କନିଷ୍ଠ ଯନ୍ତ୍ରୀ ସୁରେନ୍ଦ୍ରନାଥ ସାହୁ, କନିଷ୍ଠ କିରାଣୀ ପ୍ରାଣକୃଷ୍ଣ ଓଝା, ହିସାବ ରକ୍ଷକ ବିଶ୍ୱାସ ମହାନ୍ତି, ଏମ୍ଆଇଏସ୍ ସଚିନ ମହାନ୍ତି, ଜେଏସଇ ଜ୍ୟୋତି ରଞ୍ଜନ ବେହେରା, ଟାସ୍କ କଲେକ୍ଟର ସନ୍ତୋଷ କୁମାର ମିଶ୍ର, ରବୀନ୍ଦ୍ର ବେହେରାଓ ସମସ୍ତ କର୍ମଚାରୀଙ୍କ ସମେତ ସ୍ୱଚ୍ଛ ସାଥୀମାନେ ଯୋଗଦେଇ ସାମୁହିକ ସଫେଇ କରିଥିଲେ ।

## ତାଲା ଭାଙ୍ଗି ଯନ୍ତ୍ରାଂଶ ଚୋରି

କାକଟପୁର(ଭାସ୍କର ନ୍ୟୁଜ): କାକଟପୁର ଥାନା ଅଧିନସ୍ଥ ଶ୍ରୀରାମପୁର ଗାଁ ନିକଟରେ ଏକ ଗୃହ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଷ୍ଟୋର ରୁମ ଗୃହ ତାଲା ଭାଙ୍ଗି ଗତକାଲି ବିଳମ୍ବିତ ରାତ୍ରିରେ କୌଣସି ଦୁର୍ବୃତ୍ତ ୫୦ ହଜାରରୁ ଉର୍ଦ୍ଧ ଟଙ୍କାର ଯନ୍ତ୍ରାଂଶ ଚୋରି କରି ନେଇଛି । ବାଜପୁର ଗାଁର ବିଜୟ କୁମାର ସାହୁଙ୍କ ନବନିର୍ମିତ ଗୃହ କାର୍ଯ୍ୟ ଶ୍ରୀରାମପୁର ଗାଁ ନିକଟରେ ଚାଲିଥିଲା । ବିଜୟ ଗୃହ ନିର୍ମାଣ ପାଇଁ ଆବଶ୍ୟକ ସାମଗ୍ରୀ ଷ୍ଟୋର ରୁମରେ ଚାବି ପକାଇ ଯାଇଥିଲେ । ଘର ତିଆରି ଜାଗାରେ ବହୁ ଘର ଥିଲେ ମଧ୍ୟ ଦୁର୍ବୃତ୍ତ ଷ୍ଟୋର ରୁମ ତାଲା ଭାଙ୍ଗି ଗୋଟିଏ ଜେନେରେଟର, ଗୋଟିଏ ପାଣି ପମ୍ପ, ଦୁଇଟି ହଲୋଜିନି ଲାଇଟ୍, ବେଲଚା, ରସକୁଣ୍ଡ ୪ଟି ସହ ବହୁ ଆସବାବପତ୍ରକୁ ଲୁଟି ନେଇଛି । ଏ ସଂକ୍ରାନ୍ତରେ କାକଟପୁର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ଜିରାଡ଼ ମଠରେ ଆହୋରାତ୍ର ଭାଗବତ ନାମଯଜ୍ଞ



ଆଠମଲ୍ଲିକ(ଭାସ୍କର ନ୍ୟୁଜ): ଆଠମଲ୍ଲିକ ବ୍ଲକ ଜିରାଡ଼ ଗ୍ରାମ ଜିରାଡ଼ ମଠରେ ନବମ ଆହୋରାତ୍ର ଭାଗବତ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଭାଗବତ କମିଟି ସଭାପତି ନିରଞ୍ଜନ ପାତ୍ର, ସମ୍ପାଦକ ସତ୍ୟ ରଞ୍ଜନ ପ୍ରଧାନ ଓ କେଶବ ନାୟକ, ଅନ୍ତର୍ଯ୍ୟାମୀ ପ୍ରଧାନ, ମଙ୍ଗୁଲୁ ପାତ୍ର, ପ୍ରଶାନ୍ତ କର୍ଣ୍ଣ, ପ୍ରମୁଖ ଉପସ୍ଥିତ ରହି ଆୟୋଜକ ଭୂମିକା ନିର୍ବାହ କରିଥିଲେ । ଏଠାକୁ ପଇଁଚକୁଲ, ଚଉରାଶି ପ୍ରଗଣା, ଓ ବୌଦ୍ଧ ଜିଲ୍ଲାରୁ ଏକଇଶ ଗୋଟି ନାମଯଜ୍ଞ ଦଳ ଉପସ୍ଥିତ ରହିଥିଲେ । ଉକ୍ତ ଅନୁଷ୍ଠାନରେ ସୁଧୀର କୁମାର ମିଶ୍ର ପୌରହିତ୍ୟ କରିଥିଲେ । ପ୍ରାୟ ହଜାରେରୁ ଉର୍ଦ୍ଧ ଭକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରି ସ୍ୱର୍ଗତ କଇଁଫୁଲିଆ ବାବାଙ୍କ ସ୍ମୃତି ଚାରଣ କରିଥିଲେ । ପ୍ରସାଦ ସେବନ ବ୍ୟବସ୍ଥା ଓ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସମସ୍ତ ଭକ୍ତ ମିଳିମିଶି ଦାୟିତ୍ୱ ତୁଲାଇଥିଲେ । କାର୍ଯ୍ୟକ୍ରମକୁ ଅଖିଳ ଭାରତ ସାହିତ୍ୟ ପରିଷଦ ଓଡିଶାର ଆଠମଲ୍ଲିକ ଶାଖା ଆବାହକ ଦୁର୍ଗାପ୍ରସାଦ ଜ୍ୟୋତିଷ ରାୟ, ଆଠମଲ୍ଲିକ ବ୍ରାହ୍ମଣ ସମାଜ ସଭାପତି ରାଧାମୋହନ ତ୍ରିପାଠୀ ଓ ସାହିତ୍ୟ ପରିଷଦର ପ୍ରମୁଖ ସଦସ୍ୟ ପ୍ରଦୀପ ନନ୍ଦ, ବିଶ୍ୱଜିତ ଡାଙ୍ଗ, ସୁବୋଧ ଅଚର୍ଯ୍ୟା ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ ।

## ଅଚିହ୍ନା ଯୁବତୀଙ୍କୁ ଉଦ୍ଧାର କଲେ ଗ୍ରାମବାସୀ



ନିଆଳି(ଭାସ୍କର ନ୍ୟୁଜ): ନିଆଳି ଥାନା ଅଧିନସ୍ତ ଦେବୀକନ୍ଦଳ ଦୀପାଞ୍ଚଳ ଖରିବିଲ ୟୁପି ସ୍କୁଲ ପାଖରେ ଶୁକ୍ରବାର ସକାଳ ୧୦ ଘଟିକା ସମୟରେ ଅଚିହ୍ନା ଯୁବତୀ ବୁଲାବୁଲି କରୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ । ତାକୁ ଉଦ୍ଧାର କରି ପରିଚୟ ପଚାରିଥିଲେ ମଧ୍ୟ ନିଜର ଘର ଠିକଣା କିଛି କହୁନଥିଲା । ଯାହା କିଛି କହୁଥିଲା ଭୁଲଭାଲ କହୁଥିଲା । ସ୍ଥାନୀୟ ଲୋକେ ଉଦ୍ଧାର କରି ଯୁବତୀଙ୍କୁ ଖାଇବା ଦେଇ ରଖିଥିବା ବେଳେ ନିଆଳି ସିଡିପିଓ ସଂଯୁକ୍ତା ଘଡେଇ ଓ ନିଆଳି ଥାନା ଆଇଆଇସି ବିଜୟ କୁମାର ମଳିକଙ୍କୁ ଜଣାଇଛନ୍ତି । ଯୁବତୀର ବୟସ ୧୮-୨୦ ହେବ ବୋଲି ଜଣାପଡୁଛି । ପାଦରେ ପାଉଁଜି, ହାତରେ ଟାଟୁ, ସବୁଜ ରଙ୍ଗର ଫ୍ରକ୍, ଗୋଟିଏ ହାତରେ ଚାନ୍ଦୁ ଅନ୍ୟ ହାତରେ ପି.ଏନ୍. ପାନପତ୍ର ଓ ପି ଟାଟୁ ହାତରେ ଅଙ୍କା ହୋଇଛି । ଶୁକ୍ରବାର ଭାଲେଣ୍ଟାଇନ ଡେ' ଥିବାବେଳେ ଝିଅ ହାତରେ ଗୋଲାପ ଫୁଲ ସନ୍ଦେହ ସୃଷ୍ଟି କରିଛି ।

## ନୂତନ ବିଦେଶୀ ମଦ ଦୋକାନକୁ ବିରୋଧ, ଆନ୍ଦୋଳନ ପାଇଁ ସଜବାଜ

କୋଣାର୍କ(ଭାସ୍କର ନ୍ୟୁଜ): ଗୋପ ପୂର୍ତ୍ତ ବିଭାଗ ରାସ୍ତାର କୁଣେଇ ଶଙ୍ଖ ବଂଶୀ ବଜାର ଠାରେ ପ୍ରସ୍ତାବିତ ନୂତନ ବିଦେଶୀ ମଦ ଦୋକାନ ଖୋଲିବା ନେଇ କୋଣାର୍କ ଅଞ୍ଚଳର ବୁଦ୍ଧିଜୀବୀ, ସଚେତନ ନାଗରିକ, ବରିଷ୍ଠ ନାଗରିକ ଓ କୋଣାର୍କ ଅଞ୍ଚଳର ଜନସାଧାରଣଙ୍କ ପକ୍ଷରୁ ତୀବ୍ର ବିରୋଧ କରାଯିବା ସହ ଘଟଣାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ଖବରରୁ ପ୍ରକାଶ ଯେ ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ଏନଏସି ଅଧିନସ୍ଥ କୋଣାର୍କ - ଗୋପ ପୂର୍ତ୍ତ ବିଭାଗ ରାସ୍ତାର ପାର୍ଶ୍ୱ ବଂଶୀ ବଜାରସ୍ଥିତ କୁଣେଇ ଶଙ୍ଖଠାରେ ନୂତନ ବିଦେଶୀ ମଦ ଦୋକାନ ଖୋଲିବା ପାଇଁ ପୁରୀ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ପକ୍ଷରୁ ସରକାରୀ ଚିଠି ନଂ-୨୭୦, ତା ୭-୦୨-୨୫ ରିଖରେ ଏକ ବିଜ୍ଞାପନ ପ୍ରକାଶ ପାଇଥିଲା । ଏହି ନୂତନ ବିଦେଶୀ ମଦ ଦୋକାନ କୋଣାର୍କ ଏନଏସିର ୧ନଂ ୱାର୍ଡ କୁଣେଇ ଗ୍ରାମର ପ୍ଲଟନଂ-୧୨୮୭, ଖାତାନଂ-୩୯୭/୨୬୯ ରେ କରାଯିବା ନେଇ ପ୍ରକାଶିତ ବିଜ୍ଞପ୍ତିରେ ପ୍ରକାଶ ପାଇଛି । କୋଣାର୍କ-ଗୋପ ପୂର୍ତ୍ତ ବିଭାଗ ରାସ୍ତାର କୁଣେଇ ଶଙ୍ଖ ଏକ ଦୁର୍ଘଟଣା ପ୍ରବଣ ଅଞ୍ଚଳ ହୋଇଥିବା ବେଳେ ବିଭିନ୍ନ ସମୟରେ ଏକାଧିକ ଦୁର୍ଘଟଣା ଘଟି ଶତାଧିକ ବ୍ୟକ୍ତି ବିଶେଷ ମୃତ୍ୟୁ ବରଣ କରିଥିବା ନଜିର ରହିଛି । ଏହି ରାସ୍ତା ଦେଇ କୋଣାର୍କ ଏନଏସି ୧୧ନଂ ୱାର୍ଡରେ ବସବାସ କରୁଥିବା ଅନୁସୂଚିତ ଜାତି ସଂପ୍ରଦାୟର ଛାତ୍ରଛାତ୍ରୀ ୨୦୦ ମିଟର ଦୂରରେ ଥିବା ଭୈରବୀ ନୋଡାଲ ପ୍ରାଥମିକ ବିଦ୍ୟାଳୟକୁ ପାଠ ପଢିବା ପାଇଁ ଦୈନନ୍ଦିନ ଯାତାୟାତ କରିଥାନ୍ତି । ଏହି ନୂତନ ବିଦେଶୀ ମଦ ଦୋକାନ ଖୋଲାଗଲେ ଏହି ଛାତ୍ରଛାତ୍ରୀଙ୍କ ପ୍ରତି କୁପ୍ରଭାବ ପକାଇବ ବୋଲି ବୁଦ୍ଧିଜୀବି ମହଲରେ ଆଲୋଚନା ହେଉଛି । ଏହି ବିଦେଶୀ ମଦ ଦୋକାନ ଖୋଲିବା ପାଇଁ ପ୍ରକାଶିତ ବିଜ୍ଞପ୍ତି ବାତିଲ କରିବା ସହିତ ନୂତନ ଦୋକାନ ଖୋଲିବା ରଦ୍ଦ କରିବା ପାଇଁ କୋଣାର୍କ ଏନ୍ଏସି ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ ପୁରୀ ଜିଲ୍ଲାପାଳଙ୍କୁ ପତ୍ର ଲେଖି ଅଭିଯୋଗ କରିଛନ୍ତି ବୋଲି ଅଧ୍ୟକ୍ଷା ସୁଶ୍ରୀ ତ୍ରିପାଠୀ ପ୍ରକାଶ କରିଛନ୍ତି । ଏହି ନୂତନ ବିଦେଶୀ ମଦ ଦୋକାନ ବନ୍ଦ କରିବା ପାଇଁ କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ, ସଚେତନ ନାଗରିକ, ବୁଦ୍ଧିଜୀବୀ, ଶିକ୍ଷାବିତ, ବରିଷ୍ଠ ନାଗରିକ ଓ କୋଣାର୍କ ଅଞ୍ଚଳର ଜନସାଧାରଣଙ୍କ ପକ୍ଷରୁ ଦାବି କରାଯାଇଛି ।

## ଯୌତୁକ ପାଇଁ ବଧୂହତ୍ୟା ଅଭିଯୋଗ, ସ୍ୱାମୀ ଗିରଫ



ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ଥାନା ବାରୋ ପଞ୍ଚାୟତ ଅଧୀନ ଦହପାଣିଆ ଗ୍ରାମର ସୁମିତ୍ରା ଦାସ (୨୭) ନାମକ ଜଣେ ମହିଳାଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ପୁଲିସ ଏ ସମ୍ପର୍କରେ ୫୮/୨୫ ମକଦ୍ଦମା ରୁଜୁ କରି ମୃତ ସୁମିତ୍ରାଙ୍କ ସ୍ୱାମୀ ସିଦ୍ଧାର୍ଥ ମଳିକଙ୍କୁ ଗିରଫ କରିଥିବା ଜଣାଯାଇଛି । ଅଭିଯୋଗରୁ ପ୍ରକାଶ ଯେ ଚାନ୍ଦବାଲି ଥାନା ମାଧପୁର ପଞ୍ଚାୟତ ଅଧୀନ ବଡ଼ସିଂହପୁର ଗ୍ରାମର ଖଗେଶ୍ୱର ଦାସଙ୍କ ଝିଅ ସୁମିତ୍ରା ଗତ ୩୦.୫.୨୦୨୩ ତାରିଖରେ ଦହପାଣିଆ ଗ୍ରାମର ଭାଗିରଥି ମଳିକଙ୍କ ପୁଅ ସିଦ୍ଧାର୍ଥଙ୍କୁ ବିବାହ କରିଥିଲେ । ବିବାହ ସମୟରେ ବରପକ୍ଷଙ୍କ ଦାବି ମୁତାବକ ଯୌତୁକ ଦିଆଯାଇଥିଲା । ମାତ୍ର ପରେ ଅଧିକ ଯୌତୁକ ଦାବି କରି ଶଶୁରଘର ଲୋକ ଯୌତୁକ ନିର୍ଯାତନା ଦେଉଥିଲେ । ଶୁକ୍ରବାର ସକାଳେ ସୁମିତ୍ରାଙ୍କ ଭାଇ ସଦାନନ୍ଦ ଫୋନ ଯୋଗେ ଭଉଣୀର ମୃତ୍ୟୁ ଖବର ପାଇବା ପରେ ସେ ତିହିଡ଼ି ଡାକ୍ତରଖାନାରେ ପହଞ୍ଚିଥିଲେ । ତାଙ୍କ ଭଉଣୀ ସୁମିତ୍ରାଙ୍କୁ ଶଶୁରଘର ଲୋକେ ମାରି ଝୁଲାଇ ଦେଇଥିବା ତିହିଡ଼ି ଥାନାରେ ଅଭିଯୋଗ କରିଥିଲେ ।

## ଶ୍ରୀ ଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟରେ ଶବ୍ଦାବଳୀ ଆୟୋଗ କର୍ମଶାଳା ଉଦ୍‌ଯାପିତ



ବାରଙ୍ଗ (ଭାସ୍କର ନ୍ୟୁଜ): ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ଶ୍ରୀ ଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟରେ ପାଞ୍ଚଦିନ ବ୍ୟାପି ଚାଲୁଥିବା ଶବ୍ଦାବଳୀ ଆୟୋଗ କର୍ମଶାଳା ବିଶ୍ୱବିଦ୍ୟାଳୟ ଡାଇରେକ୍ଟର ଅଫ ଅପରେସନ ସ୍ୱାମୀ ସତ୍ୟ ଚୈତନ୍ୟଙ୍କ ସଭାପତିତ୍ୱରେ ଉଦ୍‌ଯାପିତ ହୋଇଯାଇଛି । କେନ୍ଦ୍ରିୟ ଭାରତୀୟ ଭାଷା ସଂସ୍ଥାନ ଭୁବନେଶ୍ୱର ଶାଖାର ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତରେ ଆଞ୍ଚଳିକ ଭାଷାର ଉପଯୋଗୀତା ଏବଂ ଏହାର ପ୍ରାଧାନ୍ୟ ବିଷୟରେ ମତ ପ୍ରଦାନ କରିଥିଲେ । ଭାରତ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ସିନିୟର ସାଇଣ୍ଟିଫିକ ଅଫିସର ଡକ୍ଟର ଭୀମସେନ ବେହେରାଙ୍କ ତତ୍ତ୍ୱାବଧାନରେ ଶ୍ରୀ ଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟ କ୍ରିୟା ଶାରୀର ବିଭାଗ ସହଯୋଗରେ ୧୧୫୦୦ ଶବ୍ଦର ଆକ୍ଷରିକ ତଥା ହିନ୍ଦି, ଇଂରାଜୀ ଏବଂ ଓଡ଼ିଆ ଭାଷାରେ ଅନୁବାଦ କରାଯାଇଥିବା ବେଳେ କାର୍ଯ୍ୟ ଆଗକୁ ମଧ୍ୟ ଜାରି ରହିବ ବୋଲି ମତବ୍ୟକ୍ତ କରିଥିଲେ । ପ୍ରଫେସର ଡେପୁଟି ଡିନ୍ ଦୁର୍ଗାପ୍ରସାଦ ଦାଶ କର୍ମଶାଳାର ଉପଯୋଗିତା ବିଷୟରେ ଆଲୋକପାତ କରିଥିଲେ । ଡିନ୍ ପ୍ରଫେସର ପ୍ରଦୀପ କୁମାର ପଣ୍ଡା ଅତିଥିଙ୍କୁ ସ୍ୱାଗତ କରିଥିଲେ । ପ୍ରଫେସର ନରେନ୍ଦ୍ର ପ୍ରସାଦ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ଡାକ୍ତର ପ୍ରିୟାଞ୍ଜୁ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ବାଇକ୍ ଧକ୍କାରେ ଜଣେ ମୃତ

ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ଥାନା କାଁପଡ଼ା ପଞ୍ଚାୟତ ଅଧୀନ ଦପା ଗ୍ରାମର ସନାତନ ଦାସ (୫୧) ନାମକ ଜଣେ ବ୍ୟକ୍ତିଙ୍କର ବାଇକ୍ ଧକ୍କାରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ପରିବାର ପକ୍ଷରୁ ଏ ନେଇ ସାବରଙ୍ଗ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନାହିଁ । ଫଳରେ ପରିବାର ସଦସ୍ୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହିତ ସେମାନେ ଜିଲା ଆରକ୍ଷୀ ଅଧିକ୍ଷକଙ୍କୁ ସାକ୍ଷାତ କରି ଅଭିଯୋଗ କରିବେ ବୋଲି ଚେତାବନୀ ଦେଇଛନ୍ତି । ଅଭିଯୋଗରୁ ପ୍ରକାଶ ଯେ, ଗତ ୯ ତାରିଖ ଦିନ ସନାତନ ସାରବରଙ୍ଗ ଥାନା ଅଧୀନ ବାରିକଛକ ନିକଟ ରାସ୍ତା କଡ଼ରେ ଘରକୁ ଆସିବା ପାଇଁ ବସ୍‌କୁ ଅପେକ୍ଷା କରି ଠିଆ ହୋଇଥିଲେ । ଏହି ସମୟରେ ଭଦ୍ରକରୁ ଚାନ୍ଦବାଲି ଅଭିମୁଖେ ଦ୍ରୁତଗତିରେ ଆସୁଥିବା ବାଇକ୍ ସନାତନଙ୍କୁ ଧକ୍କା ଦେଇଥିଲା । ଫଳରେ ସାନତନ ଗୁରୁତର ଆହତ ହୋଇଥିଲେ । ଗୁରୁତର ଆହତ ଅବସ୍ଥାରେ ତାଙ୍କୁ ଭଦ୍ରକ ଡାକ୍ତରଖାନା ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ ।

# ଟିପିଏସ୍ଓଡିଏଲ୍‌ର ୩ ପ୍ରମୁଖ କାର୍ଯ୍ୟାଳୟ ସୌରଶକ୍ତି ଚାଳିତ



ବ୍ରହ୍ମପୁର(ଭାସ୍କର ନ୍ୟୁଜ): ସବୁଜ ଶକ୍ତି ଏବଂ ପରିବେଶ ଅନୁକୂଳ ଜୀବନଶୈଳୀକୁ ପ୍ରୋତ୍ସାହିତ କରି ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍ଓଡିଏଲ୍) ପକ୍ଷରୁ ଏହାର ତିନୋଟି କାର୍ଯ୍ୟାଳୟରେ ମୋଟ ୬୨.୭ କିଲୋୱାଟ କ୍ଷମତା ବିଶିଷ୍ଟ ରୁଫଟପ୍ ସୋଲାର ପ୍ଲାଣ୍ଟ ସ୍ଥାପନ କରାଯାଇଛି । କମ୍ପାନୀର ହ୍ୟାଣ୍ଡସ ଅନ୍ ଟେକ୍ନିକାଲ ସେଣ୍ଟରରେ ୨୭.୫ କିଲୋୱାଟ, ନରେନ୍ଦ୍ରପୁର ପ୍ରାଇମେରୀ ସବଷ୍ଟେସନରେ ୧୮.୭ କିଲୋୱାଟ ଓ ଭଞ୍ଜବିହାର ପ୍ରାଇମେରୀ ସବଷ୍ଟେସନରେ ୧୬.୫ କିଲୋୱାଟ କ୍ଷମତାର ସୋଲାର ପ୍ଲାଣ୍ଟ ସଂସ୍ଥାପନ ହୋଇଛି । ପାରମ୍ପରିକ ଶକ୍ତି ଉତ୍ସ ଉପରେ ନିର୍ଭରଶୀଳତା ହ୍ରାସ କରି ସବୁଜ ଶକ୍ତିକୁ ଆପଣାଇବା ଦିଗରେ ଟିପିଏସ୍ଓଡିଏଲର ଏହା ଏକ ବଳିଷ୍ଠ ପଦକ୍ଷେପ । ବ୍ରହ୍ମପୁରର ଆମ୍ବଗଡ଼ ସ୍ଥିତ ହ୍ୟାଣ୍ଡସ୍ ଅନ୍ ଟେକ୍ନିକାଲ ସେଣ୍ଟରରେ ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ ଯୋଗ ଦେଇ ଆନୁଷ୍ଠାନିକ ଭାବେ ସମ୍ପୃକ୍ତ ସୋଲାର ପ୍ଲାଣ୍ଟକୁ ଚାଲୁ କରିଥିଲେ । ସୌର ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେବା ଫଳରେ କମ୍ପାନୀ ପରିବେଶ ଅନୁକୂଳ ବିକଳ୍ପକୁ ଆପଣାଇଛି । ଏହି କାର୍ଯ୍ୟକ୍ରମରେ ଟିପିଏସ୍ଓଡିଏଲର ପ୍ରମୁଖ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ । ହ୍ୟାଣ୍ଡସ୍ ଅନ୍ ଟେକ୍ନିକାଲ ସେଣ୍ଟର, ନରେନ୍ଦ୍ରପୁର ପିଏସଏସ୍ ଓ ଭାଞ୍ଜବିହାର ପିଏସଏସରେ ନୂତନ ଭାବେ ସ୍ଥାପିତ ସୋଲାର ପ୍ୟାନେଲ ଯଥାକ୍ରମେ ମାସିକ ୩୭୦୦ କିଲୋୱାଟ ଆୱାର, ୨୫୨୦ କିଲୋୱାଟ ଆୱାର, ୨୨୨୫ କିଲୋୱାଟ ଆୱାର ବିଜୁଳି ଉତ୍ପାଦନ କରିବ । ଏହି ସ୍ୱଚ୍ଛ ଶକ୍ତି ଦ୍ୱାରା ଅଫିସର ଦୈନନ୍ଦିନ ବିଦ୍ୟୁତ ଆବଶ୍ୟକତା ପୂରଣ ହେବା ସହ ବଳକା ବିଜୁଳି ଗ୍ରୀଡକୁ ଯୋଗାଇ ହେବ । ଯାହା ଫଳରେ ଆଗାମୀ ୨୫ ବର୍ଷ ଭିତରେ ପାଖାପାଖି ୧୭୫୫ ଟନ୍ କାର୍ବନ ନିର୍ଗମନ ହ୍ରାସ ପାଇବ । ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ସରକାରଙ୍କ ଅନୁମୋଦିତ ପୁଞ୍ଜି ବିନିଯୋଗର ଏକ ଅଂଶ ଭାବରେ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଛି । ଦକ୍ଷିଣ ଓଡ଼ିଶାରେ ଟିପିଏସ୍ଓଡିଏଲର ସମସ୍ତ କାର୍ଯ୍ୟାଳୟକୁ ସୌର ଶକ୍ତି ଚାଳିତ କରିବା ପାଇଁ ଏଥିରେ ଯୋଜନା ରହିଛି । ଏଭଳି ପ୍ରୟାସ ମାଧ୍ୟମରେ ସଷ୍ଟେନେବିଲିଟିକୁ ଉତ୍ସାହିତ କରିବା ସହ ଅକ୍ଷୟ ଶକ୍ତି ଏବଂ ପରିବେଶ ଅନୁକୂଳ ଅଭ୍ୟାସ ଆପଣାଇବା ପାଇଁ ଲୋକଙ୍କୁ ପ୍ରୋତ୍ସାହିତ କରିବା ହେଉଛି ଟିପିଏସ୍ଓଡିଏଲର ଲକ୍ଷ୍ୟ । ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ନ୍ତଟିପିଏସ୍ଓଡିଏଲରେ ଆମେ ଅକ୍ଷୟ ଶକ୍ତିର ଉପଯୋଗ କରି ପରିବେଶ ଅନୁକୂଳ ଜୀବନଶୈଳୀକୁ ପ୍ରୋତ୍ସାହିତ କରୁଛୁ । ଏକ ସବୁଜ ସୁନ୍ଦର ଭବିଷ୍ୟତ ନିର୍ମାଣ ପାଇଁ ଉପଭୋକ୍ତାଙ୍କୁ ସଚେତନ କରିବା ଦିଗରେ ଏହା ଏକ ଦୃଷ୍ଟାନ୍ତମୂଳକ ପଦକ୍ଷେପ । ସାରା ଦକ୍ଷିଣ ଓଡ଼ିଶାରେ ରୂପାନ୍ତରଣ ଆଣିବା ସହ କାର୍ବନ ନିର୍ଗମନ ହ୍ରାସ କରି ସ୍ୱଚ୍ଛ ଶକ୍ତିକୁ ଆପଣାଇବା ପାଇଁ ଉପଭୋକ୍ତାଙ୍କୁ ଉତ୍ସାହିତ କରିବା ଦିଗରେ ଆମେ ପ୍ରତିବଦ୍ଧ । ପୂର୍ବରୁ ଟିପିଏସ୍ଓଡିଏଲର ବ୍ରହ୍ମପୁର ସ୍ଥିତ କର୍ପୋରେଟ ଅଫିସ ସମ୍ପୂର୍ଣ୍ଣ ଭାବେ ୧୦୦ କିଲୋୱାଟ କ୍ଷମତା ବିଶିଷ୍ଟ ରୁଫଟପ୍ ସୋଲାର ପ୍ଲାଣ୍ଟ ଦ୍ୱାରା ଚାଲୁଛି, ଯାହା କମ୍ପାନୀର ପ୍ରଥମ ସବୁଜ ଶକ୍ତିଚାଳିତ ଅଫିସ ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର






ଉମରକୋଟ, (ଭାସ୍କର ନ୍ୟୁଜ୍) : ଉମରକୋଟ ଶିଶୁ ବିକାଶ ପ୍ରକଳ୍ପ ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଉମରକୋଟ ବ୍ଲକ୍ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହେଇ ଥିଲା। ଉମରକୋଟ ବ୍ଲକ ସିଡିପିଓ ସଞ୍ଜୁକ୍ତା ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉମରକୋଟ ପୌର ପରିଷଦର ଅଧ୍ୟକ୍ଷା ରାଧା ଭତ୍ର। ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ସାଂସଦଙ୍କ ପ୍ରତିନିଧି ରାମ ନାୟକ, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ଜିଲ୍ଲା ପରିଷଦ ସଭ୍ୟା ଛାୟା ବିଶ୍ୱାସ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦ୍ରୂପଦି କଅର, ଏବିଡିଓ ଡକ୍ଟର ଜିତେନ୍ଦ୍ର କୁମାର ସାମଲ, ବିଜେପି ସାଧାରଣ ସମ୍ପାଦିକା ମନ୍ଦିରା ନାୟକ ଉମରକୋଟ ପୌର ନିର୍ବାହୀ ଅଧିକାରୀ ଆଲୋକ ଅନୁଗୁଳିଆ, ମହିଳା ଆଇନଜୀବୀ ଭାବନା ତ୍ରିପାଠୀ, ପୋଲିସ ଏସ୍‌ଆଇ ପୂର୍ଣ୍ଣିମା ଟେଟେ, କିସାନି ପଟ୍ଟନାୟକ, ରମା ପଟ୍ଟନାୟକ ଓ ଫକିର ଚରଣ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଘରୋଇ ହିଂସା ନିବାରଣ ଆଇନ, ବେଟି ବଚାଓ ବେଟି ପଢ଼ାଓ, ଭ୍ରୂଣ ନିରୂପଣ ନିବାରଣ ଆଇନ, ବାଲ୍ୟବିବାହ, ଯୌତୁକ ନିବାରଣ ଆଇନ, କର୍ମସ୍ଥଳରେ ମହିଳାଙ୍କୁ ଯୌନ ଶୋଷଣ ନିବାରଣ ଆଇନ, ଡାହାଣୀ ନିବାରଣ ଆଇନ, ମହିଳା ଚାଲାଣ ଆଇନ ଉପରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ଅଙ୍ଗନବାଡି କର୍ମୀ, ଏମବିକେ, ସିଆରପି, କଲେଜ ଛାତ୍ରୀମାନେ ଉପସ୍ଥିତ ଥିଲେ।

# କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ତିଆରି କର୍ମଶାଳା

ତେନ୍ତୁଳି ଖୁଣ୍ଟି, (ଭାସ୍କର ନ୍ୟୁଜ୍ ) : ନବରଂଗପୁର ଜିଲ୍ଲା ତେନ୍ତୁଳି ଖୁଣ୍ଟି ବ୍ଲକ ଅଞ୍ଚଳ ଗୁମା କ୍ଲଷ୍ଟର ଅନ୍ତର୍ଗତ ଭରଣପୂର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ସିଆର୍‌ସିସି ଇନ୍ଦ୍ରଦ୍ୟୁମ୍ନ ବିଷୋୟୀଙ୍କ ତତ୍ତ୍ୱାବଧାନରେ ଶିକ୍ଷଣ ସାମଗ୍ରୀ ତିଆରି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ତିନି ଦିନ ଧରି ଚାଲିଥିଲା। ପ୍ରଥମେ ବିଦ୍ୟାଦାୟିନୀ ସରସ୍ୱତୀଙ୍କୁ ଧୂପ ଦୀପ ଦେଇ ପୂଜାର୍ଚ୍ଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମର ଆବାହକ ତଥା ପ୍ରଧାନ ଶିକ୍ଷକ ଭାସ୍କର ଭକ୍ତ ଓ ମୁଖ୍ୟବକ୍ତା ଅରବିନ୍ଦ ନାୟକ କାର୍ଯ୍ୟକ୍ରମର ରୂପରେଖ ଓ ଉଦ୍ଦେଶ୍ୟ



ବିଷୟରେ କହିଥିଲେ । ଉପସ୍ଥିତ ଥିବା ଶିକ୍ଷକ ଶିକ୍ଷୟିତ୍ରୀ ୨-୨ ଜଣଙ୍କୁ ନେଇ ଗୋଟିଏ ଗୋଟିଏ ଦଳ ଗଠନ କରାଯାଇଥିଲା । ପ୍ରତ୍ୟେକ ଦଳକୁ ଭାଷା, ଗଣିତ ଜ୍ଞାନ, ସଂଖ୍ୟା ଜ୍ଞାନ, ଇଂରାଜୀ ଶିକ୍ଷା, ଓଡ଼ିଆ ଯୁକ୍ତାକ୍ଷର, ଇଂରାଜୀ ପଣିକିଆ ଋତୁଚକ୍ର, ଘଣ୍ଟା ବିଷୟରେ ଧାରଣା ଭଳି ଶିକ୍ଷଣ ସାମଗ୍ରୀ ତିଆରି କରିବା ପାଇଁ ଦିଆଯାଇ ଥିଲା। ଏଥିରେ ଅଞ୍ଚଳ ଗୁମା କ୍ଲଷ୍ଟର ୧୧ ଗୋଟି ବିଦ୍ୟାଳୟରୁ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଯୋଗ ଦେଇଥିଲେ । ଛାତ୍ରଛାତ୍ରୀ ସରଳ ଓ ସୁବିଧାରେ ଶିକ୍ଷାଦାନ କରିବା ପାଇଁ ବିଭିନ୍ନ ଶିକ୍ଷା ସାମଗ୍ରୀ ଆବଶ୍ୟକ ପଡୁଛି। ତେଣୁ ଶିକ୍ଷଣ ସାମଗ୍ରୀ ବ୍ୟବହାର କରି ଶିକ୍ଷାଦାନ କଲେ ଛାତ୍ରଛାତ୍ରୀ ମାନେ ସହଜରେ ବୁଝି ପାରିବେ। ପ୍ରତ୍ୟେକ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ନିଜେ ଶିକ୍ଷଣ ସାମଗ୍ରୀ ତିଆରି କରି ଛାତ୍ରଛାତ୍ରୀ ମାନଙ୍କୁ ଶିଖାଇବେ । ନିର୍ଦ୍ଦିଷ୍ଟ ବିଷୟରେ ଶିକ୍ଷାଦାନ କରିବା ବେଳେ ବିଷୟକୁ ଆଧାର କରି ଶିକ୍ଷଣ ସାମଗ୍ରୀ ବ୍ୟବହାର କଲେ ଛାତ୍ରଛାତ୍ରୀ ମାନେ ସହଜରେ ବୁଝି ପାରିବେ ।ଏହି କାର୍ଯ୍ୟକ୍ରମକୁ ପ୍ରଦୀପ କୁମାର ପ୍ରଧାନ ପରିଚାଳନା କରିଥିଲେ ।

# ଦୁଇ ପାଣି ପଂଚାୟତ ନିର୍ବାହୀ କମିଟି ଗଠିତ



ଗୁଣୁପୁର, (ଭାସ୍କର ନ୍ୟୁଜ୍ ) : ଗୁରୁବାର ଦିନ ଗୁଣପୁର ବ୍ଲକର ଦୁଇଟି ପାଣି ପଞ୍ଚାୟତର ନିର୍ବାହୀ କମିଟି ଗଠନ ହୋଇଛି। ଜଗନ୍ନାଥପୁର ପଞ୍ଚାୟତ ଚିନ୍ତାଲିଗୁଡା ଗ୍ରାମରେ ଥିବା ବୃହତ ଉଠା ଜଳସେଚନ ପ୍ରକଳ୍ପର ସୁଗମ ବଣ୍ଟନ ନିମନ୍ତେ ଏହାର ଗଠନ କରାଯାଇଛି। ମା' ମଙ୍ଗଳା ଏବଂ ମା' କାଳଭୈରବୀ ପାଣି ପଞ୍ଚାୟତ । ୨ ପାଣି ପଞ୍ଚାୟତ ସଦସ୍ୟଙ୍କୁ ନେଇ ନିର୍ବାହୀ କମିଟି ଗଠନ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପାରଳାଖେମୁଣ୍ଡି ଡିଭିଜନ ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରା ଏହା କରାଯାଇଥିଲା। ମା' ମଙ୍ଗଳା ପାଣି ପଞ୍ଚାୟତ ନିମନ୍ତେ ସଭାପତି ଭାବେ ଗଙ୍ଗା ଶବର, ସମ୍ପାଦକ ଭାବେ ସୀମାଦ୍ରୀ, କୋଷାଧ୍ୟକ୍ଷ ଭାବେ ରାଜେଶ୍ୱରୀ ବଡ଼ ପନ୍ଦରା ଏବଂ କାଳ ଭୈରବୀ ପାଣି ପଞ୍ଚାୟତ ସଭାପତି ଭାବେ ଗୌରୀ ଗମାଙ୍ଗ, ସମ୍ପାଦକ ଭାବେ ମୁନା ବେହେରା ଏବଂ କୋଷାଧ୍ୟକ୍ଷ ଭାବେ ସୁକୁଲା କଣ୍ଡାଗିରିଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ବିଭାଗ ପକ୍ଷରୁ ପାରଳାଖେମୁଣ୍ଡି ନିର୍ବାହୀ ଯନ୍ତ୍ରୀ ବିଭୁ ପ୍ରସାଦ ପଣ୍ଡା, ସହ ନିର୍ବାହୀ ଯନ୍ତ୍ରୀ ବିଶାଳ କୁମାର ପାତ୍ର, ଶ୍ରୀ ସାଇରାମ, ସୁନୀଲ କୁମାର ପାତ୍ର ପ୍ରମୁଖଙ୍କ ଉପସ୍ଥିତିରେ ଚୟନ ପ୍ରକ୍ରିୟା କରାଯାଇଥିଲା।

# ବନଜ୍ୟୋସ୍ନା ସାହିତ୍ୟ ସଂସଦର ପୁସ୍ତକ ମେଳା ଓ ସାଂସ୍କୃତିକ ଉତ୍ସବ

କନ୍ଧମାଳ, (ଭାସ୍କର ନ୍ୟୁଜ୍ ) : ଫୁଲବାଣୀର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ବନଜ୍ୟୋସ୍ନା ସାହିତ୍ୟ ସଂସଦର ପଞ୍ଚଦଶ ପୁସ୍ତକ ମେଳା ଓ ସାଂସ୍କୃତିକ ଉତ୍ସବ ସ୍ଥାନୀୟ କରୋନେସନ୍ ପଡ଼ିଆରେ ଅତି ଆଡମ୍ବର ସହକାରେ ଉଦ୍‌ଘାଟନ ହୋଇଯାଇଛି। ଉତ୍ସବର ଉଦ୍‌ଘାଟକ ଭାବେ ଯୋଗ ଦେଇ କନ୍ଧମାଳ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ରମେଶଚନ୍ଦ୍ର ଜେନା, ଏହି ୧୨ ଦିନ ବ୍ୟାପି ହେବାକୁ ଥିବା ମେଳାକୁ ଉଦ୍‌ଘାଟନ କରିଥିଲେ। ମନୁଷ୍ୟ ଯେତେ ଆଧୁନିକତା ଏବଂ ପଢିବାର ଯେତେ ଉନ୍ନତ ସାଧନ ପ୍ରସ୍ତୁତ କରିଥିଲେ ମଧ ପୁସ୍ତକର ଉପାଦେୟତା ଏବଂ ଏହାକୁ ପଢିବାର ଆବଶ୍ୟକତାକୁ ଅଣଦେଖା କରିବା ଉଚିତ୍ ନୁହେଁ। ପୁସ୍ତକ ପଢିବା ଦ୍ୱାରା ହିଁ ଉଲ୍ଲେଖ ଥିବା ବିଷୟର ମର୍ମ ଓ ସ୍ପର୍ଶ କାତରତାକୁ ଅନୁଭବ କରି ହେବ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ କନ୍ଧମାଳ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ସନ୍ତୋଷ କୁମାର ପାଢୀ ଯୋଗ ଦେଇ ବୈଜ୍ଞାନିକ ଓ ଆଧ୍ୟାତ୍ମିକ ଉଭୟ ମତର ଖୁବ୍ ସୁନ୍ଦର ଉଦାହରଣ ଦେଇ ଆଧୁନିକତାର ବଶବର୍ତ୍ତୀ ହୋଇ ମନୁଷ୍ୟ କିଭଳି ଭାବେ ଉନ୍ନତିର ଦୌଡ ଆଳରେ ଅବନତି ଆଡକୁ ଦ୍ରୁତଗତିରେ ଦୌଡୁଛି ବୋଲି କହିଥିଲେ। ଏହା ଦ୍ୱାରା



ମନୁଷ୍ୟଙ୍କୁ ବିଭିନ୍ନ ରୋଗ ଏବଂ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ତେଣୁ ପୁସ୍ତକ ପଢିବା ଦ୍ୱାରା ମନୁଷ୍ୟ ଭୁଲି ଯିବା ଭଳି ରୋଗର ଶୀକାର ହୁଏ ନାହିଁ ବୋଲି କହିଥିଲେ। କାର୍ଯ୍ୟକ୍ରମର ମୁଖ୍ୟବକ୍ତା ଭାବେ ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକ ଡ. ଚନ୍ଦ୍ରଶେଖର ଦାସ ଯୋଗ ଦେଇ ପୁସ୍ତକ ମେଳାର ଇତିହାସ ଓ ଏହାର ଆବଶ୍ୟକତା ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ପ୍ରାଧ୍ୟାପକ ତୀର୍ଥ ଜାନୀ ସଭାପତିତ୍ୱ କରିଥିବା ବେଳେ ଅନ୍ୟତମ ଅତିଥି ଭାବେ ଜିଲ୍ଲା ପ୍ରେସ କ୍ଲବର ସଭାପତି ତଥା ବରିଷ୍ଠ ସାମ୍ବାଦିକ ସୁନୀଲ ପଟ୍ଟନାୟକ ବନଜ୍ୟୋସ୍ନା ସାହିତ୍ୟ ସଂସଦର, ସାହିତ୍ୟକୁ ଉଦ୍‌ଜୀବିତ କରି ରଖିବାରେ ଏହାର ନିରନ୍ତର ପ୍ରାୟଶକୁ ପ୍ରଶଂସା କରିଥିଲେ। ଅନୁଷ୍ଠାନର ସଭାପତି ପ୍ରଶାନ୍ତ କୁମାର ବେହେରା ପ୍ରାରମ୍ଭିକ ଅଭିଭାଷଣରେ ଅନୁଷ୍ଠାନ ଦ୍ୱାରା ଜାରି ରହିଥିବା ଦିର୍ଘ ୧୫ ବର୍ଷର ସଫଳତା ଯୋଗୁଁ ଜିଲ୍ଲାରେ ସାହିତ୍ୟର ପ୍ରସାର ସମେତ ଜିଲ୍ଲାରେ ଥିବା ତଳ ସ୍ତର ଠାରୁ ଆରମ୍ଭ କରି ସବୁ ସ୍ତରର ଏବଂ ସବୁ ବର୍ଗର ଛାତ୍ରଛାତ୍ରୀମାନଙ୍କ ପ୍ରତିଭା, ବରିଷ୍ଠ ନାଗରିକ, କ୍ରୀଡାବିତ୍, କଳାକାର, ଶିକ୍ଷାବିତ୍, ସମାଜ ସେବୀ, ପୁରୁଷ ଓ ମହିଳା ରକ୍ତଦାତା ଏବଂ ସ୍ୱେଚ୍ଛାସେବୀ ମାନଙ୍କ ସମେତ ବିଭିନ୍ନ ପ୍ରତିଭାର ଅଧିକାରୀ ପୁରୁଷ ଓ ମହିଳା ମାନଙ୍କୁ ସମ୍ବର୍ଦ୍ଧିତ କରି ଲୋକଲୋଚନକୁ ଆଣି ସେମାନଙ୍କର ଉତ୍ସାହ ବୃଦ୍ଧି କରିବା ଦିଗରେ କାର୍ଯ୍ୟ କରି ଆସୁଛି ବୋଲି କହିଥିଲେ। ଏହି ଅବସରରେ ଅନୁଷ୍ଠାନ ଦ୍ୱାରା ଦିର୍ଘ ୩୨ ବର୍ଷ ଧରି ପ୍ରକାଶ ପାଉଥିବା ସ୍ମରଣୀକା, 'ବନଜ୍ୟୋସ୍ନା' ଏବଂ ଡଃ କାହ୍ନୁଚରଣଙ୍କ ସଙ୍କଳନ ପୁସ୍ତକ 'ସମୟର ସ୍ୱୟମ୍ବର' ନମସ୍ତେ ଓ 'ବିପ୍ଳବର ମହାନାୟକ ନେତାଜୀ ସୁଭାଷ' ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ମୁଖ୍ୟ ସମ୍ପାଦକ ଡଃ କାହ୍ନୁଚରଣ ଶତପଥୀ ପରିଚାଳନା କରିଥିଲେ। ଅନୁଷ୍ଠାନର ବରିଷ୍ଠ ସଦସ୍ୟା ପ୍ରଣତି ତ୍ରିପାଠୀ ଅତିଥି ପରିଚୟ ଓ ସ୍ୱାଗତ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ସ୍ତରରେ ଛାତ୍ର ଛାତ୍ରୀ ମାନଙ୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦିକା ବିରାଜିନୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# କଳା ଦିବସ ଅବସରରେ ମାରାଥନ୍

କଲ୍ୟାଣସିଂହପୁର, (ଭାସ୍କର ନ୍ୟୁଜ୍ ) : ଭାରତ ଇତିହାସର ଫେବୃଆରି ୧୪ ଏକ କଳା ଦିବସ ପାଳନ ଅବସରରେ ଜେକେ ଯୁବଗୋଷ୍ଠୀଙ୍କ ଦ୍ୱାରା ଜେକେପୁର ଠାରୁ ୦୬ କି.ମି ସୁଦୂର ସିଲ୍ଲିଗୁଡା ଡ୍ୟାମ ପର୍ଯ୍ୟନ୍ତ ଏକସୁନ୍ଦର ମିନି ମାରାଥନର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭାରତୀୟ ଜନତା ପାର୍ଟି ଜିଲ୍ଲା ଯୁବ ମୋର୍ଚ୍ଚା ଉପସଭାପତି ପ୍ରିତମ କୁମାର ଯୋଗଦେବା ସହିତ ସମ୍ମାନିତ ଅତିଥି ଭାବେ ପୁରୁଷୋତ୍ତମ, ପି.ଗୌରୀ, ପଲମା ସ୍କୁଲ୍‌ର ଶିକ୍ଷକ ତଥା ଇଣ୍ଟରନ୍ୟାସନାଲ୍ ସ୍ପୋର୍ଟ୍‌ସ ମ୍ୟାନ୍ ବାବୁଲା ମେଲେକା, ଚାନ୍ଦିଲି ଥାନାର ଏସ୍‌ଆଇ, ସିଆର୍‌ପିଏଫ, ଜେକେ କାଗଜକଳ ପରିଚାଳନା କମିଟି, ଆଦିବାସି ସମାଜ୍ ସଭାପତି ବସନ୍ତ ପେଦେଣ୍ଟି ଓ ଅନେକ ବୁଦ୍ଧିଜୀବୀ ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଏହି ମାରାଥନ୍‌ରେ ଅନ୍ୟାନ୍ୟ ଜିଲ୍ଲାରୁ ଯଥା କଳାହାଣ୍ଡି, କୋରାପୁଟ, କଟକ ଜିଲ୍ଲାର ଭୁବନେଶ୍ୱର କିସ ମହାବିଦ୍ୟାଳୟର ଏଥେଲେଟ ଯୋଗଦାନ କରି କାର୍ଯ୍ୟକ୍ରମର ଶୋଭା ବଢ଼େଇଥିଲେ। ପଲମା ସ୍କୁଲ୍, ଜେକେ ସିଂଘାଣିଆ, ଚାନ୍ଦିଲି ସ୍କୁଲର ଛାତ୍ରଛାତ୍ରୀ ମାନେ ଏହି ମାରାଥନରେ ଯୋଗ ଦେଇଥିବା ବେଳେ ପଲମା ସ୍କୁଲର ଛାତ୍ରଛାତ୍ରୀ ମାନେ ପ୍ରଥମ ସ୍ଥାନରେ ପୁରସ୍କୃତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଯୁବ ମୋର୍ଚ୍ଚା ଉପ ସଭାପତି ପ୍ରିତମ କୁମାର ପୁଲୱାମା ଠାରେ ଆକ୍ରମଣ ହୋଇଥିବା ଭାରତୀୟ ସେନା ବାହିନୀଙ୍କ ଉପରେ ପ୍ରେରଣା ଦାୟକ ଭାଷଣ ଉପସ୍ଥାପନା ଯୁବଯୁବତୀଙ୍କୁ ବହୁତ ଅନୁପ୍ରାଣିତ କରିଥିଲା। ଏବଂ ସହିଦ ଯବାନଙ୍କ ପାଇଁ ୨ମିନିଟର ଶାନ୍ତି ପୂର୍ଣ୍ଣ ଶ୍ରଦ୍ଧାଞ୍ଜଳୀ ଜଣେଇଥିଲେ। ତା ସହ କୌଣସି ଅସୁବିଧା ଯଥା ଶିକ୍ଷା, ସ୍ୱାସ୍ଥ୍ୟ କିମ୍ବା ଅନ୍ୟାନ୍ୟ ଅସୁବିଧାରେ ମୋର ସହଯୋଗ ତୁମ୍ଭ ମାନଙ୍କ ପାଇଁ ସବୁବେଳେ ରହିବ ଏହା ପ୍ରତିଶୃତି ମଧ ଦେଇଥିଲେ। ମାରାଥନରେ ଯୋଗ ଦେଇଥିବା ପ୍ରତିଦ୍ୱନ୍ଦ୍ୱି ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ତତ୍ ସହିତ ସମସ୍ତ କ୍ରୀଡାବିତ୍ କିଭଳି ସୁରକ୍ଷିତ ଘରେ ପହଁଞ୍ଚିବେ ସେଥିପାଇଁ ଚାନ୍ଦିଲି ପୋଲିସ ତରଫରୁ ସମସ୍ତଙ୍କୁ ସହଯୋଗ କରିଥିଲେ। ଆଜିକାର ଏହି ମାରାଥନ୍ କାର୍ଯ୍ୟକ୍ରମ ଆଗାମୀ ଯୁବପିଢ଼ି ପାଇଁ ନିଶ୍ଚିତ ଭାବେ ମାର୍ଗଦର୍ଶକ ହେବ ବୋଲି ଶ୍ରୀ ପ୍ରୀତମ୍ କୁମାର୍ କହିଛନ୍ତି।

# ବାଇକ୍ ଦୁର୍ଘଟଣାରେ ଦୁଇ ମୃତ

ଉମରକୋଟ, (ଭାସ୍କର ନ୍ୟୁଜ୍ ) : ପୃଥକ ଜାଗାରେ ବାଇକ୍ ଦୁର୍ଘଟଣା ଘଟି ଦୁଇ ଜଣଙ୍କର ମୃତ୍ୟୁ ଘଟିଛି ଏଭଳି ଘଟଣା ଦେଖିବାକୁ ମିଳିଛି ଡାବୁଗାଁ ଥାନା ଅଧୀନରେ। ମୃତକ ଦୁଇ ଜଣ ହେଲେ ଉମରକୋଟ ଥାନା ଅଧିନ ମେନ୍ଦା ବେଡା ଗ୍ରାମର କେଶବ ରାଜଗଣ୍ଡ (୨୬) ଓ ଶଙ୍କରଡା ଗ୍ରାମର ଶୁକରାମ ଭତରା। ସୂଚନା ଅନୁସାରେ ଏହି ଦୁଇ ଜଣ ବାଇକ ଯୋଗେ କେଉଁ ଠାରୁ କେଉଁଠାକୁ ଯାଉଥିଲେ କାହାରିକୁ ଜଣାନାହିଁ। କେଶବଙ୍କର ଚାଟିଗୁଡା ନିକଟରେ ଦୁର୍ଘଟଣା ହୋଇଥିବା ବେଳେ ଶୁକରାମ ରାଜପୁର ନିକଟରେ ଦୁର୍ଘଟଣା ହୋଇ ପଡ଼ିଥିଲେ। ଦୁର୍ଘଟଣା ହୋଇ ରାସ୍ତାରେ ପଡ଼ିଥିବା ଦେଖି କିଛି ଲୋକ ଆମ୍ବୁଲାନ୍ସ ଯୋଗେ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଥିଲେ। ଡାକ୍ତରଖାନାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ପରିବାର ଲୋକଙ୍କ ପକ୍ଷରୁ କୌଣସି ଥାନାରେ ଲିଖିତ ଅଭିଯୋଗ କରାଯାଇନଥିଲା।

# ଧର୍ମପରିବର୍ତ୍ତନ ସାଜିଲା ବାଧକ

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ଧର୍ମ ପରିବର୍ତ୍ତନ କରିଥିବାରୁ ମୃତଶରୀରକୁ ମିଳିଲା ନାହିଁ ମଶାଣି। ବୁଧବାର ରାତ୍ରରେ ପଦିଆଙ୍କ ସ୍ତ୍ରୀ ବୁଦ୍ରା ମାଡକାମୀ(୫୦)ଙ୍କର ମୃତ୍ୟୁ ହୋଇଥିବା ବେଳେ ମୃତଦେହ ପୋତିବାକୁ ଗ୍ରାମବାସୀ ବିରୋଧ କରିଥିଲେ । ପରେ ପୋଲିସ ଓ ଜନପ୍ରତିନିଧିଙ୍କ ହସ୍ତକ୍ଷେପ ପରେ ଶବକୁ ମିଳିଲା ସ୍ଥାନ । ପରେ ଅନ୍ୟତ୍ର ସରକାରୀ ଜମିରେ ପୋତାଗଲା ଶବ। ଏପରି ଘଟଣା ଘଟିଛି ମାଲକାନଗିରି ଥାନା ଅନ୍ତର୍ଗତ ମାର୍କାପାଲି ପଞ୍ଚାୟତ ଇଜାରଗୁଡା ଗ୍ରାମରେ। ଇଜାରଗୁଡା ଗ୍ରାମର ପଦିଆ ମାଡକାମୀ ଓ ତାଙ୍କ ପରିବାର ଗତ ୩ ବର୍ଷ ତଳେ ଧର୍ମପରିବର୍ତ୍ତନ କରିଥିବାରୁ ଗାଁ ମୁଣ୍ଡରେ ଥିବା ମଶାଣିକୁ ଶବ ସଂସ୍କାର ପାଇଁ ନେବାରୁ ସେ ଅନ୍ୟ ଧର୍ମ ଗ୍ରହଣ କରିଥିବାରୁ ଗାଁ ମଶାଣିରେ ଶବ ସଂସ୍କାର କରିବାକୁ କିଛି ଲୋକ ବିରୋଧ କରିଥିଲେ। ଏ ସମ୍ପର୍କରେ ମାଲକାନଗିରି ଥାନା ଅଧିକାରୀ ରିଗାନ କିଣ୍ଡୋ ଖବର ପାଇ ସମସ୍ତଙ୍କ ସହିତ ଯୋଗାଯୋଗ କରି ପରିସ୍ଥିତିକୁ ସୁଧାର କରିବା ସହ ଘଟଣାର ସମାଧାନ କରିଛନ୍ତି । ଥାନା ଅଧିକାରୀ ଶ୍ରୀ କିଣ୍ଡୋ ଗ୍ରାମର ସ୍ଥିତିକୁ ନିୟନ୍ତ୍ରଣରେ ରଖିବା ପାଇଁ ଗାଁ ମୁଖିଆ ଏବଂ ଜିଲ୍ଲା ଆଦିବାସୀ ସମାଜ ମହାସଂଘ ସଭାପତି ବନ୍ଧୁ ମୁଦୁଲି, ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ଓ ଅନ୍ୟାନ ଆଦିବାସୀ ନେତା, ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ସହିତ ଯୋଗାଯୋଗ କରି ଗାଁ ଲୋକଙ୍କୁ ବୁଝାଇ ଶବ ସଂସ୍କାର କରିବା ପାଇଁ ଅନ୍ୟ ଏକ ସରକାରୀ ଜମି ଦେଖାଇ ଦେଇଥିଲେ। ଏହାପରେ ପରିବାର ଲୋକେ ସେହି ସରକାରୀ ଜମିରେ ଶବ ସଂସ୍କାର କରିଥିଲେ।




# ମୁରିବାହାଲ ହାଇସ୍କୁଲରେ ବାର୍ଷିକ ଉତ୍ସବ

ମୁରିବାହାଲ, (ଭାସ୍କର ନ୍ୟୁଜ୍ ) : ବଲାଙ୍ଗୀର ଜିଲ୍ଲା ମୁରିବାହାଲ ହାଇସ୍କୁଲରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ମୁରିବାହାଲ ଏବିଇଓ କୈଳାଶ ଚନ୍ଦ୍ର ଭୋଇ ଓ ସମ୍ମାନିତ ଅତିଥି ଭାବରେ କାନ୍ତରାମ ଧରୁଆ, ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁନୀଲ କୁମାର ପାତ୍ର ଓ ମୁଖ୍ୟବକ୍ତା ଭାବରେ ମୁରିବାହାଲ ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ପୀତବାସ ସାହୁ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ରଶ୍ମିତା ପାତ୍ର, ରିଚେଲ ନାଗ, ଦିପ୍ତିମୟୀ ଲେଙ୍କା ଓ ଶିକ୍ଷକ କିଶୋର ଚନ୍ଦ୍ର ମହାନ୍ତି, ବିକ୍ରମ ପୁରୋହିତ, ମନୋଜ ସ୍ୱାଇଁ, ସୋମନାଥ ମାଝୀ, ଚନ୍ଦ୍ର ଭୋଇ, ନୀତେଶ ତାଣ୍ଡି କଲାକାଁହୁ ରଣା, ଶିଶିର ବୈଠରୁ, ନୀଳାମ୍ବର ରାଉତ, ସୁରେଶ ମାହାକୁର ମନୋହର ଥାଟି ପ୍ରମୁଖ ସହଯୋଗ କରିଥିଲେ। ମଞ୍ଚପରିଚାଳନା ଶିକ୍ଷକ ହେମନ୍ତ ନାଗ କରିଥିବା ବେଳେ ପ୍ରଦୀପ କୁମାର ପୁଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

# ୯ କେଜି ଗଞ୍ଜେଇ ଜବତ, ଜଣେ ଗିରଫ




ଉମରକୋଟ, (ଭାସ୍କର ନ୍ୟୁଜ୍ ) : ଉମରକୋଟ ଅବକାରୀ ବିଭାଗର କର୍ମଚାରୀ ମାନେ ଉମରକୋଟ ନିକଟସ୍ଥ ବଡ଼ ବାସିନୀ ଠାରେ ପେଟ୍ରୋଲିଂ କରୁଥିବା ସମୟରେ ଗଞ୍ଜେଇ ଜବତ କରିଛନ୍ତି। ଧର୍ମଲାଲ ମାଝି ନାମକ ଜଣେ ବ୍ୟକ୍ତି ଗୋଟିଏ ବ୍ୟାଗରେ ଗଂଜେଇ ଆଣୁଥିବା ବେଳେ ସନ୍ଦେହ କରି ତାକୁ ଅଟକ ରଖି ଖାନ ତଲାସି କରିବା ସମୟରେ ତା' ନିକଟରୁ ଗଞ୍ଜେଇ ମିଳିଥିଲା, ଯାହାର ଓଜନ ୯ କିଲୋଗ୍ରାମ ହେବ। ଧର୍ମଲାଲର ଘର ବଡ଼ ବାସିନୀ। ଆସାମୀକୁ କୋର୍ଟ ଚାଲାଣ କରାଯାଇଛି। ଏହି ସମୟରେ ଅବକାରୀ ନିରୀକ୍ଷକ ରଞ୍ଜୁ ଲତା ବାରିକ, ଏଏସ୍‌ଆଇ ମନୋଜ କୁମାର ପ୍ରଧାନ, ସୁବାସ ଚନ୍ଦ୍ର ଗୌଡ଼, ଛତର ଗଣ୍ଡ ଓ ଜ୍ୟୋସ୍ନା ହରିଜନ ପ୍ରମୁଖ ଅବକାରୀ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ଇନ୍ସପେକ୍ଟର ସ୍ତରରେ ଅଦଳବଦଳ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍ ) : କେନ୍ଦ୍ରାପଡ଼ା ଜିଲ୍ଲାର ଇନ୍ସପେକ୍ଟର ସ୍ତରରେ ଆରକ୍ଷୀ ଅଧୀକ୍ଷକ ଅଦଳବଦଳ କରିଛନ୍ତି। ସେହି ଅନୁଯାୟୀ ଜିଲ୍ଲା ପୋଲିସ ମୁଖ୍ୟାଳୟରେ ଥିବା ଇନ୍ସପେକ୍ଟର (ଆରକ୍ଷୀ ନିରୀକ୍ଷକ) ସରୋଜ ସାହୁଙ୍କୁ ଡେରାବିଶ ଥାନାରେ ଅବସ୍ଥାପିତ କରାଯାଇଥିବା ବେଳେ ମୁଖ୍ୟାଳୟରେ ଥିବା ତପନ କୁମାର ନାୟକଙ୍କୁ ଆଳି ଥାନାକୁ, ମୁଖ୍ୟାଳୟରେ ଥିବା ବନ୍ଦନା ପାତ୍ରଙ୍କୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ, ମହାକାଳପଡ଼ା ଥାନାଧିକାରୀ ଧୀରଜ ଲେଙ୍କାଙ୍କୁ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାକୁ, ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାଧିକାରୀ ନରେଶ ସାହୁଙ୍କୁ ରାଜନଗର ଥାନାକୁ, ସଦର ଥାନାଧିକାରୀ ବିମଳ ମଲ୍ଲିକଙ୍କୁ ତାଳଚୁଆ ସାମୁଦ୍ରିକ ଥାନାକୁ, ମୁଖ୍ୟାଳୟରେ ଥିବା ଇନ୍ସପେକ୍ଟର ଶୁଭେନ୍ଦୁ ସାହୁଙ୍କୁ ସଦର ଥାନାକୁ ବଦଳି କରାଯାଇଛି। ସେହିପରି ଜିଲ୍ଲା ପୋଲିସ ମୁଖ୍ୟାଳୟରେ ଥିବା ରାଜେନ୍ଦ୍ର କୁମାର ମହାପାତ୍ରଙ୍କୁ ମହାକାଳପଡ଼ା ଥାନା, ଡେରାବିଶ ଥାନାଧିକାରୀ କିଶୋର ଚନ୍ଦ୍ର ତରେଇଙ୍କୁ ତନ୍ତିଆପାଳ ସାମୁଦ୍ରିକ ଥାନା, ତନ୍ତିଆପାଳ ସାମୁଦ୍ରିକ ଥାନାରେ ଥିବା ସୌମ୍ୟରଞ୍ଜନ ବିଶ୍ୱାଳଙ୍କୁ ଜମ୍ବୁ ସାମୁଦ୍ରିକ ଥାନାରେ, ମୁଖ୍ୟାଳୟରେ ଥିବା ମହମ୍ମଦ ଜାମସେଦଙ୍କୁ ପାଟକୁରା ଥାନାରେ, ତାଳଚୁଆ ସାମୁଦ୍ରିକ ଥାନାରେ ଥିବା ସସ୍ମିତା ସାହୁଙ୍କୁ ଜିଲ୍ଲା ପୋଲିସ ମୁଖ୍ୟାଳୟ, ଜମ୍ବୁ ସାମୁଦ୍ରିକ ଥାନାରେ ଥିବା ଶ୍ରୀକାନ୍ତ ବାରିକଙ୍କୁ ଜିଲ୍ଲା ପୋଲିସ ମୁଖ୍ୟାଳୟ, ପାଟକୁରା ଥାନାରେ ଥିବା ପ୍ରଦୀପ ପ୍ରଧାନଙ୍କୁ ଜିଲ୍ଲା ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି। ବଦଳି ହୋଇଥିବା ଏହି ଅଧିକାରୀମାନଙ୍କୁ ନୂତନ ସ୍ଥାନରେ ତୁରନ୍ତ ଯୋଗଦେବା ପାଇଁ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ ନିର୍ଦ୍ଦେଶ ଜାରି କରିଛନ୍ତି। ଜିଲା ପୋଲିସ ଏଷ୍ଟାବ୍ଲିସମେଣ୍ଟ ବୋର୍ଡର ନିଷ୍ପତ୍ତି କ୍ରମେ ଏହି ବଦଳି କରାଯାଇଥିବା ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

# ବନ ବିଭାଗ ଦ୍ୱାରା ଖଇର କାଠ ଜବତ

କଣ୍ଟାବାଞ୍ଜି, (ଭାସ୍କର ନ୍ୟୁଜ) : ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଫରେଷ୍ଟ ରେଂଜ ଲର୍କି ସେକ୍ସନର ମହୁଲବାହାଲି ଛକ ନିକଟରେ ଗୁରବାର ରାତିରେ ଲକ୍ଷାଧିକ ଟଙ୍କାର ଖଇର କାଠ ବୋଝେଇ ପିକ୍‌ଅପ୍ ଭ୍ୟାନ ଜବତ ହୋଇଛି। ଗୁରୁବାର ମଧ ରାତ୍ରୀରେ କଣ୍ଟାବାଞ୍ଜି ବନ ବିଭାଗ ଦ୍ୱାରା ପେଟ୍ରୋଲିଂ ବେଳେ ବନବିଭାଗ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଘଟଣାସ୍ଥଳରେ ପିକ୍‌ଅପ୍ ଭ୍ୟାନକୁ ଜବତ କରିଥିଲେ । ଏହି ସମୟରେ ଅଭିଯୁକ୍ତ ଡ୍ରାଇଭର ଫେରାର ମାରିଥିବା ଜଣାପଡିଛି । ବନ ବିଭାଗ ଖଇର କାଠ ବୋଝେଇ ପିକ୍‌ଅପ୍ ଭ୍ୟାନକୁ କଣ୍ଟାବାଞ୍ଜି କାର୍ଯ୍ୟାଳୟକୁ ଆଣି ଅଧିକ ତଦନ୍ତ କରୁଛି। ଏହି ଚଢଉରେ ଫରେଷ୍ଟର ନାପ ହରପାଲ, ପରମାନନ୍ଦ ମାଝି, ପାରା ପ୍ରୋଟେକ୍ସନ ଫୋର୍ସ କେଶବ ନାଗ, କପିଲ ମାଝି, ଧନେଶ୍ୱର ମାଝି ସହ ଅନ୍ୟମାନେ ସାମିଲ ଥିଲେ। ଏହି ଖବର ଲେଖିବା ମଧରେ ବନ ବିଭାଗ ତରଫରୁ ସଠିକ ତଥ୍ୟ ମିଳିପାରି ନାହିଁ।

# ରାସ୍ତା ନିର୍ମାଣରେ ଦୁର୍ନୀତି ଅଭିଯୋଗ



କଣ୍ଟାବାଞ୍ଜି, (ଭାସ୍କର ନ୍ୟୁଜ) : ବଲାଙ୍ଗିର ଜିଲ୍ଲା ଟିଟିଲାଗଡ ଗ୍ରାମ୍ୟ ରାସ୍ତା ନିର୍ମାଣ ଡିଭିଜନର ପିଡବ୍ଲୁଡି ରୋଡରୁ ଲେବେଡା ଗ୍ରାମକୁ ନିର୍ମାଣଧିନ ପ୍ରଧାନମନ୍ତ୍ରୀ ସଡକରେ ସଂପୃକ୍ତ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ନିମ୍ନମାନର କାମ ହେଉଥିବା ଅଭିଯୋଗ ହେଉଛି । ଲେବେଡା ଗ୍ରାମର ଜନସାଧାରଣଙ୍କ ଅଭିଯୋଗ ମତେ ପିଡବ୍ଲୁଡି ରୋଡରୁ ୮ କି.ମି. ରାସ୍ତା ନିର୍ମାଣ ଚାଲିଛି । ଏହି ରାସ୍ତା ନିର୍ମାଣ ପାଇଁ କୋଟି କୋଟି ଟଙ୍କାର ପ୍ରୋଜେକ୍ଟ ରହିଛି । ରାସ୍ତା ନିର୍ମାଣକାରୀ ସଂସ୍ଥା ମାଟି କାମରୁ ରାସ୍ତାର ପିଚୁ ଥିକନେସ୍‌ରେ ବାଟ ମାରଣା କରୁଥିବା ଅଭିଯୋଗ ହେଉଛି । ନିମ୍ନମାନର କାମ କରାଯାଉଥିବାରୁ ସାମାନ୍ୟ ଗାଡିଟିଏ ଗଲେ ମଧ ପିଚୁ ଉପୁଡି ପଡୁଛି । ଏପରିକି ରାସ୍ତା ନିର୍ମାଣ ଚାଲିଥିବା ବେଳେ ନାମ ଫଳକ ଲଗାଯାଇ ନ ଥିବା ବେଳେ ପୂର୍ବରୁ ହୋଇଥିବା ରାସ୍ତା କାମର ନାମ ଫଳକ ଲାଗିଥିବାରୁ ସଂପୃକ୍ତ ଠିକାଦାର ହରଡ ଘଣାରେ ରହିଥିବା ଆଲୋଚନା ହେଉଛି । ଏହି ରାସ୍ତାକାମର ସଂପୃକ୍ତ ସହକାରୀ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ସେ ଅଭିଯୋଗ ଉପରେ ଅନୁସନ୍ଧାନ କରି ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏହି କାର୍ଯ୍ୟ ଉପରେ ସଂପୃକ୍ତ ନିର୍ବାଚନ ମଣ୍ଡଳୀରେ ପ୍ରଶାସନିକ ଅଧିକାରୀ ଏବଂ ଠିକାଦାରଙ୍କ ଦୁର୍ନିତି କାମ ହେଉଥିବାରୁ ବିଧାୟକ କଣ୍ଟାବାଞ୍ଜି ଏହାର ହସ୍ତକ୍ଷେପ କରି ଉଚିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜନସାଧାରଣଙ୍କଠାରୁ ଦାବି ହୁଏ ।

## ଦୁର୍ଘଟଣାରେ ଶିଶୁ ଆହତ

# ଅଙ୍ଗନବାଡ଼ି ଦିଦିଙ୍କ ବିରୋଧରେ ଅଭିଯୋଗ ଆଣିଲେ ଅଭିଭାବକ

ଗଜପତି, (ଭାସ୍କର ନ୍ୟୁଜ୍ ) : ଶିଶୁଙ୍କୁ ଘରୁ ଆଣିବା ଓ ଛାଡିବା ଦାୟିତ୍ୱ ହେଉଛି ଅଙ୍ଗନବାଡି ଦିଦି ଏବଂ ସହାୟିକାଙ୍କର। କିନ୍ତୁ ତାହା ନ କରି ଶିଶୁଙ୍କୁ ମନଇଚ୍ଛା କେନ୍ଦ୍ରରୁ ଛାଡି ଦେଇଥିବାରୁ ଶିଶୁ ଅଜଣା ଗାଡି ଧକ୍କାରେ ଗୁରୁତର ହୋଇଥିବା ଜଣାପଡିଛି। ଗଜପତି ଜିଲ୍ଲା ମୋହନା ବ୍ଲକ ସ୍ଥାନୀୟ ବ୍ଲକ ନିକଟରେ ଥିବା ମାଣିକେଶ୍ୱରୀ ସାହି ଅଙ୍ଗନବାଡି କେନ୍ଦ୍ରକୁ ଶୁକ୍ରବାର ଦିନ ମଧ୍ୟାହ୍ନ ୧୨ଟାରେ ପିଲାମାନେ ଖାଇବା ପରେ ଅଙ୍ଗନବାଡି ଦିଦି ଶିଶୁମାନଙ୍କୁ ଛାଡି ଦେଇଥିଲେ। ଯାହା ଦ୍ୱାରା ୩ବର୍ଷର ଶିଶୁ କନ୍ୟା ଘରକୁ ଚାଲି ଚାଲି ଯିବାବେଳେ ତାକୁ ଅଜଣା ବାଇକ ଧକ୍କା ଦେଇଥିଲା। ସ୍ଥାନୀୟ ଅଗ୍ନିଶମ ବିଭାଗ ଦେଖି ରକ୍ତାକ୍ତ ଶିଶୁ କନ୍ୟାକୁ ଉଦ୍ଧାର କରି ମୋହନା ମେଡିକାଲରେ ଭର୍ତ୍ତୀ କରିଛନ୍ତି।



ଶିଶୁ କନ୍ୟାଟି କଥା କହିପାରୁନି କି ତାକୁ ଶୁଣା ଯାଉନଥିବା ଡାକ୍ତର ସୂଚନା ଦେଇଛନ୍ତି। ସାମାନ୍ୟ ଅଙ୍ଗନବାଡି ଦିଦିଙ୍କ ଭୁଲ ପାଇଁ ଶିଶୁଟି ଏଭଳି ଦୁର୍ଘଟଣାର ଶିକାର ହେଲା ବୋଲି ଅଭିଭାବକ ଅଭିଯୋଗ କରିବା ସହ ଥାନାରେ ଅଭିଯୋଗ କରିଛନ୍ତି ଏବଂ ଥାନା ଅଧିକାରୀ ଘଟଣାର ତଦନ୍ତ ଚଳାଇଥିବା ସୂଚନା ମିଳିଛି।

# ନିୟମିତ ଶିକ୍ଷକ ମାନ୍ୟତାରୁ ବଞ୍ଚିତ

ବ୍ରହ୍ମପୁର, (ଭାସ୍କର ନ୍ୟୁଜ ) : ଜିଲ୍ଲା ପ୍ରଶାସନ ସହ ବିଭିନ୍ନ ବିଭାଗର ସମନ୍ୱୟ ଅଭାବ ଯୋଗୁଁ ଗଞ୍ଜାମ ଜିଲ୍ଲାର ୪୫୭ ଜଣ କନିଷ୍ଠ ଶିକ୍ଷକ ନିୟମିତ ଶିକ୍ଷକର ମାନ୍ୟତା ପାଇବାରୁ ବଞ୍ଚିତ ହେବା ସହ ଗତ ୩ ମାସ ହେବ ଦରମା ପାଇ ନଥିବା ସୂଚନା ମିଳିଛି । ସଂପୃକ୍ତ ଶିକ୍ଷକମାନେ ଗତ ବର୍ଷ ଏପ୍ରିଲ ୧ ତାରିଖରୁ ୬ ବର୍ଷ ସମ୍ପୂର୍ଣ୍ଣ କରିଥିଲେ ମଧ ଗଞ୍ଜାମ ଜିଲ୍ଲାରେ ସେମାନଙ୍କୁ ନିୟମିତ କରିବାରେ ଜିଲ୍ଲା ଶିକ୍ଷା ବିଭାଗ ଏବଂ ଜିଲ୍ଲା ପ୍ରଶାସନର କାଳକ୍ଷେପଣ ନିତିରେ ସଂପୃକ୍ତ ଶିକ୍ଷକମାନେ ଅତିଷ୍ଟ ହେବା ସହ ମାନସିକ ଅଶାନ୍ତିରେ ରହୁଛନ୍ତି। ରାଜ୍ୟର ସମସ୍ତ ଜିଲ୍ଲାରେ ସର୍ତ୍ତ ପୂରଣ କରିଥିବା କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରାଯାଇ ଥିବା ବେଳେ କେବଳ ଜିଲ୍ଲା ପ୍ରଶାସନର ଅବହେଳା କାରଣରୁ ଗଞ୍ଜାମ ଜିଲ୍ଲାରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ପାଳନ କରିବାରେ ବ୍ୟତିକ୍ରମ ଦେଖାଦେଇଛି । ଅନ୍ୟପକ୍ଷରେ ୪ ଦଫା ଦାବି କରି ଓସେପାର ବ୍ଲକସ୍ତରୀୟ ହିସାବ ରକ୍ଷକ ସଂଘ ଓ ବିଇଓ ସ୍ତରର ଏମ୍‌ଆଇଏସ୍ ଆସୋସିଏସନ୍ ସଂପ୍ରତି ସମୂହ ଛୁଟିରେ ରହିଥିବା ନେଇ ଶିକ୍ଷକମାନଙ୍କ ଦରମା ବିଲ କରିବାରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ରାଜ୍ୟ ସରକାର ବିକଳ୍ପ ବ୍ୟବସ୍ଥାରେ ଶିକ୍ଷକମାନଙ୍କ ଦରମା ତୁରନ୍ତ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ମଧ ବିଭାଗୀୟ ସମନ୍ୱୟ ରହୁ ନ ଥିବା ଯୋଗୁଁ ଆଜି ସୁଦ୍ଧା ଶିକ୍ଷକମାନେ ଦରମା ପାଇବାରୁ ବଞ୍ଚିତ ଅଛନ୍ତି । ଏ ସମ୍ପର୍କରେ ସଂପୃକ୍ତ ଶିକ୍ଷକମାନେ ବ୍ୟକ୍ତିଗତ ଏବଂ ସେମାନଙ୍କ ସଂଘ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ସମେତ ବିଭାଗୀୟ ଅଧିକାରୀ ଏବଂ ଜିଲ୍ଲାପାଳଙ୍କୁ ଅଭିଯୋଗ ପୋର୍ଟାଲ ମାଧ୍ୟମରେ ଅଭିଯୋଗ କରିଛନ୍ତି ଏବଂ ତୁରନ୍ତ ବକେୟା ଦରମା ସହ ନିୟମିତ ଶିକ୍ଷକର ମାନ୍ୟତା ପ୍ରଦାନ କରିବାକୁ ଅନ୍ୟ ଏକ ପତ୍ରରେ ନିବେଦନ କରିଛନ୍ତି । ଏପରିକି ଏହାର ସମାଧାନ ଶୀଘ୍ର ନ ହେଲେ ଆନ୍ଦୋଳନ ପନ୍ଥା ଗ୍ରହଣ କରାଯିବା ନେଇ ଆଲୋଚନା ଚାଲିଥିବା ସୂଚନା ମିଳିଛି ।

# ବିଶୁଦ୍ଧ ପାନୀୟ ଜଳ ପାଲଟିଛି ସାତସ୍ୱପ୍ନ

କନ୍ଧମାଳ, (ଭାସ୍କର ନ୍ୟୁଜ୍ ) : କନ୍ଧମାଳ ଜିଲ୍ଲା ଅନ୍ତର୍ଗତ ଫୁଲବାଣୀ ସଦରମହାକୁମାରେ ମେଗା ପ୍ରୋଜେକ୍ଟ ବିଶୁଦ୍ଧ ପାନୀୟ ଜଳ ଏବେ ସାତସ୍ୱପ୍ନ ହୋଇରହିଛି। ତେଣୁ ଖରା ଦିନ ଆସିବା ଆଗରୁ ଫୁଲବାଣୀ ବାସିନ୍ଦା ବିଶୁଦ୍ଧ ପାନୀୟ ଜଳର ଘୋର ଅସୁବିଧାର ସମ୍ମୁଖିନ ହେବାକୁ ପଡୁଥିବାର ଦେଖାଯାଇଛି। କିନ୍ତୁ ଫୁଲବାଣୀ ପିଏଚ୍‌ଡି ବିଭାଗ ସମସ୍ତ ଅଧିକାରୀ ଜୁନିୟର ଇଂଜିନିୟ, ଏସଡିଓ ଓ ନିର୍ବାହୀ ଯନ୍ତ୍ରୀ ଛତ୍ରପୁର ମାନେ ଜାଣି ନିରବ ହୋଇରହିଛନ୍ତି । ତେଣୁ ପାନୀୟ ଜଳର ଭୟଙ୍କର ସଂକଟ ଭାବେ ଦେଖାଗଲାଣି। ବର୍ତ୍ତମାନ ଏହି ବିଶୁଦ୍ଧ ପାନୀୟ ଜଳ ମେଗା ପ୍ରୋଜେକ୍ଟ କାର୍ଯ୍ୟକୁ ଦୀର୍ଘ ବର୍ଷ ହେଲାଣି ଠିକାଦାର କାମ ନ କରି ଚୁପ ହୋଇ ବସିପଡିଛି ହେଲେବି ଉଚ୍ଚ ପଦସ୍ଥ ଅଧିକାରୀ ମାନେ ଦୀର୍ଘ ବର୍ଷ ହେଲାଣି କାର୍ଯ୍ୟର ତଦାରଖ କରୁ ନାହାନ୍ତି। କିନ୍ତୁ ସରକାରଙ୍କୁ କାଗଜ କଲମରେ ଦେଖାଉଥିବାର ଜଣାପଡିଛି। ତେଣୁ ବର୍ତ୍ତମାନ ସୁଦ୍ଧା ନୂତନ ପାଇପ କିଣା ଯାଇଛି ଯେଉଁଠି ପାଇଲେ ରାସ୍ତାକୁ ଅବରୋଧ କରି ପାଇପ ବିଛାଇ ଦିଆଯାଉଛି ଏବଂ ଅଧିକାଂଶ ସ୍ଥାନରେ ମନଇଚ୍ଛା ରାସ୍ତା ଖୋଳି ଦେଇ ଦୀର୍ଘ ଦିନ ହେଲାଣି କାମ ନ କରି ଜନସାଧାରଣଙ୍କୁ ବିପଦ ସଂକୁଳ ଭିତରକୁ ଠେଲି ଦେଉଛନ୍ତି। ଠିକାଦାର ଓ ଅଧିକାରୀ ମାନେ ସମ୍ପୂର୍ଣ୍ଣ କାର୍ଯ୍ୟ ନ ହେଉଣୁ କୋଟି କୋଟି ଟଙ୍କା କାଗଜ କଲମରେ କାର୍ଯ୍ୟ ହୋଇଛି ବୋଲି ଦେଖାଇ ସରକାରି ଟଙ୍କା ଚଳୁ କରିଥିବାର ଚର୍ଚ୍ଚା ହେଉଛି। ଫୁଲବାଣୀ ପିଏଚ୍‌ଡି ବିଭାଗ ପିଇବା ପାଣିକୁ ଠିକ୍ ସମୟରେ ଯୋଗାଇ ଦେଉନାହାନ୍ତି। ଏହାରି ଦ୍ୱାରା ଫୁଲବାଣୀ ବାସିନ୍ଦା ତିନି ଦିନ ହେଲାଣି ପିଇବା ପାଣି ନ ପାଇ ବେଶି ଅସୁବିଧାର ସମ୍ମୁଖିନ ହେଉଥିବାର ଦେଖାଯାଇଛି। କନ୍ଧମାଳ ଜିଲ୍ଲା ପ୍ରଶାସନ ଓ ମୁଖ୍ୟମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେଇ ଅଧିକାରୀ ଓ ଠିକାଦାର ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ କନ୍ଧମାଳ, ଫୁଲବାଣୀ ବାସିନ୍ଦା ଠିକ ସମୟରେ ପାନୀୟ ଜଳ ପାଇପାରିବେ।




ଚିକିଟି, (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଚିକିଟି ବ୍ଲକର ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ ଓ ସାମାଜିକ ମଙ୍ଗଳ ବିଭାଗ ତରଫରୁ ଆଇନ ସଚେତନା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର ଓଡିଶା ରାଜ୍ୟ ମହିଳା କମିଶନ, ଜିଲ୍ଲା ସାମାଜିକ ମଙ୍ଗଳ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଚିକିଟି ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବାବେଳେ ଏଠାରେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ମୁଖ୍ୟଅତିଥି ରୂପେ ଯୋଗଦାନ କରି ମହିଳାମାନେ ଦେଶର ବିକାଶରେ ମୁଳ ଅଟନ୍ତି ଏମାନଙ୍କ ସୁରକ୍ଷା ପାଇଁ ସମସ୍ତେ ସଜାଗ ହୋଇ ରହିବା ନିହାତି ଦରକାର କହିଥିଲେ। ସେହିପରି ସ୍ଥାନୀୟ ବିଡ଼ିଓ ଲକ୍ଷ୍ମନ ଚରଣ ସୋରେନ ମଂଚାସୀନ ହୋଇ ମହିଳା ମାନଙ୍କ ସୁରେକ୍ଷା ପ୍ରତି ସମସ୍ତ ସାମାଜିକ ସଂଗଠନ, ସହ ପ୍ରଶାସନିକ ଅଧିକାରୀ ତତ୍ପର ରହିଛନ୍ତି ବୋଲି ପ୍ରକାଶ କରିଥିଲେ। ସେଭଳି ଅତରିକ୍ତ ତହସିଲଦାର ଶାସ୍ୱତୀ ଷଡ଼ଙ୍ଗୀ, ସମ୍ନନ୍ୱିତ ଶିଶୁବିକାଶ ଅଧିକାରୀ ଗୀତାଞ୍ଜଳି ପାଣିଗ୍ରାହୀ, ସରକାରୀ ମହିଳା ସୁରକ୍ଷା ଅଧିକାରୀ ଡ଼ି. ନଗରତ୍ନମ୍, ଅବସର ପ୍ରାପ୍ତ ଅଧକ୍ଷ ଡ଼ା. ଡ଼ି ଗୋବିନ୍ଦ ରାଓ, ଜିଲ୍ଲା ଆଟେଣ୍ଡ ସାମାଜିକ ମଙ୍ଗଳ ଅଧିକାରୀ କୃଷ୍ଣ ଚନ୍ଦ୍ର ବେହେରା ପ୍ରମୁଖ ମଞ୍ଚାସୀନ ହୋଇଥିଲେ । ଏଥିସହିତ ଓ୍ୱାନଷ୍ଟପ ସେଣ୍ଟରରେ ଐଶ୍ୱର୍ଯ୍ୟା ସାହୁ, ସୁନନ୍ଦାଙ୍କ ସହ ମଞ୍ଚ ପରିଚାଳନା କରିବାରେ ଆଦର୍ଶ ଶିକ୍ଷକ ରଞ୍ଜନ ବ୍ରହ୍ମା ଯୋଗଦାନ କରିଥିଲେ।



# ମେଗା ପାନୀୟଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ବିଳମ୍ବ



## ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି

ରଗଡି, (ଭାସ୍କର ନ୍ୟୁଜ୍) :ସମସ୍ତ ପରିବାରକୁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦିଆଯିବା ପାଇଁ ସରକାର ଘୋଷଣା କରିଥିଲେ । ଏହିକ୍ରମରେ ପାନୀୟଜଳ ସମସ୍ୟା ଦୂର କରିବା ପାଇଁ କୋରେଇରେ ତିନିବର୍ଷ ତଳେ ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା । ଖରସ୍ରୋତା ନଦୀରୁ ପାଣି ଉଠାଯାଇ ସ୍ଥାନେ ସ୍ଥାନେ ଓଭର ହେଡ଼ ପାଣି ଟାଙ୍କି ନିର୍ମାଣ ମାଧ୍ୟମରେ ଲୋକଙ୍କୁ ବିଶୁଦ୍ଧ ପାଣି ଯୋଗାଇ ଦିଆଯିବ। ସେଥିପାଇଁ ବିଭିନ୍ନ ସ୍ଥାନରେ ଓଭର ହେଡ଼ ପାଣିଟାଙ୍କି ନିର୍ମାଣ ହୋଇଛି । ଗାଁକୁ ପାଣି ପାଇପ ବିଛା ଯାଇଛି । ତେବେ ଅନେକ ଜାଗାରେ ଏହା ଅସମ୍ପୂର୍ଣ୍ଣ ହୋଇ ପଡିରହିଛି। ଏବେ ସୁଦ୍ଧା ସବୁ ଗାଁକୁ ପାଣି ପାଇପ ସଂଯୋଗ ହୋଇ ପାରିନାହିଁ। ଯେଉଁଠି ବି ହୋଇଛି ରକ୍ଷଣାବେକ୍ଷଣ ଅଭାବ ଓ ଦୀର୍ଘ ଦିନ ଧରି ଏହା ପଡି ରହିବା ଫଳରେ କେତେକ ସ୍ଥାନରେ ପାଇପ ନଷ୍ଟ ହୋଇ ଗଲାଣି ତ ଆଉ କେଉଁଠି ଚୋରି ହେଲାଣି ।ଏହା ବ୍ୟତୀତ ଓଭର ହେଡ଼ ପାଣିଟାଙ୍କି କାର୍ଯ୍ୟ ଶେଷ ହୋଇନାହିଁ । ମେଗା ପାନୀୟଜଳ ପ୍ରକଳ୍ପ ନିର୍ମାଣ କାରଣରୁ ଅନ୍ୟାନ୍ୟ ପାନୀୟଜଳ ସୁବିଧା ପ୍ରତି ଆଉ ଦୃଷ୍ଟି ଦିଆଯାଉନାହିଁ। କୋରେଇରେ ଅଧିକାଂଶ ପଞ୍ଚାୟତରେ ଗ୍ରୀଷ୍ମ ଦିନେ ଜଳ ସଙ୍କଟ ଦେଖା ଦେଇଥାଏ । ଏପରିକି କେତେକ ସ୍ଥାନରେ ଟ୍ୟାଙ୍କର ଯୋଗେ ଲୋକଙ୍କୁ ପାଣି ଯୋଗାଇ ଦିଆଯାଇଥାଏ। ତଳଗଡ଼, ଖମିଗାଁ, ପୂର୍ବକୋଟ ତଥା ଅନ୍ୟାନ୍ୟ ସ୍ଥାନରେ ଚାଲିଥିବା ପାଣିଟାଙ୍କି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ଖରାଦିନ ପୂର୍ବରୁ ଯେଭଳି ଲୋକମାନେ ମେଗା ପାନୀୟଜଳ ଯୋଗାଣର ସୁବିଧା ପାଇପାରିବେ ସେଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି ।

# ସରୀସୃପଙ୍କ ଚରାଭୂଇଁ ପାଲଟିଛି ଆସିକା ଏନ୍‌ଏସି ମିନିଷ୍ଟାଡିୟମ୍

ଆସିକା, (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାର କ୍ରୀଡା ପ୍ରତି ବେଶ ଯତ୍ନଶୀଳ ଓ ଆଗ୍ରାଧିକାର ଦେଉଥିବା ବେଳେ ଆସିକାରେ ଅବହେଳାର ଶିକାର ହେଉଥିବା ଦେଖିବାକୁ ମିଳିଛି। ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦର ଉଦାସୀନତା ସାଜିଛି ଆସିକା ଏନ୍‌ଏସି ଅଧିନସ୍ଥ ମିନି ଷ୍ଟାଡିୟମର ଉନ୍ନତିରେ ବାଧକ। ଗତ ୨୨.୦୬.୨୦୨୩ ତାରିଖରେ ଆସିକା ଅଞ୍ଚଳର କିଛି କ୍ରୀଡ଼ାବିତ ମାନଙ୍କ ଗ୍ରୀଭେନ୍ସ ଜରିଆରେ ଅନୁରୋଧ କ୍ରମେ ଜିଲ୍ଲାପାଳଙ୍କ ସ୍ୱତନ୍ତ୍ର ପାଣ୍ଠିରୁ ୩୩ ଲକ୍ଷର ଅନୁଦାନ ୧୯.୧୦.୨୦୨୪ ମିଳିଥିବା ନେଇ ସୂଚନା ରହିଥିବା ବେଳେ କାହିଁକି ଏହାର କାର୍ଯ୍ୟ ଆରମ୍ଭ ହୋଇ ପାରୁନାହିଁ ଏହା ଆସିକା କ୍ରୀଡ଼ାପ୍ରେମୀ ମାନଙ୍କୁ ନିରାଶ କରୁଛି। ଆସିକା ଏନ୍‌ଏସି ଅଫିସର ଓ କର୍ମଚାରୀ ମାନଙ୍କ ଉଦାସୀନତା ଏହାର ପ୍ରମୁଖ କାରଣ ବୋଲି ଜନସାଧାରଣରେ ଆଲୋଚନାର ବିଷୟ ପାଲଟିଛି। ବିଗତ ଦିନରେ ଏହି ମିନିଷ୍ଟାଡିୟମରେ ବରିଷ୍ଠ ବିଭାଗୀୟ ରାଜ୍ୟସ୍ତରୀୟ ପୁରୁଷ ଓ ମହିଳା କବାଡି ଅନୁଷ୍ଠିତ ହୋଇଅଛି। ଏହା ପୂର୍ବରୁ କନିଷ୍ଠ ବିଭାଗରେ ମଧ ରାଜ୍ୟସ୍ତରୀୟ କବାଡି ବେଶ ସଫଳତା ସହକାରେ ଆୟୋଜିତ ହୋଇ ପାରିଛି। କ୍ରିକେଟ ଭଳି ଲୋକପ୍ରିୟ ଖେଳର ବିକାଶ ପାଇଁ ଏଠାରେ ଆସିକା ଓ ଏହାର ଆଖପାଖ ଅଞ୍ଚଳରୁ ଖେଳାଳି ଆସି ପ୍ରଶିକ୍ଷଣ ନେଉଥିବା ଦେଖିବାକୁ ମିଳୁଛି। ଖେଳାଳି ମାନଙ୍କ ପାଇଁ ଏଠାରେ ଏକ ଚେଞ୍ଜିଙ୍ଗ ରୁମ ରହିଥିବା ବେଳେ ଏହାର ଭିତ୍ତିଭୂମି ସମ୍ପୂର୍ଣ୍ଣ ଦୁର୍ବଳ ରହିଛି। ନା ଅଛି ପିଇବା ପାଣି ନା ରହିଛି ଉତ୍ତମ ଶୌଚାଳୟ। ଅଧାପନ୍ତରିଆ ଭାବେ ପଡି ରହିଛି ଚେଞ୍ଜିଙ୍ଗ ରୁମ୍। ଏହି ମିନିଷ୍ଟାଡିୟମରୁ ଜିଲ୍ଲା ଓ ରାଜ୍ୟସ୍ତରର ଖେଳାଳି ବାହାରି ଥିବାବେଳେ ଅସମତଳ ପଡିଆ ଆଉ ଅଣ ଓସାରିଆ କାରଣରୁ କ୍ରୀଡ଼ାବିତ ମାନଙ୍କ ମଧ୍ୟରେ ନୈରାଶ ଭାବ ଦେଖିବାକୁ ମିଳୁଛି। ଖାଲ ଢିପ କାରଣରୁ ବର୍ଷା ଦିନରେ ଜଳ ପୂର୍ଣ୍ଣ ପୋଖରୀ ଭଳି ଜମି ରହୁଛି ପାଣି। ଜଳ ନିଷ୍କାସନ ବ୍ୟବସ୍ଥା ଜମାରୁ ନାହିଁ। ସଠିକ ଡ୍ରେନ ବ୍ୟବସ୍ଥା ଓ ଆଲୋକୀକରଣ ବ୍ୟବସ୍ଥା ନ କରାଗଲେ ଏହି ମିନିଷ୍ଟାଡିୟମ ଆଗାମୀ ଦିନରେ ଗୋଚର ଜମିରେ ପରିଣତ ହେବ ତିଳେ ମାତ୍ର ସନ୍ଦେହ ନାହିଁ। ଜିଲ୍ଲାପାଳ ଏହି ସମସ୍ୟାକୁ ହୃଦବୋଧ କରି ୩୩ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ଅନୁମୋଦନ କରିଥିବା ବେଳେ କାହିଁକି ଆସିକା ଏନ୍‌ଏସି କାର୍ଯ୍ୟ ଆରମ୍ଭ କରି ପାରୁନାହିଁ ଏବେ ପ୍ରଶ୍ନବାଚୀ। ଆସିକାର ଛାତି ଉପରେ ଥିବା ଏହି ଖେଳ ପଡିଆ ସର୍ବସାଧାରଣଙ୍କ ପାଇଁ ଖେଳ ଉପଯୋଗୀ ସ୍ଥାନ ହୋଇଥିବା ବେଳେ ଏହାର ରକ୍ଷଣା ବେକ୍ଷଣ ଓ ଉନ୍ନତିକରଣ ବ୍ୟବସ୍ଥାରେ ସୁଧାର ଆସିଲେ ଗଞ୍ଜାମ ଜିଲ୍ଲାର ଏକ ପ୍ରମୁଖ ମିନିଷ୍ଟାଡିୟମର ମାନ୍ୟତା ଏହି ଖେଳ ପଡିଆ ପାଇ ପାରନ୍ତା ବୋଲି ଆଶା ବାନ୍ଧିଛନ୍ତି ସ୍ଥାନୀୟ କ୍ରୀଡ଼ାବିତ। ପ୍ରତିଦିନ ସକାଳ ଓ ସନ୍ଧ୍ୟା ସମୟରେ ବ୍ୟାୟାମ କରିବା ପାଇଁ ବହୁ ଜନସାଧାରଣ ଏଠାକୁ ଆସୁଥିବା ବେଳେ ନା ରହିଛି ଭଲ ପାଦଚଲା ରାସ୍ତା ନା ରହିଛି ଉତ୍ତମ ପାନୀୟ ଜଳର ବ୍ୟବସ୍ଥା। ସେଥିପାଇଁ ଜନସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏତେ ସବୁ ସମସ୍ୟା ରହିଥିଲେ ମଧ ଏନ୍‌ଏସି କର୍ମକର୍ତ୍ତାଙ୍କ ଖମାଖିଆଲି ନୀତି କାରଣରୁ ହୋଇପାରୁନି ଉନ୍ନତି କାମ। ଏବେ ଦେଖିବାକୁ ବାକି ରହିଲା କେବେ ବଦଳିବ ଆସିକା ହରିହର ହାଇସ୍କୁଲ ମିନି ଷ୍ଟାଡିୟମର ଭାଗ୍ୟ।

# ଉତ୍କଳ ସାମ୍ବାଦିକ ସଂଘର କାର୍ଯ୍ୟକାରିଣୀ ବୈଠକ

ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍) : ବ୍ରହ୍ମପୁରସ୍ଥିତ ରାଜସ୍ୱ ଡାକ ବଙ୍ଗଳା ସମ୍ମିଳନୀ କକ୍ଷରେ ସଂଘର ସଭାପତି କ୍ଷେତ୍ରବାସୀ ରଥଙ୍କ ସଭାପତିତ୍ୱରେ ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ସାମ୍ବାଦିକମାନଙ୍କ ବୃତ୍ତିଗତ କାର୍ଯ୍ୟ ସମ୍ପାଦନ କରିବାରେ ଦେଖା ଦେଇଥିବା ଅସୁବିଧା ଦୂର କରିବାରେ ଏହି ସଂଘ ସରକାରଙ୍କ ସହ ଆଲୋଚନା କରିବାକୁ ସଦାସର୍ବଦା ପ୍ରସ୍ତୁତ ରହିଥିବା ସଭାପତି ଘୋଷଣା କରିବା ସହ ସମସ୍ତ ସାମ୍ବାଦିକ ମାନେ ତାଙ୍କୁ ସହଯୋଗ କରିବା ପାଇଁ ନିବେଦନ କରିଥିଲେ । ଆଗାମୀ ଦିନରେ ଏହି ସଂଘ ଜନସେବାମୂଳକ କାମ କରିବା ସହ ଗଠନମୂଳକ ସମାଲୋଚନା ନିଜ ନିଜ ଲେଖନୀ ମାଧ୍ୟମରେ ପ୍ରକାଶ କରି ସମାଜକୁ ଦିଗ୍‌ଦର୍ଶନ ପ୍ରଦାନ କରନ୍ତୁ ବୋଲି ଉପ-ସଭାପତି ହେମନ୍ତ କୁମାର ପାତ୍ର ସାମ୍ବାଦିକ ମାନଙ୍କୁ ପରାମର୍ଶ ଦେଇଥିଲେ। ସଂଘର ସଭ୍ୟ ଚୟନବେଳେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ସଙ୍ଗଠନ ସମ୍ପାଦକ ମନୋରଞ୍ଜନ ଦଳେଇ ପରାମର୍ଶ ଦେଇଥିଲେ । ସଂଘର ଆଗାମୀ କାର୍ଯ୍ୟପନ୍ଥା ଏବଂ ଆଭିମୁଖ୍ୟ ସମ୍ପର୍କରେ ସମ୍ପାଦକ ରାଜେନ୍ଦ୍ର ସାହୁ ବିବରଣୀ ପାଠ କରିଥିଲେ। ସଂଘର ପ୍ରମୁଖ ପରାମର୍ଶଦାତା ମାନଙ୍କ ସମେତ କାର୍ଯ୍ୟକାରିଣୀ ପରିଷଦର ୧୫ ଜଣ ସଭ୍ୟ ଏବଂ କର୍ମକର୍ତ୍ତା ଏହି ବୈଠକରେ ନିଜ ନିଜର ମତ ପ୍ରଦାନ କରିଥିଲେ । ଚଳିତ ବର୍ଷ (୨୦୨୫) ସଦସ୍ୟତା ଗ୍ରହଣ ପାଇଁ ଆସନ୍ତା ଏପ୍ରିଲ୍ ୨୫ ତାରିଖ ଶେଷ ଦିବସ ବୋଲି ସଂଘ ତରଫରୁ ଘୋଷଣା କରାଯାଇଛି । ବିଭିନ୍ନ ଅଞ୍ଚଳରୁ ୩୫ ଜଣ ସାମ୍ବାଦିକ ଏହି ବୈଠକରେ ଉପସ୍ଥିତ ଥିଲେ ।

# ବିକଶିତ ଗାଁ, ବିକଶିତ ଓଡ଼ିଶା ଅଭିଯାନ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍) : ମୋହନା ବ୍ଲକର ମୋହନା ଗ୍ରାମ ପଞ୍ଚାୟତ ସ୍ଥିତ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଠାରେ ବିକଶିତ ଗାଁ, ବିକଶିତ ଓଡ଼ିଶା ରାଜ୍ୟ ସରକାରଙ୍କ ସଚେତନତା ମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୫ ବର୍ଷ ପର୍ଯ୍ୟନ୍ତ ଏହି ଯୋଜନା କାର୍ଯ୍ୟକାରୀ ହେବ। ଏହି ଅବସରରେ ସ୍ୱତନ୍ତ୍ର ଗ୍ରାମସଭା ହୋଇଥିଲା। ଗ୍ରାମ ପଞ୍ଚାୟତ ସରପଞ୍ଚ ସୁନିତା ମଲିକଙ୍କ ସଭାପତିତ୍ୱରେ ଆୟୋଜିତ ଗ୍ରାମସଭା ବୈଠକରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର କାରିକା ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନାର ସମସ୍ତ ବିବରଣୀ ପାଠ କରିଥିଲେ। ନାଏବ ସରପଞ୍ଚ ରସାନନ୍ଦ ପାଣି, ଯୋଗାଣ ସହାୟିକା ବିଷ୍ଣୁପ୍ରିୟା ବିଷୋୟୀ, ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ସୁବାଷ ଚନ୍ଦ୍ର ପନାଡ଼ ଉପସ୍ଥିତ ଥିଲେ। ବିକଶିତ ଗାଁ, ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ଯୋଜନାଗୁଡ଼ିକ ସଂପର୍କରେ ଉପସ୍ଥିତ ୱାର୍ଡ ସଭ୍ୟସଭ୍ୟା, ଅଙ୍ଗନାବାଡ଼ି କର୍ମୀ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଜନ ସାଧାରଣଙ୍କୁ ଅବଗତ କରାଯାଇଥିଲା। ଶେଷରେ ନାଏବ ସରପଞ୍ଚ ଶ୍ରୀ ପାଣି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଶ୍ନପତ୍ର ଲିକ୍ ଘଟଣା ।।।।।।

# ସାଇବର ପୋଲିସ ଦ୍ୱାରା ଧାମନଗରର ଯୁବକ ଗିରଫ

ଧାମନଗର, (ଭାସ୍କର ନ୍ୟୁଜ୍) : ପ୍ରଶ୍ନପତ୍ର ଲିକ୍ ଘଟଣାରେ ଧାମନଗର ଥାନା ଅଞ୍ଚଳ ଗୌଡ଼ବିଶି ନୂଆପଡ଼ାର ଯୁବକ ଜ୍ୟୋତିରଞ୍ଜନ ବାରିକଙ୍କୁ କଟକ ସାଇବର ଥାନା ପୋଲିସ ଗିରଫ କରିଛି। ଏକ ଏଜେନ୍ସି ପକ୍ଷରୁ ଗତବର୍ଷ କରାଯାଇଥିବା ମାମଲାରେ ଜ୍ୟୋତିରଞ୍ଜନଙ୍କ ନାଁ ସାମନାକୁ ଆସିଥିଲା। ଏହାର ତଦନ୍ତ କରି ସାଇବର ଥାନା ପୋଲିସ ଗଉଡ଼ବିଶି ନୂଆପଡ଼ାରେ ପହଞ୍ଚିଥିଲା। ତାଙ୍କ ଘରୁ ଜ୍ୟୋତିରଞ୍ଜନଙ୍କୁ ଗିରଫ କରିଥିଲେ। ନିୟମ ଅନୁଯାୟୀ ତାଙ୍କୁ ଧାମନଗର ଥାନାକୁ ନେଇଥିଲେ। ଧାମନଗର ଥାନାରେ ଏନେଇ ଲିଖିତ ଭାବେ ଜଣାଇ ଜ୍ୟୋତିରଞ୍ଜନଙ୍କୁ ସାଙ୍ଗରେ ନେଇ ପଳାଇଥିଲେ। ଧାମନଗର ଥାନା ସବ ଇନସପେକ୍ଟର ତଥା ଦାୟିତ୍ୱ ନିର୍ବାହୀ ଥାନା ଅଧିକାରୀ ରାଜେଶ ସେଠୀ କହିଛନ୍ତି ଯେ, କେଉଁ ନିର୍ଦ୍ଦିଷ୍ଟ ମାମଲାରେ ଜ୍ୟୋତିରଞ୍ଜନଙ୍କୁ ଗିରଫ କରାଯାଇଛି ସେନେଇ ତାଙ୍କ ପାଖରେ କୌଣସି ସୂଚନା ନାହିଁ। ହେଲେ ଏକ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣା ବୋଲି ତାଙ୍କୁ କୁହାଯାଇଥିଲା। ତେବେ ଅଭିଯୋଗ ନେଇ ଜ୍ୟୋତିରଞ୍ଜନ କହିଛନ୍ତି ଯେ, ସେ ପିଲାଙ୍କୁ କୋଚିଂ ଦିଅନ୍ତି। କଟକରେ ତାଙ୍କର କୋଚିଂ ସେଣ୍ଟର ରହିଛି। ସେଠାରେ ମାଟ୍ରିକ ଓ ଯୁକ୍ତ-୨ ପିଲା ଟ୍ୟୁସନ ହୁଅନ୍ତି। ଗତବର୍ଷ ପିଲାଙ୍କୁ ପଢ଼ାଇବା ଉଦ୍ଦେଶ୍ୟରେ ଏକ ପ୍ରଶ୍ନପତ୍ର ୟୁଟ୍ୟୁବରେ ଅପଲୋଡ କରିଥିଲେ। ତାଙ୍କୁ ଅନ୍ୟଜଣେ ଶିକ୍ଷକ ଏହି ପ୍ରଶ୍ନପତ୍ର ଦେଇଥିଲେ। ହେଲେ ସେ କୌଣସି ପ୍ରଶ୍ନପତ୍ର ଲିକ୍ ଘଟଣାରେ ସାମିଲ ନାହାନ୍ତି ବୋଲି ସଫେଇ ଦେଇଛନ୍ତି।

# ଟାଟାଷ୍ଟିଲ ପକ୍ଷରୁ ୧୦୦ଦିନିଆ ଯକ୍ଷ୍ମାମୁକ୍ତ ଅଭିଯାନ କାର୍ଯ୍ୟକ୍ରମ

## ସାମିଲ ହେଲେ ସ୍କୁଲ ଛାତ୍ରଛାତ୍ରୀ ଓ ସ୍ଥାନୀୟ ବାସିନ୍ଦା




କେନ୍ଦୁଝର, (ଭାସ୍କର ନ୍ୟୁଜ) : ଟାଟା ଷ୍ଟିଲ ପକ୍ଷରୁ ଏକ ୧୦୦-ଦିନିଆ ଯକ୍ଷ୍ମା ମୁକ୍ତ ଅଭିଯାନ ନିକଟରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାରି କରାଯାଇଥିବା ଏହି ନିର୍ଦ୍ଦେଶନାମା ଆନୁକୁଲ୍ୟରେ ଖଣ୍ଡବନ୍ଧ ପାର୍ଶ୍ୱବର୍ତ୍ତୀ ଗ୍ରାମ ଗୁଡିକର ସ୍ଥାନୀୟ ବାସିନ୍ଦା ତଥା ଖଣ୍ଡବନ୍ଧ ୟୁଜିୟୁପି ସ୍କୁଲର ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ ମୁଖ୍ୟ ଡାକ୍ତରଖାନା, ଯୋଡାର ଅଭିଜ୍ଞ ଡାକ୍ତର ମାନେ ସମସ୍ତଙ୍କୁ ଯକ୍ଷ୍ମା ରୋଗ ବିଷୟରେ ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ ଓ ଏତଦବ୍ୟତୀତ, ଏହାର ମୁକାବିଲା କରି ଏହାକୁ କିପରି ରୋକାଯାଇ ପାରିବ ସେ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଏହି ରୋଗ ମୁଖ୍ୟତଃ ବ୍ୟାକ୍ଟେରିଆ ଯୋଗୁଁ ବ୍ୟାପୁଥିବାରୁ ଏହାକୁ ସହଜରେ ପ୍ରତିହତ କରିହେବ ବୋଲି ଡାକ୍ତର ମାନେ କହିଥିଲେ। ଏହି ରୋଗ ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ କହିଥିଲେ । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଟାଟା ଷ୍ଟିଲର ଅଧିକାରୀ ମାନେ ମଧ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରି ସହଜରେ ଆରୋଗ୍ୟ ହୋଇ ପାରୁଥିବା ଏହି ରୋଗକୁ ମୂଳୋତ୍ପାଟନ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅଭିଯାନରେ ଯୋଡା, କଳମଙ୍ଗ, ଗନ୍ଧଲପଡା ଏବଂ ଆଖପାଖ ଅଞ୍ଚଳକୁ ମଧ ଅନ୍ତର୍ଭୁକ୍ତ କରାଯାଇଛି ।

# ଅଙ୍ଗନୱାଡ଼ି କେନ୍ଦ୍ରରେ ପୋଷଣ ଖାଦ୍ୟ ବଣ୍ଟନ



କୁଜଙ୍ଗ (ଭାସ୍କର ନ୍ୟୁଜ) :ଇଣ୍ଡିଆନ୍ ଅଏଲ, ପାରାଦ୍ୱୀପ ରିଫାଇନେରୀ ତରଫରୁ ପାରାଦ୍ୱୀପ ଗଡ ଗ୍ରାମ ପଞ୍ଚାୟତରେ ଥିବା ୧୩ ଗୋଟି ଅଙ୍ଗନୱାଡ଼ି କେନ୍ଦ୍ରରେ ଅଧ୍ୟୟନ କରୁଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ପୋଷଣ ଯୁକ୍ତ ଉତ୍କୃଷ୍ଟ ମାନର ଖାଦ୍ୟ ପ୍ରଦାନ କରାଯାଇଛି । ତୈଳ ବିଶୋଧନାଗାରର ସି.ଏସ୍.ଆର. ମୁଖ୍ୟ ବିଦ୍ୟୁତ୍ ରଞ୍ଜନ ସୁବୁଦ୍ଧିଙ୍କ ନେତୃତ୍ୱରେ ଏକ ୧୦ ଜଣିଆ ଟିମ୍ ପଂଚାୟତର ବିଭିନ୍ନ ଗ୍ରାମରେ ଥିବା ୧୩ ଗୋଟି ଅଙ୍ଗନୱାଡ଼ି କେନ୍ଦ୍ରକୁ ସରପଞ୍ଚ ସସ୍ମିତା ବେହେରାଙ୍କ ତତ୍ତ୍ୱାବଧାନରେ ପରିଦର୍ଶନ କରି କୁନି କୁନି ପିଲାମାନଙ୍କୁ ପୋଷଣ କିଟ୍ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ବିଷ୍ଣୁ ଚରଣ ସାହୁ, ସତ୍ୟ ନାରାୟଣ ମହାପାତ୍ର, ଚନ୍ଦ୍ର ଶେଖର ଚୌଧୁରୀ, ଅଲେଖ ମୋହରଥା, ରମେଶ କୁମାର ବେହେରା, ପ୍ରଭାତ କୁମାର ସାହୁ, ସନ୍ତୋଷ କୁମାର ଦୋରା ଓ ସଂଯୁକ୍ତା ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଟାଟା ଷ୍ଟିଲ୍ କଳିଙ୍ଗନଗର ଆନିଲଡ୍ କଏଲର ପ୍ରଥମ ବ୍ୟାଚ୍ ଉତ୍ପାଦ ଚାଲାଣ

ବ୍ୟାସନଗର (ଭାସ୍କର ନ୍ୟୁଜ୍) : ଟାଟା ଷ୍ଟିଲ କଳିଙ୍ଗନଗରର ଅତ୍ୟାଧୁନିକ କଣ୍ଟିନିୟସ ଆନିଲିଂ ଲାଇନ (ସିଏଏଲ)ର କୋଲ୍ଡ ରୋଲିଂ ମିଲ (ସିଆରଏମ) କମ୍ପ୍ଲେକ୍ସରେ ଥିବା ଅତ୍ୟାଧୁନିକ କଏଲର ପ୍ରଥମ ବ୍ୟାଚ୍ ଉତ୍ପାଦ ଗୁରୁବାର କାରଖାନା ପରିସରରେ ଥିବା କମନ୍ ପ୍ରଡକ୍ଟ ଡେସ୍ପାଚ୍ ୟାର୍ଡରୁ ପଠାଯାଇଛି। ଟିଏସ୍‌କେର ଉପାଧକ୍ଷ (ଅପରେସନ୍ସ) ରାଜୀବ କୁମାର, ଟିଏସ୍‌କେ ଜେନେରାଲ ମ୍ୟାନେଜର (ଅପରେସନ୍ସ) କରମବୀର ସିଂ, ଟିଏସ୍‌କେ ଏବଂ ଏନ୍‌ଆଇଏନ୍‌ଏଲର ଜେନେରାଲ ମ୍ୟାନେଜର (ପ୍ରକଳ୍ପ ଓ ନିର୍ମାଣ) ହରବିନ୍ଦର ସିଂ ଦୀପକଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ କମ୍ପାନୀର ଉନ୍ନତ ଉତ୍ପାଦନ କ୍ଷମତାରେ ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି। ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣରେ ପ୍ଲାଣ୍ଟର କ୍ଷମତା ବାର୍ଷିକ ୩ ନିୟୁତ ଟନରୁ ୮ ନିୟୁତ ଟନକୁ ବୃଦ୍ଧି ପାଉଥିବା ବେଳେ କମ୍ପାନୀର ଏହି ପଦକ୍ଷେପ ଟାଟା ଷ୍ଟିଲକୁ ବିକଶିତ ଅଟୋମୋଟିଭ ବଜାରରେ ଅଭିନବ ସମାଧାନ ପ୍ରଦାନ କରିବାରେ ସକ୍ଷମ କରିବ। ଭବିଷ୍ୟତ ପାଇଁ ପ୍ରସ୍ତୁତ ଉନ୍ନତ ଜ୍ଞାନକୌଶଳରେ ସଜ୍ଜିତ ଏହି ନୂତନ ସିଏଏଲ୍ ବିଶ୍ୱର ଶ୍ରେଷ୍ଠ ତିନି-ବେଞ୍ଚମାର୍କ ଅଟୋମୋଟିଭ୍ ଲାଇନ୍ ମଧ୍ୟରେ ସ୍ଥାନ ପାଇଛି । ଏହା ଆଡଭାନ୍ସ ହାଇ ଷ୍ଟ୍ରେନଥ ଷ୍ଟିଲ (ଏଏଚ୍‌ଏସ୍‌ଏସ୍) ସମେତ ଅନେକ ଉଚ୍ଚ ଗୁଣବତ୍ତା ବିଶିଷ୍ଟ ଅଟୋମୋଟିଭ୍ ଇସ୍ପାତ ଉତ୍ପାଦନ କରିବ, ଯେଉଁଥିରେ ଅତୁଳନୀୟ ଦୀର୍ଘସ୍ଥାୟିତା ଏବଂ ବିଶ୍ୱସନୀୟତା ରହିଛି। ଏହା ଦ୍ୱାରା ଭାରତୀୟ ଅଟୋମୋବାଇଲ ବଜାରରେ ଟାଟା ଷ୍ଟିଲର ସ୍ଥିତିକୁ ଅଗ୍ରଣୀ କରିବ ।



# ମିଠା ହେବ ସମୁଦ୍ର ପାଣି

## ଗଞ୍ଜାମ ଜିଲ୍ଲାପ୍ରଶାସନ ସହ ଏମଓୟୁ ସ୍ୱାକ୍ଷର କଲା ଆଇଆର୍‌ଇଏଲ୍



ଛତ୍ରପୁର, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲାରେ ମିଠା ହେବ ସମୁଦ୍ର ପାଣି, ଏହି ପ୍ରକଳ୍ପ ପାଇଁ ଗଞ୍ଜାମ ଜିଲ୍ଲାପ୍ରଶାସନ ସହ ଆଇଆର୍‌ଇଏଲର ଏମଓୟୁ ସ୍ୱାକ୍ଷର ହୋଇଛି, ଏହାଦ୍ୱାରା ସମୁଦ୍ରର ପାଣିକୁ ମଧୁର ଜଳ ଭାବେ ଗଞ୍ଜାମ ବାସୀ ବ୍ୟବହାର କରିବେ, ଏହି ଏମଓୟୁ ସ୍ୱାକ୍ଷର ବେଳେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଓ ଆଇଆର୍‌ଇଏଲ ଜେନେରାଲ ମ୍ୟାନେଜର ସି.ଭି.ଆର ମୂର୍ତ୍ତି, ଆରଡବ୍ଲୁଏସଏସ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ପ୍ରଥମ ପର୍ଯ୍ୟାୟରେ ଦୁଇଟି ଗାଁ ଆର୍ଯ୍ୟପଲ୍ଲୀ ଓ ମାଟିଖାଲକୁ ପାଣି ଯୋଗାଇ ଦିଆଯିବ, ଆଇଆର୍‌ଇଏଲ ପ୍ଲାଣ୍ଟ ପରିସର ମଧ୍ୟରେ ଏହି ପ୍ରୋଜେକ୍ଟ ହେବ, ଏହାର କାମ ଗୋଟିଏ ବର୍ଷ ମଧ୍ୟରେ ସରିବ, ଏହି ପ୍ରୋଜେକ୍ଟ ଦ୍ୱାରା ପାନୀୟ ଜଳ ଶଙ୍କଟକୁ ଦୂର କରିବ ବୋଲି କୁହାଯାଇଛି, ବହୁତ ଶୀଘ୍ର ସରିବ ଟେଣ୍ଡର ପ୍ରକ୍ରିୟା ଏବଂ ପ୍ରୋଜେକ୍ଟ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି। ଓଡ଼ିଶାରେ ଏଭଳି ପ୍ରଥମ ପ୍ରକଳ୍ପ ବୋଲି ଜଣାଯାଇଛି ୪୮୦ କିମି ତଟରେ ଏଭଳି ପ୍ରକଳ୍ପ ନାହିଁ ଏହା ଇଷ୍ଟ କୋଷ୍ଟ ପାଇଁ ଏହି ପ୍ରକଳ୍ପ ଏକ ଉଦାହରଣ ହେବ, ସମୁଦ୍ର ଜଳକୁ ମିଠା ପାଣି ହେବାପରେ ଏହା ଉଭୟ ଶିଳ୍ପ ଓ ସାଧାରଣ ଲୋକଙ୍କ ବ୍ୟବହାର ଯୋଗ୍ୟ ହୋଇପାରିବ ବୋଲି ଆଇଆର୍‌ଇଏଲ ଜେନେରାଲ ମ୍ୟାନେଜର କହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଆଇଆରଇଏଲ ଓ ଓଡ଼ିଶା ସରକାରଙ୍କ ଅଧୀନ ଆରଡବ୍ଲୁଏସଏସ ବିଭାଗ ମିଳିତ ଭାବେ ଦୈନିକ ୧.୫ ଏମଏଲଡି ପାଣି ଯୋଗାଇଦେବେ। ଖରାଦିନରେ ଯେଉଁ ପାଣି ସମସ୍ୟା ରହୁଛି ତାହା ଦୂର ହୋଇପାରିବ ଏହାଦ୍ୱାରା ୧୫୦୦ରୁ ୨୦୦୦ ହଜାର ପରିବାର ଉପକୃତ ହେବେ ଆଗକୁ କେତେ ଗାଁକୁ ଜଳ ଯୋଗାଣ ହେବ ସେ ଉପରେ ଏସ୍ଟିମେଟ ନିର୍ଭର କରିବ ବୋଲି ଜିଲ୍ଲାପାଳ କହିଛନ୍ତି। ପାଇପ ପଡିବା ସହ ପମ୍ପିଙ୍ଗ ଷ୍ଟେସନ ଓ ଓଭର ହେଡ଼ ଟ୍ୟାଙ୍କ ନିର୍ମାଣ କରାଯିବ।

# ରାଶିଫଳ

**ଶନିବାର, ୧୫ ଫେବୃଆରୀ ୨୦୨୫**



**ମେଷ:** ଶାରୀରିକ ଏବଂ ମାନସିକ ସ୍ତରରେ ଅସୁସ୍ଥତା ଅନୁଭବ କରିବେ। କୌଣସି ନୂତନ କାର୍ଯ୍ୟ ଆରମ୍ଭ ନ କରିବାକୁ ପରାମର୍ଶ ଦିଆଯାଇଛି। ସ୍ୱାସ୍ଥ୍ୟ ଖରାପ ହେବାର ସମ୍ଭାବନା ଅଧିକ। ସମ୍ଭବ ହେଲେ ସ୍ଥାନାନ୍ତରଣକୁ ଏଡାଇ ଦିଆଯାଇପାରେ। ଯୋଗ ଏବଂ ଧ୍ୟାନ ସହିତ ଆପଣ ମାନସିକ ସ୍ତରରେ ଶାନ୍ତ ରହିପାରିବେ।



**ବୃଷ:** ଆଜିର ଦିନରେ ଆପଣ ଥକ୍କା, ଅଳସୁଆ ଏବଂ ଚିନ୍ତା ଅନୁଭବ କରିବେ। ଆପଣଙ୍କର ଚାକିରି, ବ୍ୟବସାୟ, ଯାଗା କିମ୍ବା ଘର ଉପରେ ସମସ୍ୟା ସୃଷ୍ଟି ହୋଇପାରେ। ହୁଏତ କିଛି ଧାର୍ମିକ କିମ୍ବା ମାଙ୍ଗଳିକ କାର୍ଯ୍ୟକୁ ଯିବାକୁ ପଡିପାରେ।



**ମିଥୁନ:** ଆଜିର ଦିନ ଆପଣଙ୍କୁ ଉପଭୋଗ୍ୟ ସଫଳତା ଦେବ। ପରିବାର ସଦସ୍ୟଙ୍କ ସହିତ ଖୁସିରେ ସମୟ ବିତାଇବେ। ଆବଶ୍ୟକ ଅନୁସାରେ କମ ଖର୍ଚ୍ଚ ହେବ। ଆର୍ଥିକ ଲାଭ ପାଇଁ ତଥାପି ଏକ ଭଲ ଦିନ। ଆଜି କାର୍ଯ୍ୟ କରୁଥିବା ଲୋକଙ୍କ ପାଇଁ କାର୍ଯ୍ୟାଳୟରେ ପରିବେଶ ଅନୁକୂଳ ହେବ।



**କର୍କଟ:** ଆଜିର ଦିନ ଆପଣ ମନୋରଞ୍ଜନ ଏବଂ ଉପଭୋଗରେ ବ୍ୟସ୍ତ ରହିବେ। ଆପଣ ବନ୍ଧୁ ଏବଂ ପରିବାର ସହିତ ଏକ ସୁଖମୟ ପରିବେଶରେ ଦିନ ବିତାଇବାକୁ ସମର୍ଥ ହେବେ। ଆପଣ ମଧ ସାମାଜିକ ଭାବରେ ସମ୍ମାନ ଏବଂ ଖ୍ୟାତି ପାଇବାକୁ ସମର୍ଥ ହେବେ। ଦାମ୍ପତ୍ୟ ଜୀବନରେ ସୁଖ ମିଳିବ।



**ସିଂହ:** ଆଜିର ଦିନ ଆପଣଙ୍କର ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ରହିବ। ସୃଜନଶୀଳତା ପୁରା ଫୁଲରେ ଫୁଲିବ। ସନ୍ତାନଙ୍କ ପକ୍ଷରୁ ଏକ ଖୁସି ଖବର ଆସିପାରେ। ସାଙ୍ଗମାନଙ୍କ ସହିତ ଭେଟ ଉପଭୋଗ ହେବ। ଆଜି ଧାର୍ମିକ ଦାନର କାର୍ଯ୍ୟ କରିବେ।



**କନ୍ୟା:** ଆଜି ସମୟ ଅନୁକୂଳ ନୁହେଁ। ଆପଣ ଅନେକ ଜିନିଷ ବିଷୟରେ ଚିନ୍ତିତ ହେବେ, ଯେଉଁ କାରଣରୁ ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଅସୁସ୍ଥ ଅନୁଭବ କରିବେ। ପରିବାର ସଦସ୍ୟଙ୍କ ସହ ମତଭେଦ ହେବ। ମାଆଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ।



**ତୁଳା:** ଅନାବଶ୍ୟକ ଖର୍ଚ୍ଚ ଉପରେ ଯାଞ୍ଚ କରନ୍ତୁ। ବକ୍ତବ୍ୟରେ ସଂଯମତା ରଖି ଆପଣ ପରିବାରରେ ଶାନ୍ତି ଏବଂ ସୁଖ ସୃଷ୍ଟି କରିବାରେ ସମର୍ଥ ହେବେ। ଚିନ୍ତାଧାରା ଉପରେ ନକାରାତ୍ମକତା ପ୍ରାଧାନ୍ୟ ଦେବ, ଯାହା ଦୂର ହେବ। ଧାର୍ମିକ ଉଦ୍ଦେଶ୍ୟ ପାଇଁ ଅର୍ଥ ଖର୍ଚ୍ଚ ହୋଇପାରେ। ଛାତ୍ରମାନଙ୍କ ପାଇଁ ସମୟ ଅତ୍ୟନ୍ତ ଅନୁକୂଳ ନୁହେଁ।



**ବିଛା:** ଆଜି ଭାଗ୍ୟବାନ ହେବାକୁ ଯାଉଛନ୍ତି। ଭାଇଭଉଣୀଙ୍କ ସହିତ ସମ୍ପର୍କ ଭଲ ରହିବ। ଏକ ଧାର୍ମିକ ରହଣି ସଂଗଠିତ ହୋଇପାରିବ। ନୂତନ କାର୍ଯ୍ୟ ଆରମ୍ଭ ପାଇଁ ଶୁଭ ଦିନ। ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ହେବ। ଆପଣ ବିଦେଶରୁ ଭଲ ଖବର ପାଇବେ। ଶତ୍ରୁଙ୍କୁ ପରାସ୍ତ କରାଯାଇପାରେ।



**ଧନୁ:** ଆଜି ମନ ଅସୁସ୍ଥ ରହିବ। ଧାର୍ମିକ, ସାମାଜିକ କାର୍ଯ୍ୟରେ ଟଙ୍କା ଖର୍ଚ୍ଚ ହେବ। ପରିବାର ଏବଂ ସାଙ୍ଗମାନଙ୍କ ସହିତ ପାର୍ଥକ୍ୟ ରହିବ। ବଦନାମ ହେବାର ଯୋଗ ଅଛି। ଆଜି ଆପଣଙ୍କର ଆଧାତ୍ମିକତା ପ୍ରତି ଅଧିକ ଆଗ୍ରହ ରହିବ। କୋର୍ଟ କାର୍ଯ୍ୟରେ ବିଫଳତା ଦେଖିବାକୁ ମିଳିବ। ଆପଣଙ୍କର ବକ୍ତବ୍ୟକୁ ନିୟନ୍ତ୍ରଣ କରନ୍ତୁ।



**ମକର:** ଏହି ଦିନ ଧାର୍ଯ୍ୟ ହୋଇଥିବା କାର୍ଯ୍ୟ ସମାପ୍ତ ହେବ। ଲକ୍ଷ୍ମୀଙ୍କ ଆଶୀର୍ବାଦ ରହିବ। ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଆପଣଙ୍କୁ ଖୁସି ରଖିବ। ଏକ ଯାତ୍ରା ଗନ୍ତବ୍ୟସ୍ଥଳକୁ ସ୍ଥାନାନ୍ତରଣର ସମ୍ଭାବନା ଅଛି। ସମ୍ପର୍କୀୟଙ୍କୁ ଭେଟିବା ପରେ ମନ ଖୁସି ହେବ। ନିକଟସ୍ଥ ପ୍ରିୟଜନମାନେ ସେଠାରେ ଶୁଭ ପ୍ରସଙ୍ଗରେ ଉପସ୍ଥିତ ରହିବେ। ଯଶ-କିର୍ତ୍ତୀ ବୃଦ୍ଧି ପାଇବ।



**କୁମ୍ଭ:** ଆଜିର ଦିନଟି ଶୁଭ ଅଟେ। ଚାକିରି କିମ୍ବା ବ୍ୟବସାୟରେ ଆପଣ ସଫଳତା ପାଇବେ ଏବଂ ଉଚ୍ଚ ଅଧିକାରୀମାନେ ଆପଣଙ୍କ ଉପରେ ଖୁସି ହେବେ। ଏହା ସହିତ ଆପଣଙ୍କର ଖୁସି ମଧ ବୃଦ୍ଧି ପାଇବ। ଆପଣ ବ୍ୟବସାୟରେ ଫସି ରହିଥିବା ଟଙ୍କା ପାଇପାରିବେ। ବୟସ୍କ ଏବଂ ପିତାଙ୍କ ଦ୍ୱାରା ଲାଭ ହେବ। ପାରିବାରିକ ସୁଖରେ ଆପଣ ଖୁସି ହେବ।



**ମୀନ:** ଆଜି ଉପଲବ୍ଧ ଲାଭ ଦ୍ୱାରା ଆପଣଙ୍କ ଉପଭୋଗ ଦ୍ୱିଗୁଣିତ ହେବ। ନୂତନ କାର୍ଯ୍ୟ ଆୟୋଜନ ପାଇଁ କାର୍ଯ୍ୟ ଆରମ୍ଭ ଶୁଭ ହେବ। ବାଣିଜ୍ୟରେ ବ୍ୟବସାୟୀମାନେ ବିଶେଷ ସୁବିଧା ପାଇବେ। ଆପଣ ସାମାଜିକ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିବେ। ସନ୍ତାନମାନଙ୍କ ସହିତ ଯୋଗାଯୋଗ କରିବା ଭଲ ହେବ। ଆୟ ବୃଦ୍ଧି ପାଇବ। ସ୍ଥାନାନ୍ତରଣ ହେବ।



ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର






ବ୍ରଜରାଜନଗର(ଭାସ୍କର ନ୍ୟୁଜ୍): ରାଜ୍ୟ ମହିଳା ଆୟୋଗ ଏବଂ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ନାରୀ ନିର୍ଯାତନା , ଘରୋଇ ହିଂସା ଓ ନାରୀମାନଙ୍କ ଅଧିକାର ସୁରକ୍ଷା ପାଇଁ ଆଇନଗତ ସୁବିଧା ସମ୍ପର୍କରେ ଏକ ବ୍ଲକସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ମହାନଦୀ କୋଇଲା ଖଣି କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଛି। ଝାରସୁଗୁଡ଼ା ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ପୋଲିସ ଅଧିକ୍ଷକ ମଧୁସିକ୍ତା ମିଶ୍ର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନାଙ୍କ ପ୍ରତିନିଧି ରଘୁନନ୍ଦନ ପଣ୍ଡା ଓ ଖଲିଆକାନୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡାକ୍ତର ଜୟପ୍ରକାଶ ପ୍ରଧାନ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍ଘାଟନ କରିଥିଲେ। ମହିଳା ସଶକ୍ତି କରଣ, ନାରୀ ଶିକ୍ଷା ଓ ନାରୀ ସୁରକ୍ଷା ଦେଶ ଜାତି ସମାଜକୁ ଉନ୍ନତି ପଥରେ ଆଗେଇ ନେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ସହକାରୀ ଆଇନ୍ ପରିଚାଳକ ସୋମଦତ୍ତ ପୁରୋହିତ, ଆଇନଜୀବୀ ବି.ନାଗେଶ୍ୱରୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେହେଡାର ନିର୍ଦ୍ଦେଶିକା ଆନନ୍ଦିନୀ ପାଢ଼ୀ ପ୍ରଶିକ୍ଷିକା ଭାବରେ ଯୋଗ ଦେଇ ଲିଙ୍ଗଗତ ବିଭେଦ ଓ ତଦ୍‌ଜନିତ ହିଂସା, ମହିଳାମାନଙ୍କ ପାଇଁ ଥିବା ଆଇନଗତ ଅଧିକାର ଏବଂ ସେମାନଙ୍କ ପାଇଁ ପ୍ରଣୟନ ହେଉଥିବା ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଭାବରେ ବୁଝାଇଥିଲେ।

## ୧୧ ଦିନ ହେଲା ସ୍କୁଲକୁ ଆସୁନାହାନ୍ତି ଶିକ୍ଷକ-ଶିକ୍ଷୟିତ୍ରୀ

ମାଲକାନଗିରି(ଭାସ୍କର ନ୍ୟୁଜ୍): ମଣିଷ ଜୀବନରେ ଶିକ୍ଷା ଏକ ଆଲୋକବର୍ତ୍ତିକା ଭଳି କାର୍ଯ୍ୟ କରେ। ଶିକ୍ଷା ସମାଜକୁ ବିକାଶମୁହାଁ କରାଏ ଏବଂ ଶିକ୍ଷିତ ବ୍ୟକ୍ତି ମଧ୍ୟ ବିକାଶ ଧାରାରେ ନିଜକୁ ସାମିଲ କରାଇ ଆଗକୁ ବଢ଼ିଥାଏ। ତେଣୁ ଶିକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯାଉଥିବା ବେଳେ ଏହି ରାଜ୍ୟରେ ଶିକ୍ଷିତଙ୍କ ହାର ବଢ଼ାଇବା ପାଇଁ ସରକାର ମଧ୍ୟ ଅନେକ ପଦକ୍ଷେପ ନେଉଛନ୍ତି। ଅଧିକରୁ ଅଧିକ ପିଲାଏ କିପରି ବିଦ୍ୟାଳୟ ଯାଇ ଶିକ୍ଷା ଲାଭ କରିବେ ସେଥିପାଇଁ ସରକାରୀ ରାଜକୋଷରୁ ପ୍ରତିବର୍ଷ ବିଭିନ୍ନ ଯୋଜନା ସହ ଶିକ୍ଷକ ନିଯୁକ୍ତି, ବିଦ୍ୟାଳୟ ନିର୍ମାଣ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି। ତେବେ ଏସବୁ ସତ୍ୱେ କିନ୍ତୁ ମାଲକାନଗିରି ଭଳି ଆଦିବାସୀ ବହୁଳ ଜିଲ୍ଲାରେ ଶିକ୍ଷା କ୍ଷେତ୍ରରେ ରହିଯାଇଛି ଅନେକ ସମସ୍ୟା। ଜିଲ୍ଲାରେ ଶିକ୍ଷାକୁ ଅଧିକ ଗୁରୁତ୍ୱ ଦେବା ପାଇଁ ସରକାର ସବୁବେଳେ ତତ୍ପର ଥିବାବେଳେ ଏଠାରେ କିନ୍ତୁ କିଛି ବିଦ୍ୟାଳୟରେ

### ଅଭିଭାବକ ଓ ଜନପ୍ରତିନିଧିଙ୍କ ଅଭିଯୋଗ

ଶିକ୍ଷକ ଶିକ୍ଷୟିତ୍ରୀ ଶିକ୍ଷାଦାନ କ୍ଷେତ୍ରରେ ସେତିକି ତତ୍ପର ନଥିବା ଦେଖିବାକୁ ମିଳିଛି। ଯାହାଫଳରେ କୁନି କୁନି ପିଲାଙ୍କୁ ଉଚିତ ଶିକ୍ଷାଦାନ କରାଯାଉ ନଥିବା ଅଭିଯୋଗ ହୋଇଛି। କିଛି ଏପରି ଅଭିଯୋଗ ଆସିଛି ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଞ୍ଚଳରୁ। ଅଭିଯୋଗ ଅନୁଯାୟୀ ଚିତ୍ରକୋଣ୍ଡା ବ୍ଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆରଏସି ୧୨ରେ ନିତିଦିନ ଶିକ୍ଷକ ଶିକ୍ଷୟତ୍ରୀ ମାନେ ବିଳମ୍ବରେ ଆସନ୍ତି। ବିଦ୍ୟାଳୟ ଖୋଲିବା ସମୟ ସକାଳ ୧୦ଟା ହୋଇଥିବାବେଳେ ପିଲାଏ ସଠିକ ସମୟରେ ବିଦ୍ୟାଳୟକୁ ଆସୁଥିଲେ



ମଧ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ଦିନ ୧୧ଟା ଯାଏଁ ବିଦ୍ୟାଳୟକୁ ଆସୁନଥିବାରୁ ପିଲାଏ ପ୍ରାୟ ୧ ଘଣ୍ଟା ଯାଏଁ କୌଣସି ଶିକ୍ଷା ଲାଭ କରିପାରି ନଥାନ୍ତି। ଏହି ବିଦ୍ୟାଳୟରେ ୨ଜଣ ଶିକ୍ଷୟତ୍ରୀ ଓ ୨ ଶିକ୍ଷକ ରହିଥିବା ବେଳେ ପ୍ରାୟ ନୀତିଦିନ ଏହିପରି ସେମାନେ ବିଳମ୍ବରେ ଆସୁଥିବା ବେଳେ ତାଙ୍କ ପାଇଁ ବିଦ୍ୟାଳୟ ଖୋଲିବା ସମୟ ବୋଧେ ଦିନ ୧୧ଟା ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏପରିକି ଅନେକ ସାମୀରେ ଏହି ଶିକ୍ଷକ ଶିକ୍ଷୟିତ୍ରୀ ମାନେ ପାଳି କରି ଆସୁଥିବା ମଧ୍ୟ ଅଭିଯୋଗ ହୋଇଛି। ଶିକ୍ଷା ଦାନ ପାଇଁ ନିଯୁକ୍ତି ହୋଇଥିବା ଏହି ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ସରକାର ନିୟମିତି ଦରମା ପ୍ରଦାନ କରୁଥିବାବେଳେ ଏମାନେ କିନ୍ତୁ ନିଜ ଦାୟିତ୍ୱରେ ନିୟମିତ ଅବହେଳା କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପିଲାଙ୍କ ଅଭିଯୋଗ ଅନୁଯାୟୀ ପ୍ରଧାନ ଶିକ୍ଷକ ନୀଳାଦ୍ରି ରାଉତ ସାମନ୍ତ, ଶିକ୍ଷକ ଶଙ୍କର ସାର, ଶିକ୍ଷୟିତ୍ରୀ ସବିତା ତ୍ରିପାଠୀ ଓ ସ୍ୱାତି ଦିଦି ସବୁବେଳେ ଏପରି ବିଳମ୍ବରେ ଆସନ୍ତି। ଯାହା ଫଳରେ ବେଳେ ବେଳେ ବିଦ୍ୟାଳୟରେ ପ୍ରାର୍ଥନା ମଧ୍ୟ ହୁଏ ନାହି। ଅନେକ ସମୟରେ ଦୁଇଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ପାଳି କରି ମଧ୍ୟ ଆସନ୍ତି ବୋଲି ପିଲାଏ ଅଭିଯୋଗ କରିଛନ୍ତି। ତେବେ ଏନେଇ ସ୍ଥାନୀୟ ଜନ ପ୍ରତିନିଧି ମଧ୍ୟ ଏହି ସମାନ ଅଭିଯୋଗ ଆଣିଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ତେବେ ଏନେଇ ଆମେ ଚିତ୍ରକୋଣ୍ଡା ବ୍ଲକ ଶିକ୍ଷା ଅଧିକାରୀ ଗାୟତ୍ରୀ ଦେବୀଙ୍କୁ ଯୋଗଯୋଗ କରିଥିଲେ ମଧ୍ୟ ସେ ଫୋନ ନଉଠାଇବାରୁ ତାଙ୍କର ମତାମତ ମିଳିପାରିନାହି। ଏନେଇ ତେବେ ଏନେଇ ଉପ ଜିଲ୍ଲାପାଳ ଦୁର୍ଯୋଧନ ଭୋଇଙ୍କୁ ଯୋଗାଯୋଗ କରିବାରୁ ସେ ପ୍ରକାଶ କରିଛନ୍ତି ଯେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବିରୋଧରେ ଆସିଥିବା ଅଭିଯୋଗ ଅନୁଯାୟୀ ତଦନ୍ତ କରି ପଦକ୍ଷେପ ନିଆଯିବ।

■ ବାଲିମେଲା ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ

## 'ଜୀବନ ଓ ସମୟ ମଣିଷର ଶ୍ରେଷ୍ଠ ଗୁରୁ'

କୋରୁକୋଣ୍ଡା(ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ବାଲିମେଲା ସହରରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶୀଳା ହିଆଲଙ୍କ ନେତୃତ୍ୱରେ ଗୁରୁବାର ବିଦ୍ୟାଳୟର ୫୬ ତମ ବାର୍ଷିକ ଉତ୍ସବ ବହୁ ଧୁମଧାମ୍‌ରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲୁ, ମୁଖ୍ୟବକ୍ତା ଭାବେ ବାଲିମେଲା ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ବାଲିମେଲା ଏନ୍‌ଏସିର ଉପାଧ୍ୟକ୍ଷା ରଶ୍ମିତା ବାଙ୍କା, ଏମ୍ୟୁଜେ ମାଲକାନଗିରି ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଦେବ ପ୍ରସାଦ ଦାସ, ମାଲକାନଗିରି ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା କୋରୁକୋଣ୍ଡା ବ୍ଲକ ସାମ୍ବାଦିକ ସଂଘର ସଭାପତି ଶିବଦତ୍ତ ସାହୁ, ବରିଷ୍ଠ ପତ୍ରକାର ସୁଭାଶିଷ କର, ବରିଷ୍ଠ ସମାଜସେବୀ ରାଜେନ୍ଦ୍ର କୁଳଦୀପ, ବରିଷ୍ଠ ନାଗରିକ ହର ପ୍ରସାଦ ଖାଡେଙ୍ଗା, କାଉନସିଲର ଜ୍ୟୋତି ରାଣୀ ପଣ୍ଡା, ପୁଷ୍ପାଞ୍ଜଳି ଚାଲାଣ, ସମାଜ ସେବିକା କମଳା ଢ଼ାଲି, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁରେନ୍ଦ୍ର କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ପ୍ରଥମେ ମଞ୍ଚାସୀନ ଅତିଥି ବୃନ୍ଦ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଫଟୋ



ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରଥମେ ଭକ୍ତି ସଂଗୀତ ଗାନ କରାଯିବା ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ହିଆଲ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। 'ଜୀବନ ଓ ସମୟ ମଣିଷର ଶ୍ରେଷ୍ଠ ଗୁରୁ'। ଜୀବନ ଆମକୁ ସମୟକୁ ଉପଯୋଗ କରିବା ଶିଖାଏ ଓ ସମୟ ଆମକୁ ଜୀବନର ମୂଲ୍ୟ ବୁଝାଏ ବୋଲି ବରିଷ୍ଠ ସାମ୍ବାଦିକ ଶ୍ରୀ ସାହୁ କହିଥିଲେ। ଏହି ଅବସରରେ ମୁଖ୍ୟ ବକ୍ତା ଶ୍ରୀ ନାୟକ କହିଥିଲେ ଆଜିର ଶିଶୁ କାଲିର ନାଗରିକ ଓ ଦେଶର ଭବିଷ୍ୟତ। ଶିଶୁ ହସିଲେ ଦେଶ ଓ ଦୁନିଆ ହସିବ। ମନ ଧ୍ୟାନ ଦେଇ ଭଲ ପାଠ ପଢିବା ସହ କ୍ରୀଡା, ନୃତ୍ୟ ଓ ଅନ୍ୟାନ୍ୟ କ୍ଷେତ୍ରରେ ସମସ୍ତ ଛାତ୍ରୀ ଛାତ୍ର ନିଜକୁ ସାମିଲ କରି କିପରି ସବୁ କ୍ଷେତ୍ରରେ ସଫଳତା ହାସଲ କରିବେ ସେନେଇ ସମସ୍ତେ ଗୁରୁତ୍ୱ ଦେବାର ବହୁ ଆବଶ୍ୟକ ରହିଛି। ନିଜର ବିଦ୍ୟାଳୟ ଠାରୁ ଆରମ୍ଭ କରି ନିଜର ନାମକୁ ଜିଲ୍ଲା, ରାଜ୍ୟ ଓ ଦେଶ ବିଦେଶରେ କିପରି ରୋଷଣ କରିବା ସେନେଇ ସମସ୍ତେ ଛାତ୍ରୀ ଉଦ୍ୟମ କରିବା ଆବଶ୍ୟକ ବୋଲି କହିଥିଲେ। ବିଦ୍ୟାଳୟ ପକ୍ଷରୁ ପୂର୍ବରୁ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା କ୍ରୀଡା, ଶିକ୍ଷା, ନୃତ୍ୟ ଓ ଅନ୍ୟାନ୍ୟ ପ୍ରତିଯୋଗିତା ମାନଙ୍କରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ମଞ୍ଚାସୀନ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ମାନପତ୍ର ପ୍ରଦାନ କରାଯାଇଥିଲା। ଏହାପରେ ପିଲାମାନଙ୍କ ପକ୍ଷରୁ ଓଡିଶୀ, ସମ୍ବଲପୁରୀ, ଆଦିବାସୀ ଲୋକନୃତ୍ୟ, ଦେଶାତ୍ମ ବୋଧକ ଓ ବିଭିନ୍ନ ପ୍ରକାର ନୃତ୍ୟ ପରିବେଷଣ କରିଥିଲେ। ଏହି ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ବିଦ୍ୟାଳୟର ମୋଟ ପ୍ରାୟ ୯୦୦ ଜଣ ଛାତ୍ର ଛାତ୍ରୀ, ଅଭିଭାବକ ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ବିଦ୍ୟାଳୟ ସମସ୍ତେ ଶିକ୍ଷକ, ଶିକ୍ଷୟତ୍ରୀ ଓ କର୍ମଚାରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୂଚାରୁରୂପେ ପରିଚାଳନା କରିଥିଲେ।

## କିଶୋର-କିଶୋରୀଙ୍କ ପାଇଁ ସ୍ୱତନ୍ତ୍ର ପରିଭ୍ରମଣ କାର୍ଯ୍ୟକ୍ରମ




ରାୟଗଡ଼ା(ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲାପାଳ ପାରୁଲ ପଟ୍ଟୱାରିଙ୍କ ଅନୁମୋଦନ କ୍ରମେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ମିଳିତ ସଂଯୋଜନାରେ ଜିଲ୍ଲାରେ ଅଦ୍ୱିକା ଯୋଜନା ମାଧ୍ୟମରେ ଏକଦିନିଆ କିଶୋର କିଶୋରୀ ମାନଙ୍କ ନିମନ୍ତେ ସ୍ୱତନ୍ତ୍ର ପରିଭ୍ରମଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ଓ ଜିଲ୍ଲା ସମାଜ ମଙ୍ଗଳ ଉପ ବିଭାଗର ସୁରକ୍ଷା ଅଧିକାରୀ ପ୍ରତିମା ଦାସ, ଆକ୍ସନ ଏଡ଼ ତରଫରୁ ବାଲ୍ୟ ବିବାହ ନିଷେଧ ଜିଲ୍ଲା ପରାମର୍ଶଦାତା ରତନେଶ୍ୱର ସାହୁ, ବରିଷ୍ଠ ରାଜସ୍ୱ ସହାୟକ ସୂର୍ଯ୍ୟ ନାରାୟଣ ନାୟକ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମ ଅଧୀନରେ କିଶୋର କିଶୋରୀ ମାନେ ୱାର୍ଲ୍ଡ ସ୍କିଲ ସେଣ୍ଟର, କଳିଙ୍ଗ ଷ୍ଟାଡିୟମ ଓ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ପ୍ରଭୃତି ବୁଲି ଦେଖିଥିଲେ। ଅଦ୍ୱିକା କ୍ଲବର ସଦସ୍ୟ ସଦସ୍ୟାମାନେ ବିଭିନ୍ନ ଦକ୍ଷତା ବିକାଶ ଦ୍ୱାରା ନିଜେ ଆତ୍ମନିର୍ଭରଶୀଳ ହୋଇ ପାରିବେ। ତେଣୁ କେଉଁ ଦିଗ ପ୍ରତି ଗୁରୁତ୍ୱ ଦେବାକୁ ହେବ ତାକୁ ଆଧାର କରି ଏହି ସ୍ୱତନ୍ତ୍ର ପରିଭ୍ରମଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ବୋଲି ଅତିରିକ୍ତ ଜିଲ୍ଲାପାଳ ନବିନ ଚନ୍ଦ୍ର ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମିନତୀ ଦେଓ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କୁମାରୀ ବିଚିତ୍ରା ସେଠି ମତ ଦେଇଥିଲେ। ଏହାପରେ କିଶୋର କିଶୋରୀମାନେ ନିଜ ନିଜ ଘରକୁ ଫେରିଥିଲେ।

## ୧୯ ମାଓବାଦୀଙ୍କ ଆତ୍ମସମର୍ପଣ



ମାଲକାନଗିରି(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସୀମାନ୍ତ ତେଲେଙ୍ଗାନା ରାଜ୍ୟ ଭଦ୍ରାଦ୍ରି କତାଗୁଡେମ ଜିଲ୍ଲା ପୋଲିସ ନିକଟରେ ୧୯ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ତଥ୍ୟ ଅନୁଯାୟୀ ସୀମାନ୍ତ ଛତିଶଗଡ ରାଜ୍ୟ କାଙ୍କେର, ବିଜାପୁର, ଦନ୍ତେବାଡା, ସୁକୁମା, ପ୍ରଭୃତି ଜିଲ୍ଲାର ୧୯ ଜଣ ମାଓବାଦି ଆଜି ତେଲେଙ୍ଗାନା ଭଦ୍ରାଦ୍ରି କତାଗୁଡେମ ଜିଲ୍ଲା ପୋଲିସ ନିକଟରେ ଆତ୍ମ ସମର୍ପଣ କରିଛନ୍ତି। ଏହି ଆତ୍ମ ସମର୍ପଣକରିଥିବା ମାଓବାଦୀଙ୍କ ମଧ୍ୟରୁ ସରୋଟି ମନିଷ, ମାଡବି ନନ୍ଦା, ମାଡବି ହାନ୍ଦା, ମାଡବି ହିଡମା, ମଡକମ୍ ଦେବା, କୋଲୁମୁ ଆଇତା, ପଡିୟମ୍ ନଗେଶ, ସୋଡି ଅର୍ଜୁନ, ପଡିୟମ୍ ଆଡମା, ମଡକମ୍ ଉଙ୍ଗା, କୁଞ୍ଜାମ ଘାସି, ମିର୍ଗମ ସୁକାୟା, ମାଡବି ଇଡମାୟା, ସେଲବମ୍ ଭେଙ୍କଟ, ସାଲବାମ୍ ଶଙ୍କର, ମାଡବି କୋସା, ଦିର୍ଜ ସୁଲା, ସୋଡି ଇଡମା। ଏହି ମାଓବାଦୀମାନେ ପ୍ରକାଶ କରିଛନ୍ତି ଯେ, ଗତ ଜାନୁଆରୀ ମାସରେ ପ୍ରାୟ ୨୨ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିବାବେଳେ ସେମାନଙ୍କୁ ଯୋଗାଇ ଦେଇଥିବା ସମସ୍ତ ସୁବିଧା ସୁଯୋଗ, ସରକାରଙ୍କ ଦ୍ୱାରା ବିଭିନ୍ନ ଯୋଜନାରେ ସାମିଲ କରି ସେମାନଙ୍କୁ ଯୋଗାଇବା ଓ ପରିବାର ବର୍ଗ ସହ ସୁଖମୟ ଜୀବନ ଯାପନ କରିବା ପାଇଁ ନିଷ୍ପତି ନେଇ ଏମାନେ ଆତ୍ମ ସମର୍ପଣ କରିଛନ୍ତି।

## କ୍ଲଷ୍ଟରସ୍ତରୀୟ ନିପୁଣ ମେଳା

ବଲାଙ୍ଗୀର (ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ ଅନ୍ତର୍ଗତ ତୁରେକେଲା ଆଞ୍ଚଳିକ ସାଧନ କେନ୍ଦ୍ରର କ୍ଲଷ୍ଟର ସ୍ତରୀୟ ନିପୁଣ ମେଳା ଲର୍କି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି।ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିରଞ୍ଚି ନାରାୟଣ ଦାଶଙ୍କ ତତ୍ତ୍ୱାବଧାନରେ ଏଗାର ଗୋଟି ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ରବୀନ୍ଦ୍ର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ତୁରେକେଲା ସରପଞ୍ଚ ଜଳନ୍ଧର ମହାକୁଡ,ମୁଖ୍ୟ ଅତିଥି, ଅତିରିକ୍ତ ଶିକ୍ଷା ଅଧିକାରୀ ଫକୀର ଚରଣ ବିଶି, ମୁଖ୍ୟବକ୍ତା, ଶିକ୍ଷୟିତ୍ରୀ ମାଧବୀଲତା ସାହୁ,ବିଆରଟି ସୁନୀଲ କୁମାର ସାହୁ,ବନମାଳୀ ଛୁରା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ବିରଞ୍ଚି ନାରାୟଣ ଦାଶ ଲକ୍ଷ୍ୟ, ଉଦ୍ଦେଶ୍ୟ ଜ୍ଞାପନ କରିବା ସହିତ ସଭା ପରିଚାଳନା କରିଥିଲେ। ସର୍ବ ପ୍ରଥମେ ଅତିଥି ମାନେ ମା ବାଗ୍‌ଦେବୀଙ୍କ ଫଟୋଚିତ୍ରରେ ଧୂପଦୀପ ଓ ପୁଷ୍ପମାଲ୍ୟ ପ୍ରଦାନ



କରିଥିଲେ। ମମତା ମେହେର ଶ୍ଳୋକ ଉଚ୍ଚାରଣ ଓ ଛାତ୍ରୀବୃନ୍ଦ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ତାପରେ ନିପୁଣ ମିଶନର ଗୀତ ଓ ପ୍ରତିଜ୍ଞା ନିଆଯାଇଥିଲା। ପ୍ରଥମରୁ ତୃତୀୟ ଶ୍ରେଣୀର ସଂଖ୍ୟାଜ୍ଞାନ ଓ ଭାଷାଜ୍ଞାନ ଉପରେ ତିଆରି ହୋଇଥିବା ବିଭିନ୍ନ ଶିକ୍ଷଣ ସାମଗ୍ରୀ ମେଳାରେ ପ୍ରଦର୍ଶନ କରାଯାଇଥିଲା। ଶିକ୍ଷଣ ସାମଗ୍ରୀ ଗୁଡ଼ିକୁ ଛାତ୍ରଛାତ୍ରୀ, ଶିକ୍ଷକ , ଶିକ୍ଷୟିତ୍ରୀ, ଅଭିଭାବକ ଦେଖି ଖୁସି ଅନୁଭବ କରିଥିଲେ। ସେମାନଙ୍କ ଭିତରୁ ସଂଖ୍ୟାଜ୍ଞାନ ଓ ଭାଷା ପାଇଁ ଶ୍ରେଷ୍ଠ ତିନିଜଣ ଅଂଶଗ୍ରହଣକାରୀଙ୍କୁ ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଫ୍ୟାନ୍ସି ଡ୍ରେସରେ ଭାଗ ନେଇଥିବା ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ମେଳାରେ ଶିକ୍ଷକ ସୁରୁମଣି ମେହେର, ମାନସ ରଞ୍ଜନ ଜାଲ,ରାଜୀବ ଦାସ, ଡମ୍ବରୁ ମେହେର, ପୀତାମ୍ବର ଲୁହା, ସୁନୀଲ ରଞ୍ଜନ ସଲତାର, ଗୋପାଳ ଧରୁଆ, ପ୍ରଦୀପ କୁମାର ମେହେର, ଶିକ୍ଷୟିତ୍ରୀ ଟିକେଶ୍ୱରୀ ସେଠ,ବିନୋଦିନୀ ତାଣ୍ଡୀ, ରଜନୀ ମେହେର, ସୁଭଦ୍ରା ମେହେର ସହଯୋଗ କରିଥିଲେ।

## ଋତୁସ୍ରାବ ସ୍ୱଚ୍ଛତା ପରିଚାଳନା କାର୍ଯ୍ୟକ୍ରମ



ତେନ୍ତୁଳିଖୁଣ୍ଟି (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ତେନ୍ତୁଳି ଖୁଣ୍ଟି ବ୍ଲକ ଅନ୍ତର୍ଗତ ଅଞ୍ଚଳ ଗୁମ୍ମା ଉଚ୍ଚ ବିଦ୍ୟାଳୟ ଓ ଦିବ୍ୟ ହୃଦୟ ବାଳିକା ବିଦ୍ୟାଳୟ ଅଷ୍ଟମ ଓ ନବମ ଶ୍ରେଣୀ ଛାତ୍ରୀଙ୍କୁ ନେଇ ଇଟିପିଏ ଫାଉଣ୍ଡେସନ ତରଫରୁ ଋତୁସ୍ରାବ ସ୍ୱଚ୍ଛତା ପରିଚାଳନା ଓ ଶିକ୍ଷା ପରିବେଶ ଆନୁକୂଲ୍ୟ ରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମ ଇଟିପିଏ ଫାଉଣ୍ଡେସନର ଡାଇରେକ୍ଟ ର ବିଜୟା ବାଜପେୟୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଆଶାୟୀ ଇଣ୍ଡେକ୍ କ ଲିମିଟେଡ କମ୍ପାନୀ ର ଟେକୋଓମି ଓସ୍ୱବା ଉପସ୍ଥିତି ରହି ବିଦ୍ୟାଳୟଗୁଡିକରେ ୧୦୬ ଛାତ୍ରୀଙ୍କୁ ଏମ୍ ଏଚ୍ଏମ୍ କିଟ ପ୍ରଦାନ କଲେ। ସେହିପରି ଆଗାମୀ ଦିନରେ ତେନ୍ତୁଳିଖୁଣ୍ଟି ବ୍ଲକର ୧୦ ଗୋଟି ଉଚ୍ଚ ବିଦ୍ୟାଳୟକୁ କିଟ୍ ପ୍ରଦାନ କରିବା ଲକ୍ଷ୍ୟ ରଖାଯାଇଥିବା ଶ୍ରୀମତୀ ବାଜପେୟୀ କହିଛନ୍ତି। କାର୍ଯ୍ୟକ୍ରମରେ ଇଟିପିଏ କର୍ମଚାରୀ ଶ୍ରୀ ବିନିତ୍ ଜୁଡେ, ସ୍ନେହଲତା ପୃଷ୍ଟୀ, କେ. ନୈନା ପାତ୍ର, ସୁଲେଖା ସୁନା , ମହିଳା ଓ ଶିଶୁ ବିକାଶ ଅଧିକାରିଣୀ, ବିନିତା ଜେଠି, ଦିଲୀପ ସୁନା,ପ୍ରମୁଖ ଉପସ୍ଥିତ ଥିଲେ। ଅଞ୍ଚଳଗୁମ୍ମା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଲଳିତ ବାଗ, ଶିକ୍ଷୟିତ୍ରୀ ସବିତା ତ୍ରିପାଠୀ , ଶିକ୍ଷକ ପରମେଶ୍ୱର ମହାରଣା , ରାମପ୍ରସାଦ ନାୟକ, ଯୁଗଳ ହରିଜନ, ଦିଲ୍ଲୀପ ପ୍ରଧାନ, ଦିବ୍ୟ ହୃଦୟ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଇନ୍ଦିରା ପଟ୍ଟନାୟକ, ସହ ଶିକ୍ଷକ ସିମାଞ୍ଚଳ ଖୁରା କାର୍ଯ୍ୟକ୍ରମ ପରିଚାଳନାରେ ପୂର୍ଣ୍ଣ ସହଯୋଗ କରିଥିଲେ।

## ବିକାଶମୂଳକ କାର୍ଯ୍ୟକୁ ନେଇ ସାଂସଦ ଓ ମନ୍ତ୍ରୀଙ୍କ ଆଲୋଚନା

ବ୍ରଜରାଜନଗର(ଭାସ୍କର ନ୍ୟୁଜ୍): ନୂଆଦିଲ୍ଲୀସ୍ଥିତ ଶାସ୍ତ୍ରୀ ଭବନ ଠାରେ ବରଗଡ ସାଂସଦ ପ୍ରଦୀପ ପୁରୋହିତ କେନ୍ଦ୍ର କୋଇଲା ଓ ଖଣିମନ୍ତ୍ରୀ ଜି କିଶାନ ରେଡ୍ଡୀଙ୍କୁ ସାକ୍ଷାତ କରି କୋଇଲା ଖଣି ଅଞ୍ଚଳ ବ୍ରଜରାଜନଗର ଅଞ୍ଚଳକୁ ଏମସିଏଲ ଜରିଆରେ କିଭଳି ବିଭିନ୍ନ ପ୍ରକାର ବିକାଶ ମୂଳକ କାର୍ଯ୍ୟ କରାଯାଇ ପାରିବ ତା' ଉପରେ ବିଶଦ ଆଲୋଚନା କରି ଏକ ଦାବିପତ୍ର ପ୍ରଦାନ କରିଥିବା ସାଂସଦ ପୁରୋହିତ ସୂଚନା ଦେଇଛନ୍ତି । ଏତଦ୍ ବ୍ୟତୀତ ଦେଶର ବିଭିନ୍ନ କୋଇଲା ଖଣିରେ ନିୟୋଜିତ ଅଧିକାରୀମାନଙ୍କ କିଛି ସମସ୍ୟା କୋଲ୍ ଫିଲଡ ଏଲାଉନସ୍ ପେ ଅପଗ୍ରେଡସନ ଉପରେ ମଧ୍ୟ ଆଲୋଚନା କରିଥିଲେ । ଶ୍ରୀ ପୁରୋହିତଙ୍କ ସହ ଏମସିଏଲ ଅଧିକାରୀଙ୍କ ଏକ ପ୍ରତିନିଧି ମଣ୍ଡଳୀ ସର୍ବଶ୍ରୀ ଡାକ୍ତର ସାହୁ,ପି ପି ଗୁପ୍ତା,ମନୋଜ କୁମାର,ଧିରଜ ଠାକୁର ସାମିଲଥିଲେ ।



## ଆୟୁଷ୍ମାନ ଆରୋଗ୍ୟ ଶିବିର

ରାୟଗଡ଼ା/କଲ୍ୟାଣସିଂହପୁର(ଭାସ୍କର ନ୍ୟୁଜ୍): ରାୟଗଡ଼ା ଜିଲ୍ଲା କଲ୍ୟାଣ ସିଂହପୁର ବ୍ଲକ୍ ବୁଡ଼ାଗୁଡ଼ା ଉପସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଆରୋଗ୍ୟ ଆୟୁଷ୍ମାନ ଆରୋଗ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହା ପ୍ରତ୍ୟେକ ମାସର ଦ୍ୱିତୀୟ ଗୁରୁବାର ଦିନ ଏହି ଶିବିର ଆୟୋଜିତ କରାଯାଏ ଯେଉଁଥିରେ ରୋଗୀ ଙ୍କୁ ସମସ୍ତ ପ୍ରକାର ର ସେବା , ମାଗଣାରେ ଯୋଗେଇ ଦିଆଯାଇଥାଏ। ଆଜିର ଏହି ଶିବିରରେ ସ୍ଥାନୀୟ ଅଞ୍ଚଳର ରୋଗୀଙ୍କର ( ଯଥା- ଗର୍ଭବତୀ ଏବଂ ପ୍ରସୂତୀ ମା, ନବଜାତ ଶିଶୁ, କିଶୋର କିଶୋରୀ, ବୟସ୍କ ବ୍ୟକ୍ତି, ଅଣ ସଂକ୍ରମଣ ରୋଗରେ ପୀଡିତ ବ୍ୟକ୍ତି, ଏବଂ ସାମାନ୍ୟ ଥଣ୍ଡା ଖାସ ରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆବଶ୍ୟକୀୟ ଔଷଧ ମାଗଣାରେ ବିତରଣ କରାଗଲା। ଏହି ଶିବିର ଶ୍ରୀଯୁକ୍ତ. ପ୍ରମୋଦ କୁମାର ମିଶ୍ର (ଆୟୁଷ ଡାକ୍ତର)ଏବଂ କୁମାରୀ. ମିନା କୁମାରୀ ସାମଲ ( ସି. ଏଚ୍. ଓ)ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ବୁଡ଼ାଗୁଡା ର ସମସ୍ତ ଆଶା ଏବଂ ଅଙ୍ଗନବାଡି ମଧ୍ୟ ଉପସ୍ଥିତ ଥିଲେ। ଏହି ଶିବିରରେ ସବୁ ବର୍ଗର ରୋଗୀ ଆସି ଚିକିତ୍ସା କରାଇଥିଲେ।

## ଦୁଇଛାତ୍ରୀଙ୍କ ଝୁଲନ୍ତା ମୃତଦେହ ମିଳିବା ଘଟଣା: ୫ଦିନ ପରେ ବି ତଦନ୍ତ ଶୂନ

- ତଦନ୍ତରେ ଶିଥିଳତା ନେଇ ଅଭିଯୋଗ ଆଣିଲେ ସମାଜସେବୀ ଶରତ ବୁରୁଦା
- ଦୁଇଛାତ୍ରୀଙ୍କ ପରିବାରକୁ ଭେଟିବା ସହ ଘଟଣାକୁ ନେଇ ଉଠିଲା ବିଭିନ୍ନ ପ୍ରଶ୍ନ

ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମ୍‌ଭି ୭୨ ନୋଡାଲ ପ୍ରାଥମିକ ବିଦ୍ୟାଳୟର ଦୁଇଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହେବା ଘଟଣାକୁ ୫ଦିନ ବିତି ଯାଇଥିବା ବେଳେ ଏହାକୁ ନେଇ ଚର୍ଚ୍ଚା ଘନେଇବାରେ ଲାଗିଛି। ଏପରି ସ୍ଥିତିରେ ଆଜି ପୂର୍ବତନ ପୋଲିସ ଅଫିସର ତଥା ଜିଲ୍ଲାର ଜଣେ ବିଶିଷ୍ଟ ସମାଜସେବୀ ଶରତ ଚନ୍ଦ୍ର ବୁରୁଦା ମୃତ ଦୁଇଛାତ୍ରୀଙ୍କ ପରିବାର ସହ ଭେଟିଛନ୍ତି। ତଦନ୍ତରେ ଶିଥିଳତା ଯୋଗୁଁ ଘଟଣାର ସତ୍ୟତା ସାମ୍ନାକୁ ଆସୁନାହିଁ। ବର୍ତ୍ତମାନ ସୁଦ୍ଧା ଶବ ବ୍ୟବଚ୍ଛେଦ ରିପୋର୍ଟ ଆସି ନଥିବା ବେଳେ ଏହି ଘଟଣାରେ ପୋଲିସ କେବଳ ନାମକୁ ମାତ୍ର ଏକ ନିଖୋଜ ଏବଂ ଅପମୃତ୍ୟୁ ମାମଲା ରୁଜୁ କରି କାମ ସାରିଦେଇଛି। ପ୍ରକୃତରେ ପୋଲିସ ଘଟଣାକୁ ନେଇ ସଠିକ ତଦନ୍ତ କଲେ ଏହି ମାମଲାର ସତ୍ୟତା ଅତି ସହଜରେ ସାମ୍ନାକୁ ଆସିପାରିବ ବୋଲି ମତ ରଖିଛନ୍ତି ଶ୍ରୀ ବୁରୁଦା। ଶ୍ରୀ ବୁରୁଦା ଆଜି ନିଜେ ଏହି ଘଟଣାର ସତ୍ୟତା ଜାଣିବା ପାଇଁ ଉଭୟ ମୃତ ଛାତ୍ରୀଙ୍କ ଘରକୁ ଯାଇ ପରିବାର ଲୋକଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। କେବଳ ଏତିକି ନୁହେ ବିଦ୍ୟାଳୟକୁ ଯାଇ ସେଠାରେ ମଧ୍ୟ ବିଭିନ୍ନ ବିଷୟରେ ପଚାରି ବୁଝିଥିଲେ। ତେବେ ପାରିପାର୍ଶ୍ୱିକ ପରିସ୍ଥିତି ଓ ଲୋକଙ୍କ ଠାରୁ



ମିଳିଥିବା ତଥ୍ୟକୁ ନେଇ ଚିନ୍ତା ପ୍ରକଟ କରିବା ସହ ଏହା ଏକ ରହସ୍ୟମୟ ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ଶ୍ରୀ ବୁରୁଦା ଅନୁମାନ କରୁଥିବା ପ୍ରକାଶ କରିଛନ୍ତି। ଶ୍ରୀ ବୁରୁଦାଙ୍କ କହିବା ଅନୁଯାୟୀ ଉଭୟ ଛାତ୍ରୀଙ୍କ ମୃତ ଦେହ ଉଦ୍ଧାର ସମୟର ଫଟୋଗୁଡିକୁ ଦେଖିଲେ ଏହା ଆତ୍ମହତ୍ୟା ବୋଲି ମନେ ହେଉନାହି। ଏପରିକି ସ୍ଥାନୀୟ ଅଞ୍ଚଳର କିଛି ମହିଳା ଓ ପୁରୁଷ ଘଟଣାକୁ ହତ୍ୟାକାଣ୍ଡ ବୋଲି ସିଧା ସଳଖ ତାଙ୍କ ନିକଟରେ ପ୍ରକାଶ କରିଥିବା ସେ କହିଛନ୍ତି। କେବଳ ଏତିକି ନୁହେ ସେ ଜଣେ ପୂର୍ବତନ ପୋଲିସ ଅଧିକାରୀ ହୋଇଥିବାବେଳେ ଏକାଧିକ ବ୍ୟକ୍ତି ଏହି ଜଘନ୍ୟ କାଣ୍ଡ ଘଟାଇବା ସହ ଉଭୟ ଛାତ୍ରୀଦ୍ୱୟଙ୍କୁ ନୃଶଂସ ଭାବେ ହତ୍ୟା କରି ମର ଶରୀରକୁ ଝୁଲାଇ ଏହାକୁ ଆତ୍ମହତ୍ୟାର ରୂପ ଦେଇଥିବା ଶ୍ରୀ ବୁରୁଦା ଅନୁମାନ କରୁଥିବା ପ୍ରକାଶ କରିଛନ୍ତି। ନିଜେ ଶ୍ରୀ ବୁରୁଦା ଉକ୍ତ ସ୍ଥାନକୁ ଯାଇଥିବା ବେଳେ ସେଠାରେ ଛାତ୍ରୀ ଦ୍ୱୟଙ୍କ ମରଶରୀରର ପଞ୍ଚନାମା ସମୟରେ ଉପସ୍ଥିତ ଥିବା ବ୍ୟକ୍ତି ମାନଙ୍କ ସହ ସେ ଭେଟି ସେହି ସମୟର ସମ୍ପୂର୍ଣ୍ଣ ସ୍ଥିତି ବିଷୟରେ ଆଲୋଚନା କରିଥିଲେ। ପଞ୍ଚନାମା ସମୟରେ ଉପସ୍ଥିତ ଥିବା ଲୋକେ ଶ୍ରୀ ବୁରୁଦାଙ୍କ ନିକଟରେ ପ୍ରକାଶ କରିଛନ୍ତି ଯେ, ଛାତ୍ରୀଦ୍ୱୟଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଥିଲା। ଏପରିକି ତାଙ୍କ ହାତ, ମେରୁ ହାଡ, ଗୋଡ ଆଦି ଭାଙ୍ଗି ହାଡ ବାହାରକୁ ଦେଖା ଯାଉଥିଲା। ଏହାସହ ଜଣେ ଛାତ୍ରୀଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ରହିଥିବା ସ୍ଥାନୀୟ ଲୋକେ ଦେଖି ସେହି ସମୟରେ ଉତକ୍ଷିପ୍ତ ହୋଇଥିବା ମଧ୍ୟ ଉପସ୍ଥିତ ଥିବା ଲୋକେ ପ୍ରକାଶ କରିଛନ୍ତି। ତେବେ ଘଟଣାର ସଠିକ ତଦନ୍ତ ହେଉ ନାହି, ତଦନ୍ତ ହେଲେ ପୋଲିସ ବହୁତ ପ୍ରମାଣ ପାଇ ପାରିବ। କାରଣ ପାରିପାର୍ଶ୍ୱିକ ପରିସ୍ଥିତିରୁ ଏବଂ ଲୋକଙ୍କ ନିକଟରୁ ଯାହା ସୂଚନା ମିଳୁଛି, ଦୁଇ ଛାତ୍ରୀଙ୍କ ମଧ୍ୟରୁ ଜଣଙ୍କୁ ପ୍ରଥମେ ହତ୍ୟା କରାଯାଇଥିବା ବେଳେ ତାଙ୍କ ଶରୀର ମଧ୍ୟ ନଷ୍ଟ ହେବାକୁ ବସିଥିଲା। ସେହିପରି ଅନ୍ୟ ଜଣଙ୍କୁ ତୁରନ୍ତ ହତ୍ୟା କରିବ ପରେ ଉଭୟଙ୍କୁ ଗଛରେ ଝୁଲାଇ ଦିଆଯାଇଛି ବୋଲି ସେ ଅନୁମାନ କରୁଛନ୍ତି। ନିଜେ ପୋଲିସ ଘଟଣାର ପ୍ରମାଣ ଖୋଜିବା ବଦଳରେ ଘଟଣାକୁ ଚାପି ଦେବାକୁ ଚେଷ୍ଟା କରୁଥିବା ଅନୁମାନ ହେଉଛି ବୋଲି ଶ୍ରୀ ବୁରୁଦା ପ୍ରକାଶ କରିଛନ୍ତି। ଏହାସହ ମର ଶରୀର ନିକଟରୁ ଗୋଟିଏ ମୋବାଇଲ ଜବତ ହୋଇଥିବା ବେଳେ ତାହା ମଧ୍ୟରେ କୌଣସି ସିମ ନଥିଲା। ଉକ୍ତ ମୋବାଇଲରୁ ମଧ୍ୟ ଅନେକ ପ୍ରମାଣ ମିଳି ପାରିବ ବୋଲି ଶ୍ରୀ ବୁରଦା ପ୍ରକାଶ କରିଛନ୍ତି। ଛାତ୍ରୀ ଦ୍ୱୟ ନିଖୋଜ ହେବ ପୂର୍ବରୁ ସହପାଠୀଙ୍କ ସହିତ ଉକ୍ତ ଦୁଇ ଛାତ୍ରୀ ଏକ ଭୋଜି କରିଥିଲେ। ସେହି ଭୋଜି ସମୟରେ କିଛି ଯୁବକ ମଧ୍ୟ ସେଠାକୁ ଆସିଥିବା ବେଳେ ସେଠାରେ ଫଟୋ ଓ ଭିଡିଓ ଭାଇରାଲ କରିଦେବାକୁ କିଛି ଯୁବକ ଧମକ ଦେଇଥିବା ବେଳେ ଉକ୍ତ ଦିନ ସନ୍ଧ୍ୟା ସମୟରୁ ଦୁଇଛାତ୍ରୀ ନିଖୋଜ ହୋଇଥିଲେ ବୋଲି ମୃତ ଛାତ୍ରୀ ଦ୍ୱୟଙ୍କ ସାହାପାଠୀ ମାନେ ସ୍ଥାନୀୟ ଲୋକଙ୍କ ନିକଟରେ ପ୍ରକାଶ କରିଥିବା ଜଣା ପଡିଛି। ତେବେ ଏତେ ସବୁ ପ୍ରମାଣ ଥିବା ବେଳେ ପୋଲିସ କିପରି ଘଟଣାର ଟେର ପାଉନି ବୋଲି ଶ୍ରୀ ବୁରୁଦା ପ୍ରଶ୍ନ କରିଛନ୍ତି। ଏହି ବିଷୟକୁ ନେଇ ଶ୍ରୀ ବୁରୁଦା କାଲିମେଳା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଗସ୍ତ କରି ସେଠାରେ ଥିବା ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ଯେପରି ଯଥା ଶୀଘ୍ର ଏହି ଘଟଣାର ଶବ ବ୍ୟବଛେଦ ରିପୋର୍ଟ ଆସିବ ସେନେଇ ସେ ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ତାଙ୍କର ଏହି ଗସ୍ତ ସମୟରେ ଆଦିବାସୀ ମହା ସମାଜର ସଭପତି ବନ୍ଧୁ ମୁଦୁଲି ଏବଂ ସ୍ଥାନୀୟ କୋୟ ସମାଜର କିଛି ସଦସ୍ୟ ଓ ନେତୃ ବର୍ଗ ଉପସ୍ଥିତ ଥିଲେ। ତେବେ ଶ୍ରୀ ବୁରୁଦା ପ୍ରକାଶ କରିଛନ୍ତି ଯେ, ଆସନ୍ତା କାଲି ଏନେଇ ପୁନଃ ଏକ ମାମଲା ରୁଜୁ କରିବୁ ଏବଂ ଏସପିଙ୍କ ଦ୍ୱାରସ୍ତ ହେବୁ। ଏହାର ୪୮ ଘଣ୍ଟା ମଧ୍ୟରେ ପୋଲିସ ଘଟଣାକୁ ନେଇ ଉଚିତ ତଦନ୍ତ ନକଲେ ଓ ଦୋଷୀଙ୍କୁ ଗିରଫ ନକରେ ତେବେ ଆମେ ରାଜ ରାସ୍ତାକୁ ଓଲହାଇବୁ ବୋଲି ସେ ଚେତାବନୀ ଦେଇଛନ୍ତି। କାରଣ ଏହି ଘଟଣାକୁ ନେଇ ଅଞ୍ଚଳରେ ଅସନ୍ତୋଷର ବହ୍ନି ଜଳୁଛି, ପୋଲିସ ତ୍ୱରିତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ସେ ପ୍ରକାଶ କରିଛନ୍ତି।



ଭଞ୍ଜନଗର (ଭାସ୍କର ନ୍ୟୁଜ): ଭଞ୍ଜନଗର ସହରର ଶ୍ରୀବତ୍ସ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଶୁକ୍ରବାର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଶିବରାମ ପଣ୍ଡା ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ସ୍ଥାନୀୟ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ର ଅଧକ୍ଷ ଡକ୍ଟର ବିମଳ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଏସ୍ ଧନଞ୍ଜୟ, ଡକ୍ଟର ଉଷା ପାଢୀ ପ୍ରମୁଖ ମଞ୍ଚାସୀନ ରହିଥିଲେ। ବିଦ୍ୟାଳୟ ର ପରିଚାଳନା କମିଟି ସଭାପତି ମହମ୍ମଦ ଆସରଫ୍ ଙ୍କ ଅଧକ୍ଷତା ରେ ଆୟୋଜିତ ଏହି ଉତ୍ସବରେ ପ୍ରାରମ୍ଭରେ ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ବିଦ୍ୟାଳୟ ର ବାର୍ଷିକ ବିବରଣୀ ପାଠ କରିଥିଲେ। ହାଇସ୍କୁଲ ସ୍ତରୀୟ ଶିକ୍ଷା ଛାତ୍ର ଛାତ୍ରୀ ଙ୍କ ଜୀବନର ମୋଡ ବଦଳାଇ ଦେଇଥାଏ। ଏଣୁ ଏକ୍ଷେତ୍ରରେ ଉଭୟ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ମାନେ ପିଲାଙ୍କୁ ଉପଯୁକ୍ତ ମାର୍ଗ ଦର୍ଶନ ଦେଲେ ଏଠାରୁ ହିଁ ପ୍ରତିଭାସମ୍ପନ୍ନ ଛାତ୍ର ଛାତ୍ରୀ ବାହାରି ବିଦ୍ୟାଳୟ ତଥା ଅଞ୍ଚଳର ସୁନାମ କୁ ବହୁ ଗୁଣିତ କରିପାରିବେ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ପରେ ବିଦ୍ୟାଳୟ ର ବାର୍ଷିକ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସହକାରୀ ଶିକ୍ଷୟିତ୍ରୀ ସସ୍ମିତା ମିଶ୍ର ମଞ୍ଚ ପରିଚାଳନା କରିଥିବାବେଳେ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଦଣ୍ଡକାରଣ୍ୟ ଆଦର୍ଶ ବିଦ୍ୟାଳୟରେ ମାତୃପିତୃ ପୂଜନ ଦିବସ

ଉମରକୋଟ (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ୍ ଚିକଲପଦର ସ୍ଥିତ ଦଣ୍ଡକାରଣ୍ୟ ଆଦର୍ଶ ବିଦ୍ୟାଳୟର ମହାନ ପର୍ବ 'ମାତୃପିତୃ ପୂଜନ ଦିବସ' ବଡ ଧୁମଧାମ୍ ରେ ପାଳନ ହୋଇଯାଇଛି । ଉକ୍ତ ଉତ୍ସବରେ ନବରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ବରେଣ୍ୟ ଅତିଥି ଭାବେ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡ. ସନ୍ତୋଷ କୁମାର ପଣ୍ଡା, ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନର ଜିଲ୍ଲା ପ୍ରଭାରୀ ରବିଶଙ୍କର ସାହୁ, ବରିଷ୍ଠ ଶିକ୍ଷାବିତ୍ ତଥା ଗାଳ୍ପିକ ଡ. ପ୍ରଦୀପ କୁମାର ମିଶ୍ର, ରାଇଘର ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ପରୀକ୍ଷିତ ସାହୁ, ବରିଷ୍ଠ ଶିକ୍ଷାବିତ୍ ଟୁଟୁବାବୁ ପଟ୍ଟନାୟକ ଏବଂ ବରିଷ୍ଠ ଶିକ୍ଷାବିତ୍ ଦିଲୀପ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ । ବିଦ୍ୟାଳୟର ଅଧକ୍ଷା ଦୀପିକା ଅଧିକାରୀ ସ୍ୱାଗତ ଭାଷଣ ଦେଇ ଉତ୍ସବ ଆରମ୍ଭ କରିଥିବାବେଳେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ହାତରେ ପୂଜା ଥାଳି ଧରି ନିଜ ନିଜ ପିତା ମାତାଙ୍କୁ ଆଳତି କରି ଚନ୍ଦନ ଟିକା ଲଗାଇ ପୂଜା କରିଥିଲେ । ଉକ୍ତ ଉତ୍ସବରେ ବହୁ ସଂଖ୍ୟାରେ ଅଭିଭାବକ, ବୁଦ୍ଧିଜୀବୀ ଓ ଗ୍ରାମବାସୀ ଯୋଗ ଦେଇଥିବାବେଳେ ମାତୃପିତୃ ପୂଜନ ସମୟରେ ଏକ ଭାବ ବିହ୍ୱଳ ପରିବେଶ ଦେଖିବାକୁ ମିଳିଥିଲା । ଛାତ୍ରଛାତ୍ରୀଙ୍କୁ କୋଳରେ ଧରି ମାତା ପିତା ଭାବ ବିହ୍ୱଳ ହୋଇ ଆଶିର୍ବାଦ କରିଥିଲେ । ଏହି ଅବସର ରେ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାଏକ ନିଜ ଅଭିଭାଷଣରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଆୟୋଜିତ ଏଭଳି ମହାନ୍ ପରମ୍ପରାକୁ ଭୁରି ଭୁରି ପ୍ରଶଂସା କରିବା ସହ ସନାତନ ସଂସ୍କୃତିର ଏହି ପରମ୍ପରାକୁ ସବୁ ବିଦ୍ୟାଳୟ ତଥା ପ୍ରତିଷ୍ଠାନରେ ପାଳନ କରିବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଅନ୍ୟ ଅତିଥି ମାନେ ମଧ କାର୍ଯ୍ୟକ୍ରମର ପ୍ରଶଂସା କରିବା ସହ ନିଜ ନିଜ ଅଭିଭାଷଣରେ ଛାତ୍ରଛାତ୍ରୀଙ୍କ ମାର୍ଗ ଦର୍ଶନ କରିଥିଲେ । ବିଦ୍ୟାଳୟ ପ୍ରତିଷ୍ଠା ଦିନ ଠାରୁ ହିଁ ପ୍ରତି ବର୍ଷ ଫେବ୍ରୁଆରି ୧୪ ତାରିଖ ଦିନ ଟିକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ସନାତନ ସଂସ୍କୃତିର ମହାନ୍ ପରମ୍ପରା ଭାବେ ମାତୃପିତୃ ପୂଜନ ଦିବସ ଭାବେ ପାଳନ କରି ଆସୁଛି । ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ୧୦୦୧ ଭଗବତ ଗୀତା ବଣ୍ଟନ କରାଯାଇଥିବା ବେଳେ ୯ ଜଣ ସୁରକ୍ଷା କର୍ମୀଙ୍କୁ ପ୍ରଶଂସାପତ୍ର, ଦଶମ ଶ୍ରେଣୀ ଛାତ୍ର ଅନିକ ସରକାରଙ୍କୁ ଉତ୍ତମ ଛାତ୍ର ସମ୍ମାନ ଏବଂ ରାଜ୍ୟ ସ୍ତରୀୟ ଭଗବତ ଗୀତା ଶ୍ଳୋକ ପ୍ରତିଯୋଗିତାରେ ଭାଗ ନେଇଥିବା ପଞ୍ଚମ ଶ୍ରେଣୀର ଦୁଇ ଛାତ୍ରୀ ମନୀଷା ଗଣ୍ଡ ଓ ସୁଲଗ୍ନା ନାୟକଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା । ଉକ୍ତ ଉତ୍ସବରେ ବରିଷ୍ଠ ଶିକ୍ଷାବିତ୍ ଟୁଟୁବାବୁ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିବାବେଳେ ବିଦ୍ୟାଳୟର ଅଧକ୍ଷ କାର୍ତ୍ତିକ ମଲ୍ଲିକ ଧନ୍ୟବାଦ ପ୍ରଦାନ କରିଥିଲେ ।

# ପୈତୃକ ସଂପତ୍ତି ବିବାଦ, ବଡ଼ଭାଇକୁ ଆକ୍ରମଣ

ଭଞ୍ଜନଗର (ଭାସ୍କର ନ୍ୟୁଜ): ପୈତୃକ ସଂପତ୍ତି ଭାଗବଣ୍ଟାକୁ ନେଇ ଭାଇ ଭାଇଙ୍କ ମଧ୍ୟରେ ବିବାଦ। ଆଉ ଏହି କାରଣକୁ ନେଇ ସାନ ଦୁଇ ଭାଇଙ୍କ ଆକ୍ରମଣ ରେ ବଡଭାଇ ଲହୁ ଲୁହାଣ। ଶେଷରେ ଭାଉଜଙ୍କ ଏତଲା ଆଧାରରେ ୨ ଦିଅର କୁ ଗିରଫ କରି କୋର୍ଟ ଚାଲାଣ କରିଛି ତାରା ସିଂ ପୁଲିସ। ତାରା ସିଂ ଥାନା ଅଧିକାରୀ ରେବତୀ ଶବର ଙ୍କ ସୂଚନା ପ୍ରକାରେ ଏହି ଥାନା ଅନ୍ତର୍ଗତ ଗାଲେରୀ ଫାଣ୍ଡି ଇଲାକା ର ବଦାଙ୍ଗୀ ଗ୍ରାମର ବିଶ୍ୱନାଥ ବେହେରା ଓ ତାଙ୍କର ଦୁଇ ଭାଇ ଅଶାନ୍ତ ବେହେରା ଓ ସନ୍ତୋଷ ବେହେରାଙ୍କ ମଧ୍ୟରେ ନିଜର ପୈତୃ ଅର୍ଜିତ ସଂପତ୍ତି କୁ ନେଇ ବିବାଦ ଲାଗିରହିଥିବା ବେଳେ ଗତ ୧୨ ତାରିଖ ବିଳମ୍ବିତ ରାତିରେ ବିଶ୍ୱନାଥ ଙ୍କ ୨ ସାନ ଭାଇ ଅତର୍କିତ ବଡଭାଇ ଉପରେ ଖଣ୍ଡାରେ ଆକ୍ରମଣ କରିଥିଲେ। ଫଳରେ ବିଶ୍ୱନାଥ ଙ୍କ ଡାହାଣ ହାତରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଭଞ୍ଜନଗର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ବିଶ୍ୱନାଥ ଙ୍କ ପତ୍ନୀ ମାଳତୀ ବେହେରା ଶୁକ୍ରବାର ତାରା ସିଂ ଥାନା ରେ ଏନେଇ ଏକ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ଆଉ ଅଭିଯୋଗ କୁ ଭିତ୍ତି କରି ତାରା ସିଂ ପୁଲିସ ଥାନା କେଶ୍ ନମ୍ବର - ୭୮/୨୫ ପ୍ରକାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଅଶାନ୍ତ ବେହେରା ଓ ସନ୍ତୋଷ ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ରେବତୀ ଶବର ସୂଚନା ଦେଇଛନ୍ତି।

ବ୍ୟାଙ୍କ ଅଫ ବଡ଼ୌଦା
Bank of Baroda

**କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ**
୨ୟ ମହଲା, ଚଳଚ୍ଚିତ୍ର ଭବନ, ବକ୍ସିବଜାର, କଟକ-୭୫୩୦୦୧, ଓଡ଼ିଶା

ପୁରୁଣା ଗାଡ଼ିଗୁଡ଼ିକ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ବିକ୍ରୟ କରିବା ପାଇଁ ବନ୍ଦ ଲଫାପାରେ ପ୍ରସ୍ତାବମାନ ଆହ୍ୱାନ କରାଯାଉଛି।
ବ୍ୟାଙ୍କ ଅଫ ବରୋଦା, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ ଦ୍ୱାରା ନିମ୍ନଲିଖିତ ପୁରୁଣା କାର ବିକ୍ରୟ ପାଇଁ ଇଚ୍ଛୁକ ବ୍ୟକ୍ତି ବିଶେଷ/ ନିଲାମଧାରୀମାନଙ୍କ ଠାରୁ ବନ୍ଦ ଲଫାପାରେ ପ୍ରସ୍ତାବ/ ଟେଣ୍ଡର ଆମନ୍ତ୍ରଣ କରାଯାଉଛି।

| କ୍ର. ନଂ. | ପଞ୍ଜିକରଣ ନଂ. | ତିଆରି ଏବଂ ମଡେଲ | ପ୍ରକାର | କ୍ରୟ ତାରିଖ/ ଚଳନ୍ତି କି.ମି. | ସଂରକ୍ଷିତ ମୂଲ୍ୟ |
|---|---|---|---|---|---|
| ୧. | OD-02 BS-3631 | MARUTI SUZUKI DZIRE VXI | Petrol | ୦୨.୦୭.୨୦୨୧/ ୧,୨୬,୩୪୫କି.ମି. | ୨,୨୫,୦୦୦/- |

ବ୍ୟାଙ୍କ ଅଫ ବରୋଦା, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ ସପକ୍ଷରେ ଟ.୫,୦୦୦/-ର ଡିଡି ସହିତ ବନ୍ଦ ଲଫାପାରେ ପ୍ରସ୍ତାବ ଗୁଡ଼ିକ କ୍ଷେତ୍ରୀୟ ପ୍ରବନ୍ଧକ, ବ୍ୟାଙ୍କ ଅଫ୍ ବରୋଦା, କ୍ଷେତ୍ରୀୟ କାର୍ଯ୍ୟାଳୟ, ୨ୟ ମହଲା, ଚଳଚ୍ଚିତ୍ର ଭବନ, ବକ୍ସିବଜାର, କଟକ-୭୫୩୦୦୧, ଓଡ଼ିଶା ଠିକଣାରେ ତା.୦୭.୦୩.୨୦୨୫ ଅପରାହ୍ନ ୩.୦୦ ଘଟିକା ସୁଦ୍ଧା ଦାଖଲ କରାଯିବା ଉଚିତ। ସମ୍ପୂର୍ଣ୍ଣ ବିବରଣୀ ପାଇଁ ଆମର ୱେବସାଇଟ୍‌ର ଟେଣ୍ଡର ବିଭାଗକୁ ଲଗ୍‌ଅନ୍ କରନ୍ତୁ: www.bankofbaroda.com/tenders
ସ୍ଥାନ: କଟକ, ତାରିଖ: ୧୪.୦୨.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

# ନିଶାମୁକ୍ତ ଭାରତ ଅଭିଯାନ



ପୁରୀ (ଭାସ୍କର ନ୍ୟୁଜ) : ପୁରୀ ଜିଲ୍ଲାସାମାଜିକ ଓ ସୁରକ୍ଷା କାର୍ଯ୍ୟାଳୟଙ୍କ ମିଳିତ ସହଯୋଗରେ ନାରୀ ମଙ୍ଗଳ ମହିଳା ସମିତି ପୁରୀ ଏନ୍.ଜି. ଓ ସୁରକ୍ଷା ତରଫରୁ ନିଶାମୁକ୍ତ ଅଭିଯାନ କରାଯାଇଛି । ଉକ୍ତ ରାଲି ମେଡିକାଲ ଛକରୁ ବାହାରି ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଅଭିଯାନ କରାଯାଇଥିଲା । ଉକ୍ତ ରାଲିରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାସାମାଜିକ ଅଧିକାର ଶୁଭ୍ରାଂସୁ ମହାରଣା ନୀଳ ପତାକା ହଲାଇ ଅଭିଯାନକୁ ଉଦ୍ ?ଘାଟନ କରିଥିଲେ ଉକ୍ତ ରାଲିରେ ଜନସଚେତନତା କରିବାପାଇଁ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ମହିଳ ସମିତିର ସଭ୍ୟ ବିଭିନ୍ନ ପ୍ରକାର ପ୍ଲାଇକାର୍ଡ ଧରି ଅଭିଯାନ କରିଥିଲେ । ସମାଜରେ କେମିତି ମଣିଷ ନିଶାରୁ ନିଶାମୁକ୍ତ ହୋଇପାରି ସୁସ୍ଥ ଜୀବନ ଯାପନ କରିପାରିବ ତାହା ଅଭିଯାନର ଲକ୍ଷ୍ୟ । ସମାଜରେ ଏତେ ସଂଖ୍ୟକ ନିଶା ତଥା ମଦ, ଡ୍ରଗ୍ସ, ପାଉଡର, ଗଞ୍ଜାଇ, ଚରସ୍ ଖାଇ ମଣିଷ ନଷ୍ଟହୋଇ ତାର ପୂର୍ବ ପିଢି ଉପରେ ପ୍ରଭାବ ପକାଉଛି । ଏଣୁ ଆସ ଆଜି ସମସ୍ତେ ଶପଥ ନେବା ସମାଜକୁ କିପରି ନିଶାମୁକ୍ତ କରି ସୁସ୍ଥ ସମାଜ ଜୀବନ ଯାପନ ଗଢିବା ଏହାହିଁ ଆମର ଲକ୍ଷ୍ୟ । ଏହା ଜନସଚେତନତା ପାଇଁ କରାଯାଉଅଛି । ଉକ୍ତ ରାଲିରେ 'ଜିଲ୍ଲାସାମାଜିକ ଓ ସୁରକ୍ଷାଧିକାରୀ ଶୁଭ୍ରାଂସୁ ମହାରଣା ମୁଖ୍ୟ ଅତିଥି ଭାବରେ ଏବଂ ଅତିଥି ? ଭାବରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି ଯୋଗଦେଇଥିଲେ । ମହିଳା ସମିତିର ସମ୍ପାଦକ ସସ୍ମିତା ପଣ୍ଡା, ଉପଦେଷ୍ଟା ପ୍ରକାଶ ରାଉତରାୟ ଓ ସମାଜବାଦୀ ପ୍ରଦୀପ୍ତ ରଥ ରାଲିକୁ ପରିଚାଳନା କରିଥିଲେ ।

**AFFIDAVIT**

By virtue of an affidavit in the court of the Executive Magistrate, Athagarh on dtd. 13.02.2025, I Rekharani Sahoo, W/o-Jitesh Sahoo, resident of Village- Joranda, Post-Karikol, Ps- Athagarh, Dist- Cuttack declares that my former name was Anu Sahoo, I have changed my name from Anu Sahoo to Rekharani Sahoo. Anu Sahoo & Rekharani Sahoo, W/o- Jitesh Sahoo is same and one person myself. Henceforth I will be known as Rekharani Sahoo for all purposes. This affidavit is to be used as and when required.
**Sd/- Rekharani Sahoo**

SAMBALPUR MUNICIPAL CORPORATION
C-1653
Notice No. 1429 /SMC Date. 13.02.2025
QUOTATION CALL NOTICE

Sealed quotations are invited from intending reputed Agency /Firm/ Stockiest/Suppliers for supply of 01 Nos. of (Bolero Neo or higher version) for use of Official work purpose within Sambalpur Municipal Corporation area. All quotations should reach on or before dt. 06.03.2025 by 03.00pm. The detailed tender document is available in SMC website i.e., www.smcsambalpur.nic.in.

Authority reserves the right to accept or reject any or all tenders without assigning any reason thereof.

Sd/-
Municipal Commissioner
Sambalpur Municipal Corporation
OIPR 13122/11/0078/2425

Government of Odisha "e" procurement Notice
CAD-2570
Bid Identification No. ITDAK- 01/2024-25
No. 289 Dt. 13.02.2025
e-mail : keonjharitda@gmail.com
GOVT. OF ODISHA

| | | |
|---|---|---|
| 1 | No. of the work :- | 03 Nos. Building & Road Work |
| 2 | Estimated cost :- | From Rs. 20.07 Lakh to Rs. 70.86 Lakh |
| 3 | Period of completion :- | From 04 (Four) to 09 (Nine) Calendar Month. |
| 4 | Date and Time of availability of Bid document in the portal:- | From 10.00 AM of 20.02.2025 to 17.00 HR of 11.03.2025 |
| 5 | Last date / Time for receipt of bids in the portal :- | 17.00 Hr of 11.03.2025. |
| 6 | Date of opening of Bid from Portal :- | 10.30 Hr of 12.03.2025. |
| 7 | Name and address of the officer inviting Bid :- | Project Administrator, ITDA, Keonjhar |

Further details can be seen from the e-procurement portal "http://tendersodisha.gov.in"

Sd/-
Project Administrator
ITDA, Keonjhar
OIPR 26075/11/0002/2425

# ବିକଶିତ ଗାଁ ବିକଶିତ ଓଡିଶା ଯୋଜନା ପ୍ରସଙ୍ଗ
# ୧୭ ପଞ୍ଚାୟତରେ ବସିଲା ଗ୍ରାମସଭା



ବୋଲଗଡ (ଭାସ୍କର ନ୍ୟୁଜ): ରାଜ୍ୟସରକାରଙ୍କ ବିକଶିତ ଗାଁ ବିକଶିତ ଓଡିଶା ସାରା ରାଜ୍ୟରେ ସମସ୍ତ ବ୍ଲକ ଓ ଗ୍ରାମପଞ୍ଚାୟତ ଗୁଡିକରେ ପରିଚାଳନା ହେବା ପାଇଁ ନିର୍ଦ୍ଦେଶ ରହିଛି । ବୋଲଗଡ ବ୍ଲକରେ ୧୯ ଟି ଗ୍ରାମପଞ୍ଚାୟତ ଗୁଡିକରୁ ୨ ଟି ଗ୍ରାମପଞ୍ଚାୟତ ଏହି ଯୋଜନାରେ ଗ୍ରାମସଭା ଦ୍ୱାରା ହୋଇସାରିଥିବା ବେଳେ ବାକି ୧୭ ଟି ଗ୍ରାମପଞ୍ଚାୟତ ରେ ହୋଇନଥିଲା । ଆଜି ଶୁକ୍ରବାର ଦିନ ବାକି ରହିଯାଇଥିବା ୧୭ ଟି ପଞ୍ଚାୟତରେ ଆଜି ଗ୍ରାମସଭା ହୋଇଥିଲା । ବିକଶିତ ଗାଁ ଓ ବିକଶିତ ଓଡିଶା ରେ ଗ୍ରାମ ଗୁଡିକୁ ସରକାର ପ୍ରାଧାନ୍ୟ ଦେଇ ନୂତନ ରାସ୍ତା, ରାସ୍ତା ମରାମତି, ପେଭର ବ୍ଲକ ରାସ୍ତା,ଆଲୋକ ବ୍ୟବସ୍ଥା, ଗାଁ ର ସୌନ୍ଦର୍ଯ୍ୟ କରଣ, ମନ୍ଦିର ନିର୍ମାଣ, କମ୍ୟୁନିଟ ହଲ ନିର୍ମାଣ,ଜଙ୍ଗଲ ସୁରକ୍ଷା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ, ନାଳ, ପୋଲ ନିର୍ମାଣ, ମହାତ୍ମାଗାନ୍ଧୀ କର୍ମ ନିଯୁକ୍ତି ଯୋଜନାରେ ପ୍ରକଳ୍ପ ନିର୍ମାଣ ଆଦି ବିଭିନ୍ନ ପ୍ରକାରର ଯୋଜନା ସହିତ ପ୍ରକଳ୍ପ ଗୁଡିକୁ ସମସ୍ତ ଗ୍ରାମପଞ୍ଚାୟତ ଗୁଡିକରେ ସମସ୍ତ ଜନସାଧାରଣଙ୍କ ସମ୍ମୁଖରେ ଆଲୋଚନା କରାଯାଇ ସବୁ ନୂତନ ପ୍ରକଳ୍ପ ପାଇଁ ପ୍ରସ୍ତାବ ରଖାଯାଇଥିଲା । ସେହିଭଳି ଭାବରେ ସାନପଦର ଗ୍ରାମପଞ୍ଚାୟତରେ ବିକଶିତ ବିକଶିତ ଓଡିଶା ଗ୍ରାମସଭା ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁଙ୍କ ଆବାହକତ୍ୱ ରେ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସମରେନ୍ଦ୍ର ପଣ୍ଡା, ଏଡିଓ ସୁଶାନ୍ତ କୁମାର ଦାସ ଉପସ୍ଥିତ ରହିବା ସହିତ ସମସ୍ତ ୱାର୍ଡ ସଭ୍ୟ / ସଭ୍ୟା, ନାୟବ ସରପଞ୍ଚ, ସମସ୍ତ ଅଙ୍ଗନବାଡି କର୍ମଚାରୀ, ଆଶା କର୍ମୀ, ବିଦ୍ୟାଳୟଗୁଡିକ ଶିକ୍ଷକ ଶିକ୍ଷୟିତ୍ରୀ, ପଞ୍ଚାୟତର ସମସ୍ତ କର୍ମଚାରି, ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣ ମାନେ ଉପସ୍ଥିତ ରହି ଏହି ସଭାକୁ ସଫଳ କରିଥିଲେ । ସାନପଦର ବିନ୍ଧ୍ୟଗିରି ପର୍ବତକୁ ଗ୍ରାମ ପର୍ଯ୍ୟଟନ ସ୍ଥଳୀ ଭାବରେ ସୌନ୍ଦର୍ଯ୍ୟ କରଣ କରାଯାଉ ବୋଲି ପଞ୍ଚାୟତବାସୀ କହିଥିଲେ । ଏଥି ସହିତ ରାସୋଳ ଗ୍ରାମରେ ରାସ୍ତା ଗୁଡିକୁ ନିର୍ମାଣ କରିବା ପାଇଁ ରାସୋଳ ଗ୍ରାମବାସୀ ସରପଞ୍ଚଙ୍କୁ ଜଣାଇଥିଲେ । ପଞ୍ଚାୟତର ବିକାଶ ମୂଳକ କାର୍ଯ୍ୟ କରିବା ସହିତ ବିକଶିତ ଗାଁ ଗଠନ କରାଯିବ ବୋଲି ସରପଞ୍ଚ ଶ୍ରୀ ସ୍ୱାଇଁ ସମସ୍ତ ଜନସାଧାରଣମାନଙ୍କୁ ପ୍ରତିଶ୍ରୁତି ଦେଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଇଏନ୍‌ଏସ୍ ଚିଲିକା ଓ ଗଣମାଧ୍ୟମ ସମ୍ପର୍କ ସଦାସର୍ବଦା ଅତୁଟ

ବାଲୁଗାଁ (ଭାସ୍କର ନ୍ୟୁଜ): ଶୁକ୍ରବାର ପୂର୍ବାହ୍ନରେ ଭାରତୀୟ ନୌସେନା ପକ୍ଷରୁ ଆଇଏନଏସ ଚିଲିକା ଠାରେ ବାର୍ଷିକ ସାମ୍ବାଦିକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି ।ନାଭାଲ ଇନଚାର୍ଜ(ଓଡ଼ିଶା) ଓ ଆଇଏନଏସ ଚିଲିକା କମାଣ୍ଡିଂ ଅଫିସର କୋମଡ଼ର ବି ଦୀପକ ଅନୀଲଙ୍କ ପୌରହିତ୍ୟରେ ଖୋର୍ଦ୍ଧା,ବାଲୁଗାଁ, ବାଣପୁର,ଟାଙ୍ଗୀ,ଚିଲିକା ଓ ଗଞ୍ଜାମ ଆଦି ଅଞ୍ଚଳରୁ ୩୭ ଜଣ ସାମ୍ବାଦିକ ଏହି ବନ୍ଧୁମିଳନରେ ଯୋଗ ଦେଇଥିଲେ ।ଆଇଏନଏସ ଚିଲିକା ପକ୍ଷରୁ ସମସ୍ତ କର୍ମଜୀବୀ ସାମ୍ବାଦିକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯିବା ପରେ ଭାରତୀୟ ନୌସେନା ସମ୍ବନ୍ଧରେ ସମ୍ୟକ ବିବରଣୀ ଉପସ୍ଥାପନ କରାଯାଇଥିଲା ।ଏଥିସହିତ ଏକ ବର୍ଷ ମଧ୍ୟରେ ଆଇଏନଏସ ଚିଲିକା ପକ୍ଷରୁ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଭିଡିଓ ମାଧ୍ୟମରେ ଉପସ୍ଥାପନ କରାଯାଇଥିଲା ।ପ୍ରଚାର ଓ ପ୍ରସାରର ମୁଖ୍ୟ ସ୍ରୋତ ସାଜିଥିବା ଗଣମାଧ୍ୟମ ପ୍ରତିନିଧିମାନେ ଆଇଏନଏସ ଚିଲିକାର ପ୍ରତିଟି ଖବର ରାଜ୍ୟ ତଥା ଦେଶର ଜନସାଧାରଣଙ୍କ ନିକଟରେ ପହଞ୍ଚାଇ ଥିବାରୁ ସମସ୍ତ ଛାପା ଗଣମାଧ୍ୟମ ଓ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନାଭାଲ ଇନଚାର୍ଜ(ଓଡ଼ିଶା) ଓ ଆଇଏନଏସ ଚିଲିକା କମାଣ୍ଡିଂ ଅଫିସର କୋମଡ଼ର ବି ଦୀପକ ଅନୀଲ ଭୂୟସି ପ୍ରଶଂସା କରିଥିଲେ ।ଉକ୍ତ କାର୍ଯ୍ୟକ୍ରମକୁ ଲେଫ୍ଟନାଣ୍ଟ ନର୍ମଦା ପରିଚାଳନା କରିଥିବାବେଳେ କମାଣ୍ଡର ସତ୍ୟେନ୍ଦ୍ର ଧଲ,କମାଣ୍ଡର ରୋମେସ୍କ ଦାସ,ଲେଫ୍ଟନାଣ୍ଟ କମାଣ୍ଡର ଭାଗ୍ୟଶ୍ରୀ ପାଣ୍ଡେ,ଲେଫ୍ଟନାଣ୍ଟ ନିବିତା,ଲେଫ୍ଟନାଣ୍ଟ ଜୁହି,ଲେଫ୍ଟନାଣ୍ଟ ତୃପ୍ତି,ଲେଫ୍ଟନାଣ୍ଟ ମନୀଷ ମିଶ୍ର,ଚିଲିକା ଲୋକସମ୍ପର୍କ ପରାମର୍ଶଦାତା ବିନୋଦ ଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

**AFFIDAVIT**

By virtue of an affidavit in the court of Executive Magistrate, Baripada, SI No.05, Dated: 13.02.2025, I Swagatika Giri, D/o- Sarathi Giri, resident I of At-Sankucha, Post- Budhamara, Ps-Jharpokharia, Dist-Mayurbhanj, Pin-7570081 declares that my actual name is SWAGATIKA GIRI which is mentioned in my Educational Records. But wrongly mentioned as Mani Giri in Aadhar Card (488303301042). Swagatika Giri & Mani Giri is same and one person. This affidavit is to be produced before concerned authority for correction of Aadhar Card.
**Sd/- Swagatika Giri**

**ଦ.ପୂ. ରେଳପଥ-ଟେଣ୍ଡର**

ଇ-ଟେଣ୍ଡର ନୋଟିସ ନଂ ଆରଏସ୍‌ଓ-କେଜିପି-ଏଚଏଲଜେଡ୍-ଆରଆରଓଓଏମ୍-୨୦୨୫, ତାରିଖ: ୧୨.୦୨.୨୦୨୫, ଭାରତର ରାଷ୍ଟ୍ରପତିଙ୍କ ପାଇଁ ଓ ପକ୍ଷରୁ ସିନିୟର ଡିଇଇ/ ଓପି,ଖଡଗପୁର,ଡିଆରଏମ୍ ବିଲଡିଂ, ପ୍ରଥମ ମହଲା, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧, ନିମ୍ନଲିଖିତ କାର୍ଯ୍ୟପାଇଁ ନିର୍ଦ୍ଧାରିତ ତାରିଖର ୧୨.୩୦ ସମୟରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। କାର୍ଯ୍ୟର ବିବରଣୀ: ହଳଦିଆ (ଏଚଏଲଜେଡ)ଠାରେ ଥିବା ରନିଂ ରୁମ୍‌ର ପ୍ରସ୍ତୁତି ଏବଂ କମ୍ ଦରରେ ନିଜସ୍ୱ ରାସନ ମିଲ୍ ଅନ୍ତେବାସୀଙ୍କୁ ଯୋଗାଇବା, ଏଥିସହ ଖାଦ୍ୟ ପରିବେଷଣ, ରନିଂ ରୁମ୍ ସଫା ସହ ନ୍ୟୁଜପେପର ଏବଂ ମାଗାଜିନ ବାହାର ଏଜେନ୍ସି ଦ୍ୱାରା ଦୁଇବର୍ଷ ପାଇଁ କିମ୍ବା ୭୩୦ ଦିନ ପାଇଁ ଯୋଗାଣ। ଟେଣ୍ଡର ମୂଲ୍ୟ: ଟ.୧,୩୫,୦୩,୫୯୨.୦୫/- (ଜିଏସ୍‌ଟି ସହ), ଅମାନତ ଜମା: ଟ.୨,୧୭,୫୦୦/-, ଟେଣ୍ଡର ପେପର ମୂଲ୍ୟ: ଟ.୫୦୦୦/-। ଖୋଲିବା ତାରିଖ: ୧୦.୦୩.୨୦୨୫, କାର୍ଯ୍ୟଶେଷ ଅବଧି: ୦୨ ବର୍ଷ (୭୩୦ ଦିନ)। ଦାଖଲ ତାରିଖ: ୧୦.୦୩.୨୦୨୫ ମଧ୍ୟାହ୍ନ ୧୨ଟା। ଆଗ୍ରହୀ ଠିକାଦାରମାନେ ସଂପୂର୍ଣ୍ଣ ବିବରଣୀ, କାର୍ଯ୍ୟ ବିବରଣୀ ସହ ଅନ୍ୟାନ୍ୟ ବିବରଣୀ ପାଇଁ ଆମର ୱେବସାଇଟ୍ www.ireps.gov.in ଦେଖିପାରିବେ ଏବଂ ଅନଲାଇନରେ ଟେଣ୍ଡର ଦାଖଲ କରିପାରିବେ। ଏ କ୍ଷେତ୍ରରେ କୌଣସି ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବିଶେଷ ଦ୍ରଷ୍ଟବ୍ୟ: ଆଗ୍ରହୀ ଠିକାଦାରମାନେ ନିୟମିତ ଆମର ୱେବସାଇଟ୍ www.ireps.gov.in ଦେଖିବା ସହ ସମସ୍ତ ଟେଣ୍ଡରରେ ଭାଗ ନେଇପାରିବେ।
**(PR-1138)**

CAD-2572
NOTICE INVITING TENDER
Office of the District Manager,
Odisha State Civil Supplies Corporation Ltd., Nayagarh
Phone No.:- 06753-252439
District Website:- http://nayagarh.odisha.gov.in.

Tender No. 821 /Dt. 13.02.2025

District Manager, Odisha State Civil Supplies Corporation Ltd., Nayagarh (District) invites tenders in Double Cover System through ONLINE MODE ONLY for the works below.

| | | |
|---|---|---|
| 1 | Name of the Work | Selection and appointment of Level-I Transport Contractor for transportation of foodgrains from FSD, FCI Khordha Road to all RRC-cum-DSCs in the Nayagarh District of the State of Odisha. |
| 2 | Availability of bid document in the portal | From 14.02.2025. |
| 3 | Last Date/Time for receipt of bids in the portal | Dt. 28.02.2025 upto 5:00 PM. |
| 4 | Date/Time of Opening of Technical Bid | Dt. 07.03.2025 at 11.00 AM onwards. |
| 5 | Name and address of the Officer inviting Tender | District Manager, O.S.C.S.C. Ltd., Nayagarh |

Tender Documents and other details can be seen from the e-procurement portal www.oscsc.in,www.foododisha.in&www.tenderodisha.gov.in along with district website. Amendments/corrigendum/cancellation/retenders etc. if any shall be published only in above websites.

Sd/- District Manager,
O.S.C.S.C Ltd., Nayagarh
OIPR 07057/11/0005/2425

OFFICE OF THE SUPERINTENDING ENGINEER
DHENKANAL (R&B) DIVISION, DHENKANAL
B-1005
Email – eedklpwd@gmail.com
INVITATION FOR BIDS THROUGH e-Procurement
Bid Identification No. SEDKL (R&B). 39/ 2024-25
Invitation for Bids

| | | | |
|---|---|---|---|
| 1. | The Superintending Engineer Dhenkanal (R&B) Division, Dhenkanal, on behalf of Governor of Odisha, invites percentage rate bids in single cover system in ONLINE MODE only, for Construction of Building work as detailed below. | | |
| 2. | Nature of work | : | 03 Nos Building Works |
| 3. | No. of work | : | 03 Nos. |
| 4. | Bid Cost. | : | ₹ 6,000/- & 4000/- |
| 5. | Class of Contractor | : | "B" "C' & 'D' License |
| 6. | Availability of Bid Documents in the website | : | From 10.00 AM of 19.02.2025 to 5.00 PM of 06.03.2025 |
| 7. | Date of Opening of Bid | : | Dt. 07.03.2025 at 11:00 AM. |
| 8. | The Bidders have to participate in ONLINE bidding only. Further details can be seen from the website :https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

Sd/-Superintending Engineer
Dhenkanal (R&B) Division, Dhenkanal
OIPR 34016/11/0035/2425

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅଷ୍ଟମ ପିଲା...

ପରେ ନିଯୁକ୍ତି ସୁଯୋଗ ନାହିଁ । ଗତ ୧୦ବର୍ଷ ମଧ୍ୟରେ ୩୪ହଜାର ୪୭୧ ପିଲା ଇଞ୍ଜିନିୟରିଂ ପାସ୍ କରିଥିବାବେଳେ ଚାକିରି ପାଇଛନ୍ତି ମାତ୍ର ୧୫ହଜାର ୨୮୯ଜଣ। ରାଜ୍ୟରେ ବର୍ତ୍ତମାନ ୧୯ହଜାର ୧୮୨ ଇଞ୍ଜିନିୟରିଂ ପାସ୍ କରି ବେକାର ରହିଛନ୍ତି। ସେହିପରି ଗତ ୧୦ବର୍ଷ ମଧ୍ୟରେ ଡିପ୍ଲୋମା ପାସ୍ କରିଛନ୍ତି ୫୪ ହଜାର ୧୮୯ଜଣ। ମାତ୍ର ଚାକିରି ପାଇଛନ୍ତି ୨୦ହଜାର ୦୯୬ଜଣ । ୩୪ହଜାର ୫୧ଜଣ ପିଲା ବେକାର ରହିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

### ହଙ୍ଗୋଳ ପରେ...

୧୩ରୁ ୨୧ ପ୍ରଥମ ପର୍ଯ୍ୟାୟ ଏବଂ ମାର୍ଚ୍ଚ ୭ରୁ ଏପ୍ରିଲ ୫ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ହେବ। ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ୨୫-୨୬ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବେ।

### ମନୋନୀତ...

ଓ ଦିଲ୍ଲୀ ବିଧାନସଭା ନିର୍ବାଚନ ମଧ୍ୟ ତାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ତେବେ ଏସବୁ ଭିତରେ ବି ରାଜୀବ କୁମାର ବେଶ୍ ବିବାଦ ଘେରକୁ ଆସିଛନ୍ତି। ଇଭିଏମ୍‌ରେ ଭୋଟ ଟାମ୍ପରିଂ, ଭୋଟର ତାଲିକା, ଭୋଟ ଗଣତି ପ୍ରକ୍ରିୟା ଭଳି ଅନେକ ପ୍ରସଙ୍ଗରେ ସେ ପକ୍ଷପାତିତା କରିଥିବା ନେଇ ବିରୋଧୀ ଅଭିଯୋଗ ଆଣିଛନ୍ତି। ଏବେ ନିକଟରେ ସୁପ୍ରିମକୋର୍ଟ ମଧ୍ୟ ଇଭିଏମ୍‌ରୁ କୌଣସି ତଥ୍ୟ ନ ହଟାଇବା ପାଇଁ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ଶୃଙ୍ଖଳିତ...

ବ୍ୟକ୍ତିବିଶେଷ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ଦେଖିବାକୁ ଆଗମନର ସମ୍ଭାବନା ରହିଛି । ଏହାପରେ ବିଭିନ୍ନ ପ୍ରସଙ୍ଗ ସମ୍ପର୍କରେ ବୈଠକରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା ଓ ଉ□ରା ଛକ ଠାରୁ ପୁରୀ ପର୍ଯ୍ୟନ୍ତ ସିସିଟିଭିର ଲଗାଇବା, ଟ୍ରାଫିକ ସମସ୍ୟାର ସୁପରିଚାଳନା, ଦଳା ଚକଟା ଭଳି ପରିସ୍ଥିତିକୁ ଏଡାଇବା ନିମନ୍ତେ ସଜାଗ ତଥା ସ୍ୱତନ୍ତ୍ର ବ୍ୟବସ୍ଥା, ଗାଡି ପାର୍କିଂ, ଅତି ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ପାଇଁ ସ୍ୱତନ୍ତ୍ର ହେଲିପ୍ୟାଡ଼, ପୋଲିସ ଫୋର୍ସଙ୍କ ରହଣି ନିମନ୍ତେ ସ୍ୱତନ୍ତ୍ର ସୁବିଧା, ଶୃଙ୍ଖଳିତ ରଥଟଣା, ବ୍ୟାରିକେଡ଼ ବ୍ୟବସ୍ଥା, ଜିଲ୍ଲା ପ୍ରଶାସନ ସହ ମିଶି ବିଭିନ୍ନ ଅସୁବିଧାର ଆଶୁ ସମାଧାନ ଏବଂ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ସ୍ୱତନ୍ତ୍ର ସୁବିଧା ଇତ୍ୟାଦି ସମ୍ପର୍କରେ ଡିଜିପି ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଏହି ବୈଠକରେ ଡିଜିପି (କ୍ରାଇମବ୍ରା□) ଶ୍ରୀ ବିନୟତୋଷ ମିଶ୍ର, ନିର୍ଦ୍ଦେଶକ (ଏସସିଆରବି) ଡ଼ଃ ସନ୍ତୋଷ ୍ାଲା, ଏଡିଜିପି (ଆଧୁନିକୀକରଣ) ଶ୍ରୀ ସୌମେନ୍ଦ୍ର ପ୍ରିୟଦର୍ଶୀ, ଏଡିଜିପି (ଆଇନ ଓ ଶୃଙ୍ଖଳା) ଶ୍ରୀ ସଞ୍ଜୟ କୁମାର, ଏଡିଜିପି (ମୁଖ୍ୟାଳୟ) ଶ୍ରୀ ଦୟାଳ ଗଙ୍ଗୱାର, ଏଡିଜିପି (ଏସଏପି) ଶ୍ରୀ ରାଜେଶ କୁମାର, ଆଇଜିପି (ଟ୍ରେନିଂ) ଶ୍ରୀ ଅନୁପ କୁମାର ସାହୁ, ଡିଆଇଜିପି (ଅପରେସନ) ଶ୍ରୀ ଅଖିଳେଶ୍ୱର ସିଂ, ଡିଆଇଜିପି (କେନ୍ଦ୍ରା□ଳ) ଶ୍ରୀ ଚରଣ ସିଂ ମିନା, ଡିଆଇଜିପି(ଏସଆଇଡବ୍ଲୁ) ଡ଼ଃ କନୱର ବିଶାଲ ସିଂ, ଡିସିପି (ଭୁବନେଶ୍ୱର) ଶ୍ରୀ ପିନାକ ମିଶ୍ର, ଏଆଇଜିପି (ମୁଖ୍ୟାଳୟ) ଶ୍ରୀ ଯୁଗଳ କିଶୋର କୁମାର ବନୋଥ, ଏଆଇଜିପି (ମୁଖ୍ୟାଳୟ) ଶ୍ରୀ ବିବେକାନନ୍ଦ ଶର୍ମା ଏବଂ ପୁରୀ ଏସପି ଶ୍ରୀ ଭିନିତ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ନୂତନ ଥାନାଧିକାରୀ ଭାବେ ଦ୍ୱାୟିତ୍ୱ ଗ୍ରହଣ କଲେ ଜୀବନନନ୍ଦ ଜେନା

ଭଞ୍ଜନଗର (ଭାସ୍କର ନ୍ୟୁଜ): ସ୍ଥାନୀୟ ଥାନାରେ ନୂତନ ଥାନା ଅଧିକାରୀ ଭାବେ ଜୀବନାନନ୍ଦ ଜେନା ଶୁକ୍ରବାର କାର୍ଯ୍ୟ ଭାର ଗ୍ରହଣ କରିଛନ୍ତି ।ଶ୍ରୀ ଜେନା ବଡ଼ଗଡ଼ ଥାନାରେ ସବଇନ୍ସପେକ୍ଟର ଭାବେ ଅଢ଼େଇ ବର୍ଷ ରହିବା ପରେ ଆଇଆଇସି ରୂପେ ପଦୋନ୍ନତି ପାଇ ସେଠାରେ ୨ବର୍ଷ କାର୍ଯ୍ୟ ତୁଲାଇ ଥିଲେ ।ପରେ ସେଠାରୁ ଜି. ଉଦୟଗିରି,ଫୁଲବାଣୀ ଟାଉନ ଥାନା,ପୁରୀ,ପାରାଦୀପ ଥାନା ଏବଂ କଟକ କ୍ରାଇମବ୍ରାଞ୍ଚରେ ୨ବର୍ଷ କାର୍ଯ୍ୟ କରିବା ପରେ ଆଜି ଭଞ୍ଜନଗର ଥାନାରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ପୂର୍ବରୁ ଏଠାରେ ଆଇଆଇସି ଥିବା କୁମର ମୁଦୁଲି ଙ୍କର ରମ୍ଭା ଥାନାକୁ ବଦଳି ହୋଇଯାଇଛି ।ଆଜି ଭଞ୍ଜନଗର ଥାନାରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା ।ଏଥିରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଞ୍ଜନ କୁମାର ଦେ'ଙ୍କ ସମେତ ସମସ୍ତ ପୋଲିସ କର୍ମଚାରୀଙ୍କ ଉପସ୍ଥିତିରେ ପୂର୍ବତନ ଆଇଆଇସି କୁମର ମୁଦୁଲିଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା।

MANAPPURAM HOME FINANCE LTD.
**ମନପୁରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍**
ପୂର୍ବରୁ ମନପୁରମ୍ ହୋମ୍ ଫାଇନାନ୍ସ ପ୍ରାଇଭେଟ୍ ଲିମିଟେଡ୍
ସିଆଇଏନ୍: ୟୁ୬୫୯୨୩କେ୧୨୦୧୦ପିଆଇସି୦୩୯୧୭୯, ୟୁନିଟ୍ ୩୦୧-୩୧୫, ତୃତୀୟ ମହଲା, ଏୱିଙ୍ଗ୍ କନକିଆ ୱାଲ ଷ୍ଟ୍ରିଟ୍, ଅନ୍ଧେରୀ-କୁର୍ଲା ରୋଡ଼, ଅନ୍ଧେରୀ ଇଷ୍ଟ, ମୁମ୍ବାଇ-୪୦୦୦୯୩

**ଡିମାଣ୍ଡ ନୋଟିସ୍**

ଯେହେତୁ ପ୍ରାଧିକୃତ ଅଧିକାରୀ ମନପୁରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍ ଯାହାର ରେଜିଷ୍ଟ୍ରର ଅଫିସ ୪/୪୭୦ଏ (ପୁରୁଣା) ଡବ୍ଲୁ୬୩୮ଏ (ନୂଆ) ମନପୁରମ ହାଉସ୍ ଭଲପାର, ତ୍ରିଶୂର, କେରଳ ୬୮୦୫୬୭ ଏବଂ ଯାହାର ଶାଖାଗୁଡ଼ିକ ଭାରତର ବିଭିନ୍ନ ସ୍ଥାନରେ ରହିଛି (ପରବର୍ତ୍ତୀ ପର୍ଯ୍ୟାୟରେ ମାହୋଫିନ୍ ନାମରେ ପରିଚିତ, ଯାହାକି କମ୍ପାନୀ ରେଜିଷ୍ଟ୍ରର ଆଇନ ୧୯୫୬ ଅନୁଯାୟୀ ପଞ୍ଜିକୃତ ଏବଂ ଏକ ଆର୍ଥିକ ଅନୁଷ୍ଠାନ ଯାହା ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ଆକ୍ଟ) ୨୦୦୨ର ଉପଧାରା (୧) ଅନୁଯାୟୀ (ପରବର୍ତ୍ତୀ ପର୍ଯ୍ୟାୟରେ ଆଇନଭୁକ୍ତ) ବିଜ୍ଞପ୍ତି ନଂ ଏସଓ୩୪୬୬(ଇ) ତାରିଖ: ୧୮ ଡିସେମ୍ବର ୨୦୧୫, ଯାହାକି ଅର୍ଥ ମନ୍ତ୍ରଣାଳୟ, ନୂଆଦିଲ୍ଲୀଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ । ଏହି ସଂସ୍ଥା ନିର୍ମାଣ କ୍ଷେତ୍ରରେ ଏବଂ ଘର ପର୍ଚେଜ କ୍ଷେତ୍ରରେ କାର୍ଯ୍ୟ କରୁଅଛି । ସେହି ଅନୁଷ୍ଠାନ ପକ୍ଷରୁ କଲମ ୨ରେ ଦିଆଯାଇଥିବା ଋଣଗ୍ରହୀତା/ସହଗ୍ରହୀତାଙ୍କୁ ସର୍ଫେସେଇ ଆକ୍ଟ ଅନୁଯାୟୀ ସିକ୍ୟୁର୍ଡ କ୍ରେଡିଟର ଭାଗେ ଗ୍ରହଣ କରାଯାଇଛି। କମ୍ପାନୀ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ଆଇନ ୨୦୦୨ର ରୁଲ୍ ୨ର ଉପଧାରା ୧୩(୨) ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା ଏବଂ ସହ ଋଣଗ୍ରହୀତାଙ୍କୁ ନୋଟିସ ପାଇବାର ୬୦ଦିନ ମଧ୍ୟରେ ଋଣ ପରିଶୋଧ ପାଇଁ ଡିମାଣ୍ଡ ନୋଟିସ କରାଯାଇଥିଲା। ତେବେ ବିଭିନ୍ନ କାରଣରୁ ଏହି ନୋଟିସଗୁଡ଼ିକ ପ୍ରଦାନ କରାଯାଇପାରି ନଥିଲା। ତେଣୁ ଏହି ଉଦ୍ଦେଶ୍ୟରେ ସେହି ଋଣଗ୍ରହୀତାଙ୍କୁ ଏହି ନୋଟିସ ମାଧ୍ୟମରେ ଋଣ ପରିଶୋଧ ପାଇଁ ପରାମର୍ଶ ଦିଆଯାଇଛି।

| କ୍ର ନଂ | ଋଣଗ୍ରହୀତା/ସହ ଋଣଗ୍ରହୀତାଙ୍କ ନାମ/ ଋଣ ଏକାଉଣ୍ଟ ନଂ/ଶାଖା | ବନ୍ଧକ ରହିଥିବା ସମ୍ପତ୍ତିର ବିବରଣୀ | ପଜେସନର ତାରିଖ | ନୋଟିସ ପଠାଯିବାର ତାରିଖ ଓ ବକେୟା ପରିମାଣ |
|---|---|---|---|---|
| ୧ | ସୁଚେତନ ସାହୁ, କମଳାକାନ୍ତ ସାହୁ/ ଏମଏଚଏଲ୦୧୦୩୦୦୧୯୦୦୯/ କଣ୍ଟାଇ | ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶବିଶେଷ ଯାହାକି ୫ ଡିସିମିଲ ସମ୍ବନ୍ଧୀୟ । ଏଥିସହିତ ପ୍ରସ୍ତାବିତ ନିର୍ମାଣ କାର୍ଯ୍ୟ, ଯାହାକି ଅବସ୍ଥିତି ମୌଜା-ବାରବାରି ଜେଏଲ ନଂ ୨୩୧, ଏଲଆର ଖତିଆନ୍ ନଂ ୫୮୯, ଏଲଆରଡିଏଜି ନଂ ୫୦୮, ପିଏସ୍-ଭୂପତିନଗର, ପିଏସ୍ ବାରବାରି ସାଉଥ୍, ଜିଲ୍ଲା-ପୂର୍ବ ମେଦିନିପୁର, ପୋ-ବାରବାରି ସାଉଥ, ପୂର୍ବ ମେଦିନାପୁରା/ପୂର୍ବ ବେଦିନାପୁର, ପଶ୍ଚିମବଙ୍ଗ, ପିନ୍-୭୨୧୪୩୦, ପୂର୍ବ- ପ୍ଲଟ ନଂ ୫୧୧/୧୧୪, ପଶ୍ଚିମ- ପ୍ଲଟ ନଂ ୫୦୭, ଦକ୍ଷିଣ- ସରକାରୀ ରାସ୍ତା, ଉତ୍ତର- ପ୍ଲଟ ନଂ ୫୦୯/୫୧୦ | ୧୫.୦୧.୨୦୨୫ | ୨୧.୦୧.୨୦୨୫ ଏବଂ ଟ. ୫୦୮୨୯୭/- |

ଏତଦ୍ୱାରା ନୋଟିସ ମାଧ୍ୟମରେ ଋଣଗ୍ରହୀତା/ସହ ଋଣଗ୍ରହୀତାଙ୍କୁ ଏହି ନୋଟିସ ପାଇବାର ୬୦ଦିନ ମଧ୍ୟରେ ଋଣ ପରିଶୋଧ କରିବା ପାଇଁ ପରାମର୍ଶ ଦିଆଯାଉଛି। ଯଦି ଋଣଗ୍ରହୀତା ଏବଂ ସହ ଋଣଗ୍ରହୀତା ସମସ୍ତ ଋଣ ଓ ସୁଧ ତଥା ପରବର୍ତ୍ତୀ ସୁଧ ପରିଶୋଧ କରିବାରେ ବିଫଳ ହୁଅନ୍ତି, ତେବେ ମୋହଫିନ୍ ଧାରା ୧୩(୪) ଅନୁଯାୟୀ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅନୁସାରେ ପରବର୍ତ୍ତୀ ପଦକ୍ଷେପ ନେବେ। ତେଣୁ ସମସ୍ତ ଋଣ, ସୁଧ ଏବଂ ଅନ୍ୟାନ୍ୟ ସର୍ତ୍ତ ସହ କମ୍ପାନୀ ବନ୍ଧକ ଥିବା ସମ୍ପତ୍ତିକୁ ବିକ୍ରିକରି ବା ନିଲାମ କରି ଆଦାୟ କରିପାରିବ, ଯାହାକି ସର୍ଫେସାଇ ଆକ୍ଟର ଧାରା ୧୩(୮) ଅନୁଯାୟୀ ପ୍ରଯୁଜ୍ୟ।
ସର୍ଫେସାଇ ଆକ୍ଟର ଏସ୍-୧୩ (୧୩) ଅନୁଯାୟୀ ବନ୍ଧକ ଥିବା ସମ୍ପତ୍ତିକୁ କୌଣସି ଉପାୟରେ ବିକ୍ରି, ଲିଜ୍ କିମ୍ବା ଅନ୍ୟ କାର୍ଯ୍ୟରେ ବ୍ୟବହାର କରାଯାଇପାରିବ ନାହିଁ।

ତାରିଖ: ୧୫.୦୨.୨୦୨୫, ସ୍ଥାନ: ପଶ୍ଚିମବଙ୍ଗ — ସ୍ୱା/-ପ୍ରାଧିକୃତ ଅଧିକାରୀ, ମନପୁରମ୍ ହୋମ୍ ଫାଇନାନ୍ସ ଲିମିଟେଡ

ODISHA TOURISM DEVELOPMENT CORPORATION LIMITED
(A GOVT. OF ODISHA UNDERTAKING
PANTHANIVAS (OLD BLOCK): LEWIS ROAD: BHUBANESWAR-14
INVITATIONS FOR BIDS (IFB)
CAD-2582
Letter No.2997 Date: 14.02.2025

NOTICE INVITATION FOR BIDS (NIFB)

E-Procurement Notice No. BP-I/14/2024-25 dt.14.02.2025.

1. Nature of Work : Civil & Miscellaneous Works.
2. Total No. of Works : 03 Nos.
3. Value of Works : Rs. 16.50 lakhs to 54.93 lakhs
4. Bid Security : As per NIT
5. Class of Contractor: As Per NIT
6. Period of Completion: 03(Three) Months to 06(Six) Months.
7. Other details as follows :

| Procurement Officer | Bid Identification No. | Availability of Bid online | | Date, Time & Place of Opening of Tender |
|---|---|---|---|---|
| Superintending Engineer, OTDC Ltd., Bhubaneswar. | BP-I/14/2024-25 dt.14.02.2025 | From 24.02.2025 | To 10.03.2025 | 11.30 Hours of dt.11.03.2025 in the office of the Superintending Engineer, OTDC Ltd, Bhubaneswar. |

Further details can be seen from the Govt. Website www.etenderodisha.gov.in

Sd/-
Superintending Engineer
O.T.D.C. Ltd., BBSR.
OIPR 37002/11/0043/2425



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ମୋଦୀଙ୍କ ଆମେରିକା ଗସ୍ତକୁ ନେଇ ରାହୁଲ ଗାନ୍ଧୀ ଏବଂ ଜୟରାମ ରମେଶଙ୍କ ପରି କଂଗ୍ରେସ ନେତା ଟାର୍ଗେଟ୍ କରିଛନ୍ତି । ଅନ୍ୟପଟେ ଦଳର ସାଂସଦ ଶଶି ଥରୁର୍ ପାର୍ଟି ଲାଇନ୍ ବାହାରେ ପିଏମ୍ ମୋଦୀଙ୍କୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି ଯେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ତାଙ୍କ ସମର୍ଥକ ବଡ଼ ନେଗୋସିଏଟର ମାନନ୍ତି । ଆମେରିକା ପ୍ରତିରକ୍ଷା ମନ୍ତ୍ରୀ ଗତକାଲି କହିଥିଲେ ଯେ ଟ୍ରମ୍ପ ଜଣେ ବଡ଼ ନେଗୋସିଏଟର, କିନ୍ତୁ ଟ୍ରମ୍ପ ମିଳିତ ବୟାନରେ କହିଛନ୍ତି ଯେ ପିଏମ୍ ମୋଦୀ ତାଙ୍କଠାରୁ ବି ବଡ଼ ନେଗୋସିଏଟର । ଏହା ଚମତ୍କାର । ସେ କହିଛନ୍ତି ଯେ ଏହି ଗସ୍ତ ଭଲ ବିତିଛି । ଭାରତକୁ ଏଫ୍-୩୫ ଯୁଦ୍ଧ ବିମାନ ଦେବା ଲାଗି ଆମେରିକା ସହମତି ଦେଇଛି । ଏହା ଭାରତ ପାଇଁ ଲାଭଦାୟକ ହେବ ।

# ପୁଲଓ୍ୱାମା ବାର୍ଷିକୀରେ ପାକିସ୍ତାନକୁ ଶାହଙ୍କ ଚେତାବନୀ



ନୂଆଦିଲ୍ଲୀ: ପୁଲଓ୍ୱାମା ଆକ୍ରମଣର ବାର୍ଷିକୀ ଅବସରରେ ଗୃହମନ୍ତ୍ରୀ ଅମିତ ଶାହ ସହିଦ ଯବାନଙ୍କୁ ମନେ ପକାଇଛନ୍ତି। ଭାରତର ସେନା ଏବଂ ସୀମା ସହ ଖେଳ ଖେଳିବାକୁ ଚେଷ୍ଟା କର ନାହିଁ ବୋଲି ସେ ସ୍ପଷ୍ଟ ଭାଷାରେ ପାକିସ୍ତାନକୁ ଚେତାବନୀ ଶୁଣାଇଛନ୍ତି । ଉତ୍ତରାଖଣ୍ଡର ହଲଦ୍ୱାନୀରେ ଆୟୋଜିତ '୩୮ତମ ଜାତୀୟ କ୍ରୀଡ଼ା'ର ସମାପନୀ ସମାରୋହକୁ ସମ୍ବୋଧିତ କରି ଶାହା ଏହା କହିଛନ୍ତି। ଅମିତ ଶାହ କହିଛନ୍ତି, ୨୦୧୯ ଆଜିର ଦିନରେ ପୁଲଓ୍ୱାମାରେ ଆମର ୪୦ ଜଣ ଯବାନ ସହିଦ ହୋଇଥିଲେ। ଏହି ସୈନିକଙ୍କ ବଳିଦାନ କେବଳ ଦେଶକୁ ସୁରକ୍ଷିତ କରିନଥିଲା ବରଂ ଏହି ଯବାନଙ୍କ ସହିଦ ହେବା ପରେ ପାକିସ୍ତାନରେ ପ୍ରବେଶ କରି ଆତଙ୍କବାଦୀଙ୍କୁ କଡ଼ା ଜବାବ ଦେବାକୁ ପ୍ରଧାନମନ୍ତ୍ରୀ ମୋଦୀ ଏୟାର ଷ୍ଟ୍ରାଇକ୍ କରିଥିଲେ। ସେଥିପାଇଁ ଭାରତ ପ୍ରତି ବିଶ୍ୱର ଦୃଷ୍ଟିକୋଣ ବଦଳିଯାଇଛି । ବିଶ୍ୱର ସମସ୍ତ ଆତଙ୍କବାଦୀଙ୍କୁ ଏକ ବାର୍ତ୍ତା ଦିଆଯାଇଛି ଯେ ସେମାନେ ଭାରତର ସୀମା ଏବଂ ସେନା ସହ ଗଣ୍ଡଗୋଳ କରିପାରିବେ ନାହିଁ । ଶେଷରେ ସେ କହିଥିଲେ ଯେ ଦେଶର ସୁରକ୍ଷା ପାଇଁ ପ୍ରାଣ ବଳି ଦେଇଥିବା ସମସ୍ତ ୪୦ ଜଣ ସୈନିକଙ୍କୁ ମୁଁ ହୃଦୟ ସହିତ ଶ୍ରଦ୍ଧାଞ୍ଜଳି ଜଣାଉଛି।

### ବଢ଼ିଲା ସତ୍ୟେନ୍ଦ୍ର ଜୈନଙ୍କ ଅଡୁଆ

# ଗିରଫ ପାଇଁ ରାଷ୍ଟ୍ରପତିଙ୍କ ମଞ୍ଜୁରି ମାଗିଲା ଗୃହମନ୍ତ୍ରାଳୟ



ନୂଆଦିଲ୍ଲୀ : ଦିଲ୍ଲୀରେ ଆମ ଆଦମୀ ପାର୍ଟି (ଆପ)ର ମନ୍ତ୍ରୀ ଥିବା ସତ୍ୟେନ୍ଦ୍ର ଜୈନଙ୍କୁ ପୁଣି ଝଟକା ଲାଗିବ। କେନ୍ଦ୍ର ଗୃହମନ୍ତ୍ରାଳୟ ଆପ ନେତା ସତ୍ୟେନ୍ଦ୍ର ଜୈନଙ୍କ ଗିରଫ ଦାବି କରିଛି। ଗୃହମନ୍ତ୍ରାଳୟ ଶୁକ୍ରବାର ଆପ ନେତାଙ୍କ ବିରୋଧରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନଏସ୍) ୨୦୨୩ର ଧାରା ୨୧୮ରେ କୋର୍ଟରେ ମକଦ୍ଦମା ଚଳାଇବାକୁ ମଞ୍ଜୁରୀ ନିମନ୍ତେ ରାଷ୍ଟ୍ରପତିଙ୍କୁ ଅନୁରୋଧ କରିଛି। ସୂତ୍ର ଅନୁସାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ରୁ ପ୍ରାପ୍ତ ସାମଗ୍ରୀ ଆଧାରରେ ଜୈନଙ୍କ ବିରୋଧରେ ମକଦ୍ଦମା ଚଳାଇବା ପାଇଁ ରାଷ୍ଟ୍ରପତିଙ୍କ ଅନୁମତି ଲୋଡ଼ିଛି। ଇଡିଙ୍କ ଯାଞ୍ଚ ଓ ପର୍ଯ୍ୟାପ୍ତ ପ୍ରମାଣ ଆଧାରରେ ମଞ୍ଜୁରୀ ନିମନ୍ତେ ନିବେଦନ କରାଯାଇଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ କଥିତ ହାୱାଲା କାରବାର ସମ୍ପର୍କିତ ମନି ଲଣ୍ଡ୍ରିଂ ମାମଲାରେ ମକଦ୍ଦମା ରୁଜୁ କରିଥିଲେ। ୩୦ ମେ ୨୦୨୨ରେ ତାଙ୍କୁ ଗିରଫ କରାଯାଇଥିବା ବେଳେ ଆପ ନେତା ଏବେ ଜାମିନରେ ବାହାରକୁ ଆସିଛନ୍ତି। ତେବେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ କୋର୍ଟରେ ଏବେ ସତ୍ୟେନ୍ଦ୍ର ଜୈନଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଛି। ମନିଲଣ୍ଡ୍ରିଂର ଏହି ମାମଲା ଅଗଷ୍ଟ ୨୦୧୭ର ସେହି ମାମଲା ସହ ସମ୍ପର୍କିତ ଯେଉଁଥିରେ ସିବିଆଇ ଆପ ନେତାଙ୍କ ଉପରେ ଆୟରୁ ଅଧିକ ସମ୍ପତ୍ତି ରଖିଥିବାରୁ ଏତଲା ରୁଜୁ କରିଥିଲା। ଏହା ପରେ ଡିସେମ୍ବର ୨୦୧୮ରେ ସିବିଆଇ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା। ଏଥିରେ ଆପ ନେତାଙ୍କ ମୋଟ ସମ୍ପତ୍ତି ୧.୪୭ କୋଟି ଟଙ୍କାର ଥିଲା, ଯାହା ୨୦୧୫-୧୭ ମଧ୍ୟରେ ଜୈନଙ୍କ ଆୟର ସ୍ରୋତଠାରୁ ୨୧୭ ପ୍ରତିଶତ ଅଧିକ ହୋଇଯାଇଥିଲା ବୋଲି ଦର୍ଶାଇଥିଲେ।

### ଶିକ୍ଷା, ଏକତା ହିଁ ସମାଜର ମୂଳପିଣ୍ଡ

# ରାଜ୍ୟର ସମୃଦ୍ଧି ପାଇଁ ମାର୍ଗ ପ୍ରଶସ୍ତ : ବିଷ୍ଣୁଦେବ



ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଶୁକ୍ରବାର ଖଡିଆ ଅନୁସୂଚିତ ଜନଜାତି ଉତ୍‌ଥାନ ସମିତିର ବାର୍ଷିକ ସମ୍ମିଳନୀରେ ଯୋଗଦେଇ କହିଥିଲେ ଯେ, ଶିକ୍ଷା ହେଉଛି ସମାଜ ପ୍ରଗତିର ମଜଭୁତ ଆଧାର। ଏହା ସମାଜର ସବୁ ବିଜ୍ଞଜନ ଏବଂ ଯୁବବର୍ଗଙ୍କୁ ଶିକ୍ଷିତ କରିବା ସହ ଦେଶ ତଥା ରାଜ୍ୟ ନିର୍ମାଣରେ ମାର୍ଗ ଦର୍ଶକଭାବେ କାର୍ଯ୍ୟ କରିପାରିବେ ବୋଲି କହିଥିଲେ। ନିଜ ସମ୍ବୋଧନରେ ଶ୍ରୀ ସାଏ ଆହୁରି କହିଥିଲେ ଯେ,ଯେତେବେଳେ ଶିକ୍ଷା, ଆର୍ଥିକ ସଶକ୍ତିକରଣ ଏବଂ ସାମାଜିକ ଏକତା ସୃଷ୍ଟି ହେବ ସେତେବେଳେ ଜନଜାତିଙ୍କର ପ୍ରକୃତି ଉନ୍ନତି ହୋଇପାରିବ। ସେ ଆହୁରି କହିଥିଲେ ରାଜ୍ୟ ସରକାର ସମାଜର ସବୁ ବର୍ଗର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ। ପ୍ରତିବର୍ଷ ନୂଆନୂଆ ଯୋଜନାମାନ ପ୍ରଣୟନ କରାଯାଉଛି। ସେ ଏହି ଅବସରରେ ହାଡିଆ ସମାଜର ସର୍ବାଙ୍ଗୀନ ଉନ୍ନତି କାମନା କରିବା ସହ କହିଥିଲେ ୨୦୧୧ରେ ଏହି ସମାଜକୁ ଅନୁସୂଚିତ ଜନଜାତି ବର୍ଗରେ ସାମିଲ କରିବା ପାଇଁ ଏକ ଐତିହାସିକ ନିଷ୍ପତ୍ତି ନିଆଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ଶ୍ରୀ ସାଏ ମାତା ସରସ୍ୱତୀ ଏବଂ ସ୍ୱାଧୀନତା ସଂଗ୍ରାମୀ ସହୀଦ ତେଲଙ୍ଗା ଖଡିଆଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରଭୁଜା କ୍ଷେତ୍ର ବିକାଶ ପ୍ରାଧିକରଣର ଉପାଧ୍ୟକ୍ଷ ଗୋମତୀ ସାଏ ଏବଂ ବିଧାୟକ ଭରତ ସାଏ ଉପସ୍ଥିତ ରହିଥିଲେ।

### ଏସ୍‌ଜିଟି ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ସମାରୋହ

# ଭାରତର ତ୍ୱରିତ ପ୍ରଗତିରେ ବିଶ୍ୱବିଦ୍ୟାଳୟର ରହିବ ବଡ଼ ଭୂମିକା: ଧର୍ମେନ୍ଦ୍ର



ଗୁରୁଗ୍ରାମ/ହରିୟାଣ: ଆଗାମୀ ଦିନରେ ସମଗ୍ର ଭାରତବର୍ଷରେ ଭବିଷ୍ୟତର ଆବଶ୍ୟକତାକୁ ମ୍ୟାପିଂ କରି ଭାରତର ପ୍ରଗତିକୁ ତ୍ୱରାନ୍ୱିତ କରାଇବାରେ ବିଶ୍ୱବିଦ୍ୟାଳୟର ବଡ଼ ଭୂମିକା ରହିବ ବୋଲି ଶୁକ୍ରବାର ଗୁରୁଗ୍ରାମ ସ୍ଥିତ ଏସଜିଟି ବିଶ୍ୱବିଦ୍ୟାଳୟର ୧୧ତମ ସମାବର୍ତ୍ତନ ସମାରୋହରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଐତିହାସିକ ଏବଂ ସାଂସ୍କୃତିକ ସହର ଗୁରୁଗ୍ରାମରେ ସ୍ଥାପିତ ଏହି ବିଶ୍ୱବିଦ୍ୟାଳୟର ସମାରୋହରେ ଡିଗ୍ରୀ ଏବଂ ସ୍ୱର୍ଣ୍ଣ ପଦକ ପାଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ । ସେ କହିଛନ୍ତି ଯେ ଏହି ସମାବର୍ତ୍ତନ ସମାରୋହ ଯୁବବର୍ଗଙ୍କ ପାଠ ପଢ଼ିବାର ଶେଷ ପାହାଚ ନୁହେଁ, ବରଂ ସେମାନଙ୍କ କ୍ୟାରିୟର, ପରିବାର, ଦେଶ ଓ ସମାଜ ପ୍ରତି ନୂଆ ଦାୟିତ୍ୱର ଆରମ୍ଭ । ଚଳିତ ଶତାବ୍ଦୀରେ ବିଶ୍ୱରେ ଉଭା ହୋଇଥିବା ପ୍ରତ୍ୟେକ ନୂଆ ଆର୍ଥିକ ହବ୍ ସ୍ୱଟରେ କୌଣସି ନା କୌଣସି ବିଶ୍ୱବିଦ୍ୟାଳୟର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଏସଜିଟି ବିଶ୍ୱବିଦ୍ୟାଳୟରେ 'ଚାନସେଲର ଲାଇବ୍ରେରୀ'ର ଶୁଭାରମ୍ଭକୁ ପ୍ରଶଂସା କରି ସେ କହିଛନ୍ତି ଯେ ଭାରତୀୟ ଜ୍ଞାନ ପରମ୍ପରା ଅନୁଯାୟୀ, ଆମ ଯୁବପିଢ଼ିଙ୍କୁ ଗଢ଼ି ତୋଳିବା ପାଇଁ ଏସଜିଟି ବିଶ୍ୱବିଦ୍ୟାଳୟର 'ଚାନସେଲର ଲାଇବ୍ରେରୀ' ଶୁଭାରମ୍ଭ ସ୍ୱାଗତଯୋଗ୍ୟ। ଶ୍ରୀ ପ୍ରଧାନ କହିଛନ୍ତି ୨୦୪୭ ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବାକୁ ହେଲେ ଆମକୁ ଆମ ପିଲାମାନଙ୍କର ବ୍ୟକ୍ତିଗତ ବିକାଶର ରୋଡମ୍ୟାପ ଉପରେ ମଧ୍ୟ ଧ୍ୟାନ ଦେବାକୁ ପଡିବ । ଭାରତ ଶିଳ୍ପ ବିପ୍ଳବ ୪.୦ର ନେତୃତ୍ୱ ନେବା ଦରକାର ଏବଂ ଆମ ବିଶ୍ୱବିଦ୍ୟାଳୟଗୁଡ଼ିକ ଏହି ଦାୟିତ୍ୱ ନେବା ଉଚିତ୍ । ଭାରତର ଯୁବପିଢ଼ି ଉଚ୍ଚାଭିଳାଷୀ । ଆଜି ଆମେ ସର୍ଭିସ ଏବଂ ବିନିର୍ମାଣ କ୍ଷେତ୍ରରେ ନିଜର ପରିଚୟ ସୃଷ୍ଟି କରିଛୁ। ଆଗାମୀ ଦିନରେ ଆମକୁ ଡିପଟେକ୍ ସମେତ ନୂତନ ଜ୍ଞାନକୌଶଳ ଉପରେ ଆମର ହାତକୁ ମଜଭୂତ୍ କରିବାକୁ ହେବ । ଆମ ବିଶ୍ୱବିଦ୍ୟାଳୟ ଗୁଡ଼ିକ ବିଶ୍ୱ ସମସ୍ୟାର ସମାଧାନ ଅନ୍ୱେଷଣ କରିବା ସହ ନୂଆ ଟେକ୍ନୋଲୋଜି, ନବସୃଜନର ସଂସ୍କୃତି ଏବଂ ୱେଲଥ୍ କ୍ରିଏସନକୁ ପ୍ରୋତ୍ସାହିତ କରିବାକୁ ହେବ । ଆଗାମୀ ଦିନରେ ଭାରତ ବିଶ୍ୱ କଲ୍ୟାଣର ଦାୟିତ୍ୱ ନେବ । ଜାତୀୟ ଶିକ୍ଷା ନୀତିରେ ଏଥିପାଇଁ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି ଏବଂ ଏସଜିଟି ଭଳି ବିଶ୍ୱବିଦ୍ୟାଳୟ ଏହାର ସଫଳ ପ୍ରୟୋଗଶାଳା ହେବ ।

# ମହାକୁମ୍ଭର ଅପପ୍ରଚାର କରୁଥିବା ସୋସିଆଲ ମିଡିଆ ବିରୋଧରେ ମାମଲା



ପ୍ରୟାଗରାଜ: ମହାକୁମ୍ଭକୁ ବଦନାମ କରୁଥିବା ଲୋକଙ୍କ ବିରୁଦ୍ଧରେ ଉତ୍ତର ପ୍ରଦେଶ ପୋଲିସ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଖରାପ ଏବଂ ନକଲି ଭିଡିଓ ପୋଷ୍ଟ କରି ଗୁଜବ ସୃଷ୍ଟି କରୁଥିବା ୫୪ଟି ସୋସିଆଲ ମିଡିଆ ଆକାଉଣ୍ଟ ବିରୋଧରେ ପୋଲିସ ଏକ ଏଫଆଇଆର ରୁଜୁ କରିଛି । ପୋଲିସ ତଦନ୍ତରୁ ଜଣାପଡିଛି ଯେ ମହାକୁମ୍ଭକୁ ବଦନାମ କରିବା ପାଇଁ, ଏହି ଆକାଉଣ୍ଟଗୁଡ଼ିକରୁ କିଛି ଭିଡିଓ ପୋଷ୍ଟ କରାଯାଇଥିଲା ଯାହାର ମହାକୁମ୍ଭ ସହିତ କୌଣସି ସମ୍ପର୍କ ନଥିଲା। କେତେକ ଆକାଉଣ୍ଟରେ, ମିଶରରେ ଘଟିଥିବା ଅଗ୍ନିକୁ ମହାକୁମ୍ଭର ଅଗ୍ନିକାଣ୍ଡ ଭାବରେ ବର୍ଣ୍ଣନା କରାଯାଇଥିଲା । ଏହି ମାମଲାରେ, ୫ଟି ଇନଷ୍ଟାଗ୍ରାମ ଆକାଉଣ୍ଟ, ଗୋଟିଏ ଏକ୍ସ ଆକାଉଣ୍ଟ ଏବଂ ଗୋଟିଏ ୟୁଟ୍ୟୁବ୍ ଚ୍ୟାନେଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । କେବଳ ଏତିକି ନୁହେଁ, ପାଟନା ଭିଡିଓକୁ ମହାକୁମ୍ଭର ବୋଲି ଦାବି କରୁଥିବା ୭ଟି ଫେସବୁକ୍ ଏବଂ ୮ଟି ଏକ୍ସ ଆକାଉଣ୍ଟ ବିରୁଦ୍ଧରେ ଏକ ମାମଲା ରୁଜୁ ହୋଇଛି। ଉତ୍ତର ପ୍ରଦେଶ ପୋଲିସ ପୂର୍ବରୁ ମଧ୍ୟ ଭୁଲ୍ ପୋଷ୍ଟ କରୁଥିବା ଲୋକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନିର୍ଦ୍ଦେଶରେ, ପୋଲିସ ସୋସିଆଲ ମିଡିଆ ଉପରେ କଡ଼ା ନଜର ରଖିଛି । ଡିଜିପି ସମସ୍ତଙ୍କୁ ନକଲି ଭିଡିଓ ଏବଂ ନକଲି ଖବର ପୋଷ୍ଟ ଏବଂ ସେୟାର ନକରିବାକୁ ନିବେଦନ କରିଛନ୍ତି।

# ଆଇଇଡି ବିସ୍ଫୋରଣ: ୧୧ ଶ୍ରମିକ ମୃତ, ୭ ଗୁରୁତର



ନୂଆଦିଲ୍ଲୀ: ପାକିସ୍ତାନରେ ପୁଣି ଏକ ବଡ଼ ଧରଣର ଆଇଇଡି ବିସ୍ଫୋରଣ ହୋଇଛି। ଆତଙ୍କବାଦୀମାନେ ଆଇଇଡି ଲଗାଇ ଏହି ବିସ୍ଫୋରଣ ଘଟାଇଥିବା ସୂଚନା ମିଳିଛି। ଏହି ଆକ୍ରମଣରେ ୧୧ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୭ ଜଣ ଗୁରୁତର ଆହତ ହୋଇଛନ୍ତି। ଆକ୍ରମଣ ଏତେ ଭୟଙ୍କର ଥିଲା ଯେ ଟ୍ରକଟି ଖଣ୍ଡ ବିଖଣ୍ଡିତ ହୋଇଯାଇଥିଲା। ଏହି ଘଟଣା ପରେ ବେଲୁଚିସ୍ତାନର ମୁଖ୍ୟମନ୍ତ୍ରୀ ଚିନ୍ତାପ୍ରକଟ କରିଛନ୍ତି। ବେଲୁଚିସ୍ତାନ ଦୀର୍ଘଦିନରୁ ଅଶାନ୍ତ ରହିଛି । ୧୦୦ ଦିନ ଭିତରେ ପାକିସ୍ତାନରେ ଦ୍ୱିତୀୟ ବୋମା ବିସ୍ଫୋରଣ । ଏହି ଆକ୍ରମଣ ପରେ ପାକିସ୍ତାନୀ ସେନା ଆକ୍ସନ ମୋଡକୁ ଆସିଛି। ହର୍ଣ୍ଣାଇର ଡେପୁଟି କମିଶନର ହଜରତ ୱାଲି କକରଙ୍କ ଅନୁଯାୟୀ, ହର୍ଣ୍ଣାଇର ଶାହରାଗ ଜିଲ୍ଲାର କୋଇଲା ଖଣି ଅଞ୍ଚଳ 'ପିଏମଡିସି ୯୪'ରେ ଏକ ଇମ୍ପ୍ରୋଭାଇଜ୍ଡ ଏକ୍ସପ୍ଲୋସିଭ୍ ଡିଭାଇସ୍ (ଆଇଇଡି) ଯୋଗୁଁ ବିସ୍ଫୋରଣ ଘଟିଛି। ବେଲୁଚିସ୍ତାନ ସରକାରଙ୍କ ମୁଖପାତ୍ର ଶାହିଦ ରିନ୍ଦଙ୍କ ଏକ ବିବୃତ୍ତି ଅନୁଯାୟୀ, ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ପ୍ରମାଣ ସଂଗ୍ରହ କରାଯାଉଛି ଏବଂ ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ରାସ୍ତା କଡ଼ରେ ବିସ୍ଫୋରକ ସାମଗ୍ରୀ ରଖାଯାଇଥିଲା। ଖବର ମୁତାବକ, ପାକିସ୍ତାନର କ୍ୱେଟା ସହରର ହରନାଇରେ ବସରେ ଶ୍ରମିକ କୋଇଲା ଖଣିକୁ ଯାଉଥିଲେ। ଏହି ସମୟରେ ରାସ୍ତା କଡ଼ରେ ଆଇଇଡି ବ୍ଲାଷ୍ଟ ହୋଇଥିଲା । ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି।

# ବାଣିଜ୍ୟ

Bandhan AMC

ନୂଆଦିଲ୍ଲୀ: ବନ୍ଧନ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ନିଫ୍ଟି ନେକ୍ସଟ ୫୦ ଇଣ୍ଡେକ୍ସକୁ ଟ୍ରାକ କରୁଥିବା ଏକ ଓପନ-ଏଣ୍ଡେଡ ସ୍କିପ ବନ୍ଧନ ନିଫ୍ଟି ନେକ୍ସଟ ୫୦ ଇଣ୍ଡେକ୍ସ ଫଣ୍ଡ୍‌ର ଲଂଚ୍ ଘୋଷଣା କରାଯାଇଛି ଯେଉଁଥିରେ ଭାରତର ଶୀର୍ଷ ୧୦୦ ତାଲିକାଭୁକ୍ତ ଷ୍ଟକଗୁଡିକରେ ନିଫ୍ଟି ୫୦ ବାହାରେ ର୍ୟାଙ୍କ ପାଇଥିବା ୫୦ଟି କମ୍ପାନୀ ସାମିଲ ରହିଛି। ଲାର୍ଜ କ୍ୟାପ୍ ଭାବେ ବର୍ଗୀକୃତ ହୋଇଥିବା ବେଳେ ଏହି କମ୍ପାନୀଗୁଡିକ ମିଡ୍ ଓ ସ୍ମଲ-କ୍ୟାପ ଭଳି ଅଭିବୃଦ୍ଧି କ୍ଷମତା ଧାରଣ କରିଛନ୍ତି। ନିଫ୍ଟି ନେକ୍ସଟ ୫୦ରେ ରହିଥିବା ସୁଯୋଗ ସମ୍ପର୍କରେ ବନ୍ଧନ ଏଏମ୍‌ସିର ସିଇଓ ବିଶାଲ କପୁର କହିଛନ୍ତି, 'ନିଫ୍ଟି ନେକ୍ସଟ ୫୦ ନିବେଶକମାନଙ୍କୁ ପ୍ରତିଷ୍ଠିତ କମ୍ପାନୀଗୁଡିକ ପାଇଁ ପହଂଚ ପ୍ରଦାନ କରିବ ଯିଏ ଏବେ ବି ନିଜର ଉଚ୍ଚ ଅଭିବୃଦ୍ଧି ପର୍ଯ୍ୟାୟରେ ଅଛନ୍ତି। କ୍ୟୁମର ଡିସ୍‌କ୍ରେସନାରୀ, ଏଫ୍‌ଏମ୍‌ସିଜି, ଆଇଟି ଭଳି କ୍ଷେତ୍ରଗୁଡିକରେ ପରିବ୍ୟାପ୍ତ ଏହି ସୂଚାଙ୍କରେ ଉଲ୍ଲେଖନୀୟ ସମ୍ଭାବନା ଥିବା ଶିଳ୍ପ ବ୍ୟାଘାତକାରୀମାନେ ସାମିଲ ଅଛନ୍ତି।

# ଚାଷୀଙ୍କ ମୁହଁରେ ହସ ଫୁଟାଇଛି ବେଦାନ୍ତ



ଲାଞ୍ଜିଗଡ଼ (ଭାସ୍କର ନ୍ୟୁଜ୍): ଭାରତର ଅଗ୍ରଣୀ ସ୍ମେଲ୍ଟର-ଗ୍ରେଡ୍ ଆଲୁମିନା ଉତ୍ପାଦନକାରୀ ବେଦାନ୍ତ ଲାଞ୍ଜିଗଡ଼, ପ୍ରକଳ୍ପ ସଙ୍ଗମ ମାଧ୍ୟମରେ ସ୍ଥାୟୀ ଜୀବିକା ନିର୍ବାହ ପାଇଁ କାଳାହାଣ୍ଡିରେ ଏକ ପରିବର୍ତ୍ତନଶୀଳ କୃଷି ପଦକ୍ଷେପ ଗ୍ରହଣ କରିଛି। କମ୍ପାନୀ ସଫଳତାର ସହ ଷ୍ଟ୍ରବେରୀ ଚାଷ ଆରମ୍ଭ କରିଛି, ଯାହା ସ୍ଥାନୀୟ କୃଷକମାନଙ୍କୁ ଏକ ଲାଭଜନକ ଫସଲ ଉତ୍ପାଦନ ସୁଯୋଗ ସହିତ ଉପକୃତ କରିଛି ଏବଂ ଏହି ଅଞ୍ଚଳର କୃଷି ବିକାଶରେ ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିଛି। ଏହି ପଦକ୍ଷେପର ଗୁରୁତ୍ୱ ବିଷୟରେ ବେଦାନ୍ତ ଆଲୁମିନା ବିଜନେସର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ଆମେ ପ୍ରକଳ୍ପ ସଙ୍ଗମ ଭଳି ପରିବର୍ତ୍ତନଶୀଳ ପଦକ୍ଷେପ ମାଧ୍ୟମରେ ସ୍ଥାୟୀ ଜୀବିକା ନିର୍ବାହ ଏବଂ ସମ୍ପ୍ରଦାୟଗୁଡ଼ିକୁ ସଶକ୍ତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। କଳାହାଣ୍ଡି ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ବିଷ୍ଣୁ ପ୍ରସାଦ ସିଂହ କହିଛନ୍ତି ଯେ 'ବେଦାନ୍ତ ଲାଞ୍ଜିଗଡ଼ର ସହଯୋଗ ଏବଂ ସମର୍ଥନ ଦ୍ୱାରା ଷ୍ଟ୍ରବେରୀ ଚାଷ ଆରମ୍ଭ ଏକ ଉଲ୍ଲେଖନୀୟ ସଫଳତା ପାଇଛି। ସଙ୍ଗମ ପ୍ରକଳ୍ପ ଦ୍ୱାରା ୧୨୦୦ରୁ ଅଧିକ ସଦସ୍ୟଙ୍କ ଉପରେ ସକାରାତ୍ମକ ପ୍ରଭାବ ପଡ଼ିଛି, ଯାହାଦ୍ୱାରା ସେମାନେ ବିବିଧ କୃଷି କ୍ଷେତ୍ରକୁ ଅଧିକରୁ ଅଧିକ ଉନ୍ମୁକ୍ତ ହୋଇପାରିଛନ୍ତି।




# ଟିପିଏସ୍‌ଓଡିଏଲ୍‌ର କାର୍ଯ୍ୟାଳୟରେ ରୁଫଟପ୍ ସୋଲାର ପ୍ଲାଣ୍ଟ୍ ସ୍ଥାପନ

ବ୍ରହ୍ମପୁର: (ଭାସ୍କର ନ୍ୟୁଜ୍): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ଏହାର ତିନୋଟି କାର୍ଯ୍ୟାଳୟରେ ମୋଟ ୬୨.୭ କିଲୋୱାଟ କ୍ଷମତା ବିଶିଷ୍ଟ ରୁଫଟପ୍ ସୋଲାର ପ୍ଲାଣ୍ଟ ସ୍ଥାପନ କରାଯାଇଛି। ବ୍ରହ୍ମପୁରର ଆମ୍ବଗଡ଼ ସ୍ଥିତ ହ୍ୟାଣ୍ଡସ୍ ଅନ୍ ଟେକ୍ନିକାଲ ସେଣ୍ଟରରେ ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ ଯୋଗ ଦେଇ ଆନୁଷ୍ଠାନିକ ଭାବେ ସମ୍ପୃକ୍ତ ସୋଲାର ପ୍ଲାଣ୍ଟକୁ ଚାଲୁ କରିଥିଲେ। ଏହି ସ୍ୱଚ୍ଛ ଶକ୍ତି ଦ୍ୱାରା ଅଫିସର ଦୈନନ୍ଦିନ ବିଦ୍ୟୁତ ଆବଶ୍ୟକତା ପୂରଣ ହେବା ସହ ବଳକା ବିଜୁଳି ଗ୍ରୀଡକୁ ଯୋଗାଇ ହେବ। ଯାହା ଫଳରେ ଆଗାମୀ ୨୫ ବର୍ଷ ଭିତରେ ପାଖାପାଖି ୧୭୫୫ ଟନ୍ କାର୍ବନ ନିର୍ଗମନ ହ୍ରାସ ପାଇବ। ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, 'ଟିପିଏସ୍‌ଓଡିଏଲରେ ଆମେ ଅକ୍ଷୟ ଶକ୍ତିର ଉପଯୋଗ କରି ପରିବେଶ ଅନୁକୂଳ ଜୀବନଶୈଳୀକୁ ପ୍ରୋତ୍ସାହିତ କରୁଅଛୁ।






ଓଡ଼ିଶା ଭାସ୍କର
ODISHA BHASKAR

# ଖେଳ ଖବର





ମୁମ୍ବାଇ : ଭାରତୀୟ ଟିମ୍‌ର ପୂର୍ବତନ ଅଲରାଉଣ୍ଡର ଯୁବରାଜ ସିଂହ । କ୍ରିକେଟ ଜଗତରେ ସେ ସିକ୍ସର କିଙ୍ଗ ଭାବେ ଜଣାଶୁଣା । କ୍ରିକେଟରୁ ସନ୍ୟାସ ନେବା ପରେ ସେ ଏବେ ବ୍ୟବସାୟୀ ଭାବେ ମାର୍କେଟରେ ନିଜକୁ ପ୍ରସ୍ତୁତ କରୁଛନ୍ତି। ଯୁବିଙ୍କ ପାଖରେ ଏବେ ବଡ ବଡ ବ୍ୟବସାୟୀ କମ୍ପାନୀଙ୍କ ଭିଡ ଲାଗିଛି । ଯେଉଁଥିରୁ ସେ ଖୁବ୍ ପଇସା କମାଉଛନ୍ତି । ମିଡିଆ ରିପୋର୍ଟ ଅନୁସାରେ ଯୁବରାଜଙ୍କ ନେଟୱର୍ଥ ପାଖାପାଖି ୩୨୦ କୋଟି ଟଙ୍କା ଅଛି । ଯୁବିଙ୍କର ଅନେକ ଷ୍ଟାର୍ଟଅପ୍ ଆରମ୍ଭ କରିସାରିଲେଣି । ଯେଉଁଥିରୁ ଜବରଦସ୍ତ ଅର୍ଥ ଉପାର୍ଜୁଛନ୍ତି । ତାଙ୍କର ବ୍ୟକ୍ତିଗତ ପ୍ରପଟି ପାଖାପାଖି ୫୦ କୋଟିରୁ ଅଧିକ । ଯୁବରାଜ ସିଂହଙ୍କ ପାଖରେ ମୁମ୍ବାଇରେ ଦୁଇଟି ଆଲିସାନ ଆପାର୍ଟମେଣ୍ଟ ଅଛି । ନିକଟରେ ଭାରତୀୟ କ୍ରିକେଟ ଟିମ୍ ପୂର୍ବ ଦିଗ୍ଗଜ ଅଲରାଉଣ୍ଡର ଯୁବରାଜ ସିଂହ ଅଲଟ୍ରା ପ୍ରିମିୟମ ସ୍ପିରିଟ୍ ବ୍ରାଣ୍ଡ ଫିନୋ ଟକିଲା ଲଞ୍ଚ କରିଛନ୍ତି । ମାନେ ଏଣିକି ସେ ମଦ ବ୍ୟବସାୟରେ ନିବେଶ କରିବେ । ଏମିତିକି ପୁଳା ପୁଳା ରୋଜଗାର କରିବେ । ଯଦିଓ ଯୁବରାଜ ଅନେକ ବ୍ୟବସାୟୀଙ୍କ ସହ ମିଶି ଆମେରିକା ମାର୍କେଟରେ ଲଞ୍ଚ କରିଛନ୍ତି । ଯୁବି ଖୁବ୍ ଶୀଘ୍ର ଏହାକୁ ଭାରତରେ ଲଞ୍ଚ କରିବେ । ଏଥିପାଇଁ ପ୍ରସ୍ତୁତି ବି ଶେଷ ପର୍ଯ୍ୟାୟରେ ଚାଲିଛି । ଯୁବି ଏହି ବ୍ରାଣ୍ଡକୁ ଆମେରିକାର ଶିକାଗୋରେ ଆୟୋଜିତ ଗୋଟିଏ ଇଭେଣ୍ଟରେ ଲଞ୍ଚ କରିଥିଲେ । ୨୦୨୫ ଏପ୍ରିଲ୍ ଭିତରେ ଏହି ବ୍ୟବସାୟକୁ ଯୁବି ଭାରତ ଆଣିବାର ବହୁତ ସମ୍ଭାବନା ରହିଛି ।

### ଚାମ୍ପିଅନ୍ସ ଟ୍ରଫି ପାଇଁ ଅର୍ଥ ରାଶି ଘୋଷଣା

# ଆଇସିସି ଖର୍ଚ୍ଚ କରିବ ୬୦କୋଟି



ନୂଆଦିଲ୍ଲୀ: ଆଇସିସି ଚାମ୍ପଅନ୍ସ ସିପ୍ ଆଉ ମାତ୍ର କେତେଟା ଦିନ ପରେ ଆରମ୍ଭ ହେବା। ଏହି ମେଘା ଇଭେଣ୍ଟ ପାଇଁ ଅର୍ଥ ରାଶି ଘୋଷଣା କରିଛି ଆଇସିସି। ଯାହାଫଳରେ ଖେଳାଳି ମାଲାମାଲ୍ ହୋଇଯିବେ। ୨୦୧୭ରେ ଅନୁଷ୍ଠିତ ହୋଇଥିବା ଚାମ୍ପିଅନ୍ସ ଟ୍ରଫିର ପୁରସ୍କାର ରାଶି ତୁଳନାରେ ଚଳିତ ବର୍ଷ ୫୩ ପ୍ରତିଶତ ଅଧିକ ପୁରସ୍କାର ରାଶି ଘୋଷଣା କରିଛି ଆଇସିସି । ଆଇସିସି ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୬.୯ ମିଲିୟନ ଡଲାର (ପ୍ରାୟ ୬୦ କୋଟି ଟଙ୍କା) ପୁରସ୍କାର ରାଶି ବଣ୍ଟନ କରିବ। ସୂଚନାଥାଉକି, ଫେବୃଆରୀ ୧୯ରୁ ମାର୍ଚ୍ଚ ୯ ତାରିଖ ଯାଏଁ ଏହି ଟୁର୍ଣ୍ଣାମେଣ୍ଟ ପାକିସ୍ତାନ ଓ ଦୁବାଇରେ ହାଇବ୍ରିଡ୍ ମଡେଲରେ ଖେଳାଯିବ । ତେବେ ଚାମ୍ପିଅନ୍ସ ଟ୍ରଫି ୨୦୨୫ ବିଜେତା ଦଳ ୨.୨୪ ମିଲିୟନ ଡଲାର (ପ୍ରାୟ ୧୯.୪୫ କୋଟି ଟଙ୍କା) ପୁରସ୍କାର ରାଶି ପାଇବେ ଏବଂ ଉପବିଜେତା ୧.୧୨ ମିଲିୟନ ଡଲାର (ପ୍ରାୟ ୯.୭୩ କୋଟି ଟଙ୍କା) ପୁରସ୍କାର ରାଶି ପାଇବ। ଉଭୟ ପରାଜିତ ସେମିଫାଇନାଲ ଦଳ ସମାନ ପରିମାଣର ୫,୬୦,୦୦୦ ଡଲାର (ପ୍ରାୟ ୪.୮୬ କୋଟି ଟଙ୍କା) ପାଇବେ। ଖବରମୁତାବକ, ପଞ୍ଚମ ଏବଂ ଷଷ୍ଠ ସ୍ଥାନ ଅଧିକାର କରୁଥିବା ଦଳଗୁଡ଼ିକୁ ସମାନ ପରିମାଣର ୩୫୦୦୦୦ ଡଲାର (ପ୍ରାୟ ୩.୦୪ କୋଟି ଟଙ୍କା), ସପ୍ତମ ଏବଂ ଅଷ୍ଟମ ସ୍ଥାନ ଅଧିକାର କରୁଥିବା ଦଳଗୁଡ଼ିକୁ ସମାନ ପରିମାଣର ୧୪୦୦୦୦ ଡଲାର (ପ୍ରାୟ ୧.୨୨ କୋଟି ଟଙ୍କା) ମିଳିବ। ଏହା ବ୍ୟତୀତ ସମସ୍ତ ଆଠଟି ଦଳକୁ ୧୨୫୦୦୦ ଡଲାର (ପ୍ରାୟ ୧.୦୯ କୋଟି ଟଙ୍କା) ଗ୍ୟାରେଣ୍ଟି ଦିଆଯିବ। ଅର୍ଥାତ୍ ସମସ୍ତ ଆଠଟି ଦଳକୁ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ ପାଇଁ ପ୍ରାୟ ୧.୦୯ କୋଟି ଟଙ୍କା ମିଳିବ । ସୂଚନାଥାଉକି, ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ ୧୯ ଫେବୃଆରୀରେ କରାଚି ଠାରେ ପାକିସ୍ତାନ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯିବ । ଟିମ୍ ଇଣ୍ଡିଆ ତାର ପ୍ରଥମ ମ୍ୟାଚ୍ ୨୦ ଫେବୃଆରୀରେ ଦୁବାଇରେ ବାଂଲାଦେଶ ବିପକ୍ଷରେ ଖେଳିବ।




କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେବାକୁ ଥିବା ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍ ଅବ୍ୟବହିତ ପୂର୍ବରୁ ସାମ୍ବାଦିକ ସମ୍ମିଳନୀରେ ଉଭୟ ପୁରୁଷ ଓ ମହିଳ ଦଳର କ୍ୟାପ୍‌ଟେନ୍

## ବିସିସିଆଇର ନୂଆ ନିୟମ ବାଦ ପଡିଲେନି ଗମ୍ଭୀର

ନୂଆଦିଲ୍ଲୀ: ଟିମ ମଧ୍ୟରେ ମତଭେଦ ବଢ଼ିବା ଯୋଗୁ ଭାରତୀୟ କ୍ରିକେଟ କଂଟ୍ରୋଲ ବୋର୍ଡ କେତେକ କଠୋର ନିୟମ ଲାଗୁ କରିଛି । ଏହି ନିୟମ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜରୁ ପ୍ରାୟତଃ ଲାଗୁ ହୋଇ ସାରିଛି। କୋଚ ଏବଂ ଖେଳାଳିଙ୍କ ପାଇଁ ଏହା ଲାଗୁ କରାଯାଇଛି । ଗମ୍ଭୀରଙ୍କ ସମେତ ଅନ୍ୟମାନେ ନିଜ ସହାୟକ ରଖୁଥିଲେ। ଏବେ ଏହା ସେମାନେ ଆଉ କରିପାରିବେ ନାହିଁ। ଯିଏ ପର୍ସନାଲ ଆସିଷ୍ଟାଣ୍ଟ ରଖିବ ତାହାର ସମସ୍ତ ଖର୍ଚ୍ଚ ସମ୍ପୃକ୍ତ ବ୍ୟକ୍ତି ବହନ କରିବ। ଭାରତୀୟ ଟିମ ଏବେ ଚାମ୍ପିୟନ୍ସ ଟ୍ରଫି ଖେଳିବା ପାଇଁ ଦୁବାଇ ଯିବେ। ବିସିସିଆଇର ନୂତନ ୧୦ ନିର୍ଦ୍ଦେଶାବଳୀ ଏଥିରେ ଲାଗୁ ହେବ। ପୂର୍ବରୁ ଟିମ ଇଣ୍ଡିଆର ଡ୍ରେସିଂ ରୁମ ଖବର ଲିକ ହେବାରେ ଲାଗିଥିଲା। ଏହାଦ୍ୱାରା ଖେଳାଳିଙ୍କ ମଧ୍ୟରେ ମତଭେଦ ମଧ୍ୟ ସୃଷ୍ଟି ହୋଇଥିଲା। ଟିମ ମଧ୍ୟରେ ଏକତା ରଖିବା ପାଇଁ ବୋର୍ଡ ବାଧ୍ୟ ହୋଇ ଏହି ନିୟମାବଳୀ ଜାରୀ କରିଛି। ଟିମ ବସରେ ଏକତ୍ର ଯିବା, ଅଭ୍ୟାସ ସେଶନରେ ସମସ୍ତ ଖେଳାଳି ଉପସ୍ଥିତ ରହିବା ଓ ପରିବାର ସଦସ୍ୟଙ୍କ ନେବା ଉପରେ ମଧ୍ୟ କଟକଣା ଲଗା ଲଗାଯାଇଛି । ଅଧିନାୟକ ରୋହିତ ଶର୍ମା କିଛି ନିୟମକୁ କୋହଳ କରିବା ପାଇଁ କହିଥିଲେ ମଧ୍ୟ ବୋର୍ଡ ଏଥିପ୍ରତି ଗୁରୁତ୍ୱ ଦେଇ ନାହିଁ ।

### ନ୍ୟାସ୍‌ନାଲ ଗେମ୍ସରେ ଓଡ଼ିଶାକୁ ୪୬ ପଦକ

# କ୍ରୀଡ଼ାବିତମାନେ ହେଉଛନ୍ତି ଆମ ଗର୍ବ ଓ ଗୌରବ: କ୍ରୀଡ଼ାମନ୍ତ୍ରୀ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଉତ୍ତରାଖଣ୍ଡରେ ଆୟୋଜିତ ହୋଇଥିବା ୩୮ତମ ନ୍ୟାସନାଲ ଗେମ୍ସରେ ଓଡ଼ିଶାର କ୍ରୀଡ଼ାବିତମାନେ ୪୬ଟି ପଦକ ହାସଲ କରିଛନ୍ତି। ଏଥିମଧ୍ୟରୁ ୧୪ଟି ସ୍ୱର୍ଣ୍ଣ ପଦକ, ୧୫ଟି ରୌପ୍ୟ ପଦକ ଏବଂ ୧୭ଟି କାଂସ୍ୟ ପଦକ ରହିଛି। ନ୍ୟାସନାଲ ଗେମ୍ସରେ ସର୍ବ ଭାରତୀୟ ସ୍ତରରେ ଓଡ଼ିଶା ୧୨ତମ ସ୍ଥାନ ହାସଲ କରିଛି। ଏଥିସହ ଓଡ଼ିଶା ଟପ୍ ୧୫ରେ ମଧ୍ୟ ସ୍ଥାନ ପାଇଛି। ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଓଡ଼ିଶାର କ୍ରୀଡ଼ାବିତଙ୍କ ପାଇଁ ୬ଲକ୍ଷ, ରୌପ୍ୟ ପଦକ ପାଇଁ ୪ ଲକ୍ଷ ଓ କାଂସ୍ୟ ପଦକ ପାଇଁ ୩ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ୩୮ତମ ନ୍ୟାସନାଲ ଗେମ୍ସରେ କ୍ରୀଡ଼ାବିତମାନଙ୍କ ଉଲ୍ଲେଖନୀୟ ସଫଳତା ସମ୍ବନ୍ଧରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, ଚଳିତ ବର୍ଷ ଜାତୀୟ କ୍ରୀଡ଼ାରେ ଓଡ଼ିଶା ଟପ୍ ୧୫ରେ ସ୍ଥାନ ପାଇଛି। ଓଡ଼ିଶାକୁ ଏଥର ସର୍ବମୋଟ ୪୬ଟି ପଦକ ଏବଂ ୧୪ଟି ସ୍ୱର୍ଣ୍ଣ ପଦକ ମିଳିଛି। ମୁଁ ସମସ୍ତ କ୍ରୀଡ଼ାବିତମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଆମ କ୍ରୀଡ଼ାବିତମାନେ ହେଲେ ଆମ ଗର୍ବ ଓ ଗୌରବ। ସୂଚନାଯୋଗ୍ୟ ଯେ, ୩୮ତମ ନ୍ୟାସନାଲ ଗେମ୍ସରେ ଓଡ଼ିଶାରୁ ୩୦୨ଜଣ ଆଥଲିଟ ଓ ୭୫ ଜଣ ସପୋର୍ଟ ଷ୍ଟାଫ୍ ଯୋଗଦେଇଥିଲେ। ଓଡ଼ିଶାର ଧାବକ ଅନିମେଷ କୁଜୁରଙ୍କୁ ୩ଟି ସ୍ୱର୍ଣ୍ଣ, ଜିମନାଷ୍ଟିକ କ୍ରୀଡ଼ାବିତ ରାକେଶ ପାତ୍ରଙ୍କୁ ୨ଟି ସ୍ୱର୍ଣ୍ଣ, ଜିମନାଷ୍ଟିକ କ୍ରୀଡ଼ାବିତ ପ୍ରଣତୀ ନାୟକଙ୍କୁ ୧ଟି ସ୍ୱର୍ଣ୍ଣ, ୧ଟି ରୌପ୍ୟ ଓ ୨ଟି କାଂସ୍ୟ, ସାଇକ୍ଲିଷ୍ଟ ସ୍ୱସ୍ତି ସିଂଙ୍କୁ ୧ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ୨ଟି କାଂସ୍ୟ ପଦକ ମିଳିଛି। ଏଥିସହ ବିଭିନ୍ନ ବର୍ଗରେ ଓଡ଼ିଶାର କ୍ରୀଡ଼ାବିତମାନେ ନୂତନ ନ୍ୟାସନାଲ ଗେମ୍ସ ରେକର୍ଡ ମଧ୍ୟ ସୃଷ୍ଟି କରିଛନ୍ତି।

## ମା’ କିଚକେଶ୍ୱରୀ ୟୁଥ୍ କ୍ଲବର ବାର୍ଷିକ କ୍ରୀଡା ଉତ୍ସବ



କରଞ୍ଜିଆ (ଭାସ୍କର ନ୍ୟୁଜ୍): କରଞ୍ଜିଆ ବ୍ଲକ ରସମତଳା ଗ୍ରାମପଞ୍ଚାୟତର ମଣ୍ଡୁଆ ଗ୍ରାମରେ ମାଆ କିଚକେଶ୍ୱରୀ ୟୁଥ କ୍ଲବର ୨ଦିବସୀୟ ୫ମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଆଜି ଉଦ୍‌ଯାପିତ ହୋଇଯାଇଛି। ଆଜି ମାଆ କିଚକେଶ୍ୱରୀ ୟୁଥ କ୍ଲବର ସଭାପତି ଜିତେନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ରୂପେ କେନ୍ଦୁଝର ସାଂସଦଙ୍କ ପ୍ରତିନିଧି ଆଶିଷ କୁମାର ନାଏକ, ରସମତଳା ସରପଞ୍ଚ ତରୁଲତା ନାଏକ, ପୂର୍ବତନ ସରପଞ୍ଚ ଗଙ୍ଗାଧର ନାଏକ, ଯୁବ ସାମ୍ବାଦିକ ଜିତେନ୍ଦ୍ର ରାଜ, ଦିନେଶ କୁମାର ଦାସ, ଏସ କେ ଅଜିଜ ପ୍ରମୁଖ ଯୋଗଦେଇଥିଲେ। କ୍ଲବର ବରିଷ୍ଠ ସଦସ୍ୟ ଏସ.କେ ଅଜିଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ବାର୍ଷିକ ପ୍ରତିଯୋଗିତା ରେ ଦୌଡ଼, ଲମ୍ଫଡ଼ିଆ, ବମ ବ୍ଲାଷ୍ଟ,ବରିଷ୍ଠ ବ୍ୟକ୍ତିଙ୍କ ଦୌଡ଼, ଦାଣ୍ଡା ନୃତ୍ୟ ପ୍ରତିଯୋଗିତା ସହିତ ଅନ୍ୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅତିଥି ମାନଙ୍କ ଦ୍ୱାରା ସମସ୍ତ କୃତି ପ୍ରତିଯୋଗିତା ଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହି ମାଆ କିଚକେଶ୍ୱରୀ ୟୁଥ କ୍ଲବର ୫ମ ବାର୍ଷିକ କ୍ରୀଡା ପ୍ରତିଯୋଗିତାକୁ କ୍ଲବର ସହଦେବ ମହାନ୍ତ, ଭାସ୍କର ମହାନ୍ତ, ସୁନୀଲ ମହାନ୍ତ, ସୁଭାଶିଷ ମହାନ୍ତ, ଅନନ୍ତ ମହାନ୍ତ, କ୍ଷିତୀଶ ଚନ୍ଦ୍ର ମହାନ୍ତ, ବିକାଶ ମହାନ୍ତଙ୍କ ସହିତ ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ କ୍ଲବର ସମ୍ପାଦକ ଦିଲ୍ଲୀପ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଜୀ ଶ୍ୟାମଳ ରାଓ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ବ୍ରଜରାଜନଗର (ଭାସ୍କର ନ୍ୟୁଜ): ବ୍ରଜରାଜନଗର ଆମ୍ବିସନ୍ କ୍ଲବ୍ ଓରେଣ୍ଟ୍ ଖେଳ ପଡିଆରେ ଜୀ ଶ୍ୟାମଳ ରାଓ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବିଭିନ୍ନ ୯ ଗୋଟି ଦଳ ଅଂଶ ଗ୍ରହଣ କରିଛନ୍ତି। ଶୁକ୍ରବାର ଉଦ୍‌ଘାଟନୀ ମ୍ୟାଚରେ ଆମ୍ବିସନ କ୍ରିକେଟ୍ କ୍ଲବ୍ ବ୍ରଜରାଜନଗରର ଖେଳାଳି ଓ ବ୍ରଜରାଜନଗର ଇଲେଭେନ ମଧ୍ୟରେ ହୋଇଥିଲା। ଏହି ଉଦ୍‌ଘାଟନୀ ଉତ୍ସବରେ ଓରିଏଣ୍ଟ ମହାପ୍ରବନ୍ଧକ ଅଜୟ ନାମାଯୋଷୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା କ୍ରିକେଟ୍ ସଂଘର ସଭାପତି ପ୍ରଜ୍ୱଲ୍ ପଟେଲ, ଓଡ଼ିଶା କ୍ରିକେଟ ଆସୋସିଏସନ୍ ସମ୍ପାଦକ ମେହେତାବ ଖାନ, ଯୁଗ୍ମ ସମ୍ପାଦକ ପ୍ରଶାନ୍ତ ଜେନା, ବରିଷ୍ଠ କ୍ରିକେଟ ଖେଳାଳି ତୁଳସୀ ରାଓ ଉପସ୍ଥିତ ଥିଲେ। ସଂଯୋଜକ ଭାବେ ଅନିରୁଦ୍ଧ କେଉଟ, ଅଶୋକ ପ୍ରଧାନ, ଟିଟୁ ପରିଡ଼ା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଗଣେଶ ମୋରେଇ ଓ ବିଭୂତି ପାତ୍ର ଖେଳ ପରିଚାଳନା କରିଥିଲେ। ଏହି ଖେଳରେ ଜି ଶ୍ୟାମଳ ରାଓ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସମସ୍ତ ସଦସ୍ୟ ବିଶେଷ ଭାବରେ ସହଯୋଗ କରିଥିଲେ।

# ମା’ ଗ୍ରାମେଶ୍ୱରୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ: ପରଜଙ୍ଗ ଚାମ୍ପିଅନ୍

ପରଜଙ୍ଗ(ଭାସ୍କର ନ୍ୟୁଜ୍): ପରଜଙ୍ଗ ପଞ୍ଚାୟତ ଜହ୍ନାପଡ଼ା ଗ୍ରାମ ଖେଳ ପଡିଆରେ ମା’ ଗ୍ରାମେଶ୍ୱରୀ କ୍ରିକେଟ କ୍ଲବ୍ ଆନୁକୁଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଚଳିତ ବର୍ଷ ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ ଟି ଦଳ ଅଂଶ ଗ୍ରହଣ କରିଥିଲେ। ୩ଟି ପର୍ଯ୍ୟାୟ ବିଶିଷ୍ଟ ଫାଇନାଲ ମ୍ୟାଚ ପରଜଙ୍ଗ କ୍ରିକେଟ କ୍ଲବ୍ ଓ ତାଳଚେର ବଡଯୋରାଡା କ୍ରିକେଟ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପଡ଼ିଆର ପ୍ରଥମ ମ୍ୟାଚ ୧୦ ଓଭର ଖେଳ ଅନୁଷ୍ଠିତ ହୋଇଥିବା ବେଳେ ପରଜଙ୍ଗ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୦ ଓଭର ଶେଷ ସୁଦ୍ଧା ୪ ୱିକେଟ ହରାଇ ୧୧୦ ରନ ସଂଗ୍ରହ କରିଥିବା ବେଳେ ଜବାବରେ ବଡଯୋରଡା ଟିମ୍ ୧୦ ଓଭର ଶେଷ ସୁଦ୍ଧା ୮ ୱିକେଟ ହରାଇ ୮୭ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲେ । ପଡ଼ିଆର ଦ୍ୱିତୀୟ ମ୍ୟାଚ ୮ ଓଭର ବିଶିଷ୍ଟ ଖେଳ ଅନୁଷ୍ଠିତ ହୋଇଥିଲା । ବଡଯୋରଡା ଟିମ୍ ପ୍ରଥମେ ବ୍ୟାଟିଂ କରି ୮ ଓଭର ଶେଷ ସୁଦ୍ଧା ୭ ୱିକେଟ ହରାଇ ୧୧୮ ରନ ସଂଗ୍ରହ କରିଥିଲେ ,ଜବାବରେ ପରଜଙ୍ଗ ଟିମ୍ ୮ ଓଭର ଶେଷ ସୁଦ୍ଧା ୫ ୱିକେଟ ହରାଇ ୮୬ ରନ ସଂଗ୍ରହ କରି ପରାଜିତ ହୋଇଥିଲେ । ତୃତୀୟ ତଥା ଅନ୍ତିମ ମ୍ୟାଚ ୨ ଓଭର ବିଶିଷ୍ଟ ଖେଳ ଅନୁଷ୍ଠିତ ହୋଇଥିଲା। ।ପରଜଙ୍ଗ ଟିମ୍ ପ୍ରଥମେ ବ୍ୟାଟିଂ କରି ୨ ଓଭରରେ ୨ ୱିକେଟ ହରାଇ ୨୯ ରନ ସଂଗ୍ରହ କରିଥିବା ବେଳେ ଜବାବରେ ବଡଯୋରଡା ଟିମ୍ ୩ ୱିକେଟ ହରାଇ ୨୬ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲେ ।ଫଳରେ ପରଜଙ୍ଗ ଟିମ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲେ । ଉଦଯାପନୀ ଉତ୍ସବରେ ଅଞ୍ଚଳର ଜଣାଶୁଣା ବୟୋଜ୍ୟେଷ୍ଠ ବ୍ୟକ୍ତି ତଥା ଜହ୍ନାପଡ଼ା ଗ୍ରାମର ତଅଁଲୁ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପରଜଙ୍ଗ ଗ୍ରାମର ସଭାପତି ଶାନ୍ତନୁ କୁମାର ସାମଲ ଓରଫ ଜିତୁ , ସାନଭି ହୋଲସେଲିଂ ସେଣ୍ଟର ପ୍ରୋପାଇଟର ବିଶ୍ୱଜିତ୍ ନାୟକ ଓରଫ୍ ଲିଲୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ମ୍ୟାନ ଅଫ ଦି ମ୍ୟାଚ୍ , ମ୍ୟାନ ଅଫ ଦି ସିରିଜ ପରଜଙ୍ଗ ଟିମ୍ ସପକ୍ଷରେ ଯାଇଥିବା ବେଳେ ବେଷ୍ଟ ବୋଲର ଓ ବେଷ୍ଟ ବ୍ୟାଟ୍ସମ୍ୟାନ୍ ବଡଯୋରଡା ଟିମ୍ ସପକ୍ଷରେ ଯାଇଥିଲା । ନିରୋଦ କୁମାର ଦାସ ଓରଫ ବାବୁଲି ଓ ଚିନ୍ମୟ ସାହୁ ଓରଫ ଟନି ଖେଳ ପରିଚାଳନା କରିଥିବା ବେଳେ ଅମିତ୍ ନାୟକ ଧାରାବିବରଣି ଓ ସୌରଭ ସାହୁ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ । ଟୁର୍ଣ୍ଣାମେଣ୍ଟ ଆରମ୍ଭରୁ ଅନ୍ତିମ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ପଡିଆକୁ ପରିଷ୍କାର ପରିଚ୍ଛନ୍ନତା ରଖିଥିବା ଗ୍ରାମର ମାମାଲି ବିଶ୍ୱାଳ ,ଶୁଭଶ୍ରୀ ପ୍ରିୟଦର୍ଶିନୀ ନାୟକ ଓ ଯଶୋବନ୍ତ ନାୟକ ( ତପୁ)ଙ୍କୁ ଆୟୋଜକ ପକ୍ଷରୁ ଟ୍ରଫି ପ୍ରଦାନ କରିଥିଲେ । ପରିଶେଷରେ ରନର୍ସ ଦଳକୁ ସାନଭି ସେଣ୍ଟର ପ୍ରୋପାଇଟର ଲିଲୁ ଟ୍ରଫି ସହ ଅର୍ଥ ରାଶି ପ୍ରଦାନ କରିଥିବା ବେଳେ ଚାମ୍ପିଅନ ଦଳକୁ ମୁଖ୍ୟ ଅତିଥି ଟ୍ରଫି ସହ ଅର୍ଥ ରାଶି ପ୍ରଦାନ କରିଥିଲେ । ଅମୂଲ୍ୟ କୁମାର ସାହୁ ଅତିଥି ପରିଚୟ ଦେଇ ମଞ୍ଚ ସଞ୍ଚାଳନ କରିଥିଲେ ।



## ବିକାଶ ଧାରାରେ ପଞ୍ଚାୟତ ସମିତି,ରାଇଘର, ଜିଲ୍ଲା-ନବରଙ୍ଗପୁର

ଓଡିଶାର ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ନବରଙ୍ଗପୁରର ଏକ ସୀମାନ୍ତବର୍ତ୍ତୀ ବ୍ଲକ ରାଇଘର ଅଟେ । ଚଳିତ ଆର୍ଥିକ ବର୍ଷ ଅର୍ଥାତ ୨୦୨୪-୨୫ ରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ଯୋଜାନା (MGNREGS) ମାଧ୍ୟମରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପାଦନ କରି ଉଲ୍ଲେଖନୀୟ ସଫଳତା ହାସଲ କରିପାରିଛି । ୨୦୨୪-୨୫ ଆର୍ଥିକ ବର୍ଷରେ ମୋଟ ୧୩,୬୦,୭୧୧ ଲକ୍ଷ ଶ୍ରମ ଦିବସ ଲକ୍ଷ୍ୟ ଧାର୍ଯ୍ୟ କରଯାଇଥିଲା ଏବଂ ମୋଟ ୩,୩୪,୫୯୪ ଶ୍ରମ ଦିବସ ଅଣ କୁଶଳୀ ଶ୍ରମିକଙ୍କୁ ଯୋଗାଇ ଦିଆଯାଇ ଏହି ଯୋଜାନାର ସଫଳ ରୂପାୟନ କରିବା ସହ ପ୍ରଗତି ପଥେ ଆଗେଇ ଚାଲିଛି । ଏଯାବତ, ସମୁଦାୟ ୪୦୨ ପରିବାରଙ୍କୁ ୧୦୦ ଦିନର କାର୍ଯ୍ୟ ସଂପୂର୍ଣ୍ଣ କରି ସାରିଥିବା ବେଳେ ଅନ୍ୟ ପରିବାର ବର୍ଗଙ୍କୁ ମଧ୍ୟ ଏଥିରେ ସାମିଲ କରିବା ପାଇଁ ଲକ୍ଷ ରକ୍ଷା ଯାଉଅଛି ।

ଅଧିକନ୍ତୁ ,ସମସ୍ତ ଅଣକୁଶଳୀ ଶ୍ରମିକ ମାନଙ୍କୁ ଅନୁରୋଧ କରାଯାଉଅଛି କି ସେମାନେ ବାହାର ରାଜ୍ୟକୁ ନ ଯାଇ , ନିଜ ଗ୍ରାମରେ ଚାଲୁଥିବା ମନରେଗା (MGNREGS) କାମରେ ନିୟୋଜିତ ହୋଇ ନିଜକୁ ତଥା ନିଜ ପରିବାରକୁ ଅଧିକ ସକ୍ଷମ କରାଇବା ସହ ଏହି ଯୋଜାନାର ସୁଫଳ ଲାଭ କରନ୍ତୁ ।

Block Development Officer
ଗୋଷ୍ଠୀ ଉନ୍ନୟନ ଅଧିକାରୀ,ରାଇଘର

### ସହିଦ ରଞ୍ଜନ ସରଙ୍ଗୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଫାଇନାଲ୍‌ରେ ବ୍ଲାକ୍ ପାନ୍ଥର ଓ ଲୟଲ ଲାୟନ



ପୁରୀ (ଭାସ୍କର ନ୍ୟୁଜ) : ସହିଦ ହାବିଲଦାର ରଞ୍ଜନ ସରଙ୍ଗୀ ନାମରେ ଅଷ୍ଟମ ସଂସ୍କରଣ କ୍ରିକେଟ ଖେଳ ପୁରୀ ପୋଲିସ ଲାଇନ ପଡିଆରେ ଆରକ୍ଷୀ ଅଧିକ୍ଷକ ଭିନୀତ ଅଗ୍ରୱାଲ ଉଦ୍‌ଘାଟନ କରିଥିଲେ। ବ୍ଲାକ ପାନ୍ଥର ବନାମ ହଣ୍ଟର ଚିତା ମଧ୍ୟରେ ପ୍ରତିଯୋଗିତାରେ ବ୍ଲାକ ପାନ୍ଥର ଅଧିନାୟକ ଦୁଷ୍ମନ୍ତ ସାହୁ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ, ଏହା ସହ ହଣ୍ଟର ଚିତା ଅଧିନାୟକ ସତ୍ୟ ବ୍ୟାଟିଂ କରିଥିଲେ । ହଣ୍ଟର ଚିତା ରମେଶଙ୍କ ଧୂଆଁଧାର ୫୮ ରନରେ ଦଳ ୧୬ ଓଭରରେ ୧୯୦ ରନ କରିଥିଲେ। ୧୯୧ ରନକୁ ପିଛା କରି ବ୍ଲାକ ପାନ୍ଥରର ରାଜା ପଣ୍ଡା ୩୨ ବଲରେ ୫୯, ଉଦିତ ୨୨ ବଲରେ ୩୫, ହିମାଂଶୁ ଶେଷ ବଲରେ ୭ ରନ ଆବଶ୍ୟକ ଥିବାବେଳେ ଏକ ଛକା ମାରି ମ୍ୟାଚକୁ ସୁପର ଓଭର କରିଥିଲେ। ବ୍ଲାକ ପାନ୍ଥର ଏହି ସୁପର ଓଭରରେ ପ୍ରଥମେ ବ୍ୟାଟିଂ କରି ୧୫ ବିଜୟ ଲକ୍ଷ୍ୟ ଦେଇଥିଲେ। ହଣ୍ଟର ଚିତା ୧୩ ରନ କରିଥିଲେ। ଯାହାଫଳରେ ବ୍ଲାକ ପାନ୍ଥର ଫାଇନାଲକୁ ପ୍ରବେଶ କରିଛନ୍ତି। ଏହି ଫାଇନାଲ ମ୍ୟାଚ ଆସନ୍ତା ୧୯ ତାରିଖରେ ଖେଳ ହେବ ବ୍ଲାକ ପାନ୍ଥର ବନାମ ଲୟଲ ଲାୟନ। ଆରଇ ଚିତ୍ତରଞ୍ଜନ ମହାନ୍ତି, ପୋଲିସ ସଂଘ ସଭାପତି ସନ୍ତୋଷ ମହାନ୍ତି, ଉପ-ସଭାପତି ସନ୍ତୋଷ ସାହୁ, ସେକେଟରୀ ସୂର୍ଯ୍ୟତାପ ଜେନା, କୋଷାଧ୍ୟକ ଦିଲୀପ ଭୋଇ, ପ୍ରହଲ୍ଲାଦ ଭୋଇ, ଆଲୋକ ମିଶ୍ର ପ୍ରଶାନ୍ତ ବିଶ୍ୱାଳ, ରଞ୍ଜନ ପଲେଇ, ଅଂଶୁମାନ ପ୍ରଧାନ, ତ୍ରିଲୋଚନ ହୋତା ଓ ଶୁଭ୍ରଜୀତୀ ବରାଳ ଉପସ୍ଥିତ ରହି ଖେଳକୁ ସୁଚାରୁପେ ପରିଚାଳନା କରିଥିଲେ। ସୂଚନା ଥାଉ କି ରଞ୍ଜନ ସରଙ୍ଗୀ ବ୍ରହ୍ମଗିରିରେ ବୋମା ନିଷ୍କ୍ରିୟ କରିବାକୁ ଯାଇ ବିସ୍ଫୋରଣରେ ସହିଦ ହୋଇଥିଲେ।

## ଏଆର୍‌ଏସ୍‌ଏସ୍ ଇନ୍‌ଫ୍ରାଷ୍ଟ୍ରକ୍ଚର୍ ପ୍ରୋଜେକ୍ଟ୍‌ସ୍ ଲିମିଟେଡ୍

ARSS

ପଞ୍ଜିକୃତ କାର୍ଯ୍ୟାଳୟ: ପ୍ଲଟ୍ ନଂ.: ୩୮, ସେକ୍ଟର-ଏ, ଜୋନ୍-ଡି, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଭୁବନେଶ୍ୱର, ଓଡ଼ିଶା-୭୫୧୦୧୦
କର୍ପୋରେଟ କାର୍ଯ୍ୟାଳୟ: ଏଆର୍‌ଏସ୍‌ଏସ୍ ମଲ, ପ୍ଲଟ୍ ନଂ.: ୪୦, କମ୍ୟୁନିଟି ସେଣ୍ଟର, ବ୍ଲକ୍-ଏ, ପଶ୍ଚିମ ବିହାର, ଜ୍ୱାଲାହେରି ମାର୍କେଟ ବିପରୀତ, ନୂଆ ଦିଲ୍ଲୀ-୧୧୦୦୬୩,
ଇ-ମେଲ: cs@arssgroup.in, ୱେବ୍‌ସାଇଟ୍: www.arssgroup.in, CIN: L14103OR2000PLC006230

### ୩୧ ଡିସେମ୍ବର ୨୦୨୪ ସୁଦ୍ଧା ଶେଷ ହୋଇଥିବା ତ୍ରୈମାସିକ ଏବଂ ନଅ ମାସିକ ପୃଥକ୍ ଏବଂ ଏକୀକୃତ ଅଣସମୀକ୍ଷିତ ଆର୍ଥିକ ଫଳାଫଳର ସାରାଂଶ

ଆର୍ଥିକ ଫଳାଫଳର ମୁଖ୍ୟ ଅଂଶଗୁଡିକ (ଟଙ୍କା ଲକ୍ଷରେ)

| କ୍ର. ନଂ. | ବିବରଣୀ | ପୃଥକ ଆର୍ଥିକ ବିବରଣୀ (Standalone) | | | | | | ଏକୀକୃତ ଆର୍ଥିକ ବିବରଣୀ (Consolidated) | | | | | |
|---|---|---|---|---|---|---|---|---|---|---|---|---|---|
| | | ଶେଷ ହୋଇଥିବା ତ୍ରୈମାସିକ | | | ଶେଷ ହୋଇଥିବା ନଅ ମାସିକ | | ଶେଷ ହୋଇଥିବା ବର୍ଷ | ଶେଷ ହୋଇଥିବା ତ୍ରୈମାସିକ | | | ଶେଷ ହୋଇଥିବା ନଅ ମାସିକ | | ଶେଷ ହୋଇଥିବା ବର୍ଷ |
| | | ୩୧.୧୨.୨୦୨୪ | ୩୦.୦୯.୨୦୨୪ | ୩୧.୧୨.୨୦୨୩ | ୩୧.୧୨.୨୦୨୪ | ୩୧.୧୨.୨୦୨୩ | ୩୧.୦୩.୨୦୨୪ | ୩୧.୧୨.୨୦୨୪ | ୩୦.୦୯.୨୦୨୪ | ୩୧.୧୨.୨୦୨୩ | ୩୧.୧୨.୨୦୨୪ | ୩୧.୧୨.୨୦୨୩ | ୩୧.୦୩.୨୦୨୪ |
| | | (ଅଣସମୀକ୍ଷିତ) | (ଅଣସମୀକ୍ଷିତ) | (ଅଣସମୀକ୍ଷିତ) | (ଅଣସମୀକ୍ଷିତ) | (ଅଣସମୀକ୍ଷିତ) | (ସମୀକ୍ଷିତ) | (ଅଣସମୀକ୍ଷିତ) | (ଅଣସମୀକ୍ଷିତ) | (ଅଣସମୀକ୍ଷିତ) | (ଅଣସମୀକ୍ଷିତ) | (ଅଣସମୀକ୍ଷିତ) | (ସମୀକ୍ଷିତ) |
| ୧. | କାର୍ଯ୍ୟରୁ ମୋଟ ଆୟ | ୧,୯୫୫.୩୦ | ୩,୩୬୬.୪୬ | ୭,୫୪୦.୧୯ | ୧୩,୯୯୯.୨୯ | ୨୧,୬୧୯.୯୧ | ୩୨,୦୮୭.୧୭ | ୧,୯୫୫.୩୦ | ୩,୩୬୬.୪୬ | ୭,୫୪୦.୧୯ | ୧୩,୯୯୯.୨୯ | ୨୧,୬୧୯.୯୧ | ୩୨,୦୮୭.୧୭ |
| ୨. | ଟିକସ ପୂର୍ବରୁ (ବିଶେଷ ଏବଂ/କିମ୍ବା ଅସାଧାରଣ ଆଇଟମ୍) ନେଟ୍ ଲାଭ/(କ୍ଷତି) | ୧୧.୫୦ | ୪୨.୪୭ | (୨,୧୪୧.୩୧) | ୧୪୮.୭୯ | (୩,୪୫୮.୮୮) | (୩,୩୪୮.୭୧) | ୧୧.୫୦ | ୪୨.୪୭ | (୨,୧୪୧.୩୧) | ୧୪୮.୭୯ | (୩,୪୫୮.୮୮) | (୩,୩୪୮.୮୨) |
| ୩. | ଟିକସ ପୂର୍ବରୁ (ବିଶେଷ ଏବଂ/କିମ୍ବା ଅସାଧାରଣ ଆଇଟମ୍ ପରେ) ନେଟ୍ ଲାଭ (କ୍ଷତି) | ୧୧.୫୦ | ୪୨.୪୭ | (୨,୧୪୧.୩୧) | ୧୪୮.୭୯ | (୩,୪୫୮.୮୮) | (୩,୩୪୮.୭୧) | ୨୪.୮୫ | ୧୦୬.୮୮ | (୨,୧୪୧.୨୦) | ୨୪୩.୭୨ | (୩,୪୩୪.୬୪) | (୩,୨୯୭.୬୯) |
| ୪. | ଟିକସ ପରେ (ବିଶେଷ ଏବଂ/କିମ୍ବା ଅସାଧାରଣ ଆଇଟମ୍ ପରେ) ନେଟ୍ ଲାଭ/(କ୍ଷତି) | (୩୧.୭୨) | ୫୩.୫୯ | (୨,୧୮୭.୧୮) | ୭୮.୪୩ | (୩,୫୯୮.୨୨) | (୩,୫୩୪.୬୧) | (୧୮.୩୭) | ୧୧୮.୦୦ | (୨,୧୮୭.୦୭) | ୧୭୩.୩୬ | (୩,୫୭୩.୯୮) | (୩,୪୮୩.୫୯) |
| ୫. | ସମ୍ପୂର୍ଣ୍ଣ ମୋଟ୍ ଆୟ (ଟିକସ ପରେ ଲାଭ/(କ୍ଷତି) ଏବଂ ଟିକସ ପରେ ଅନ୍ୟ ମୋଟ୍ ଆୟ) | (୩୧.୭୨) | ୫୩.୫୯ | (୨,୧୮୭.୧୮) | ୭୮.୪୩ | (୩,୫୯୮.୨୨) | (୩,୫୩୪.୬୧) | (୧୮.୩୭) | ୧୧୮.୦୦ | (୨,୧୮୭.୦୭) | ୧୭୩.୩୬ | (୩,୫୭୩.୯୮) | (୩,୪୮୩.୫୯) |
| ୬. | ଇକ୍ୟୁଟି ସେୟାର କ୍ୟାପିଟାଲ | ୨,୨୭୩.୮୦ | ୨,୨୭୩.୮୦ | ୨,୨୭୩.୮୦ | ୨,୨୭୩.୮୦ | ୨,୨୭୩.୮୦ | ୨,୨୭୩.୮୦ | ୨,୨୭୩.୮୦ | ୨,୨୭୩.୮୦ | ୨,୨୭୩.୮୦ | ୨,୨୭୩.୮୦ | ୨,୨୭୩.୮୦ | ୨,୨୭୩.୮୦ |
| ୭. | ସେୟାର ପିଛା ଆୟ (ପ୍ରତ୍ୟେକ ଟ.୧୦/- ରେ) ବେସିକ୍ ଏବଂ ଡାଇଲୁଟେଡ୍ (ଟଙ୍କାରେ) | (୦.୧୪) | ୦.୨୪ | (୯.୬୨) | ୦.୩୪ | (୧୫.୮୨) | (୧୫.୫୪) | (୦.୦୮) | ୦.୫୨ | (୯.୬୨) | ୦.୭୬ | (୧୫.୭୨) | (୧୫.୩୨) |

ଦ୍ରଷ୍ଟବ୍ୟ:
କ) ୩୧ ଡିସେମ୍ବର ୨୦୨୪ ସୁଦ୍ଧା ଶେଷ ହୋଇଥିବା ତ୍ରୈମାସିକ ଏବଂ ନଅ ମାସିକ ପାଇଁ କମ୍ପାନୀର ଉପରୋକ୍ତ ଆର୍ଥିକ ଫଳାଫଳ କମ୍ପାନୀର ଇଣ୍ଟେରିମ ରିଜୋଲୁସନ୍ ପ୍ରଫେସନାଲଙ୍କ ଦ୍ୱାରା ୧୪ ଫେବୃଆରୀ ୨୦୨୫ ରିଖରେ ରିଭ୍ୟୁ ଏବଂ ଅନୁମୋଦନ କରାଯାଇଛି।ଏହି ଆର୍ଥିକ ଫଳାଫଳ ସେବି (ଆଇନଗତ ବାଧ୍ୟତା ଏବଂ ପ୍ରକାଶନ ଆବଶ୍ୟକତା) ନିୟମାବଳୀ ୨୦୧୫ର ନିୟମ ୩୩ ଅନୁଯାୟୀ ପ୍ରକାଶ କରାଯାଉଛି।
ଖ) ଉପରୋକ୍ତ ଫଳାଫଳ ୩୧ ଡିସେମ୍ବର ୨୦୨୪ ସୁଦ୍ଧା ଶେଷ ହୋଇଥିବା ତ୍ରୈମାସିକ ଏବଂ ନଅ ମାସିକ ପୃଥକ୍ ଏବଂ ଏକିକୃତ ଅଣସମୀକ୍ଷିତ ଆର୍ଥିକ ଫଳାଫଳର ସାରାଂଶ ଅଟେ, ଯାହା ସେବି (ଆଇନଗତ ବାଧ୍ୟତା ଏବଂ ପ୍ରକାଶନ ଆବଶ୍ୟକତା)ନିୟମାବଳୀ ୨୦୧୫ର ନିୟମ ୩୩ ଅନୁଯାୟୀ ଷ୍ଟକ୍ ଏକ୍ସଚେଞ୍ଜରେ ରେକର୍ଡଭୁକ୍ତ କରାଯାଇଅଛି। ୩୧ ଡିସେମ୍ବର ୨୦୨୪ ସୁଦ୍ଧା ଶେଷ ହୋଇଥିବା ତ୍ରୈମାସିକ ଏବଂ ନଅ ମାସିକ ଏକିକୃତ ଆର୍ଥିକ ଫଳାଫଳର ସମ୍ପୂର୍ଣ୍ଣ ଫର୍ମାଟ୍ ଷ୍ଟକ୍ ଏକ୍ସଚେଞ୍ଜ ୱେବ୍‌ସାଇଟ୍- www.bseindia.com ଏବଂ www.nseindia.com ସହିତ କମ୍ପାନୀର ୱେବ୍‌ସାଇଟ୍ - www.arssgroup.in. ରେ ଉପଲବ୍ଧ ।

The Results can be accessed through the following link or scan
http://arssgroup.in/PDF/QuarterlyResult/Board_Meeting_Outcome_31_12_2024.pdf

ତାରିଖ: ୧୪.୦୨.୨୦୨୫
ସ୍ଥାନ: ଭୁବନେଶ୍ୱର

ସ୍ୱା/-
ରାକେଶ ଅଗ୍ରୱାଲ ପରିଚାଳନା ନିର୍ଦ୍ଦେଶକ
“ଡି.ଆଇ.ଏନ୍.- ୦୦୨୧୭୮୨୩”
(ସିଆଇଆରପି ସମୟରେ ସସ୍‌ପେଣ୍ଡ)

ଏଆର୍‌ଏସ୍‌ଏସ୍ ଇନ୍‌ଫ୍ରାଷ୍ଟ୍ରକଚର ପ୍ରୋଜେକ୍ଟସ ଲିମିଟେଡ୍
ତରଫରୁ
ସ୍ୱା/- ଉଦୟ ନାରାୟଣ ମିତ୍ରା (ମଧ୍ୟବର୍ତ୍ତୀ ରିଜୋଲ୍ୟୁସନ୍ ପ୍ରଫେସନାଲ)
ଆଇପି ପଞ୍ଜିକୃତ ନଂ.: ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୦୭୯୩/୨୦୧୭-୧୮/୧୧୩୬୦



ଅଧିକାଂଶ ସମୟରେ ଘରେ କଳହ ଓ ଅଶାନ୍ତି କାରଣରୁ ସଭିଏଁ ଚିନ୍ତିତ ରହିଥାନ୍ତି। କିଛି ବ୍ୟକ୍ତି ବିଶେଷଙ୍କ ଘରେ ନିୟମିତ ଅଯଥାରେ ମଧ୍ୟ କଳହ ହୋଇଥାଏ। ଜାତକରେ ଚତୁର୍ଥ ଭାଗରେ କୌଣସି ସମସ୍ୟା ଥିଲେ ଏଭଳି ସମସ୍ୟା ହୋଇଥାଏ। ଜାତକରେ ଚନ୍ଦ୍ରମା ଦୁର୍ବଳ ଥିଲେ, କଳହ ଅଧିକ ହୋଇଥାଏ। ଜ୍ୟୋତିଷ ଶାସ୍ତ୍ରରେ ଏପରି କିଛି ସରଳ ଉପାୟ ବିଷୟରେ ବର୍ଣ୍ଣନା କରାଯାଇଛି, ଯାହା ଆପଣାଇବା ଦ୍ୱାରା ଏହି ସମସ୍ୟା ଦୂର ହୋଇଥାଏ। ଘରେ ନିୟମିତ କର୍ପୂର ଜଳାନ୍ତୁ। ଏହାଦ୍ୱାରା ଘରେ ସର୍ବଦା ଶାନ୍ତି ରହିଥାଏ। ଘିଅରେ କର୍ପୂର ମିଶାଇ ମଧ୍ୟ ଲଗାଇପାରିବେ। ପତି-ପତ୍ନୀଙ୍କ ମଧ୍ୟରେ କଳହ ହେଉଥିଲେ, ତକିଆ ତଳେ ଏକ କର୍ପୂର ରଖନ୍ତୁ। କିଛିଦିନ ନିୟମିତ କରନ୍ତୁ। ଦାମ୍ପତ୍ୟ ଜୀବନ ସୁଖମୟ ହୋଇଥାଏ। ଘରେ ନିୟମିତ କଳହ ହେଉଥିଲେ ଅଶ୍ୱତ୍ଥ ବୃକ୍ଷକୁ ପୂଜା କରନ୍ତୁ। ଏକ ଅଶ୍ୱତ୍ଥ ବୃକ୍ଷ ଲଗାଇ ଏହାର ଯତ୍ନ ନିଅନ୍ତୁ। ରବିବାର କର୍ପୂର, ଘିଅ ଓ ଗୁଡ଼ ମିଶାଇ ଘରେ ଜଳାଇବା ଦ୍ୱାରା ଘରୁ ନକରାତ୍ମକ ଶକ୍ତି ଦୂର ହୋଇଥାଏ। ମଙ୍ଗଳବାର ପ୍ରଭୁ ହନୁମାନଙ୍କ ନିକଟରେ ପଞ୍ଚମୁଖୀ ଦୀପ ଲଗାନ୍ତୁ। ପରିବାରରେ ହସଖୁସି ବାତାବରଣ ରହିଥାଏ।



# ଗାର୍ଲଫ୍ରେଣ୍ଡଙ୍କ ଡ୍ୟାନ୍ସ ଦେଖି ଚୁପ୍ ହୋଇଗଲେ ଅର୍ଜୁନ





ବଲିଉଡ ଅଭିନେତା ଅର୍ଜୁନ କପୁର ଏବଂ ମଲାଇକା ଆରୋରା ଅଲଗା ହୋଇସାରିଛନ୍ତି। କିନ୍ତୁ ଯେତେବେଳେ ବି ସେମାନେ ଭେଟନ୍ତି ଉଭୟଙ୍କ ମଧ୍ୟରେ ବନ୍ଧୁତା ସ୍ପଷ୍ଟ ଭାବରେ ଦେଖାଯାଏ। ବ୍ରେକ୍ଅପ୍ ପରେ ମଧ୍ୟ ଅର୍ଜୁନ ଏବଂ ମଲାଇକା ପରସ୍ପରକୁ ସମ୍ମାନ କରନ୍ତି। ଆଜିକାଲି ଅର୍ଜୁନ ତାଙ୍କର ଆଗାମୀ ଫିଲ୍ମ 'ମେରେ ହଜ୍‌ବ୍ୟାଣ୍ଡ୍ କି ବିବି'ର ପ୍ରମୋସନରେ ବ୍ୟସ୍ତ ଅଛନ୍ତି। ସେ ତାଙ୍କ ଫିଲ୍ମର ପ୍ରମୋସନ ପାଇଁ ମଲାଇକାଙ୍କ ଡ୍ୟାନ୍ସ ରିଆଲିଟି ଶୋ'କୁ ଯାଇଛନ୍ତି। ସେଠାରୁ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଅର୍ଜୁନ ଏବଂ ଭୂମି ପେଡନେକର ଇଣ୍ଡିଆଜ ବେଷ୍ଟ ଡ୍ୟାନ୍ସର ବନାମ ସୁପର ଡ୍ୟାନ୍ସର ଚାମ୍ପିଅନ କା ଟସନର ଗ୍ରାଣ୍ଡ ଫିନାଲେରେ ପହଞ୍ଚିଛନ୍ତି। ଶୋ'ର ଗ୍ରାଣ୍ଡ ଫିନାଲେରେ ମଲାଇକା ତାଙ୍କର ସର୍ବଶ୍ରେଷ୍ଠ ଗୀତଗୁଡ଼ିକରେ ପରିବେଷଣ କରିଥିଲେ। ମଲାଇକାଙ୍କ ଡ୍ୟାନ୍ସ ଦେଖିବା ପରେ ଅର୍ଜୁନ ଚୁପ୍ ହୋଇଗଲେ। ମଲାଇକାଙ୍କ ନୃତ୍ୟ ଦେଖି ସମସ୍ତ ବିଚାରକ ତାଙ୍କୁ ଠିଆ ହୋଇ ପ୍ରଶଂସା କରିଥିଲେ। ଏହା ପରେ ଯେତେବେଳେ ଅର୍ଜୁନଙ୍କୁ ପଚରାଗଲା ଯେ ତାଙ୍କୁ ମଲାଇକାଙ୍କ ନୃତ୍ୟ କିପରି ଲାଗିଲା ? ଏହାର ଉତ୍ତରରେ ଅର୍ଜୁନ କହିଥିଲେ- ମୁଁ ପ୍ରଶଂସା କରିବା ବନ୍ଦ କରିଦେଇଛି। ମୁଁ ଏବେ ବି ଚୁପ୍ ରହିବାକୁ ଚାହୁଁଛି। ଆଜି ମୁଁ ମୋର ସମସ୍ତ ପ୍ରିୟ ଗୀତ ଶୁଣିବାକୁ ପାଇଲି। ମଲାଇକା ଜାଣନ୍ତି ମୁଁ ଏହି ଗୀତଗୁଡ଼ିକୁ କେତେ ପସନ୍ଦ କରେ। ଏହି ଡ୍ୟାନ୍ସ ପାଇଁ ମଲାଇକାଙ୍କୁ ଟ୍ରଫି ମିଳିବା ଉଚିତ୍। ଅର୍ଜୁନ ଏବଂ ମଲାଇକା ବହୁତ ବର୍ଷ ଧରି ପରସ୍ପରକୁ ଡେଟ୍ କରୁଥିଲେ। କିନ୍ତୁ ଗତବର୍ଷ ଏହି ଯୋଡି ଅଲଗା ହୋଇଯାଇଥିଲେ। ବ୍ରେକଅପ୍ ପରେ ମଧ୍ୟ, ଅର୍ଜୁନ ମଲାଇକାଙ୍କ କଷ୍ଟ ସମୟରେ ତାଙ୍କ ସହିତ ଠିଆ ହୋଇଥିଲେ। ତାଙ୍କ ପିତାଙ୍କ ମୃତ୍ୟୁ ସମୟରେ ଅର୍ଜୁନ କପୁର ମଲାଇକାଙ୍କ ସହିତ ଥିଲେ। କେବଳ ଏତିକି ନୁହେଁ, ବ୍ରେକଅପ୍ ପରେ ମଧ୍ୟ ଅର୍ଜୁନ ମଲାଇକାଙ୍କ ସହ ଫଟୋ ଡିଲିଟ କରିନାହାଁନ୍ତି।

# ବଢ଼ାନ୍ତୁ ପିଲାଙ୍କ ବ୍ରେନ୍ ପାୱାର

ମୁଣ୍ଡ ଉପରେ ପିଲାଙ୍କ ପରୀକ୍ଷା। ଏହିପରି ଏକ ବ୍ୟସ୍ତବହୁଳ ସମୟ ଭିତରେ ପିଲାଙ୍କ ବ୍ରେନ୍ ପାୱାର ବଢ଼ାଇବା ପାଇଁ ଅଭିଭାବକମାନେ ବ୍ୟସ୍ତ ହୋଇପଡନ୍ତି, ମାତ୍ର ଏଥିରେ ଚିନ୍ତା କରିବାର କିଛି ନାହିଁ। ପିଲାଙ୍କ ବ୍ରେନ୍ ପାୱାର ବଢ଼ାଇବା ପାଇଁ ନିମ୍ନରେ କେତୋଟି ମନ୍ତ୍ର ଆମେ ଦେଉଛୁ। ଥରେ ଆପଣେଇ ଦେଖନ୍ତୁ...





## ଷ୍ଟଡି ପ୍ରେସର୍

ପିଲାଙ୍କ ସ୍ମରଣ ଶକ୍ତି ହ୍ରାସ ପଛରେ ଅଭିଭାବକ ବହୁ ପରିମାଣରେ ଦାୟୀ ଥାଆନ୍ତି। କ୍ୟାରିଅର ବିଶେଷଜ୍ଞଙ୍କ କହିବାନୁସାରେ କେତେକ ଅଭିଭାବକ ପିଲାଙ୍କ ଉପରେ ଚାପ ପକାଇଥାନ୍ତି ଯେ ସେମାନଙ୍କୁ ଅଧିକ ପ୍ରତିଶତ ମାର୍କ ଆଣିବା ଦରକାର। ତେଣୁ ସେମାନେ ପାଠ ମନେ ରଖିବା ଅପେକ୍ଷା ଅଧିକ ପ୍ରତିଶତ ମାର୍କ ଉପରେ ବେଶୀ ଧ୍ୟାନ ଦେଇଥାନ୍ତି। ଏଥିପାଇଁ ଦିନସାରା ପରିଶ୍ରମ ବି କରିଥାନ୍ତି। ଏପରି କରିବା ପରିବର୍ତ୍ତେ ସେମାନେ ରିଭିଜନ ପ୍ରଣାଳୀରେ ପରିବର୍ତ୍ତନ ଆଣନ୍ତୁ। କୌଣସି ବିଷୟରେ ପଢ଼ିବା ସମୟରେ ତାକୁ ଲେଖିବାକୁ କୁହନ୍ତୁ। ଫଳରେ ଉକ୍ତ ବିଷୟଟି ତା'ର ଦୀର୍ଘ ଦିନଯାଏ ମନେ ରହିଯିବ।

## ପଢ଼ିବା ପାଇଁ ଟାଇମ୍ ଟେବୁଲ୍

ପିଲାମାନେ ଲଗାତାର ପଢ଼ିଲେ ପୂର୍ବ ପାଠକୁ ଭୁଲିଯାଇଥାନ୍ତି। ଷ୍ଟଡି ଟେବଲ୍‌ରେ ଅଧିକ ସମୟ ବସିବା ପରିବର୍ତ୍ତେ ଏକ ସୁସ୍ଥ ପରିବେଶରେ ପଢ଼ିବାକୁ ମା'ମାନେ ପିଲାଙ୍କ ପାଇଁ ଏକ ଟାଇମ୍ ଟେବୁଲ ପ୍ରସ୍ତୁତ କରିବା ଦରକାର। ପଢ଼ା ମଝିରେ ବ୍ରେକ୍ ରହିବା ନିହାତି ଦରକାର। ଅବସର ସମୟରେ ପିଲା ନିଜର ପସନ୍ଦର କାମ କରିବାକୁ ଦିଅନ୍ତୁ। ଫଳରେ ସେ ଖୁସିରେ ରହିବା ସହ ପାଠ ପ୍ରତି ଉଚିତ୍ ଧ୍ୟାନ ଦେଇପାରିବ।





## ପିଲାକୁ ନୂଆ ଜିନିଷ ସହ ଯୋଡ଼ନ୍ତୁ

ଦିନ ସାରା କେବଳ ପାଠ ପଢ଼ିବାକୁ ପିଲାକୁ କୁହନ୍ତୁ ନାହିଁ ବରଂ କେତେବେଳେ ଗପ ଶୁଣାନ୍ତୁ, ଆଉ କେତେବେଳେ ଗୀତ ବା କାର୍ଟୁନ୍ ଆଦି ବିଭିନ୍ନ ଅନ୍ୟାନ୍ୟ ଜିନିଷ ସହ ଜଡ଼ିତ କରାନ୍ତୁ। ପିଲା ଗୋଟିଏ ଜିନିଷରେ ବାନ୍ଧି ହୋଇ ରହିଲେ ବୋର୍ ହୋଇଯିବାର ଆଶଙ୍କା ରହିଛି। ତେଣୁ ତାକୁ ତା ନିଜ ପସନ୍ଦର ଜିନିଷ ସହ ସାମିଲ କରାନ୍ତୁ।

## ରିଭିଜନ୍‌ରେ ପରିବର୍ତ୍ତନ ଆଣନ୍ତୁ

ରିଭିଜନ୍‌ରେ ପରିବର୍ତ୍ତନ ଆଣନ୍ତୁ : ପରୀକ୍ଷା ପାଖେଇ ଆସିଲାଣି। ହେଲେ ପିଲାର କିଛି ମନେ ରହୁନି, ତେବେ ତା ରିଭିଜନ୍‌ରେ ପରିବର୍ତ୍ତନ ଆଣନ୍ତୁ। କୌଣସି ବିଷୟରେ ମନେ ରଖିଲାବେଳେ ତାକୁ ଲେଖିବାକୁ କୁହନ୍ତୁ।

## ସୁବ୍ୟବସ୍ଥିତ ଉପାୟ ଆପଣାନ୍ତୁ

ବହୁ ସମୟରେ ଦେଖିବାକୁ ମିଳେ, ପିଲାମାନେ ସର୍ଟକଟ୍ ବାଟ ଆପଣେଇବାକୁ ଯାଇ ନୋଟ୍ ପ୍ରସ୍ତୁତ କରି ନଥାନ୍ତି। ତେଣୁ ବର୍ଷ ଆରମ୍ଭରୁ ପିଲାଙ୍କ ପଢ଼ା ଉପରେ ମା'ମାନେ ଅଧିକ ଧ୍ୟାନ ଦେବା ଦରକାର। ସେମାନେ କିପରି ଦାୟିତ୍ୱବାନ ହୋଇଗଲେ ନିଜେ ସବୁକିଛି ଠିକ୍ ଭାବେ କରିପାରିବେ।

## ପଢ଼ିବା ପାଇଁ ସୁସ୍ଥ ପରିବେଶ

ପରୀକ୍ଷା ସମୟ ଆସିଲେ ପିଲାଙ୍କୁ ଏକ ସୁସ୍ଥ ଓ ଶାନ୍ତ ପରିବେଶ ଭିତରେ ରଖିବା ଦରକାର। ଅଭିଭାବକମାନେ ଜାଣିବା ଦରକାର ଯେ ଏହି ସମୟରେ ପିଲାର କ୍ଷତି ହେଲା ଭଳି କୌଣସି କାମ ନକରିବା ଉଚିତ, ଯେଉଁଳିକି ଟିଭି ଦେଖିବା ବା ଗୀତ ଶୁଣିବା ଆଦି ଠାରୁ ସେମାନେ ନିଜକୁ ଦୂରେଇ ରଖିବା ନିହାତି ଦରକାର। ଏପରି ନ କଲେ ପିଲା ପାଠ ଉପରେ ଧ୍ୟାନ ଦେଇପାରେ ନାହିଁ।

## ପିଲାକୁ ବୁଝାନ୍ତୁ

ବହୁତ ପିଲା ଘୋଷି ଘୋଷି ମନେ ରଖିବାକୁ ଭଲ ପାଆନ୍ତି। ତାଙ୍କୁ ବୁଝାନ୍ତୁ ଯେ ଏପରି କରିବା ପରିବର୍ତ୍ତେ କୌଣସି ଜିନିଷକୁ ଭଲରେ ବୁଝିଗଲେ, ତାହା କମ୍ ସମୟରେ ଓ ଅଧିକ ଦିନଯାଏ ମନେ ରହିବ। ଏପରି କରିବାରେ ଆପଣ ତାକୁ ସାହାଯ୍ୟ କରନ୍ତୁ।




ଏକ୍ସରସାଇଜ କେବଳ ଶରୀରକୁ କେବଳ ସୁସ୍ଥତା ପ୍ରଦାନ କରି ନଥାଏ ମସ୍ତିଷ୍କକୁ ସତେଜ ଓ ସନ୍ତୁଳିତ ରଖିଥାଏ। ୨୪ ଘଣ୍ଟା କେବଳ ପାଠ ପ୍ରତି ଧ୍ୟାନ ଦେବା ପରିବର୍ତ୍ତେ ପାଠ ସହିତ ପ୍ରତିଦିନ ସକାଳେ ବ୍ୟାୟାମ ବା ଏକ୍ସରସାଇଜ୍ କରିବା ଦରକାର। ନଚେତ୍ ସକାଳୁ ପିଲାଙ୍କୁ ଘରଠାରୁ ବାହାରକୁ ନେଇ ଖୋଲା ପରିବେଶରେ ବୁଲାଇ ଆଣିବା ସହ ଯୋଗ ବା ବ୍ୟାୟାମ ଶିଖାଇବା ଉଚିତ୍।

# ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲେ ବିଶାଲ ଦଦଲାନି



ଦୁର୍ଘଟଣାର ଶିକାର ହୋଇଛନ୍ତି ବଲିଉଡ୍ କଣ୍ଠଶିଳ୍ପୀ ତଥା ସଂଗୀତଜ୍ଞ ବିଶାଲ ଦଦଲାନି। ତେବେ ଏହି ଦୁର୍ଘଟଣାରୁ ସେ ଅଳ୍ପକେ ବର୍ତ୍ତିଛନ୍ତି ବୋଲି ଜଣାପଡିଛି। ଏହି ଦୁର୍ଘଟଣା ପରେ ପୁନେରେ ହେବାକୁ ଥିବା ତାଙ୍କର କନସର୍ଟକୁ ସ୍ଥଗିତ ରଖିଛନ୍ତି। ସେ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ଏହାର କାରଣ ସେୟାର କରିଛନ୍ତି। ବିଶାଲ ତାଙ୍କ ଅଫିସିଆଲ୍ ଇନଷ୍ଟାଗ୍ରାମ୍ ଆକାଉଣ୍ଟରେ ସେୟାର କରିଛନ୍ତି ଯେ ସେ ଏକ ଦୁର୍ଘଟଣାର ଶିକାର ହୋଇଛନ୍ତି। ତଥାପି, ସେ କେତେ ଆହତ ହୋଇଛନ୍ତି ଜଣାପଡିନି। ତଥାପି ସେ ନିଶ୍ଚିତ ଗୋଟିଏ ବଡ଼ ଅଘଟଣରୁ ବର୍ତ୍ତିଯାଇଛନ୍ତି। ତାଙ୍କର ଏବେ ବି ଚିକିତ୍ସା ଚାଲିଛି ବୋଲି ଜଣାପଡିଛି। ବିଶାଲ ଦଦଲାନି ତାଙ୍କ ଇନଷ୍ଟାଗ୍ରାମରେ ଏକ କାହାଣୀ ସେୟାର କରିଛନ୍ତି। ଏହି କାହାଣୀରେ ସେ ତାଙ୍କର ଆଗାମୀ କନସର୍ଟର ତାରିଖ ପରିବର୍ତ୍ତନ ଏବଂ ଏହା ପଛର କାରଣ ବିଷୟରେ କହିଛନ୍ତି। ବିଶାଲ କନସର୍ଟର ପୋଷ୍ଟର ସହିତ ତାଙ୍କ କାହାଣୀରେ ଲେଖିଛନ୍ତି, "ମୋର ଏକ ଛୋଟ ଦୁର୍ଘଟଣା ଘଟିଥିଲା। ମୁଁ ଶୀଘ୍ର ସୁସ୍ଥ ହେବି, ତୁମ ସମସ୍ତଙ୍କୁ ଅପଡେଟ୍ ଜଣାଇବି। ଏହା ବ୍ୟତୀତ ଏହି ଦୁର୍ଘଟଣା କିମ୍ବା ଏହା କିପରି ଘଟିଲା ସେ ବିଷୟରେ ଆଉ କୌଣସି ସୂଚନା ପ୍ରକାଶ କରାଯାଇ ନାହିଁ। ତାଙ୍କ ସହିତ, ଆୟୋଜକମାନେ ମଧ୍ୟ ସେମାନଙ୍କ ସୋସିଆଲ ମିଡିଆରେ ଏହା ବିଷୟରେ ସେୟାର କରିଥିଲେ। ବିଶାଲଙ୍କ ଯୋଡ଼ି ଶେଖର ମଧ୍ୟ ପୁଣେରେ ତାଙ୍କ ସହିତ ପ୍ରଦର୍ଶନ କରିବାର କାର୍ଯ୍ୟକ୍ରମ ଥିଲା। ଏହି କନ୍ସର୍ଟ ମାର୍ଚ୍ଚ ୨ ତାରିଖରେ ଅନୁଷ୍ଠିତ ହେବାର ଥିଲା। ତଥାପି, ପରବର୍ତ୍ତୀ ତାରିଖ ବିଷୟରେ ଏପର୍ଯ୍ୟନ୍ତ କିଛି କୁହାଯାଇ ନାହିଁ। ଏହି କାର୍ଯ୍ୟକ୍ରମ ଅର୍ବାନ୍ ସୋ ଦ୍ୱାରା ଆୟୋଜିତ। ସେ ତାଙ୍କ ଆକାଉଣ୍ଟରେ ଏହା ବିଷୟରେ ସୂଚନା ଦେଇ ଲେଖିଛନ୍ତି ଯେ ଆମେ ଆପଣଙ୍କୁ ଜଣାଇ ଦୁଃଖର ସହିତ କହୁଛୁ ଯେ ପ୍ରସିଦ୍ଧ ଯୋଡ଼ି ବିଶାଲ ଏବଂ ଶେଖରଙ୍କ ସବୁଠାରୁ ପ୍ରତୀକ୍ଷିତ ଅର୍ବାନ୍ ଶୋ'ସ୍ ମ୍ୟୁଜିକ୍ କନସର୍ଟର ତାରିଖ ବିଶାଲ ଦଦଲାନିଙ୍କ ଦୁର୍ଘଟଣା ଯୋଗୁଁ ସ୍ଥଗିତ ରଖାଯାଇଛି। ବର୍ତ୍ତମାନ ତାଙ୍କର ଚିକିତ୍ସା ଚାଲିଛି।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ରଘୁନାଥପୁର(ଭାସ୍କର ନ୍ୟୁଜ): ରଘୁନାଥପୁର ଶିକ୍ଷା ମଣ୍ଡଳ ଅଧିନ ଜୟଶୋଳ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ପ୍ରଧାନ ଶିକ୍ଷୟିତ୍ରୀ ଉର୍ମିଳା ପ୍ରଭା ବେଉରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଆଲୁମିନୀ କମିଟି ସଦସ୍ୟ ଅକ୍ଷୟ କୁମାର ବେହେରା ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ବହୁ ମହତ ପୂର୍ଣ୍ଣ ଉପଦେଶ ଭାଷଣ ମାଧ୍ୟମରେ ରଖିଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଜୟଚନ୍ଦ୍ର ମହାନ୍ତି, ଡଃ ବସନ୍ତ କୁମାର ସାହୁ, ବୈରାଗୀ ଚରଣ ବେହେରା, ଏସ୍ଏମ୍‌ସି ସଭାପତି ରବୀନ୍ଦ୍ର ନାଥ ସାହୁ, ଉପସଭାପତି ବନବାସିନୀ ବେହେରା, ସୀତାରାଣୀ ଦଳେଇ, ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉତ୍ତରୋତ୍ତର ଭବିଷ୍ୟତ କାମନା କରିଥିଲେ। ଏଥିରେ ସଭା ପରିଚାଳନା କରିଥିଲେ ସଚଳା ମହାନ୍ତି। ସସ୍ମିତା ସାହୁ ବାର୍ଷିକ ବିବରଣୀ ପାଠ କରିଥିଲା ବେଳେ ଧନ୍ୟ ବାଦ ଅର୍ପଣ କରିଥିଲେ ସରୋଜିନୀ ରଥ। ସମ୍ପେଟିଭ ୧ରେ କୃତକାର୍ଯ୍ୟ ହାସଲ କରିଥିବା ୩୦ ଛାତ୍ରଛାତ୍ରୀ ଓ ଆମ ସଂସ୍କୃତି ଆମ ଖେଳଣାରେ କୃତକାର୍ଯ୍ୟ ହୋଇଥିବା ୧୨ ଛାତ୍ରଛାତ୍ରୀ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ସାଟିଫିକେଟ ଓ ସିଲ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ମଞ୍ଜୁଲତା ଆଚାର୍ଯ୍ୟ, ଦେବଯାନୀ ମିଶ୍ର, ସୁପ୍ରିୟା କାଣ୍ଡି, ଇତିଶ୍ରୀ ରଥ, ଲିପସା ରଥ, ଦେବେନ୍ଦ୍ର ନାଥ ବେହେରା, ନିହାରିକା ସ୍ୱାଇଁ, ପଙ୍କଜିନୀ ମିଶ୍ର, ସୁଚିସ୍ମିତା ମିଶ୍ର ପ୍ରମୁଖ ଯୋଗଦେଇ ସହଯୋଗ ପ୍ରଦାନ କରିଥିଲେ।

# ପାଦଚଲା ପାଟ୍ରୋଲିଂ ଭୁଲିଗଲାଣି ପୋଲିସ୍: ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ଗତ କିଛି ମାସ ହେଲା ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଥାନା ଅଞ୍ଚଳରେ ଅପରାଧୀ ମାନେ ପୁଣି ଥରେ ସକ୍ରିୟ ହେବାକୁ ଲାଗିଛନ୍ତି। ବଜାର କିମ୍ବା ଗ୍ରାମାଞ୍ଚଳର ପ୍ରମୁଖ ଅଞ୍ଚଳରେ ମଧ ଚୋରି ଏବଂ ଛିନତାଇ ଘଟଣା ଘଟୁଛି। କେଉଁଠି ଦିନଦ୍ୱିପ୍ରହରରେ ସୁନା ଚେନ ଲୁଟିଲେଣି ଆଉ କେଉଁଠି ମାରଣାସ୍ତ୍ର ଆକ୍ରମଣ କଲେଣି। ଗୋଟିଏ ଅପରାଧ ଘଟିବା ପରେ ଅପରାଧୀଙ୍କ ପଛରେ ଗୋଡ଼ାଉଛି ପୁଲିସ। କିନ୍ତୁ ଅପରାଧ ରୋକିବା ପାଇଁ ଯେଉଁ ପଦକ୍ଷେପ ଗୁଡିକ ଗ୍ରହଣ କରିବା ଆବଶ୍ୟକ ସେ ନେଇ କୌଣସି ଗୁରୁତ୍ୱ ଦିଆଯାଉ ନାହିଁ। ଏପରିକି ନିୟମିତ ବ୍ୟବଧାନରେ ଫୁଟ ପାଟ୍ରୋଲିଂ (ପାଦଚଲା ପାଟ୍ରୋଲିଂ) କରିବାକୁ ବିଭାଗ ତରଫରୁ ନିର୍ଦ୍ଦେଶ ରହିଥିଲେ ମଧ ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଥାନା ଅଞ୍ଚଳରେ ପୋଲିସ ଏହାକୁ ଭୁଲିଗଲାଣି ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ଗୋଟିଏ ସମୟ ଥିଲା, ସନ୍ଧ୍ୟା ହେଲେ କାକଟପୁର ଥାନା ଅନ୍ତର୍ଗତ ଖଣ୍ଡାସାହି, କେନ୍ଦ୍ରାପଟି, ସରିପୁର ଓ ଅସ୍ତରଙ୍ଗ ମୁଖ୍ୟ ବଜାର ହେଉ ଅବା ଗ୍ରାମାଞ୍ଚଳର ପ୍ରମୁଖ ଛକରେ ପୋଲିସର ପହରା ଲାଗୁଥିଲା। ଗାଡି ମୋଟର ଯାଞ୍ଚ ହେଉଥିଲା। ସନ୍ଦେହ ଜନକ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖୁଥିଲେ ପୋଲିସ। କିନ୍ତୁ ଗତ କିଛି ମାସ ହେଲା ଏହାର ଅଭାବ ଅସ୍ତରଙ୍ଗ ବ୍ଲକର କାକଟପୁର ଥାନା ଅଞ୍ଚଳ ଓ ଅସ୍ତରଙ୍ଗରେ ଦେଖିବାକୁ ମିଳୁଛି। ଅପରାଧ ନିୟନ୍ତ୍ରଣ ଦିଗରେ ଏକ ପ୍ରମୁଖ ପଦକ୍ଷେପ ହେଲା ପାଟ୍ରୋଲିଂ ବା କଡାକଡି ଯାଞ୍ଚ। ଏହି କ୍ରମରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେଉଛି ଫୁଟ ପାଟ୍ରୋଲିଂ। ଥାନା ପରିଧିରେ ସମ୍ପୃକ୍ତ ଥାନାର ଅଧିକାରୀମାନେ ଚାଲି ଚାଲି ପାଟ୍ରୋଲିଂ କରିଥାନ୍ତି। ସାଧାରଣତଃ ଏହା ସନ୍ଧ୍ୟା ସମୟରେ ହୋଇଥାଏ। ୨୦୧୮ଏପ୍ରିଲ ୨ରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ତରଫରୁ ପୋଲିସ ଫୁଟ ପାଟ୍ରୋଲିଂ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ନିର୍ଦ୍ଦେଶ ମିଳିବା ପରେ ସେହିବର୍ଷ ଏପ୍ରିଲ ୨୫ରେ ରାଜ୍ୟ କ୍ରାଇମବ୍ରାଞ୍ଚ ଏଡିଜିଙ୍କ ତରଫରୁ ସମସ୍ତ ପୋଲିସ ଜିଲ୍ଲାର ଏସପିଙ୍କୁ ଫୁଟ ପାଟ୍ରୋଲିଂ ନେଇ ଏକ ନିର୍ଦ୍ଦେଶ ଜାରି ହୋଇଥିଲା। ସେଥିରେ କୁହାଯାଇଥିଲା ଯେ, ଭିଡ଼ ସମୟରେ ପ୍ରମୁଖ ଛକ, ବଜାର, ଧର୍ମାନୁଷ୍ଠାନ ଏବଂ ଅନ୍ୟାନ୍ୟ ଅଞ୍ଚଳରେ ଫୁଟ ପାଟ୍ରୋଲିଂ କରାଯାଉ। ଥାନା ଅଧିକାରୀଙ୍କ ତତ୍ୱାବଧାନରେ ଫୁଟ ପାଟ୍ରୋଲିଂ ହେବ। ନିର୍ଦ୍ଦେଶ ଆସିବାର କିଛି ମାସ ଯାଏଁ ଏହାକୁ କାର୍ଯ୍ୟକାରୀ କରାଗଲା। କିନ୍ତୁ ଧୀରେ ଧୀରେ ପ୍ରାୟତଃ ଅସ୍ତରଙ୍ଗ ବ୍ଲକ କାକଟପୁର ଥାନା, ନୂଆଗଡ ସାମୁଦ୍ରିକ ଥାନା ଓ ଅସ୍ତରଙ୍ଗ ଥାନା ଅଞ୍ଚଳରେ ଫୁଟ ପାଟ୍ରୋଲିଂ ବନ୍ଦ ହୋଇଗଲା। କୌଣସି ପୂଜା ପାର୍ବଣ ସମୟରେ ହିଁ ପାଟ୍ରୋଲିଂ ତଥା ଫ୍ଲାଗ ମାର୍ଚ୍ଚ କାଁ ଭାଁ ଦେଖିବାକୁ ମିଳେ। କାକଟପୁର ଓ ଅସ୍ତରଙ୍ଗ ପୋଲିସ ସତେ ଯେମିତି ସମ୍ପୂର୍ଣ୍ଣ ଭାବେ ଏହା ଭୁଲିଗଲାଣି। ଅନ୍ୟପଟେ ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ପୋଲିସର ଏଭଳି ଅପାରଗତାର ସୁଯୋଗ ନେଉଛନ୍ତି ଅପରାଧୀ। କିଛିଦିନ ପୂର୍ବେ ଅସ୍ତରଙ୍ଗ ବ୍ଲକ କାକଟପୁର ଥାନା ଅଞ୍ଚଳ ଜିଓଳ ନିକଟସ୍ଥ ଗାଁର ମହିଳାଙ୍କଠାରୁ ସୁନା ଚେନ ନେବା, ବିଭିନ୍ନ ମନ୍ଦିରରୁ ଚୋରି କିଛି ମାସ ହେଲା ବୃଦ୍ଧି ପାଇଚାଲିଛି। କେବଳ ଏହି ଗୋଟିଏ ଘଟଣା ନୁହଁ, ନିୟମିତ ବ୍ୟବଧାନରେ ପ୍ରମୁଖ ଅଞ୍ଚଳ ଗୁଡିକରେ ଚୋରି ଏବଂ ଅନ୍ୟାନ୍ୟ ଅପରାଧ ଘଟୁଛି। ଏହା ସହ କାକଟପୁର ଓ ଅସ୍ତରଙ୍ଗ ଥାନା ସାମ୍ନାରେ ପୋଲିସକୁ ଚ୍ୟାଲେଞ୍ଜ ଦେବା ଭଳି ନିଶା ଦ୍ରବ୍ୟ କାରବାର ସହ ଖୁଲମଖୁଲ୍ଲା ସ୍କୁଟିରେ ଦେଶୀ ଓ ବିଦେଶୀ ମଦ ଚୋରା ଚାଲାଣ ହେଉଥିବା ବେଳେ ମୋଟା ଅଙ୍କର ଟଙ୍କା ପକାଇ ପୋଲିସ ଧୃତରାଷ୍ଟ୍ର ସାଜିଛି। ଫୁଟ ପାଟ୍ରୋଲିଂ ବନ୍ଦ ହେବା ପରେ ଅପରାଧ ବଢୁଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି। ବିଗତ କିଛି ହେବ କାକଟପୁର ଓ ଅସ୍ତରଙ୍ଗ ଥାନା ଅଞ୍ଚଳ ଚୋରି, ଡକାୟତି, ବୃଦ୍ଧି ପାଇଛି। ତେବେ ଫୁଟ ପାଟ୍ରୋଲିଂ କରାଯିବା ନିୟମ ରହିଥିଲେ ମଧ ବନ୍ଦ ରହିଛି। ଖୁବ୍‌ଶୀଘ୍ର ଉଚ୍ଚ ପଦସ୍ଥ ଅଧିକାରୀ ଗୁରୁତ୍ୱ ସହ ନେଇ ସନ୍ଧ୍ୟା, ମଧାହ୍ନ ଓ ରାତ୍ର ସମୟରେ ଫୁଟ ପାଟ୍ରୋଲିଂ ବିଭିନ୍ନ ସ୍ଥାନରେ କରିବାକୁ ଦାବି ହୋଇଛି।

# ବିସିସି ବ୍ୟାଙ୍କ ଛତ୍ରପୁର ଶାଖାରୁ ୭୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଚଳୁ




ଛତ୍ରପୁର(ଭାସ୍କର ନ୍ୟୁଜ): ବ୍ରହ୍ମପୁରର ବିସିସି ବ୍ୟାଙ୍କ (କେନ୍ଦ୍ରୀୟ ସମବାୟ ବ୍ୟାଙ୍କ)ର ଛତ୍ରପୁର ଶାଖାରେ ଲୋନ ନାଁରେ ଲକ୍ଷ ଲକ୍ଷ ଟଙ୍କା ଚଳୁ କରିଛନ୍ତି ପୂର୍ବତନ ବ୍ୟାଙ୍କ ମ୍ୟାନେଜର, ଏ ନେଇ ଛତ୍ରପୁର ଥାନାରେ ଏକ ମାମଲା ରୁଜୁ ହୋଇଛି । ଗତ ୨୦୨୩-୨୪ ଆର୍ଥିକ ବର୍ଷରେ ହୋଇଥିବା ଅଡିଟ୍ ବେଳେ ଏହା ସାମ୍ନାକୁ ଆସିଛି। ପୂର୍ବତନ ମ୍ୟାନେଜର ଦେବାଶିଷ ପଟନାୟକ ଗତବର୍ଷ ଜୁଲାଇ ମାସରୁ ଡିସେମ୍ବର ପର୍ଯ୍ୟନ୍ତ ଛତ୍ରପୁର ଶାଖାରେ ମ୍ୟାନେଜର ଭାବେ ନିଯୁକ୍ତ ହୋଇଥିଲେ । ସେହି ସମୟରେ ମୃତ ବ୍ୟକ୍ତିଙ୍କ ନକଲି କାଗଜପତ୍ର ତିଆରି କରି ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଛି। ଏଭଳି ନକଲି କାଗଜପତ୍ର କରି ୭୦ ଲକ୍ଷରୁ ଉର୍ଦ୍ଧ ଟଙ୍କା ହଡ଼ପ କରିନେଇଥିବା ଜଣାପଡିଛି । ଏହି ଘଟଣା ସାମ୍ନାକୁ ଆସିବା ପରେ ବିସିସି ବ୍ୟାଙ୍କ ସମ୍ପାଦକ ଏବଂ ଶାଖା ପରିଚାଳକ ଭରତ କୁମାର ସାହୁ ଛତ୍ରପୁର ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗ ଆସିଥିବା ଦେବାଶିଷ ପଟନାୟକ ଟଙ୍କା ହଡ଼ପ ମାମଲାରେ ବର୍ତ୍ତମାନ ବ୍ରହ୍ମପୁର ଜେଲରେ ସଜା କାଟୁଛନ୍ତି । କିଛି ଦିନ ତଳେ ବିଜିପୁର ଶାଖାରେ ଗତ ୨୦୨୩-୨୪ ଆର୍ଥିକ ବର୍ଷରେ ବ୍ୟାଙ୍କର ସମସ୍ତ କାରବାର ନେଇ ଅଡିଟବ୍ୟାଙ୍କ ବାଲାନ୍ସ ସିଟ୍‌ରେ ଫରକ ଦେଖିବାକୁ ମିଳିଥିଲା । ପ୍ରାୟ ୧ କୋଟି ୪୬ ଲକ୍ଷରୁ ଅଧିକ ଟଙ୍କା କମ ରହିଥିଲା । ଏହାର ତଦନ୍ତ ପରେ ଜଣା ପଡ଼ିଥିଲା ବିଭିନ୍ନ ଲୋନ୍ ନାଁରେ ମିଥ୍ୟା କାଗଜ ପତ୍ର କରି ମୋଟ ୧ କୋଟି ୪୬ ଲକ୍ଷରୁ ଅଧିକ ଟଙ୍କା ହେରଫେର ହୋଇଥିବା ଜଣାପଡିଥିଲା । ଘଟଣାରେ ବ୍ୟାଙ୍କରେ ଦାୟିତ୍ୱରେ ରହିଥିବା ଶାଖା ପରିଚାଳକ ମୁଖ୍ୟ ଅଭିଯୁକ୍ତ ଦେବାଶିଷ ପଟ୍ଟନାୟକ ଓ ଅନ୍ୟ କର୍ମଚାରୀଙ୍କ ବ୍ୟାଙ୍କ ଆଇଡି ବ୍ୟବହାର କରି ଏହିପରି ବ୍ୟାଙ୍କ ଅର୍ଥ ହେରଫେର କରିଥିଲେ । ପରେ ଦେବାଶିଷଙ୍କ ସମେତ ଦୁଇଜଣଙ୍କୁ ପୋଲିସ କୋର୍ଟଚାଲାଣ କରିଥିଲା । ତେବେ ଛତ୍ରପୁର ଶାଖାରେ ଏଭଳି ହେରଫେର ଘଟଣା ସାମ୍ନାକୁ ଆସିବା ପରେ ପୋଲିସ ଏହି ଘଟଣାର ତଦନ୍ତ ଚଳାଇଛି।

## ନାଟ୍ୟାଚାର୍ଯ୍ୟ ବାଳକୃଷ୍ଣ ମହାନ୍ତିଙ୍କ ୧୨୪ ତମ ଜୟନ୍ତୀ ଉଦ୍‌ଯାପିତ



ଜଗତସିଂହପୁର(ଭାସ୍କର ନ୍ୟୁଜ): ଜଗତସିଂହପୁର ଓଡିଶା ସଙ୍ଗୀତ ନାଟକ ଏକାଡେମୀ ଓ ଲୋକକବି ନାଟ୍ୟାଚାର୍ଯ୍ୟ ବାଳକୃଷ୍ଣ ସ୍ମୃତି ପରିଷଦ ଦ୍ୱାରା ଆୟୋଜିତ ବାଳକୃଷ୍ଣ ମହାନ୍ତିଙ୍କ ୧୨୪ ତମ ଉତ୍ସବ ଗତକାଲି ଉଦ୍‌ଯାପିତ ହୋଇଯାଇଛି। ୧୦ ଦିନ ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆରେ ଆୟୋଜିତ ଏହି ଉତ୍ସବର ଉଦଜାପନି ଉତ୍ସବରେ କାର୍ଯ୍ୟକାରୀ ଅଧକ୍ଷ ହେମନ୍ତ ରଥଙ୍କ ଅଧକ୍ଷତାରେ ଆୟୋଜିତ ଆଲୋଚନାଚକ୍ରରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅବସର ପ୍ରାପ୍ତ ଡେପୁଟି ଡ଼ାଇରେକ୍ଟର ସୂର୍ଯ୍ୟ ମାହାନ୍ତି, ଗୀତିକାର ତଥା ଚଳଚିତ୍ର ସଂଳାପ ଲେଖକ ଦେବିଦତ୍ତ ମହାନ୍ତି, ପୌରାଧକ୍ଷା ଅର୍ଚ୍ଚନା ସିଂ ପ୍ରମୁଖ ଯୋଗଦେଇ ବାଳକୃଷ୍ଣ ମହାନ୍ତିଙ୍କ ନାଟ୍ୟ ରଚନା, ନିର୍ଦ୍ଦେଶନା ଓ ଯାତ୍ରା ଦଳ ଗଠନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ପରିଷଦର ପତ୍ରିକା ବାଣୀକ୍ଷେତ୍ର ନାଟ୍ୟପ୍ରଜ୍ଞା ଉଦଘାଟିତ ହୋଇଥିଲା। ସମ୍ପାଦକ ତଥା ପରିଷଦର ସଭାପତି ମହେନ୍ଦ୍ର କୁମାର ଆଚାର୍ଯ୍ୟ ମତାମତ ପ୍ରକାଶ କରିଥିଲେ। ସମ୍ପାଦକ ଗୋପାଳ କୃଷ୍ଣ ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ଦେବର୍ଷି ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ। ଜୟନ୍ତୀ ଉତ୍ସବ ଅବସରରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତି ପ୍ରତିଯୋଗିଙ୍କୁ ସମ୍ମାନିତ କରାଯାଇଥିଲା। ଶେଷ ଦିବସରେ ସ୍ୱତନ୍ତ୍ର କୁଇଜ କାର୍ଯ୍ୟକ୍ରମ ସହିତ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ମଧ ଆୟୋଜନ କରାଯାଇଥିଲା।

## ଫେରାର ଅଭିଯୁକ୍ତ କୋର୍ଟଚାଲାଣ

ଶୁଳିଆପଦା(ଭାସ୍କର ନ୍ୟୁଜ): ଗତ ୨୦୨୪ ମସିହା ରେ ସଲାର୍ ପ୍ଲେଟ୍ ଚୋରି ଅଭିଯୋଗରେ ଫେରାର ଥିବା ମୁଦାଲା ଗିରଫ ହୋଇ କୋର୍ଟଚାଲାଣ। ସୂଚନା ମୁତାବକ ଗତ ୨୦୨୪ ମସିହାରେ ଉତ୍ତମ କୁମାର ପତିଙ୍କ କୁକୁଡା ଫାର୍ମରୁ ସଲାର୍ ପ୍ଲେଟ୍ ଚୋରି



ଅଭିଯୋଗରେ ୨ ଜଣ ମୁଦାଲା ସହିତ ଉକ୍ତ ପ୍ଲେଟ୍‌କୁ କିଣିଥିବା ବ୍ୟକ୍ତିକୁ ଶୁଳିଆପଦା ପୋଲିସ ୮୫/୨୪ କେସ୍ ନଂ. ଅନୁଯାୟୀ ଗିରଫ କରିଥିବା ବେଳେ ଅନ୍ୟତମ ଅଭିଯୁକ୍ତ ଶୁଳିଆପଦା ବ୍ଲକ୍ କୁଜିଡିହି ପଞ୍ଚାୟତ ଅଧିନ କଙ୍କଡା ତେଲିଆ ଗ୍ରାମର ମଧୁସୂଦନ ବେହେରାଙ୍କ ପୁଅ ବୁଲୁ ଓରଫ୍ ଅମିର୍ କୁମାର ବେହେରା ଦୀର୍ଘଦିନ ଧରି ଫେରାର ଥିଲା। ତେବେ କୌଣସି ସୂତ୍ରରୁ ସେ ଘରକୁ ଫେରିଥିବା ଖବର ପୋଲିସ ପାଇବା ପରେ ତାକୁ କୌଶଳ କ୍ରମେ ସଦର ଥାନା ଅଧିନ ଶାଗୁଣାବସା କାଉଣ୍ଟରକୁ ଡାକି ଗିରଫ କରିବାରେ ସଫଳ ହୋଇଛନ୍ତି। ଶୁଳିଆପଦା ଏଏସଆଇ ରସାନନ୍ଦ ମହାନ୍ତି ଓ ସନ୍ତୋଷ କୁମାର ନାୟକ ୨ଟି ଟିମ୍ ଗଠନ କରି ମୁଦାଲାକୁ ଗିରଫ କରିବାରେ ସଫଳ ହୋଇଥିଲେ। ଶୁକ୍ରବାରି ଅଭିଯୁକ୍ତକୁ କେସ ନଂ.୮୫/୨୪ ରେ କୋର୍ଟ ଚାଲାଣ କରାଯାଇଛି ।

## ଜଙ୍ଗଲରେ ବେଧଡକ ଗଞ୍ଜେଇ ଚାଷ

# ଅବକାରୀ ବିଭାଗ ଜାଣିଲା ବେଳକୁ ଅମଳ ଶେଷ

କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଅନ୍ତର୍ଗତ କୁଅଁର ଗ୍ରାମ ପଞ୍ଚାୟତର ସୁନାଝରୀ, ଟଣ ପଞ୍ଚାୟତର ଉପର ଇମିରି, ତଳଶିଳାରେ ଜଙ୍ଗଲରେ ବ୍ୟାପକ ପରିମାଣର ଗଞ୍ଜେଇ ଚାଷ ହେଉଥିବା ଜଣାପଡିଛି । ଗତ ବୁଧବାର ସୂଚନା ପାଇ ଅବକାରୀ ବିଭାଗ, ପୋଲିସ ଏବଂ ବନ ବିଭାଗ ମିଳିତ ଭାବେ ଚଢାଉ କରିଥିଲେ ମଧ ଗଞ୍ଜେଇ ଚାଷୀମାନେ ଗଞ୍ଜେଇ ଅମଳ କରି ସାରିଥିବା ଦେଖିବାକୁ ପାଇଥିଲେ । ତେବେ ଉକ୍ତ ଅଞ୍ଚଳରେ ଗଞ୍ଜେଇ ଚାଷ ହେଉଥିବା ସଂପର୍କରେ ବିଳମ୍ବରେ ସୂଚନା ମିଳିଥିବାରୁ ଚାଷ ହୋଇଥିବା ଗଞ୍ଜେଇ ଗଛକୁ ନଷ୍ଟ କରାଯାଇ ପାରିନଥିବା ଜଣାପଡିଛି । ବିଳମ୍ବରେ ଚଢାଉ ହୋଇଥିବାରୁ ବହୁ ପରିମାଣର ଗଞ୍ଜେଇ ଚାଷ କରି ବିକ୍ରୀ କରାଯାଇଥିବା କୁହାଯାଉଛି । ଏହି ଚଢାଉରେ



ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ମହାପାତ୍ର, ଅବକାରୀ ଉପ ଆରକ୍ଷୀ ଅଧିକ୍ଷକ ଦିବ୍ୟରଞ୍ଜନ ଦୀପ, ସଦର ରେଞ୍ଜର ଅଜିତ୍ ଦାସ, ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସହକାରୀ ଜିଲ୍ଲାପାଳ ରହିମ ଭୋଇ ସାମିଲ ହୋଇଥିଲେ । ଧରପଗଡ ସମୟରେ ଗଞ୍ଜେଇ ଚାଷ କରୁଥିବା ଲୋକ ଫେରାର ହୋଇଯାଇଛନ୍ତି । ଏହି ଅଂଚଳରେ ଚଳିତ ବର୍ଷ ହେକ୍ଟର ହେକ୍ଟର ଜଙ୍ଗଲ ପଦା କରି ଗଞ୍ଜେଇ ଚାଷ କରାଯାଇଥିଲା । ଯାହାର ସୂଚନା କାହା ପାଖରେ ନଥିବାବେଳେ ଗଞ୍ଜେଇ ବାହାର ରାଜ୍ୟକୁ କିଲୋ ପ୍ରତି ୪୦୦୦ଟଙ୍କାରେ ବିକ୍ରୀ ହେଉଥିଲା । ବହୁ ବେପାରୀ ଏହି ଅଂଚଳକୁ ଆସି ଗଞ୍ଜେଇ ନେଉଥିଲେ । ଏହି ଅଂଚଳରେ ଗତ କିଛି ବର୍ଷ ହେବ ଜଙ୍ଗଲ ସଫା କରି ଗଞ୍ଜେଇ ଚାଷ ହେଉଥିଲେ ମଧ ବନ ବିଭାଗ କିପରି ଜାଣି ପାରିଲା ନାହିଁ ତାହା ସନେ୍ଦହ ଘେରରେ । ତେବେ କାହା ପ୍ରୋତ୍ସାହନରେ ପାହାଡରେ ଜଙ୍ଗଲ କାଟି ଗଞ୍ଜେଇ ଚାଷ ବେଧଡକ ହେଉଥିଲା ତାହା ତଦନ୍ତ ହେଲେ ଜଣାପଡିବ । ପ୍ରଶ୍ନ ଉଠୁଛି, ଏତେ ପରିମାଣର ଗଞ୍ଜେଇ ଚାଷ ହେଉଛି କେମିତି, ଚାଷ ପଛରେ କାହାର ଆଶୀର୍ବାଦ ରହୁଛି ?

# ଗୋପ ବ୍ଲକ୍‌ର ୧୧ କେନ୍ଦ୍ରରେ ମାଟ୍ରିକ୍ ପରୀକ୍ଷା ଦେବେ ୨୧୬୧ ଛାତ୍ରଛାତ୍ରୀ

ଗୋପ(ଭାସ୍କର ନ୍ୟୁଜ): ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ମାଟ୍ରିକ ପରୀକ୍ଷା ଚଳିତ ମାସ ୨୧ରୁ ଆରମ୍ଭ ହୋଇ ମାର୍ଚ୍ଚ ୬ରେ ସରିବ । ପରୀକ୍ଷାକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ନୋଡାଲ କେନ୍ଦ୍ର ଓ ଏଥିରେ ସାମିଲ କେନ୍ଦ୍ର ଗୁଡ଼ିକର ତାଲିକା ପ୍ରସ୍ତୁତ କରାଯାଇଛି । ଚଳିତ ବର୍ଷ ପୁରୀ ଜିଲ୍ଲା ଗୋପ ବ୍ଲକର ୧୧ ଗୋଟି ପରୀକ୍ଷା କେନ୍ଦ୍ରରେ ୨୧୬୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ । ଗୋପ ନିଗମାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟକୁ ନୋଡାଲ ସ୍କୁଲ ଭାବେ ନିଆଯାଇଥିବା ବେଳେ ଉକ୍ତ ସ୍କୁଲ ଅଧିନରେ କାକଟପୁର ବ୍ଲକର ବଟେଶ୍ୱର ହାଇସ୍କୁଲ, ବାଲିଦୋକାନ ପରୀକ୍ଷାକେନ୍ଦ୍ରକୁ ମିଶାଇ ୯ ଟି ପରୀକ୍ଷାକେନ୍ଦ୍ରକୁ ୧୬୫୮ ପରୀକ୍ଷାର୍ଥୀଙ୍କ ପାଇଁ ପ୍ରଶ୍ନପତ୍ର ଯିବାକୁ ଥିବା ବେଳେ କାକଟପୁର ନୋଡାଲ ହାଇସ୍କୁଲରୁ ଗୋପ ବ୍ଲକ ନୟାହାଟ ହାଇସ୍କୁଲରେ ଦେବାକୁ ଥିବା ୨୫୦ ପରୀକ୍ଷାର୍ଥୀଙ୍କ ପାଇଁ ପ୍ରଶ୍ନପତ୍ର ଆସିବାର ବ୍ୟବସ୍ଥା କରାଯାଇଛି । ସେହିପରି ପୁରୀ ନୋଡାଲ ସ୍କୁଲ ହୋଇଥିବା ପୁରୀ ଜିଲ୍ଲା ସ୍କୁଲରୁ ଗୋପ ବ୍ଲକର ବନ୍ତଳିଗ୍ରାମ ପଂଚାୟତ ହାଇସ୍କୁଲରେ ଦେବାକୁ ଥିବା ୧୯୬ ପରୀକ୍ଷାର୍ଥୀ ଏବଂ ହରିଶ୍ଚନ୍ଦ୍ର ମେମୋରିଆଲ ହାଇସ୍କୁଲ, ଛଇତନାରେ ପରୀକ୍ଷା ଦେବାକୁ ଥିବା ୨୦୩ ପରୀକ୍ଷାର୍ଥୀଙ୍କ ପାଇଁ ପ୍ରଶ୍ନପତ୍ର ଆସିବାର ବ୍ୟବସ୍ଥା କରାଯାଇଛି । ସେହିପରି ଗୋପ ନିଗମାନନ୍ଦ ସରକାରୀ ଉଚ୍ଚବିଦ୍ୟାଳୟକୁ ନୋଡାଲ ସ୍କୁଲ କରାଯାଇଥିବା ବେଳେ ଏହି ବିଦ୍ୟାଳୟରେ ୧୯୮ ଜଣ, ଗଣେଶ୍ୱରପୁର ନୋଡାଲ ସ୍କୁଲରେ ୨୦୪ ଜଣ, ନାଗପୁର ନୋଡାଲ ହାଇସ୍କୁଲରେ ୧୫୪ ଜଣ, ଦାମୋଦପୁର ବାଳିକା ଉଚ୍ଚ ବିଦ୍ୟାଳୟ, କୋଣାର୍କରେ ୧୬୨ ଜଣ, କୋଣାର୍କ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୩୧ ଜଣ, ସରକାରୀ ଏସଏସଡି ହାଇସ୍କୁଲ, କୋଣାର୍କରେ ୨୧୪ ଜଣ, ଏକେ ବିଦ୍ୟାପୀଠ କୋଣାର୍କରେ ୧୯୬ ଜଣ ଏବଂ ଏରବଙ୍ଗ ହାଇସ୍କୁଲରେ ୨୫୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ । ଏହିପରି ମୋଟ ୧୬୯୮ ପରୀକ୍ଷାର୍ଥୀଙ୍କ ପାଇଁ ଗୋପ ନିଗମାନନ୍ଦ ନୋଡାଲ ସ୍କୁଲରୁ ପ୍ରଶ୍ନପତ୍ର ଯିବାର ବ୍ୟବସ୍ଥା କରାଯାଇଛି । ପରୀକ୍ଷା ପରିଚାଳନାକୁ ଅବାଧ, ନିରପେକ୍ଷ ଏବଂ କପିମୁକ୍ତ କରିବାକୁ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରାଯିବ ଏବଂ ପରୀକ୍ଷା ପରେ ଉତ୍ତର ଖାତାଗୁଡିକ ଡେସପାଚ ଟିମ୍ ଦ୍ୱାରା ସଂଗ୍ରହ କରାଯାଇ ବୋର୍ଡ ଜିମା ଦିଆଯିବ ବୋଲି ସୂଚନା ମିଳିଛି । ଏହାକୁ ଆଖିଆଗରେ ରଖି ଗୋପ ନିଗମାନନ୍ଦ ଉଚ୍ଚବିଦ୍ୟାଳୟରେ ଏଆଇ କ୍ୟାମେରା ଲଗାଯାଇଥିବା ବେଳେ ମଙ୍ଗଳବାର ଠାରୁ ପୋଲିସର କଡା ସୁରକ୍ଷା ବଳୟ ମଧ୍ୟରେ ରହିଛି । ଉକ୍ତ ବିଦ୍ୟାଳୟରୁ କିପରି ଭାବେ ବିଭିନ୍ନ ସ୍କୁଲକୁ ପ୍ରଶ୍ନପତ୍ର ଯିବ ଏବଂ ଶାନ୍ତିଶୃଙ୍ଖଳା ସହ ପରୀକ୍ଷା ଶେଷ ହେବ ସେଥିପ୍ରତି ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବାଷ ଚନ୍ଦ୍ର ପ୍ରଧାନ ସଜାଗ ରହିଥିବା କହିଛନ୍ତି ।

## ପାଳିଆବିନ୍ଧା କଲେଜ ଶିକ୍ଷା ବିଭାଗର ପାଠଚକ୍ର




ତିହିଡ଼ି(ଭାସ୍କର ନ୍ୟୁଜ): ମଣିଷର ମନସ୍ତତ୍ତ୍ୱର ଅବସ୍ଥା ଏପରି ଯେ ଆମେ ଯାହା ଶିକ୍ଷା ଗ୍ରହଣ କରନ୍ତି, ତାହାକୁ ସମୟକ୍ରମେ ବିସ୍ମରି ଯାଆନ୍ତି। ଏଣୁ ଆହରଣ ଓ ପୁନଃ ଶିକ୍ଷଣ ଜରିଆରେ ଗବେଷଣା ପ୍ରବିଧିକୁ ଅବଲମ୍ବନ କରି ଶିକ୍ଷାର୍ଥୀ ନୂତନ ତଥ୍ୟର ଅନୁସନ୍ଧାନ କରିପାରିବ ବୋଲି ପାଳିଆବିନ୍ଧା ବିନଏମଏ କଲେଜ ଶିକ୍ଷାବିଭାଗର ପାଠଚକ୍ରରେ ଅତିଥି ଓ ମୁଖ୍ୟବକ୍ତା ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗର ସହକାରୀ ପ୍ରଫେସର ଡକ୍ଟର ରଂଜନ କୁମାର ରାଉତ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। କଲେଜର ଅଧକ୍ଷ ଅମୂଲ୍ୟ କୁମାର ପରିଡା ମୁଖ୍ୟ ଅତିଥି ଭାବେ ଉତ୍ସବର ଉଦଘାଟକ କରିଥିବା ବେଳେ ଶିକ୍ଷା ବିଭାଗ ମୁଖ୍ୟ ଅଧାପକ ଅମିୟ ରଂଜନ ଦାସ ପୌରୋହିତ୍ୟ କରିଥିଲା। ବିଭାଗର ଅଧାପକ ଗୋବିନ୍ଦ ଚନ୍ଦ୍ର ବାଗ୍ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧାପକ ମାରୁତି କୁମାର ତ୍ରିପାଠୀ ବିଷୟଭିତ୍ତିକ ପ୍ରାକ ସୂଚନା ପ୍ରଦାନ କରିଥିଲେ। ଛାତ୍ରୀ ଆଦ୍ୟାଶ୍ରୀ ବେଜ ଓ ସେକ୍ ରହିମ୍ ବକସ୍ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲା ବେଳେ ଛାତ୍ରୀ ଦେବପ୍ରଭା ମଲ୍ଲିକ, ସ୍ୱାଗତିକା ମଲ୍ଲିକ, ଅନନ୍ୟା ବେଜ ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିଲେ। ଛାତ୍ରୀ ସ୍ମିତାରାଣୀ ଜେନା, ଏଲିନା ନାୟକ, ମୌନବ୍ରତ କୁଅଁର, ସତ୍ୟଜିତ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧାପକ ଡକ୍ଟର ବିଶ୍ୱରଂଜନ ଦାସ, ଅଧାପକ ସରୋଜ କୁମାର ମହାପାତ୍ର, ଅଧାପକ ପତନ କୁମାର ନାୟକ, ପ୍ରଦୀପ କୁମାର ମିଶ୍ର, ମୃତ୍ୟୁଞ୍ଜୟ ଦାସ, ଡକ୍ଟର ଚିନ୍ମୟୀ ସେନାପତି, ଅଧାପକ ଅଶୋକ କୁମାର ମଲ୍ଲିକ, ଦେବାଶିଷ ଦାସ, ଅଧାପିକା ହୀରକଲତା ଦାସ, ସ୍ୱପ୍ନା ରାୟ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଅଧାପିକା ଦୀପ୍ତିବାଳା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## କୁମ୍ଭାରିପୁଟ ସରକାରୀ ଏସ୍ଏସ୍‌ଡି ସେବା ଆଶ୍ରମରେ ବାର୍ଷିକ ଉତ୍ସବ

ବନ୍ଧୁଗାଁ(ଭାସ୍କର ନ୍ୟୁଜ): ବନ୍ଧୁଗାଁ ବ୍ଲକ କୁମ୍ଭାରିପୁଟ ସରକାରୀ ଏସଏସଡି ସେବା ଆଶ୍ରମରେ ବାର୍ଷିକ ଉତ୍ସବ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିପ୍ରହରି ପାଢ଼ୀ ତତ୍ତ୍ୱାବଧାନ ଓ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଚନ୍ଦନ କୁମାର ସ୍ୱାଇଁ, ମୁଖ୍ୟ ବକ୍ତା କୁମ୍ଭାରିପୁଟ ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ସରଜ କୁମାର ତରାଇ, ସମ୍ମାନିତ ଅତିଥି ଅଶୋକ ପଣ୍ଡା, ପଦ୍ମନ ନାୟକ, ମଧୁସୂଦନ ନାଇକ ଓ ନବୀନ ପ୍ରଧାନ ଉପସ୍ଥିତ ରହିଥିଲେ। ଉପସ୍ଥିତ ଅତିଥି ମାନେ ଶିକ୍ଷାର୍ଥୀଙ୍କ ବ୍ୟକ୍ତିତ୍ୱର ସାମଗ୍ରିକ ବିକାଶ ପାଇଁ ନିୟମିତ ପାଠପଢାରେ ସମୟ ଦେବା, ଗୁରୁଜନଙ୍କୁ ସମ୍ମାନ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଦିବାସୀ ପିଲାଙ୍କ ପାଠପଢା ପାଇଁ ସରକାରଙ୍କ ତରଫରୁ ଅନେକ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି। ଏହି ସବୁ ସୁବିଧା ସୁଯୋଗ ମିଳୁଥିବାରୁ ବନ୍ଧୁଗାଁ ବ୍ଲକର ଆଶ୍ରମ ସ୍କୁଲରୁ ଅନେକ ମେଧାବୀ ଛାତ୍ରଛାତ୍ରୀ ରହିଛନ୍ତି। ମଞ୍ଚକୁ ପ୍ରଦୀପ କୁମାର ପଣ୍ଡା ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଅତି ସୁନ୍ଦର ଭାବରେ ସ୍ୱାଗତ ନୃତ୍ୟ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହାପରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ସାଟିଫିକେଟ ଓ ଟ୍ରଫି ପ୍ରଦାନ କରିଥିଲେ।

## ସିଠାଳ ସେବା ସମବାୟ ସମିତି ସଭାପତି କୋର୍ଟଚାଲାଣ

ନିଆଳି (ଭାସ୍କର ନ୍ୟୁଜ): ନିଆଳି ଥାନା ଅଧିନସ୍ତ ଦେବୀକନ୍ଦଳ ସିଠାଳ ସେବା ସମବାୟ ସେବା ସମିତିର ସଭାପତି ରଶ୍ମି ରଂଜନ ଜେନାଙ୍କୁ ନିଆଳି ଥାନା ପୋଲିସ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ଶଗଡାଇଲ ପଂଚାୟତ କାର୍ଯ୍ୟାଳୟରେ ଗତ ୧୦ ତାରିଖ ଦିନ ଗ୍ରାମସଭା ଚାଲିଥିବା ବେଳେ ରଶ୍ମି ରଞ୍ଜନ ବନ୍ଧୁକ ଦେଖାଇ ଦିଗୀ ଗ୍ରାମର ବାବାଜି ଜେନାଙ୍କୁ ଧମକ ଚମକ ଦେଇଥିଲେ। ଏନେଇ ନିଆଳି ଥାନାରେ ବାବାଜୀ ଲିଖିତ ଅଭିଯୋଗ କରିବା ପରେ ନିଆଳି ଥାନା ପୋଲିସ ୫୭/୨୦୨୫ ଆମ୍ସ ଆକ୍ଟରେ ମାମଲା ରୁଜୁ କରି ରଶ୍ମି ରଂଜନ ଜେନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଆଇଆଇସି ବିଜୟ କୁମାର ମଲିକ ସୂଚନା ଦେଇଛନ୍ତି।

# ପାରମ୍ପରିକ ମାଘ ମଣ୍ଡେଇର ନୀତି ବିଧି ପାଳିତ



କୋଷାଗୁମୁଡ଼ା(ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ କୋଷାଗୁମୁଡ଼ା ବ୍ଲକରେ ଶୁକ୍ରବାର ଠାରୁ ଆରମ୍ଭ ହୋଇଯାଉଛି ପ୍ରସିଦ୍ଧ ମାଘ ମଣ୍ଡେଇ ଯାତ୍ରା। ଦୀର୍ଘ ବର୍ଷରୁ ଚାଲି ଆସିଥିବା ଏହି ଯାତ୍ରାରେ ଆଜି ବି ପୂର୍ବ ପରମ୍ପରା ବଜାୟ ରହିଛି । ବର୍ଷକୁ ଥରେ ଏହି ମାଘ ମଣ୍ଡେଇ ଯାତ୍ରା ଅନୁଷ୍ଠିତ ହେଉଥିବାରୁ ଜିଲ୍ଲା ତଥା ଜିଲ୍ଲା ବାହାରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ଜମୁଛି। ଯାତ୍ରା ପାଇଁ ସମଗ୍ର କୋଷାଗୁମୁଡ଼ା ବ୍ଲକ ଚଳଚଞ୍ଚଳ ହୋଇଉଠିଛି। ଏହି ଅବସରରେ ପ୍ରଥମେ ସ୍ଥାନୀୟ ଚାଉଁରିଆ ଦେବତାଙ୍କ ପୀଠରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା । ପରେ ଚାଉଁରିଆ ଦେବତାଙ୍କୁ ସ୍ନାନ କରାଯାଇ ନୂତନ କପଡ଼ାରେ ସଜା ଯାଇଥିଲା। ମୁଖ୍ୟ ପୂଜକ ଚାଉଁରିଆ ଦେବତାଙ୍କ ପାଲିଙ୍କି, କୁର୍ଜି, ଲାଠି ଆଦିକୁ ପୂଜାର୍ଚ୍ଚନା କରିବା ପରେ ମଣ୍ଡେଇ ଯାତ୍ରାର ଶୁଭାରମ୍ଭ ହୋଇଥିଲା। ମାଘ ମଣ୍ଡେଇରେ ଶହେ ଖଣ୍ଡ ଗ୍ରାମରୁ ଆସିଥିବା ଦେବଦେବୀଙ୍କ ପ୍ରତୀକ ଲାଠି, ପାଲିଙ୍କି, କୁର୍ଜିକୁ ଚାଉଁରିଆ ମନ୍ଦିର ନିକଟରେ ଏକତ୍ରିତ କରାଯାଇଥିଲା । ପରେ ସମସ୍ତ ଦେବାଦେବୀଙ୍କ ପ୍ରତୀକକୁ ଏକ ଶଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା । ସେହିପରି ଗ୍ରାମର ବିଭିନ୍ନ ଦେବାଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା । ବିଭିନ୍ନ ଗ୍ରାମରୁ ଆସିଥିବା ଦିଶାରୀ, ପୂଜାରୀ ମାନେ ନିଜର କୌଶଳ ପଦର୍ଶନ କରିଥିଲେ। ଏହି ଯାତ୍ରା ୪ ଦିନ ଧରି ଚାଲିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ଲୋକଙ୍କ ମନରଞ୍ଜନ ନିମନ୍ତେ ମିନା ବଜାର, ରାମଦୋଳି ପରି ଆଦି ଆକର୍ଷଣୀୟ ଜିନିଷ ବଜାରରେ ସଭା ପାଉଥିଲା । ଏହି ଯାତ୍ରାରେ ଓଡ଼ିଶା ସମେତ ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ବିହାର, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗର ବହୁ ବ୍ୟବସାୟୀ ପସରା ମେଲାଇଛନ୍ତି। ବିଶେଷ କରି ଏହି ଯାତ୍ରାକୁ ଆସୁଥିବା ଲୋକେ ଶିଳ, ଘୁରୁଣା କିଣିଥାନ୍ତି। ଯାତ୍ରାରେ ହଜାର ହଜାର ଲୋକଙ୍କ ଭିଡ଼ ଜମୁଥିବାରୁ ପୁଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଲୋକଙ୍କ ମନରଞ୍ଜନ ପାଇଁ ରାତ୍ରରେ ଆଦିବାସୀ ନାଟକ ର ବ୍ୟବସ୍ଥା କରାଯାଇଛି ।

# ଶୁଳିଆପଦାରେ ନିପୁଣ ଓଡିଶା ମେଳା ପାଳିତ



ଶୁଳିଆପଦା(ଭାସ୍କର ନ୍ୟୁଜ): ଶୁଳିଆପଦା ସ୍ଥିତ ନାରାୟଣ ବିଦ୍ୟାପିଠ, କଣ୍ଟିଠାରେ ବ୍ଲକ୍ ସ୍ତରୀୟ ନିପୁଣ ଓଡିଶା ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ପାନମଣୀ ମାର୍ଣ୍ଡି, ସମ୍ମାନିତ ଅତିଥି ଭାବେ ବ୍ଲକ୍ ଉପାଧକ୍ଷ ଜ୍ୟୋତିଲାଲ୍ ବାରିକ୍, ଜିଲ୍ଲା ପରିଷଦ ସଦସ୍ୟ ନଗେନ୍ଦ୍ର ନାଥ କିସ୍କୁ, ସ୍ଥାନୀୟ କଣ୍ଟିସାହି ସରପଞ୍ଚ ରାଇମାତ୍ ମୁର୍ମୁ ଯୋଗ ଦେଇଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ମାଳତୀ ଟୁଡୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ବିଆରସିସି ସରୋଜ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଉପରେ ଆଧାରିତ କାର୍ଯ୍ୟକ୍ରମରେ ପିଲାମାନେ କିପରି ଟିଏଲଏମ୍ ମାଧ୍ୟମରେ ସହଜ ସାବଲୀଳ ଭାବେ ଶିକ୍ଷା ଗ୍ରହଣ କରିପାରିବେ ସେ ବିଷୟରେ ବକ୍ତବ୍ୟ ରଖିଥିଲେ। ବ୍ଲକର ପ୍ରତ୍ୟେକ କ୍ଲଷ୍ଟରରୁ ପ୍ରାୟ ୩ ଶହ ପିଲାଙ୍କ ସମେତ ୨ ଶହରୁ ଉର୍ଦ୍ଧ୍ୱ ଅଭିଭାବକ, ଅଭିଭାବିକା, ସମସ୍ତ ସିଆରସିସି, ଶିକ୍ଷକ ଶିକ୍ଷିକା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ନିପୁଣ ଓଡିଶା ପାଇଁ ଏକ ଶପଥ ପାଠ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ୨ ଶିକ୍ଷୟିତ୍ରୀ ସୁଷମା ଦାସ ଓ ମନୋରମା ଦାସଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ବିଆରଟି ପ୍ରଦୀପ କୁମାର ଦଳାଇ ସ୍ୱାଗତ ଭାଷଣ ଦେଇଥିବା ବେଳେ ସିଆରସିସି ଅମୂଲ୍ୟ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ କ୍ଲଷ୍ଟରରୁ ପ୍ରସ୍ତୁତ ହୋଇଥିବା ବିଭିନ୍ନ ଟିଏଲଏମ୍‌କୁ ପ୍ରଦର୍ଶନ କରାଯାଇଥିଲା।

# ବାରିପଦା ବ୍ଲକସ୍ତରୀୟ ନିପୁଣ ଓଡିଶା ମେଳା ଉଦ୍‌ଯାପିତ

ବାରିପଦା(ଭାସ୍କର ନ୍ୟୁଜ): ସ୍ଥାନୀୟ ଏମକେସି ଉଚ୍ଚ ବିଦ୍ୟାଳୟ ପରିସରରେ ବାରିପଦା ବ୍ଲକ ସ୍ତରୀୟ ନିପୁଣ ଓଡିଶା ମେଳା ଅନୁଷ୍ଠିତ ହୋଇଯାଇଛି ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ନଳିନୀକାନ୍ତ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୟୁରଭଞ୍ଜ ଜିଲ୍ଲା ପରିଷଦ ସଭାପତି ଭାରତୀ ହାଁସଦା, ସମ୍ମାନିତ ଅତିଥି ଭାବେ ନଗରପାଳ କୃଷ୍ଣଓନନ୍ଦ ମହାନ୍ତି, ବାରିପଦା ବ୍ଲକ ଅଧକ୍ଷ ସୁନ୍ଦର ମୋହନ ସିଂ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନର ଅଧକ୍ଷ ପ୍ରମୋଦ କୁମାର ଡାକୁଆ ଓ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ବାସନ୍ତୀ ଟୁଡୁ ପ୍ରମୁଖ ଯୋଗଦେଇ ୧ମ ରୁ ୩ୟ ଶ୍ରେଣୀ ପିଲାଙ୍କ ପାଇଁ ଏହି କାର୍ଯ୍ୟକ୍ରମ ବେଶ ଫଳପ୍ରଦ ହେବ ବୋଲି ଆଶାପୋଷଣ କରିଥିଲେ । ପ୍ରଥମେ ନିପୁଣ ଓଡିଶା ସଂଗୀତରେ କୁନିକୁନି ବାଳିକା ନୃତ୍ୟ ପରିବେଷଣ କରିଥିଲେ ।



ପରେ ସମସ୍ତ ଅତିଥି, ଉପସ୍ଥିତ ଶତାଧିକ ଅଭିଭାବକ, ଅଭିଭାବିକା, ଛାତ୍ରଛାତ୍ରୀ ଶପଥ ପାଠ କରିବା ସହ ଅତିଥିଙ୍କ ଦ୍ୱାରା ନିପୁଣ ଓଡିଶା ଲୋଗୋ ଉନ୍ମୋଚନ କରାଯାଇଥିଲା । ବିଆରସିସି ତପସ୍ୱିନୀ ଦାଶଙ୍କ ସଂଯୋଜନାରେ ମେଳାରେ ସମସ୍ତ ୧୩ କ୍ଲଷ୍ଟରରୁ ୧୨୦ ଛାତ୍ରଛାତ୍ରୀଙ୍କ ଦ୍ୱାରା ଶିକ୍ଷଣ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା । ଜିଲ୍ଲା ସମ୍ବଳ ଶିକ୍ଷକ ଧନପତି ମିଶ୍ର, ଧନଞ୍ଜୟ ସାହୁ ଓ ଜିଲ୍ଲା ସଂଯୋଜକ ଯୋଗେଶ୍ୱର ଘୋଷ ମହାପାତ୍ର ମେଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ମୌଳିକ ସାକ୍ଷରତାରେ ତୁଳସୀଚୌରା କଲୋନୀ ସାହି, ପିସିପୁର ଉଚ୍ଚପ୍ରାଥମିକ, ଏମକେସି ଉଚ୍ଚବିଦ୍ୟାଳୟ ଏବଂ ସଂଖ୍ୟା ଜ୍ଞାନରେ ଗୁଞ୍ଜୁସାହି, ରାଜାବସା, ଅରବିନ୍ଦ ଓ ପୁରୁଡ଼ିହି ବିଦ୍ୟାଳୟ ଜିଲ୍ଲା ସ୍ତରରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଥିଲେ । ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବ୍ରଜମୋହନ ମୁର୍ମୁ ଓ ଡଃ ସ୍ନେହଲତା ବେହେରା କୁନିକୁନି ପିଲାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଗୌତମ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ସିଆରସିସି ରାଜକିଶୋର ସେଠି ଧନ୍ୟବାଦ ଅର୍ପଣ କରିଥିଲେ ।



# ଆମ କଳାହାଣ୍ଡି





## କ୍ଲଷ୍ଟରସ୍ତରୀୟ 'ନିପୁଣ ଓଡିଶା' କାର୍ଯ୍ୟକ୍ରମ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ସଦର ବ୍ଲକ୍ ଅନ୍ତର୍ଗତ କର୍ଲାପଡା ଠାରେ କ୍ଲଷ୍ଟରସ୍ତରୀୟ 'ନିପୁଣ ଓଡ଼ିଶା' (ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ)କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କର୍ଲାପଡ଼ା କ୍ଲଷ୍ଟରର କ୍ଲଷ୍ଟର ସଂଯୋଜକ ପ୍ରଦ୍ୟୁମ୍ନ କୁମାର ହୋତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଦୟାନିଧି ନାଏକ ଉପସ୍ଥିତ ଥିଲା ବେଳେ ମୁଖ୍ୟବକ୍ତା ଭାବେ କର୍ଲାପଡା ସ୍ନାତକ ମହାବିଦ୍ୟାଳୟର ପ୍ରାଧାପକ ମୋହନ ପଟେଲ, ସମ୍ମାନିତ ଅତିଥି ଭାବେ ଭବାନୀପାଟଣା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗଦୀଶ ମୁଣ୍ଡ ଓ ହୃଷିକେଶ ନାଏକ ଉପସ୍ଥିତ ରହି ଆୟୋଜିତ ନିପୁଣ ଓଡିଶା କାର୍ଯ୍ୟକ୍ରମର




ଉଦ୍ଦେଶ୍ୟର ସଫଳ ରୂପାୟନ ପାଇଁ ଆବଶ୍ୟକ ବିଭିନ୍ନ ଦିଗ ସମ୍ପର୍କରେ କହିବା ସହିତ ଏଥିରେ ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କ ଭୂମିକାକୁ ଉପସ୍ଥାପନ କରିଥିଲେ। କ୍ଲଷ୍ଟର ସଂଯୋଜକ ଶ୍ରୀ ହୋତାଙ୍କ ବଳିଷ୍ଠ ନେତୃତ୍ୱ ଏବଂ କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଆନ୍ତରିକ ସହଯୋଗ ଯୋଗୁଁ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା । ବିଶେଷ କରି ଚହଗାଁ ପ୍ରଧାନ ଶିକ୍ଷକ ଜଗନ୍ନାଥ ଦାସ, କେନ୍ଦୁଗୁପୁକା ପ୍ରଧାନ ଶିକ୍ଷକ କାଳି ପ୍ରସାଦ ରଥ, କର୍ଲାପଡା ପ୍ରଧାନ ଶିକ୍ଷକ କ୍ଷେତ୍ରି ରାଉତ ପ୍ରମୁଖ ଏଥିରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟରୁ ସଂଗୃହୀତ ହୋଇ ଆସିଥିବା ଶିକ୍ଷଣୀୟ ସାମଗ୍ରୀରେ ସୁସଜ୍ଜିତ ଦୁଇଟି ଶ୍ରେଣୀଗୃହକୁ ଅତିଥି ମାନେ ଉଦ୍‌ଘାଟନ କରିଥିଲେ। କୁନି କୁନି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ଶିକ୍ଷଣୀୟ ସାମଗ୍ରୀକୁ ଅନୁଧ୍ୟାନ କରି ଆନନ୍ଦ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମର ସଫଳତା ପାଇଁ ସଂଯୋଜକ ଶ୍ରୀ ହୋତା ମୃତ୍ୟୁଞ୍ଜୟ ପ୍ରଧାନ, ସୁକ୍ଟୁ ଜାନି, ସୁଶାନ୍ତ ପ୍ରଧାନ, କସ୍ତୁରୀ ଚାଲାଣ, ଶୋଭାରାଣୀ ନାୟକ, ସଂଯୁକ୍ତା ଖିଲାର, ସୁଜାତା ବାରିକ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ତାମିଲନାଡୁରୁ ଆସିପାରୁନି ଦାଦନ ଶ୍ରମିକଙ୍କ ମୃତଦେହ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ଦିନକୁ ଦିନ ଜିଲ୍ଲାରେ ଦାଦନ ସମସ୍ୟା ଉତ୍କଟ ହେବାରେ ଲାଗିଛି। ଦୈନନ୍ଦିନ କୌଣସି ନା କୌଣସି ଦାଦନ ଶ୍ରମିକଙ୍କ ସହିତ ଅଘଟଣ ଖବର ଅଞ୍ଚଳ ପାଇଁ ଚର୍ଚ୍ଚାର ବିଷୟ ପାଲଟିଛି। ୨ଦିନ ତଳେ ଗୋଲାମୁଣ୍ଡା ଅଞ୍ଚଳର ଜଣେ ଦାଦନ ଶ୍ରମିକଙ୍କ ମୁମ୍ବାଇରେ ମୃତ୍ୟୁ ହୋଇ ଗାଁକୁ ଫେରିଥିବା ବେଳେ ମଶାଣିରେ ତା'ର ଜୁଇ ନିଆଁ ନଲିଭୁଣୁ ପୁଣି ଏବେ ଧର୍ମଗଡ଼ ଅଞ୍ଚଳର ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ ଖବର ଗାଁରେ ପହଞ୍ଚିଛି। ମୃତକ ଜଣକ ନନ୍ଦିଗାଁର ଚନ୍ଦ୍ରମଣି ଶବର (୨୭)। ସେ ଗତ ୨ ମାସ ତଳେ ସ୍ତ୍ରୀ ପିଲା ଛୁଆକୁ ଧରି ତାମିଲନାଡୁ ଠାରେ ଏକ ଇଟା ଭାଟିରେ କାମ କରୁଥିଲେ। ଗୁରୁବାର ଦିନ କାମ କରୁଥିବା ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସେଠାକାର ପୋଲିସ ମୃତ ଦେହକୁ ଜବତ କରିବା ସହ ଶବ ବ୍ୟବଚ୍ଛେଦ କରିଥିବା ଜଣାପଡିଛି। ହେଲେ ଶବ ଗାଁରେ ପହଞ୍ଚାଇବା ପାଇଁ ଠିକାଦାର ଜଣକ ନା ସର୍ତ୍ତ ମୂଳକ ଭାବେ କୌଣସି ସହାୟତା ଦେଉଛନ୍ତି ନାହିଁ କିଛି ଆର୍ଥିକ ସହାୟତା, ଯେକୌଣସି ଗୋଟାଏ ସହାୟତା ଦାବି କରୁଥିବା ସମ୍ପର୍କୀୟ ମାନେ କହିଛନ୍ତି। ଅନ୍ୟପଟେ ବିଭିନ୍ନ ପ୍ରଲୋଭନ ଦେଖାଇ ଗାଁରୁ ନେଇଥିବା ଗୋବିନ୍ଦ ତାଣ୍ଡି ଘଟଣା ପରେ ନିରବ ସାଜିଥିବା କୁହାଯାଏ। ମୃତକ ଜଣକ ଅତି ଗରିବ ଶ୍ରେଣୀର ହୋଇଥିବା ବେଳେ ସ୍ତ୍ରୀ ହିମାଦ୍ରୀ, ୭ବର୍ଷୀୟ ପୁଅ ଓ ୩ବର୍ଷୀୟ ଝିଅକୁ ନେଇ ପେଟ ପାଟଣା ପାଇଁ ସୁଦୂର ତାମିଲନାଡୁ ଯାଇଥିଲେ। ବର୍ତ୍ତମାନ ତାଙ୍କ ମୃତ୍ୟୁ ପରେ ଭାଙ୍ଗି ପଡିଛନ୍ତି ସ୍ତ୍ରୀ ହିମାଦ୍ରୀ। ଅନ୍ୟପଟେ ତାଙ୍କ ମୃତ ଶରୀର ଗାଁକୁ ଫେରାଇ ଆଣିବାକୁ ଓ ପରିବାରକୁ ବିଭିନ୍ନ ସରକାରୀ ସହାୟତା ପ୍ରଶାସନ ପକ୍ଷରୁ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ପ୍ରତିଭାକୁ ପରିପ୍ରକାଶ କରିବାର ମାଧ୍ୟମ ବାର୍ଷିକ ଉତ୍ସବ

ଧର୍ମଗଡ଼, (ଭାସ୍କର ନ୍ୟୁଜ) : କଳାହାଣ୍ଡି ଜିଲ୍ଲା ଧର୍ମଗଡ ସ୍ଥିତ ସରକାରୀ ପ୍ରାଥମିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସ୍କୁଲର ଅଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଧର୍ମଗଡ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ପଙ୍କଜିନୀ ମାଝୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତୀଥି ଭାବରେ ଧର୍ମଗଡ ନୋଡାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ଜୟନ୍ତ କୁମାର ମୁଣ୍ଡ, ବରିଷ୍ଠ ସାମ୍ବାଦିକ ବିରଞ୍ଚି ନାରାୟଣ ଜାଲ, ସାମ୍ବାଦିକ ଅଂଶୁମାନ ପାତ୍ର, ଶିକ୍ଷକ ପ୍ରଶିକ୍ଷୀକା ନିହାରିକା ଦେବୀ, ସ୍ଥାନୀୟ ହାଇସ୍କୁଲ ଶିକ୍ଷକ ସୁଧାଂଶୁ ଶେଖର ପଣ୍ଡା ସମେତ ଅନ୍ୟାନ୍ୟ ଅତିଥି ମଞ୍ଚାସିନ ହୋଇଥିଲେ। ଛାତ୍ରଛାତ୍ରୀ ମାନଙ୍କ ଭିତରେ ଥିବା ଲୁକାୟିତ ପ୍ରତିଭାକୁ ପ୍ରକାଶ କରିବାର ଦିନ ହେଉଛି ସ୍କୁଲ ଓ କଲେଜର ବାର୍ଷିକ ଉତ୍ସବ। କାରଣ ଏହି ଉତ୍ସବରେ ହିଁ ସେମାନେ ନାଚ, ଗୀତ, ଉପସ୍ଥାପନା ଏବଂ ବିଭିନ୍ନ ପ୍ରକାରର ପ୍ରତିଯୋଗୀତାରେ ଅଂଶଗ୍ରହଣ କରି ପ୍ରତିଭାକୁ ପରିପ୍ରକାଶ କରିଥାନ୍ତି ବୋଲି ବକ୍ତା ମାନେ ନିଜ ନିଜ ବକ୍ତବ୍ୟରେ କହିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରମାଣ ପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ପରିଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ସ୍ତ୍ରୀର ଆକ୍ରମଣରେ ସ୍ୱାମୀ ଗୁରୁତର

କେସିଙ୍ଗା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରର ୱାର୍ଡ ନଂ- ୯ ଜଗନ୍ନାଥପଡ଼ା ଠାରେ ବୁଧବାର ପ୍ରାୟ ୪.୩୦ ମି ସମୟରେ ଏକ ଅଭାବନୀୟ ଘଟଣା ଘଟିଛି। ସ୍ତ୍ରୀ ତା ସ୍ୱାମୀକୁ ଗଳାରେ ଛୁରୀ ମାରି ଘାଇଲା କରିଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ରାମକୃଷ୍ଣ କୈବର୍ତ୍ତ କେସିଙ୍ଗା ଜଗନ୍ନାଥପଡ଼ା ସ୍ଥିତ କୈବର୍ତ୍ତପଡ଼ାରେ ରହି ମାଛ ବିକ୍ରି କରି ନିଜ ପରିବାର ପୋଷନ୍ତି। ପରିବାର କହିଲେ ଦୁଇ ପୁଅ ଗୋଟେ ଝିଅ ଓ ସ୍ତ୍ରୀ। ରାମକୃଷ୍ଣ କହିବା ଅନୁସାରେ ତାଙ୍କ ସ୍ତ୍ରୀ ତାଙ୍କୁ ଛୁରୀ ମାରି ଘାଇଲା କରିଛି ଓ ୧୪ ବର୍ଷର ପୁଅ ସ୍କୁଲରୁ ଆସି ବାପା ମାଙ୍କ ଝଗଡା କଥା ଶୁଣି ବିଷ ପିଇ ଦେଇଛି। ପୁଅ ବର୍ତ୍ତମାନ ଭଲ ଥିବାବେଳେ ରାମକୃଷ୍ଣଙ୍କୁ ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଏଠାରେ ଆଉ ଗୋଟିଏ କଥା କହିରଖୁଛୁ ଯେ ଏମିତି ଏହି ସ୍ୱାମୀ ସ୍ତ୍ରୀ ତିନିମାସ ପୂର୍ବେ ଝଗଡା ଲାଗି ସେହି ସ୍ତ୍ରୀ ରାମକୃଷ୍ଣର ବେକରେ ଟାଙ୍ଗିଆରେ ଆକ୍ରମଣ କରି ଘାଇଲା କରିଥିବା ଦେଖାଯାଇଥିଲା। ସେତେବେଳେ ମଧ ରାମକୃଷ୍ଣ ସ୍ତ୍ରୀ ନାମରେ ଅଭିଯୋଗ ଆଣିଥିଲେ ଓ ଆଜି ମଧ ରାମକୃଷ୍ଣ ସ୍ତ୍ରୀ ମାରିଥିବା ଅଭିଯୋଗ କରିଛନ୍ତି। ହେଲେ ସ୍ତ୍ରୀ ସେତେବେଳେ ମଧ ନିଜକୁ ନିର୍ଦ୍ଦୋଷ ବୋଲି କହିଥିଲେ ଓ ଆଜି ମଧ ସେ ନିଜକୁ ନିର୍ଦ୍ଦୋଷ ବୋଲି ଗଣମାଧମ ଆଗରେ ପ୍ରକାଶ କରିଛନ୍ତି। ଘଟଣା ସ୍ଥଳରେ ଥାନା ଅଧିକାରୀ ପ୍ରଦ୍ୟୁମ୍ନ ମହାପାତ୍ର ନିଜେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିବା ଦେଖାଯାଇଛି।

## ଗୋବର୍ଦ୍ଧନପୁର କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା



ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍) : ଲାଞ୍ଜିଗଡ଼ ବ୍ଲକ ଗୋବର୍ଦ୍ଧନପୁର କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା ଗୋବର୍ଦ୍ଧନପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗୋବର୍ଦ୍ଧନପୁର ସରପଞ୍ଚ ବୈଦେହୀ ମାଝୀ, ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିକ୍ଷକ ତପନ କୁମାର ଭୋଇ, ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ ପ୍ରେସ କ୍ଲବର ସଭାପତି ସୁଶୀଲ କୁମାର ବାଗ, ସାମ୍ବାଦିକ ସନ୍ତୋଷ ତ୍ରିଳ, ଗୋପାଳଦାସ ମହାନନ୍ଦ, ନୀଲେଶ କୁମାର ନାଗ, ଶିକ୍ଷୟିତ୍ରୀ ଅନିମା ପଣ୍ଡା, ରଞ୍ଜନ କୁମାର ବୁଢ଼ିଆ ପ୍ରମୁଖ ଯୋଗ ଦେଇଥିଲେ। ଗୋବର୍ଦ୍ଧନପୁର କ୍ଲଷ୍ଟର ସଂଯୋଜକ କୁମାର ଗୌରବ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଶିକ୍ଷକ ଶରତ ଚନ୍ଦ୍ର ସାହାଣୀ, ଚିନ୍ତାମଣି ବିଶ୍ୱାଳ, ସୁରେନ୍ଦ୍ର ବିଶ୍ୱାଳ, ଲୋକନାଥ ହରିଜନ, ରଞ୍ଜନ କୁମାର ବୁଢ଼ିଆ, ମହେଶ୍ୱର ମାଝୀ, ଗୁଣନିଧି ଛତ୍ରିଆ, ମାନସ ରଞ୍ଜନ ଦୀପ, ବିଷ୍ଣୁ ଆଡଜୁଆଡ଼, ଗୌର ମାଝୀ, ଦୈତାରୀ ମାଝୀ, ବୈଷ୍ଣବ ବାଗ, ଲିଙ୍ଗରାଜ ସାହୁ, କୁନ୍ଦଜା ବାରିକ, ଯଶୋବନ୍ତୀ ମାଝୀ, ନଳିନୀକାନ୍ତି ମାଝୀ, ଅନିମା ପଣ୍ଡା, ଆର. ଭି ସନ୍ଧ୍ୟାରାଣୀ, ଧନୁ ନାୟକ, କବିରାଜ ଶବର, ସସ୍ମିତା ମିଶ୍ର, ଗୀତାଞ୍ଜଳି ପୁରୋହିତ, ଦୀପ୍ତିଚନ୍ଦ୍ର ସାହୁ, ବଦ୍ରି ନାରାୟଣ ନାଗ, ମହେନ୍ଦ୍ର ନାଥ ସିଂ, ସମୀର ପୁଝାରୀ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏଥିରେ ଗୋବର୍ଦ୍ଧନପୁର କ୍ଲଷ୍ଟର ଅନ୍ତର୍ଗତ ୧୬ ଗୋଟି ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସହିତ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଭାଗ ନେଇଥିଲେ।

## ଦୁର୍ଘଟଣାରେ ଦାଦନଙ୍କ ମୃତ୍ୟୁ

କୋକସରା, (ଭାସ୍କର ନ୍ୟୁଜ୍) : ହାଇଦ୍ରାବାଦରୁ ଦାଦନ ଖଟି କିଛି ରୋଜଗାର କରିବା ପରେ କେତେ ହସ ଖୁସିରେ ଘରକୁ ଫେରୁଥିଲେ। ହେଲେ କିଏ ଜାଣିଥିଲା, ଅଧା ବାଟରେ ଶ୍ରମିକ ଉପରେ ଚଢ଼ିଗଲା କାର। ଆଉ ଚାଲିଗଲା ଏକ ଅମୂଲ୍ୟ ଜୀବନ। ଏଭଳି କିଛି ଦୁଃଖଦ ଘଟଣା ଘଟିଛି କଳାହାଣ୍ଡି ଜିଲ୍ଲା ଆମପାଣି ବସଷ୍ଟାଣ୍ଡ ନିକଟରେ। ମୃତ ଯୁବକ ଜଣକ ଛତିଶଗଡ ଗରିଆବନ୍ଧ ଜିଲ୍ଲା ଧରଣୀବାହାଲ ଗ୍ରାମର ରମେଶ ଠାକୁର(୨୮) ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ, ଶୁକ୍ରବାର ସକାଳେ ରମେଶ ହାଇଦ୍ରାବାଦରୁ ଏକ ବସ ଯୋଗେ ଆସି ଆମପାଣି ବସଷ୍ଟାଣ୍ଡରେ ଓହ୍ଲାଇଥିଲେ। ଏବଂ ନିଜ ଗାଁକୁ ଯିବାପାଇଁ ଅନ୍ୟ ଏକ ବସକୁ ଅପେକ୍ଷା କରିଥିଲେ। ଠିକ୍ ଏହି ସମୟରେ ଏକ କାର ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ରମେଶ ଗୁରୁତର ହୋଇପଡିଥିଲେ। ଏହାପରେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କୋକସରା ମେଡିକାଲ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ଆମପାଣି ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଗାଡ଼ି ସହ ଡ୍ରାଇଭର ଓ ଅନ୍ୟ ଜଣକୁ ଥାନାରେ ଅଟକ ରଖିଥିବା ଜଣାପଡିଛି।

## ନିପୁଣ ଓଡିଶାର ମୁଖ୍ୟ ଉଦ୍ଦେଶ୍ୟ ବୁଝିଲେ ଛାତ୍ରଛାତ୍ରୀ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ପୁଟିଆଚୁରା କେନ୍ଦ୍ର ଉଚ୍ଚପ୍ରାଥମିକ ବିଦ୍ୟାଳୟର ଠାରେ କ୍ଲଷ୍ଟରସ୍ତରୀୟ ନିପୁଣ ଓଡିଶା ମେଳା ସିଆର୍‌ସିସିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ପୁଟିଆଚୁରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୁଟିଆଚୁରା ସିଆରସିସି ରେଖରାମ ନାଏକ, କାର୍ଲପଡା ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ କ୍ଷୀରସିନ୍ଧୁ ଦୁର୍ଗା, ସଂକରିପାଲି ବିଦ୍ୟାଳୟର ସହକାରୀ ଶିକ୍ଷକ ଶେଷଦେବ ପାଢ଼ି, ରେଙ୍ଗସାପାଲି ଉଚ୍ଚପ୍ରାଥମିକ ବିଦ୍ୟାଳୟ ସଚିନ୍ଦ୍ର ବାଗ ଓ କ୍ଲଷ୍ଟର ଅଧିନସ୍ଥ ବିଦ୍ୟାଳୟର ଏଫ.ଏଲ୍.ଏନ୍ ଶିକ୍ଷକ/ ଶିକ୍ଷୟତ୍ରୀ, ପ୍ରତି ବିଦ୍ୟାଳୟରୁ ୧୦ ଜଣ ଛାତ୍ରଛାତ୍ରୀ, ପିତାମାତା, ପିଆରଆଇ ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ନିପୁଣ ଓଡିଶା ମେଳା ଗୀତ ଗାନ କରିବା ସହିତ ଶପଥ ଗ୍ରହଣ କରାଯାଇଥିଲା। ନିପୁଣ ଓଡିଶା ମେଳାର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ସିଆର୍‌ସିସି ଶ୍ରୀ ନାଏକ ଅଭିଭାଷଣରେ କହିଥିବା ବେଳେ ପୁଟିଆଚୁରା ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ସାହୁ ନିପୁଣ ଓଡିଶା କ'ଣ ଓ ଏହା କିପରି କାର୍ଯ୍ୟକାରୀ ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ ପରବର୍ତ୍ତୀ ସମୟରେ ଶିକ୍ଷକ ମାନଙ୍କ ଦ୍ୱାରା ପ୍ରସ୍ତୁତ ଶିକ୍ଷଣ ସାମଗ୍ରୀ ଗୁଡିକୁ ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ପ୍ରଦର୍ଶନ କରାଯାଇଥିଲା। ପ୍ରଦର୍ଶିତ ଷ୍ଟଲ୍‌ଗୁଡିକୁ ଯଥାକ୍ରମେ ସାକ୍ଷରତା ଶିକ୍ଷଣ କେନ୍ଦ୍ର, ସଂଖ୍ୟା ଜ୍ଞାନ ଶିକ୍ଷଣକେନ୍ଦ୍ର, ସୃଜନ ଶିକ୍ଷଣକେନ୍ଦ୍ର, ମତାମତ ଷ୍ଟଲ୍, ରୂପେ ସଜାଯାଇ ଛାତ୍ରଛାତ୍ରୀମାନଙ୍କୁ ପୁଙ୍ଖାନୁପୁଙ୍ଖ ବୁଝା ଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ଓ ଏଫ.ଏଲ୍.ଏନ୍ ଶିକ୍ଷକ/ ଶିକ୍ଷୟତ୍ରୀ ମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ପୁଟିଆଚୁରା ବିଦ୍ୟାଳୟର ସହକାରୀ ଶିକ୍ଷୟତ୍ରୀ ମାଧୁରୀ ବାଗ, ଓ ହେମାଙ୍ଗିନୀ ପଧାନ ସହଯୋଗ କରିଥିବା ବେଳେ କର୍ମାଠ ଉଚ୍ଚପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଅନିଲ ନାୟକ ମଞ୍ଚ ପରିଚାଳନା କରିଥିଲେ।

## ଜୁଡୋ ଚମ୍ପିୟାନସିପ୍‌ରେ ଧର୍ମଗଡ଼ ପୁଅ ଅଭିଷେକ

ଧର୍ମଗଡ଼ (ଭାସ୍କର ନ୍ୟୁଜ୍) : ଚଳିତ ମାସ ୨୪ତାରିଖ ଠାରୁ ଲକ୍ଷ୍ନୌ ଠାରେ ଆୟୋଜିତ ହେବ ପାରା ଜୁଡୋ ଚମ୍ପିୟାନସିପ୍। ଏହି ଖେଳରେ ପ୍ରଥମଥର ପାଇଁ ଭାଗ ନେବାକୁ ମନୋନୀତ ହୋଇଛନ୍ତି କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଅଞ୍ଚଳ ଖଇରପଦର ଗ୍ରାମର ଅଭିଷେକ ଆଶ୍ଚର୍ଯ୍ୟ। ଏହା ପୂର୍ବରୁ ଗତ ଜୁଲାଇ ମାସରେ ରାଜ୍ୟସ୍ତରୀୟ ପାରା ଜୁଡୋ ଚମ୍ପିୟାନସିପ୍ ଅନୁଷ୍ଠିତ ହୋଇଥିଲା। ଏଥିରେ +୯୦କିଲୋ କୋଟାଗୋରିରେ କୃତିତ୍ୱ ହାସଲ କରି ସ୍ୱର୍ଣ୍ଣ ପଦକ ହାସଲ କରି ଜାତୀୟସ୍ତରରେ ଖେଳିବାକୁ ମନୋନୀତ ହୋଇଛନ୍ତି। ଓଡିଶାର ମୋଟ ୧୮ଜଣ ଖେଳିଳା ମନୋନୀତ



ହୋଇଥିବା ବେଳେ ସେଥିମଧ୍ୟରେ ଧର୍ମଗଡ଼ ଅଞ୍ଚଳ ଖଇରପଦର ଗ୍ରାମର ସ୍ୱର୍ଗତ ଶରତ ଚନ୍ଦ୍ର ଆଶ୍ଚର୍ଯ୍ୟଙ୍କ ପୁଅ ଅଭିଷେକ ଆଶ୍ଚର୍ଯ୍ୟ ସ୍ଥାନ ପାଇଥିବା ନେଇ ଅଞ୍ଚଳରେ ଖୁସି ଦେଖା ଦେଇଛି। ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ବାର୍ତ୍ତାଦେବା ସହ ଜାତୀୟସ୍ତରରେ ସଫଳ ଅର୍ଜନ କରିବାକୁ କାମନା କରିଛନ୍ତି। ବିଧାୟକ ସୁଧିର ରଞ୍ଜନ ପଟ୍ଟଯୋଶୀ ଅଭିନନ୍ଦନ ଜଣାଇବା ସହ ଆଗକୁ ହେବାକୁ ଥିବା ପାରା ଜୁଡୋ ଚମ୍ପିୟାନସିପରେ ଭାଗ ନେଇ ଅଞ୍ଚଳ ଓ ଜିଲ୍ଲା ପ୍ରତି ଗର୍ବ ଆଣିବା ଆଶା ରଖିଥିବା ପ୍ରକାଶ କରିଛନ୍ତି।

### —୪ କନିଷ୍ଠ ଯନ୍ତ୍ରୀଙ୍କ ଦ୍ୱାରା ଚାଲିଛି ୨୬ପଞ୍ଚାୟତ କାର୍ଯ୍ୟ—

## ଅଭିଯୋଗ ନେଇ ଜିଲ୍ଲାପାଳଙ୍କୁ ଭେଟିଲେ ଜନପ୍ରତିନିଧି

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ ବ୍ଲକର ୨୬ ଗୋଟି ଗ୍ରାମ ପଞ୍ଚାୟତ ପାଇଁ ଏବେ ନିଯୁକ୍ତ ଅଛନ୍ତି ମାତ୍ର ୪ ଜଣ କନିଷ୍ଠ ଯନ୍ତ୍ରୀ। ଯାହାଫଳରେ ବିଭିନ୍ନ ପଞ୍ଚାୟତ ଗୁଡ଼ିକରେ ଉନ୍ନୟନ କାର୍ଯ୍ୟ ସଂପୂର୍ଣ୍ଣ ଠପ ହୋଇଯାଇଛି। ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ପାଞ୍ଚରୁ ଛଅଟି ପଞ୍ଚାୟତର ଦାୟିତ୍ୱ ଦିଆଯାଇଥିବାବେଳେ ବ୍ଲକର ଦୁର୍ଗମ ଅଞ୍ଚଳଗୁଡ଼ିକୁ ଗସ୍ତ କରି ଉନ୍ନୟନ କାର୍ଯ୍ୟ ତଦାରଖ କରିବା ମୁସ୍କିଲ ହୋଇପଡିଛି। ଏହାକୁ ନେଇ ବ୍ଲକରେ ବ୍ୟାପକ ଜନ ଅସନ୍ତୋଷ ବୃଦ୍ଧି ପାଉଥିବାବେଳେ ବ୍ଲକ ଅଧ୍ୟକ୍ଷାଙ୍କ ନେତୃତ୍ୱରେ ବ୍ଲକର ସମସ୍ତ ଜନ ପ୍ରତିନିଧି କଳାହାଣ୍ଡି ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଖାଲି ପଦବୀ ପୂରଣ ପାଇଁ ଦାବି କରିଛନ୍ତି। ସୂଚନା ଅନୁସାରେ, ବ୍ଲକର ବିଭିନ୍ନ ଉନ୍ନୟନ କାର୍ଯ୍ୟର ତଦାରଖ ପାଇଁ ୧୦ ଜଣ କନିଷ୍ଠ ଯନ୍ତ୍ରୀ ରହିବା କଥା କିନ୍ତୁ ତା' ବଦଳରେ ମାତ୍ର ୭ ଜଣ କନିଷ୍ଠ ଯନ୍ତ୍ରୀ ଥିଲେ। ସେମାନଙ୍କ ମଧ୍ୟରୁ ଜଣେ କନିଷ୍ଠ ଯନ୍ତ୍ରୀ ଲିଙ୍ଗରାଜ ସ୍ୱାଇଁଙ୍କୁ ସମ୍ପନ୍ନିତ ଆଦିବାସୀ ଉନ୍ନୟନ ସଂସ୍ଥା ଓ ଦୁର୍ଯ୍ୟୋଧନ ଭୋଇଙ୍କୁ ମ. ରାମପୁର ବ୍ଲକକୁ ଡେପୁଟେସନ କରାଯାଇଛି। ସେହିପରି ଜଣେ କନିଷ୍ଠ ଯନ୍ତ୍ରୀ ବିଦ୍ୟାଧର ଟୁଡୁଙ୍କୁ ଭବାନୀପାଟଣା ବ୍ଲକକୁ ବଦଳି କରାଯାଇଥିଲେ ହେଁ ତାଙ୍କ ସ୍ଥାନରେ କାହାକୁ ନିଯୁକ୍ତି ଦିଆଯାଇନାହିଁ। ଅପରପକ୍ଷରେ, ଲାଞ୍ଜିଗଡ ବ୍ଲକ ଦାୟିତ୍ୱରେ ଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ ସାଲଖୁ ହେମ୍ବ୍ରମଙ୍କୁ ଡେପୁଟେସନରେ ସମ୍ପନ୍ନିତ ଆଦିବାସୀ ଉନ୍ନୟନ ସଂସ୍ଥାକୁ ପଠାଯାଇଛି। ତାଙ୍କ ସ୍ଥାନରେ ଜୟପାଟଣା ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ କ୍ଷୀରୋଦ କୁମାର ନାୟକଙ୍କୁ ଲାଞ୍ଜିଗଡ଼ ବ୍ଲକ ଦାୟିତ୍ୱ ଦିଆଯାଇଥିବାବେଳେ ଏବେ ତାଙ୍କୁ ମଧ୍ୟ ନୂଆପଡ଼ା ଜିଲ୍ଲା ପରିଷଦକୁ ବଦଳି ହୋଇଥିବା ନିର୍ଦ୍ଦେଶ ଜାରି ହୋଇଛି। ଏପରିସ୍ଥଳେ ଲାଞ୍ଜିଗଡ ବ୍ଲକର ୨୬ ଗୋଟି ପଞ୍ଚାୟତର ସମସ୍ତ ଉନ୍ନୟନ ପ୍ରକଳ୍ପ ସମେତ ମନରେଗା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପ୍ରଧାନମନ୍ତ୍ରୀ



ଜନମନ ଯୋଜନା ଆଦି ଏକପ୍ରକାର ଠପ ହୋଇଯାଇଛି। ମାତ୍ର ୪ ଜଣ କନିଷ୍ଠ ଯନ୍ତ୍ରୀଙ୍କ ଉପରେ ମାତ୍ରାଧିକ ଦାୟିତ୍ୱ ଓ କାର୍ଯ୍ୟଭାର ଯୋଗୁଁ ବ୍ଲକର ବିକାଶମୂଳକ କାର୍ଯ୍ୟଗୁଡିକ ଆଗେଇ ପାରୁନାହିଁ। ଏହାକୁ ନେଇ ଲାଞ୍ଜିଗଡ ବ୍ଲକ ଅଧ୍ୟକ୍ଷା କମଳା ପାତ୍ରଙ୍କ ନେତୃତ୍ୱରେ ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ, ବ୍ଲକ ସମିତିସଭ୍ୟ ସଂଘର ସଭାପତି ଜଗଦୀଶ ବେନିଆଁ, ଚମ୍ପାଦେଇପୁର ସରପଞ୍ଚ ନରେନ୍ଦ୍ର ମାଝୀ, ବାତେଲିମା ସରପଞ୍ଚ କରୁଣା ମାଝୀ, ଲାଞ୍ଜିଗଡ଼ ରୋଡ଼ ସରପଞ୍ଚ ମମତା ଶବରଙ୍କ ସମେତ ବ୍ଲକର ସମସ୍ତ ସରପଞ୍ଚ ଓ ସମିତି ସଦସ୍ୟ, ସଦସ୍ୟାମାନେ କଳାହାଣ୍ଡି ଜିଲ୍ଲାପାଳ ପାଣ୍ଡ୍ୱର ସଚିନ ପ୍ରକାଶଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହାସହିତ ବ୍ଲକରେ ଖାଲି ପଡ଼ିଥିବା କନିଷ୍ଠ ଯନ୍ତ୍ରୀ ପଦବୀ ପୂରଣ ଓ ସ୍ଥାୟୀ ସହକାରୀ ନିର୍ବାହୀ ଯନ୍ତ୍ରୀ ନିଯୁକ୍ତି ପାଇଁ ଦାବି କରିଥିଲେ। ଜିଲ୍ଲାପାଳ ଦାବିପତ୍ର ଗ୍ରହଣ କରିବା ସହିତ ଏ ଦିଗରେ ପଦକ୍ଷେପ ନେବାକୁ ନିର୍ଭର ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

## 'ଶ୍ରମବାହିନୀ' ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ଜିଲ୍ଲାରେ ମୁକ୍ତ ହୋଇଥିବା ବନ୍ଧକ ଶ୍ରମିକ ସଂଘ 'ଶ୍ରମବାହିନୀ' ପକ୍ଷରୁ କଳାହାଣ୍ଡି ଜିଲ୍ଲାପାଳଙ୍କୁ ସଂଘର ବିଭିନ୍ନ ସମସ୍ୟାର ତୁରନ୍ତ ସମାଧାନ ନିମନ୍ତେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଶ୍ରମବାହିନୀର ସଭାପତି ଝସକେତନ ବାଗଙ୍କ ନେତୃତ୍ୱରେ ବହୁ ସଦସ୍ୟ ବନ୍ଧକ ଶ୍ରମିକ ମାନଙ୍କ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବିଷୟରେ ଆଲୋଚନା କରିବା ଏବଂ ସେମାନଙ୍କ ଦାବି ଗୁଡିକ କିଭଳି ତୁରନ୍ତ ସମାଧାନ କରାଯାଇ ପାରିବ ସେ ସମ୍ପର୍କରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଉଦ୍ଧାର ହୋଇଥିବା ଶ୍ରମିକମାନଙ୍କ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ସେମାନଙ୍କ ଅଧିକାର ବିଷୟରେ ସେମାନେ ଜାଣିବା ପାଇଁ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ଜଣାପଡିଥିଲା। ଦାବିପତ୍ରରେ ବନ୍ଧକ ମୁକ୍ତ ଶ୍ରମିକ ମାନଙ୍କ ପାଇଁ ପୁନର୍ବାସ ସୁବିଧା ପାଇଁ ଏବଂ ଆବାସ ଯୋଜନାରେ ସେମାନଙ୍କୁ ସାମିଲ କରିବାପାଇଁ ଉଲ୍ଲେଖ କରାଯାଇଥିଲା।




କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ବଞ୍ଚିତଥିବା ବ୍ୟକ୍ତିମାନେ ବଣ୍ଡେଡ୍ ଲେବର ଆସୋସିଏସନର ସଦସ୍ୟମାନଙ୍କ ସହ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏବଂ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମେତ ପ୍ରମୁଖ ପ୍ରଶାସନିକ କାର୍ଯ୍ୟାଳୟ ପରିକ୍ରମ କରି ଏହି ପ୍ରସଙ୍ଗରେ ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିଥିଲେ। ବଣ୍ଡେଡ୍ ଲେବର ଆସୋସିଏସନ୍ ଦ୍ୱାରା ଦିଆଯାଇଥିବା ଦାବୀ ଗୁଡିକ ସମ୍ପର୍କରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିନିଧି ଦଳକୁ ଜିଲ୍ଲା ପାଳ ଆଶ୍ୱାସନା ଦେଇଥିଲେ।

## ରାଶିଫଳ

ଶନିବାର, ୧୫ ଫେବୃଆରୀ ୨୦୨୫



**ମେଷ:** ଶାରୀରିକ ଏବଂ ମାନସିକ ସ୍ତରରେ ଅସୁସ୍ଥତା ଅନୁଭବ କରିବେ। କୌଣସି ନୂତନ କାର୍ଯ୍ୟ ଆରମ୍ଭ ନ କରିବାକୁ ପରାମର୍ଶ ଦିଆଯାଇଛି। ସ୍ୱାସ୍ଥ୍ୟ ଖରାପ ହେବାର ସମ୍ଭାବନା ଅଧିକ। ସମ୍ଭବ ହେଲେ ସ୍ଥାନାନ୍ତରଣକୁ ଏଡାଇ ଦିଆଯାଇପାରେ। ଯୋଗ ଏବଂ ଧ୍ୟାନ ସହିତ ଆପଣ ମାନସିକ ସ୍ତରରେ ଶାନ୍ତ ରହିପାରିବେ।



**ବୃଷ:** ଆଜିର ଦିନରେ ଆପଣ ଥକ୍କା, ଅଳସୁଆ ଏବଂ ଚିନ୍ତା ଅନୁଭବ କରିବେ। ଆପଣଙ୍କର ଚାକିରି, ବ୍ୟବସାୟ, ଯାଗା କିମ୍ବା ଘର ଉପରେ ସମସ୍ୟା ସୃଷ୍ଟି ହୋଇପାରେ। ହୁଏତ କିଛି ଧାର୍ମିକ କିମ୍ବା ମାଙ୍ଗଳିକ କାର୍ଯ୍ୟକୁ ଯିବାକୁ ପଡିପାରେ।



**ମିଥୁନ:** ଆଜିର ଦିନ ଆପଣଙ୍କୁ ଉପଭୋଗ୍ୟ ସଫଳତା ଦେବ। ପରିବାର ସଦସ୍ୟଙ୍କ ସହିତ ଖୁସିରେ ସମୟ ବିତାଇବେ। ଆବଶ୍ୟକ ଅନୁସାରେ କମ ଖର୍ଚ୍ଚ ହେବ। ଆର୍ଥିକ ଲାଭ ପାଇଁ ତଥାପି ଏକ ଭଲ ଦିନ। ଆଜି କାର୍ଯ୍ୟ କରୁଥିବା ଲୋକଙ୍କ ପାଇଁ କାର୍ଯ୍ୟାଳୟରେ ପରିବେଶ ଅନୁକୂଳ ହେବ।



**କର୍କଟ:** ଆଜିର ଦିନ ଆପଣ ମନୋରଞ୍ଜନ ଏବଂ ଉପଭୋଗରେ ବ୍ୟସ୍ତ ରହିବେ। ଆପଣ ବନ୍ଧୁ ଏବଂ ପରିବାର ସହିତ ଏକ ସୁଖମୟ ପରିବେଶରେ ଦିନ ବିତାଇବାକୁ ସମର୍ଥ ହେବେ। ଆପଣ ମଧ୍ୟ ସାମାଜିକ ଭାବରେ ସମ୍ମାନ ଏବଂ ଖ୍ୟାତି ପାଇବାକୁ ସମର୍ଥ ହେବେ। ଦାମ୍ପତ୍ୟ ଜୀବନରେ ସୁଖ ମିଳିବ।



**ସିଂହ:** ଆଜିର ଦିନ ଆପଣଙ୍କର ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ରହିବ। ସୃଜନଶୀଳତା ପୁରା ଫୁଲରେ ଫୁଲିବ। ସନ୍ତାନଙ୍କ ପକ୍ଷରୁ ଏକ ଖୁସି ଖବର ଆସିପାରେ। ସାଙ୍ଗମାନଙ୍କ ସହିତ ଭେଟ ଉପଭୋଗ ହେବ। ଆଜି ଧାର୍ମିକ ଦାନର କାର୍ଯ୍ୟ କରିବେ।



**କନ୍ୟା:** ଆଜି ସମୟ ଅନୁକୂଳ ନୁହେଁ। ଆପଣ ଅନେକ ଜିନିଷ ବିଷୟରେ ଚିନ୍ତିତ ହେବେ, ଯେଉଁ କାରଣରୁ ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଅସୁସ୍ଥ ଅନୁଭବ କରିବେ। ପରିବାର ସଦସ୍ୟଙ୍କ ସହ ମତଭେଦ ହେବ। ମାଆଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ।



**ତୁଳା:** ଅନାବଶ୍ୟକ ଖର୍ଚ୍ଚ ଉପରେ ଯାଞ୍ଚ କରନ୍ତୁ। ବକ୍ତବ୍ୟରେ ସଂଯମତା ରଖି ଆପଣ ପରିବାରରେ ଶାନ୍ତି ଏବଂ ସୁଖ ସୃଷ୍ଟି କରିବାରେ ସମର୍ଥ ହେବେ। ଚିନ୍ତାଧାରା ଉପରେ ନକାରାତ୍ମକତା ପ୍ରାଧାନ୍ୟ ଦେବ, ଯାହା ଦୂର ହେବ। ଧାର୍ମିକ ଉଦ୍ଦେଶ୍ୟ ପାଇଁ ଅର୍ଥ ଖର୍ଚ୍ଚ ହୋଇପାରେ। ଛାତ୍ରମାନଙ୍କ ପାଇଁ ସମୟ ଅତ୍ୟନ୍ତ ଅନୁକୂଳ ନୁହେଁ।



**ବିଛା:** ଆଜି ଭାଗ୍ୟବାନ ହେବାକୁ ଯାଉଛନ୍ତି। ଭାଇଭଉଣୀଙ୍କ ସହିତ ସମ୍ପର୍କ ଭଲ ରହିବ। ଏକ ଧାର୍ମିକ ରହଣି ସଂଗଠିତ ହୋଇପାରିବ। ନୂତନ କାର୍ଯ୍ୟ ଆରମ୍ଭ ପାଇଁ ଶୁଭ ଦିନ। ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ହେବ। ଆପଣ ବିଦେଶରୁ ଭଲ ଖବର ପାଇବେ। ଶତ୍ରୁଙ୍କୁ ପରାସ୍ତ କରାଯାଇପାରେ।



**ଧନୁ:** ଆଜି ମନ ଅସୁସ୍ଥ ରହିବ। ଧାର୍ମିକ, ସାମାଜିକ କାର୍ଯ୍ୟରେ ଟଙ୍କା ଖର୍ଚ୍ଚ ହେବ। ପରିବାର ଏବଂ ସାଙ୍ଗମାନଙ୍କ ସହିତ ପାର୍ଥକ୍ୟ ରହିବ। ବଦନାମ ହେବାର ଯୋଗ ଅଛି। ଆଜି ଆପଣଙ୍କର ଆଧ୍ୟାତ୍ମିକତା ପ୍ରତି ଅଧିକ ଆଗ୍ରହ ରହିବ। କୋର୍ଟ କାର୍ଯ୍ୟରେ ବିଫଳତା ଦେଖିବାକୁ ମିଳିବ। ଆପଣଙ୍କର ବକ୍ତବ୍ୟକୁ ନିୟନ୍ତ୍ରଣ କରନ୍ତୁ।



**ମକର:** ଏହି ଦିନ ଧାର୍ଯ୍ୟ ହୋଇଥିବା କାର୍ଯ୍ୟ ସମାପ୍ତ ହେବ। ଲକ୍ଷ୍ମୀଙ୍କ ଆଶୀର୍ବାଦ ରହିବ। ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଆପଣଙ୍କୁ ଖୁସି ରଖିବ। ଏକ ଯାତ୍ରା ଗନ୍ତବ୍ୟସ୍ଥଳକୁ ସ୍ଥାନାନ୍ତରଣର ସମ୍ଭାବନା ଅଛି। ସମ୍ପର୍କୀୟଙ୍କୁ ଭେଟିବା ପରେ ମନ ଖୁସି ହେବ। ନିକଟସ୍ଥ ପ୍ରିୟଜନମାନେ ସେଠାରେ ଶୁଭ ପ୍ରସଙ୍ଗରେ ଉପସ୍ଥିତ ରହିବେ। ଯଶ-କୀର୍ତ୍ତୀ ବୃଦ୍ଧି ପାଇବ।



**କୁମ୍ଭ:** ଆଜିର ଦିନଟି ଶୁଭ ଅଟେ। ଚାକିରି କିମ୍ବା ବ୍ୟବସାୟରେ ଆପଣ ସଫଳତା ପାଇବେ ଏବଂ ଉଚ୍ଚ ଅଧିକାରୀମାନେ ଆପଣଙ୍କ ଉପରେ ଖୁସି ହେବେ। ଏହା ସହିତ ଆପଣଙ୍କର ଖୁସି ମଧ୍ୟ ବୃଦ୍ଧି ପାଇବ। ଆପଣ ବ୍ୟବସାୟରେ ଫସି ରହିଥିବା ଟଙ୍କା ପାଇପାରିବେ। ବୟସ୍କ ଏବଂ ପିତାଙ୍କ ଦ୍ୱାରା ଲାଭ ହେବ। ପାରିବାରିକ ସୁଖରେ ଆପଣ ଖୁସି ହେବ।



**ମୀନ:** ଆଜି ଉପଲବ୍ଧ ଲାଭ ଦ୍ୱାରା ଆପଣଙ୍କ ଉପଭୋଗ ଦ୍ୱିଗୁଣିତ ହେବ। ନୂତନ କାର୍ଯ୍ୟ ଆୟୋଜନ ପାଇଁ କାର୍ଯ୍ୟ ଆରମ୍ଭ ଶୁଭ ହେବ। ବାଣିଜ୍ୟରେ ବ୍ୟବସାୟୀମାନେ ବିଶେଷ ସୁବିଧା ପାଇବେ। ଆପଣ ସାମାଜିକ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିବେ। ସନ୍ତାନମାନଙ୍କ ସହିତ ଯୋଗାଯୋଗ କରିବା ଭଲ ହେବ। ଆୟ ବୃଦ୍ଧି ପାଇବ। ସ୍ଥାନାନ୍ତରଣ ହେବ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯